# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୬/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 26/2023 Page 16 ₹ 7.00

୪୯ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 271 ମୂଲ୍ୟ₹୭/-




## ବାର୍ଥ ଡେ'ରେ ଓଟିଟିରେ ଆସିବେ କରିନା

ବଲିଉଡ ନାୟିକା କରିନା କପୁର ଖୁବଶୀଘ୍ର ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି। କରିନାଙ୍କ ଜନ୍ମଦିନରେ ଏହି 'ଜାନେ ଜାଁ' ୱେବ୍‌ସିରିଜ ରିଲିଜ ହେବ।

୧୨

୧୬

## ବଚେନ୍ଦ୍ରୀ ପାଲ୍‌ଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର

ଭାରତର ପ୍ରଥମ ଏଭରେଷ୍ଟ ବିଜୟିନୀ ବଚେନ୍ଦ୍ରୀ ପାଲ୍‌ଙ୍କ ଜୀବନୀ ଉପରେ ଆଧାରିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି।



# ଦୋଷୀ ସାବ୍ୟସ୍ତ ପାଇଁ ମୃତ୍ୟୁକାଳୀନ ବୟାନ ପର୍ଯ୍ୟାପ୍ତ ନୁହେଁ: ସୁପ୍ରିମକୋର୍ଟ

**ମୃତ୍ୟୁଶଯ୍ୟାରେ ଥିବା ବ୍ୟକ୍ତି କେବେ ମିଛ କହି ନ ଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଥିବାରୁ ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ତଦନ୍ତକାରୀ ଅଧିକାରୀ ଓ ଅଦାଲତଗୁଡ଼ିକ ସତ୍ୟ ମନେକରିଥାଆନ୍ତି। ତେବେ କେବଳ ମୃତ୍ୟୁ ପୂର୍ବ ବୟାନ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଏଥିସହ ଏଭଳି ବୟାନର ସତ୍ୟାସତ୍ୟ ଯାଞ୍ଚ ସକାଶେ କେତୋଟି ବିନ୍ଦୁ ଉପରେ ସତର୍କ ହେବା ପାଇଁ ମାମଲାର ଶୁଣାଣି କରୁଥିବା ତଳକୋର୍ଟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।**

ନୂଆଦିଲ୍ଲୀ,୨୫।୮

ହତ୍ୟାର ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପୂର୍ବ ବୟାନ ଆଧାରରେ ହିଁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୨୦୧୪ରେ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ତଳ କୋର୍ଟ ରାୟକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ମୃତ୍ୟୁକାଳୀନ ଜମାନବନ୍ଦୀ ଉପରେ ଭରସା କରିବାବେଳେ ସର୍ବାଧିକ ସତର୍କତା ଅବଲମ୍ବନ ଜରୁରୀ। ହତ୍ୟାର ଶିକାର ହେଉଥିବା ବ୍ୟକ୍ତି ମୃତ୍ୟୁ ପୂର୍ବରୁ ଦେଉଥିବା ବୟାନକୁ କୋର୍ଟଗୁଡ଼ିକ ସତ ବୋଲି ଧରିନେଇଥାଆନ୍ତି। କାରଣ ମରିବାକୁ ଯାଉଥିବା ବ୍ୟକ୍ତି କେବେ ମିଛ କହି ନ ଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଛି।

ଏକ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଯେତେବେଳେ ସତ ବୋଲି ମନେକରାଯିବ, ସେତେବେଳେ ତାହା ସମ୍ପୂର୍ଣ୍ଣ ଭରସାଯୋଗ୍ୟ ହୋଇଥିବ ଏବଂ ତା'ର ବିଶ୍ୱସନୀୟତା ରହିଥିବା ଜରୁରୀ। ଏହାର ସତ୍ୟାସତ୍ୟ ଉପରେ କୌଣସି ସନ୍ଦେହ ଉପୁଜିଲେ କିମ୍ବା ରେକର୍ଡରେ ଥିବା ପ୍ରମାଣ ମୃତକଙ୍କ ଅନ୍ତିମ ବୟାନକୁ ମିଥ୍ୟା ବୋଲି ଦର୍ଶାଉଥିଲେ, ଏହାକୁ କେବଳ ପ୍ରମାଣର ଏକ ଅଂଶ ବୋଲି ଧରାଯିବ। ତେବେ କେବଳ ସେହି ବୟାନ ଭିତ୍ତିରେ ହତ୍ୟା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ। ମୃତ୍ୟୁକାଳୀନ ଜମାନବନ୍ଦୀକୁ କେବଳ ଗୋଟିଏ ସ୍ଥିତିରେ ଗ୍ରହଣ କରାଯାଇପାରିବ। ତାହା ହେଲା, ମୃତ୍ୟୁ ପୂର୍ବରୁ ପୀଡ଼ିତା ବା ପୀଡ଼ିତ ମାନସିକ ସ୍ତରରେ ସୁସ୍ଥ ଥିବେ। କଥିତ ମାମଲାରେ ଏପରି ହୋଇ ନ ଥିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଜଷ୍ଟିସ୍ ବି.ଆର୍. ଗଭାଇ, ଜେ.ବି. ପରଦିୱାଲା ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ଇରଫାନ୍‌ଙ୍କ ମାମଲାର ଶୁଣାଣି ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୟୁପିର ଇରଫାନ୍ ନିଜ ପୁଅ ଇସ୍‌ଲାମୁଦ୍ଦିନ ଏବଂ ୨ ଭାଇ ଇର୍ଶଦ ଓ ନଉସଦଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଗତ ୮ ବର୍ଷ ଧରି ଜେଲରେ ଅଛନ୍ତି। ତଳକୋର୍ଟ ଏହି ମାମଲାରେ ମୃତକଙ୍କ ବୟାନକୁ ବିଶ୍ୱାସ କରି ଇରଫାନ୍‌ଙ୍କୁ ଦଣ୍ଡିତ କରିଥିଲେ। ୨୦୧୮ରେ ଆଲ୍ଲାହାବାଦ ☞ପୃଷ୍ଠା-୪



ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ଜାଭେଲିନ ଥ୍ରୋ ଅବସରରେ ଓଡ଼ିଶାର କିଶୋର ଜେନା।

# ଜାଭେଲିନ୍ ଥ୍ରୋ ଫାଇନାଲରେ ଓଡ଼ିଶାର କିଶୋର

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ବୁଦାପେଷ୍ଟରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପର୍ ଜାଭେଲିନ ଥ୍ରୋ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର କିଶୋର ଜେନା। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ବି' କ୍ୱାଲିଫିକେଶନ ରାଉଣ୍ଡରେ ସେ ୮୦.୫୫ ମିଟର ଥ୍ରୋ କରି ଏହି ଗୌରବ ପାଇଛନ୍ତି। କ୍ୟାରିୟରରେ ପ୍ରଥମଥରପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗନେଇଥିବା କିଶୋର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ସଫଳତା ପାଇଁ କିଶୋରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ କିଶୋର ଜେନାଙ୍କ ଜନ୍ମ। ତାଙ୍କ ମା' ହେଉଛନ୍ତି ହରପ୍ରୀୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବାବୁଗିରିରୁ ନେତାଗିରି







## ସଂକ୍ଷେପରେ

### ଆସାମରେ ୪ ନୂଆ ଜିଲା

**ଗୁଆହାଟୀ,୨୫।୮:** ଆସାମରେ ୪ ନୂଆ ଜିଲା ଓ ୮୧ ସବ୍‌ଡିଭିଜନ ପ୍ରତିଷ୍ଠା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୧୦୦ତମ କ୍ୟାବିନେଟ ବୈଠକ ପରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେ ୪ ନୂଆ ଜିଲା ପୁନର୍ଗଠନ କରିଛୁ। ସେଗୁଡ଼ିକ ହେଲା ହୋଜାଇ, ବିଶ୍ୱନାଥ, ତମୁଲପୁର ଓ ବାଲାଜୀ। ଏଥିସହ ଆସାମର ମୋଟ ଜିଲା ସଂଖ୍ୟା ୩୫ରେ ପହଞ୍ଚିଛି।

### ମାସିକ ଫି’ ନ ଦେବାରୁ ନିର୍ଯାତନା

**ତଳେ ବସି ପରୀକ୍ଷା ଦେଲେ ଛାତ୍ର**

**ଥିରୁଭାନନ୍ତପୁରମ୍,୨୫।୮:** ସ୍କୁଲର ମାସିକ ଟ୍ୟୁଶନ ଫି’ ନେବାରୁ ଜଣେ ଛାତ୍ରଙ୍କୁ ତଳେ ବସି ପରୀକ୍ଷା ଦେବାକୁ ସ୍କୁଲ କର୍ତ୍ତୃପକ୍ଷ ବାଧ୍ୟ କରିଥିବା ଅଭିଯୋଗ ହୋଇଛି। କେରଳର ଏକ ଘରୋଇ ସ୍କୁଲରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ କୌଣସି କାରଣରୁ ମାସିକ ଫି’ଦେବାରେ ବିଳମ୍ବ ହୋଇଥିଲା। ତେଣୁ ସ୍କୁଲ ଅଧକ୍ଷ ପରୀକ୍ଷାରେ ତାଙ୍କ ପୁଅକୁ ତଳେ ବସି ପରୀକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଙ୍କ କହିବା ଅନୁସାରେ ଶୁକ୍ରବାର ମାସିକ ପରୀକ୍ଷା ଚାଲଥିବାବେଳେ ଅଧକ୍ଷ ଶ୍ରେଣୀ କକ୍ଷକୁ ଆସି ଯେଉଁମାନେ ମାସିକ ଫି’ ଦେଇନାହାନ୍ତି, ସେମାନେ ଠିଆ ହେବାପାଇଁ କହିଥିଲେ। ଏହାପରେ ମୁଁ ଠିଆ ହେବାରୁ ସେ ମୋତେ ତଳେ ବସି ପରୀକ୍ଷା ଦେବାକୁ କହିଥିଲେ। ଫଳରେ ସାଙ୍ଗମାନଙ୍କ ସାମ୍ନାରେ ମୋତେ ଲଜ୍ଜିତ ହେବାକୁ ପଡ଼ିଥିଲା। ଅପରପକ୍ଷେ ସ୍କୁଲ ପରିଚାଳନା କମିଟି ଛାତ୍ରଙ୍କ ବାପାଙ୍କ ସହ କଥାବାର୍ତ୍ତା ପରେ ଏହି ମାମଲାର ସମାଧାନ ହୋଇଥିବା ଜଣାପଡ଼ିଛି।

### ମେହବୁବା ମୁଫ୍‌ତିଙ୍କ ଝିଅଙ୍କୁ ନିୟମିତ ପାସ୍‌ପୋର୍ଟ


ଇଲ୍‌ତିଜା ମୁଫ୍‌ତି

**ଶ୍ରୀନଗର,୨୫।୮:** ଜମ୍ମୁ-କଶ୍ମୀର ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତିଙ୍କୁ ନିୟମିତ ପାସ୍‌ପୋର୍ଟ ମିଳିଛି। ତେବେ ଏହାର ସମୟସୀମା ୧୦ବର୍ଷ ରହିଛି। ଇଲ୍‌ତିଜା ତାଙ୍କ ପାସ୍‌ପୋର୍ଟ ସମୟସୀମା ବୃଦ୍ଧି ଏବଂ ତାଙ୍କ ବିଦେଶ ଭ୍ରମଣ ଉପରେ କୌଣସି କଟକଣା ନ ରଖିବା ନେଇ ଜମ୍ମୁ-କଶ୍ମୀର ହାଇକୋର୍ଟରେ ଏକ ପିଟିଶନ୍ ଦାଖଲ କରିଥିଲେ। ଏହାପରେ ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଇଲ୍‌ତିଜାଙ୍କୁ ୧୦ବର୍ଷ ଅବଧି ଥିବା ନିୟମିତ ପାସ୍‌ପୋର୍ଟ ପ୍ରଦାନ କରିଥିଲେ। ୩୫ ବର୍ଷୀୟା ଇଲ୍‌ତିଜା ଉଚ୍ଚ ଶିକ୍ଷାଲାଭ ପାଇଁ ୟୁଏଇ ଯିବାକୁ ସ୍ଥିର କରିଥିଲେ। ସେଥିପାଇଁ ସ୍ଥାନୀୟ ପାସ୍‌ପୋର୍ଟ ଅଧିକାରୀ ତାଙ୍କୁ ସ୍ୱତନ୍ତ୍ର ପାସ୍‌ପୋର୍ଟ ପ୍ରଦାନ କରିଥିଲେ। ଏହାର ସମୟସୀମା ୨୦୨୩ ଏପ୍ରିଲ ୫ରୁ ୨୦୨୫ ଏପ୍ରିଲ ୪ ଥିଲା। ଏହା ବିରୋଧରେ ଇଲ୍‌ତିଜା କୋର୍ଟରେ ଅପିଲ୍ କରିଥିଲେ।

# ଚନ୍ଦ୍ରରେ ୮ ମିଟର ଚାଲିଲା ରୋଭର



ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର ବିକ୍ରମରୁ ବାହାରିବା ପରଠୁ ରୋଭର ପ୍ରଜ୍ଞାନ ୮ ମିଟର ଚାଲିଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ପ୍ରଜ୍ଞାନର ଗତିବିଧି ଉପରେ ନଜର ରଖାଯାଇଛି। ରୋଭର କରିବାକୁ ଥିବା ସବୁ ପ୍ରୟୋଗକୁ ନିରୀକ୍ଷଣ କରାଯାଉଛି। ପ୍ରପଲସନ୍ ମୋଡ୍ୟୁଲ୍‌ରେ ସମସ୍ତ ପେଲୋଡ୍, ଲ୍ୟାଣ୍ଡର ମୋଡ୍ୟୁଲ ଓ ରୋଭର ସାମାନ୍ୟ ଭାବେ କାର୍ଯ୍ୟ କରୁଛି ବୋଲି ଶୁକ୍ରବାର ଇସ୍ରୋ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଇସ୍ରୋ ଏକ ଭିଡିଓ ଜାରି କରିଥିଲା, ଯହିଁରେ ଚନ୍ଦ୍ରୟାନ-୩ରୁ ବାହାରିବା ପରେ ଚନ୍ଦ୍ରପୃଷ୍ଠରେ ରୋଭର ପ୍ରଜ୍ଞାନ ଏକ ତ୍ରିରଙ୍ଗା ପତାକା ଧରି ବୁଲୁଥିବା ଦେଖିବାକୁ ମିଳିଛି। ଚନ୍ଦ୍ର ମାଟିରେ ପ୍ରୟୋଗ ପାଇଁ ପ୍ରଜ୍ଞାନ ହାତରେ ଅଗଷ୍ଟ ୨୩ରୁ ୧୪ ଦିନ(ଚନ୍ଦ୍ରର ଦିନେ) ରହିଛି। ତେବେ ଚନ୍ଦ୍ରରେ ସୂର୍ଯ୍ୟୋଦୟ ହେଲେ ଏହି ସୌରଚାଳିତ ରୋଭର ପୁନରୁଜ୍ଜୀବିତ ହୋଇଉଠିବ ବୋଲି ଇସ୍ରୋ ବୈଜ୍ଞାନିକମାନେ ଆଶା କରିଛନ୍ତି। ଇସ୍ରୋ ମୁଖ୍ୟ ଏସ୍. ସୋମନାଥନ୍ କହିଛନ୍ତି, ଚନ୍ଦ୍ରର ଦକ୍ଷିଣ ମେରୁରେ ପାଦ ଥାପିବାରେ ଭାରତ ହେଉଛି ପ୍ରଥମ ଦେଶ। ସାଉଥ୍ ପୋଲ୍ ସୂର୍ଯ୍ୟଙ୍କ ଦ୍ୱାରା କମ୍ ଆଲୋକିତ ହେଉଥିବାରୁ ଲ୍ୟାଣ୍ଡିଂ ପାଇଁ ଏହାକୁ ବଛାଯାଇଥିଲା। ଚନ୍ଦ୍ର ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ପୂର୍ବରୁ ଦକ୍ଷିଣ ମେରୁକୁ ନେଇ ଅଧିକ ଆଗ୍ରହ ଦେଖାଇନାହାନ୍ତି। ତେବେ ଏହି ମେରୁକୁ ନେଇ ଅନେକ ସମ୍ଭାବନା ରହିଛି।

## ଚନ୍ଦ୍ରୟାନ-୩ ତଥ୍ୟରୁ ଲାଭାନ୍ୱିତ ହେବ ବିଶ୍ୱ: ରାଷ୍ଟ୍ରପତି


ଦ୍ରୌପଦୀ ମୁର୍ମୁ

ଚନ୍ଦ୍ରୟାନ-୩ ଜରିଆରେ ଚନ୍ଦ୍ରରୁ ମିଳିଥିବା ନୂଆ ତଥ୍ୟରୁ ସାରା ବିଶ୍ୱ ଲାଭାନ୍ୱିତ ହେବ ବୋଲି ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁର୍ମୁ କହିଛନ୍ତି, ଭାରତୀୟ ବୈଜ୍ଞାନିକମାନଙ୍କ ଅଭୂତପୂର୍ବ ସଫଳତା ଯୋଗୁ ଚନ୍ଦ୍ରର ଦକ୍ଷିଣ ମେରୁକୁ ଭାରତ ଛୁଇଁପାରିଛି। ଏହି ମିଶନରୁ ମିଳିଥିବା ତଥ୍ୟ ସାରା ବିଶ୍ୱକୁ ଲାଭାନ୍ୱିତ କରିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

# ମୁକୁଳିଲେ ଅମରମଣି, ମଧୁମଣି

## ମଧୁମିତା ଶୁକ୍ଳା ହତ୍ୟା ମାମଲା

## ଆଜୀବନ ଜେଲଦଣ୍ଡ ମିଳିଥିବାବେଳେ ୧୬ ବର୍ଷ ପରେ ମୁକ୍ତ



**୨୦୦୩ରେ କବୟିତ୍ରୀ ମଧୁମିତା ଶୁକ୍ଳା ଗର୍ଭବତୀ ଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମଧୁମିତାଙ୍କ ସହ ଅବୈଧ ସମ୍ବନ୍ଧ ରଖିଥିବା ଅମରମଣିଙ୍କୁ ସେହିବର୍ଷ ଗିରଫ କରାଯାଇଥିଲା। ୟୁପି ସରକାରଙ୍କ ରେମିଶନ୍ ପଲିସି ବଳରେ ତ୍ରିପାଠୀ ଦମ୍ପତିଙ୍କୁ ଜେଲରୁ ମୁକ୍ତ କରାଯାଇଛି। ଅଭିଯୁକ୍ତଙ୍କ ପ୍ରଭାବଶାଳୀ ରାଜନୈତିକ ଓ ଆପରାଧିକ ପୃଷ୍ଠଭୂମି ଥିବାରୁ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରିଛନ୍ତି ଲମ୍ବା ଆଇନଗତ ଲଢ଼େଇ ଲଢ଼ିଥିବା ମଧୁମିତାଙ୍କ ଭଉଣୀ ନିଧି ଶୁକ୍ଳା ।**

**ଗୋରଖପୁର/ଲକ୍ଷ୍ନୌ,୨୫।୮**

କବୟିତ୍ରୀ ମଧୁମିତା ଶୁକ୍ଳା ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା କାଟୁଥିବା ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଅମରମଣି ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ମଧୁମଣି ତ୍ରିପାଠୀ ଜେଲ ଅବଧି ପୂରିବା ପୂର୍ବରୁ ଶୁକ୍ରବାର ସନ୍ଧ୍ୟାରେ ମୁକୁଳିଛନ୍ତି। ୟୁପି ଜେଲ ବିଭାଗ ଉଭୟଙ୍କୁ ଆଗୁଆ ମୁକ୍ତ କରିବା ପାଇଁ ଗୁରୁବାର ଅର୍ଡର ଜାରି କରିଥିଲା। ରାଜ୍ୟର ରେମିଶନ୍ ପଲିସି (ଉତ୍ତମ ବ୍ୟବହାର ପାଇଁ ଦୋଷୀଙ୍କୁ କ୍ଷମା ପ୍ରଦାନ ପୂର୍ବକ ମୁକ୍ତ କରିବା ନୀତି) ଅନୁସାରେ ଏହି ଦମ୍ପତି ୧୬ ବର୍ଷ ଜେଲରେ ରହିସାରିଥିବାରୁ ଏବେ ମୁକ୍ତ କରାଯାଉଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ତ୍ରିପାଠୀ ଦମ୍ପତିଙ୍କ ମୁକ୍ତି ଉପରେ ସ୍ଥଗିତାଦେଶ ଜାରି ପାଇଁ ଶୁକ୍ରବାର ସୁପ୍ରିମକୋର୍ଟ ମନା କରିଦେଇଥିଲେ। ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ଏମ୍. ତ୍ରିବେଦୀ ରାଜ୍ୟ ସରକାରଙ୍କୁ ନୋଟିସ କରି ମଧୁମିତାଙ୍କ ଭଉଣୀ ନିଧି ଶୁକ୍ଳାଙ୍କ ଆବେଦନ ଉପରେ ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରାଗାର ବିଭାଗ ଅର୍ଡରରେ ଦର୍ଶାଇଛି ଯେ, ଅମରମଣିଙ୍କୁ ୬୬ ବର୍ଷ ହେଉଥିବାବେଳେ ତାଙ୍କ ସ୍ତ୍ରୀ ମଧୁମଣିଙ୍କୁ ୬୧ ବର୍ଷ ହେଉଛି। ଜେଲରେ ଦୁହିଁଙ୍କ ଆଚରଣ ଉତ୍ତମ ରହିଆସିଛି। ତେବେ ସୁପ୍ରିମକୋର୍ଟ ସେମାନଙ୍କ ମୁକ୍ତିରେ ହସ୍ତକ୍ଷେପ କରିବାକୁ ମନା କରିବା ପରେ ସ୍ତ୍ରୀ ଓ ସ୍ୱାମୀ ମୁକୁଳି ଗୋରଖପୁର ବିଆର୍‌ଡି ମେଡିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ଅମରମଣିଙ୍କ ପୁଅ ଅମନମଣି ତ୍ରିପାଠୀ ଖବରଦାତାମାନଙ୍କୁ କହିଛନ୍ତି, ଡାକ୍ତରଙ୍କ ପରାମର୍ଶକ୍ରମେ ମା’ବାପାଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନେ ଯାହା କହିବେ ସେହି ଅନୁସାରେ ଆଗକୁ ସବୁ କରାଯିବ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ନଉତନଭାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଅମନମଣି ୨୦୦୧ରେ ଭାଜପା ସରକାରରେ ମନ୍ତ୍ରୀ ଥିଲେ। ୨୦୦୨ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସରକାରରେ ମଧ୍ୟ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ସେ ସମାଜବାଦୀ ପାର୍ଟି (ଏସ୍‌ପି) ସହ ମଧ୍ୟ ଜଡ଼ିତ। ଅଭିଯୁକ୍ତଙ୍କ ପ୍ରଭାବଶାଳୀ ରାଜନୈତିକ ଓ ଆପରାଧିକ ପୃଷ୍ଠଭୂମି ଥିବାରୁ ସେମାନେ ମୁକୁଳିଥିବାରୁ ନିଜ ଜୀବନ ତଥା ପରିବାର ପ୍ରତି ଭୟ ଅଛି ବୋଲି ଲମ୍ବା ଆଇନଗତ ଲଢ଼େଇ ଲଢ଼ିଥିବା ନିଧି ଶୁକ୍ଳା କହିଛନ୍ତି।


ୟୁପିର ପୂର୍ବତନ ମନ୍ତ୍ରୀ ଅମରମଣି ତ୍ରିପାଠୀ


ସ୍ତ୍ରୀ ମଧୁମଣି ତ୍ରିପାଠୀ

୨୦୦୩ ମେ’ ୯ରେ କବୟିତ୍ରୀ ମଧୁମିତା ଗର୍ଭବତୀ ଥିବାବେଳେ ତାଙ୍କୁ ଲକ୍ଷ୍ନୌସ୍ଥିତ ପେପର ମିଲ୍ କଲୋନୀରେ ଗୁଳିକରି ହତ୍ୟା କରାଯାଇଥିଲା। ମଧୁମିତାଙ୍କ ସହ ଅବୈଧ ସମ୍ପର୍କ ରଖିଥିବା ଅମରମଣିଙ୍କୁ ସେହିବର୍ଷ ଗିରଫ କରାଯାଇଥିଲା। ଡେରାଡୁନ୍‌ସ୍ଥିତ ଏକ କୋର୍ଟ ଅମରମଣି ଓ ମଧୁମଣିଙ୍କୁ ୨୦୦୭ ଅକ୍ଟୋବରରେ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ନୈନିତାଲ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଏହି ଦମ୍ପତିଙ୍କ ଦଣ୍ଡ ଅବଧିକୁ ବଳବତ୍ତର ରଖିଥିଲେ। ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଥିଲା।

## ଜି୨୦: ଭାରତ ଆସିବେନି ପୁଟିନ୍

**ମସ୍କୋ,୨୫।୮**

ଭାରତ ଅଧକ୍ଷତା କରୁଥିବା ଜି୨୦ ସମ୍ମିଳନୀରେ ସାମିଲ ହେବା ପାଇଁ ପୁଟିନ୍ ଆସିବେ ନାହିଁ। ତାଙ୍କ ଗସ୍ତ ନେଇ କୌଣସି ଯୋଜନା ନାହିଁ। ସେ ଭର୍ଚୁଆଲି ଏଥିରେ ଯୋଗଦେବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୋଗଦେବା ପାଇଁ ସେପ୍ଟେମ୍ବର ୭ରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ହ୍ୱାଇଟ୍ ହାଉସ୍ ଘୋଷଣା କରିବା ପରେ ଶୁକ୍ରବାର କ୍ରେମ୍‌ଲିନ ପକ୍ଷରୁ ଏହି ଘୋଷଣା କରାଯାଇଛି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଅପରାଧ ପାଇଁ ପୁଟିନ୍‌ଙ୍କ ନାମରେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ଗିରଫ ପରୱାନା ଜାରି କରିଥିବାରୁ ସେ ବିଦେଶ ଯାଉ ନ ଥିବା କୁହାଯାଉଛି। ୨ ଦିନ ତଳେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ମଧ୍ୟ ପୁଟିନ୍ ବ୍ୟକ୍ତିଗତ ଭାବେ ଯୋଗଦେଇ ନ ଥିଲେ।



## ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାରେ

**ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳଙ୍କ ଚେତାବନୀ**

**ଚଣ୍ଡିଗଡ଼,୨୫।୮**

ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନ୍‌ଙ୍କୁ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ଚେତାବନୀ ଦେଇଛନ୍ତି। ରାଜ୍ୟରେ ନିଶା କାରବାର ରୋକିବା ଲାଗି ସରକାର କେଉଁ ପଦକ୍ଷେପ ନେଇଛନ୍ତି ସେନେଇ ରିପୋର୍ଟ ଦେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ସୁଦ୍ଧା ଏହି ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ବିଫଳ ହେଉଛି। ତେଣୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁକରିବା ପାଇଁ ସେ ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ସମ୍ବିଧାନର ଅନୁଚ୍ଛେଦ-୩୫୬ ଓ ଆଇପିସି ୧୨୪ ଧାରା ଅନୁସାରେ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ପୁନର୍ବାର ରାଜ୍ୟ ସରକାରଙ୍କୁ ନିଶା କାରବାର ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରୁଷିଆର ଘରୋଇ ସେନା ୱାଗ୍‌ନର ମୁଖ୍ୟ ୟୋଭଗେନି ପ୍ରିଗୋଝିନ୍‌ଙ୍କୁ ମସ୍କୋରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଜଣେ ମହିଳା।

## ଲଦାଖବାସୀଙ୍କ ସ୍ୱରକୁ ଚପାଇଦିଆଯାଉଛି: ରାହୁଲ

**ନୂଆଦିଲ୍ଲୀ,୨୫।୮**




କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି, ଲଦାଖବାସୀଙ୍କ ରାଜନୈତିକ ସ୍ୱରକୁ ଚପାଇ ଦିଆଯାଉଛି। ତେଣୁ ଲଦାଖବାସୀଙ୍କ ସମସ୍ତ ଦାବିକୁ ସେ ପାର୍ଲାମେଣ୍ଟର ଆଗାମୀ ଅଧିବେଶନରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ସେହିପରି କେନ୍ଦ୍ର ସରକାର ଲଦାଖବାସୀଙ୍କୁ ଦେଇଥିବା ରୋଜଗାର ପ୍ରତିଶ୍ରୁତି ମିଥ୍ୟା ସାବ୍ୟସ୍ତ ହୋଇଛି ବୋଲି ଗାନ୍ଧୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଗତ ସପ୍ତାହରେ ଲଦାଖ ଗସ୍ତ କରିବା ସହ ପ୍ରତ୍ୟେକ କୋଣ ଅନୁକୋଣ ବୁଲିଥିଲି। ଏହି ଅବସରରେ ସେଠାକାର ଯୁବକ, ମା’ ଭଉଣୀ ଓ ଗରିବ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେଠାରେ ଏମିତି କେତେଜଣ ନେତାଙ୍କ ସହ ସାକ୍ଷାତ ହୋଇଥିଲା ଯେଉଁମାନେ ନିଜ ‘ମନ୍ କୀ ବାତ୍’ କହିଥିଲେ। ଚାଇନା ଭାରତର ହଜାର ହଜାର କି.ମି. ଜମିକୁ ଛଡ଼ାଇ ନେଇଥିବାବେଳେ ପ୍ରଧାନମନ୍ତ୍ରୀ ଏହା ଉପରେ ବର୍ତ୍ତମାନ ସୁଦ୍ଧା ମିଛ କହିଆସିଛନ୍ତି। ପ୍ରଧାନମନ୍ତ୍ରୀ କେତେ ସତ କହୁଛନ୍ତି ତାହା ଲଦାଖର ପ୍ରତ୍ୟେକ ଲୋକ ଜାଣିଛନ୍ତି ବୋଲି ରାହୁଲ କହିଛନ୍ତି। ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କଲାବେଳେ କେନ୍ଦ୍ର ସରକାର ଲଦାଖବାସୀଙ୍କୁ ରୋଜଗାର ଯୋଗାଇବା, ମୋବାଇଲ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ମିଥ୍ୟା ସାବ୍ୟସ୍ତ ହୋଇଛି। ଅପରପକ୍ଷେ ରାହୁଲ ଶୁକ୍ରବାର ଲଦାଖର କାର୍‌ଗିଲ୍ ସ୍ମାରକୀସ୍ଥଳକୁ ଯାଇ କାର୍‌ଗିଲ୍ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିମାନରେ ସାକ୍ଷାତ, ହୋଟେଲରେ ବଳାତ୍କାରର ଶିକାର

**ପଣଜୀ,୨୫।୮**

ମହିଳା ପର୍ଯ୍ୟଟକଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଗୋଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗୁଜରାଟର ଲକ୍ଷ୍ମଣ ଶିଆର ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ମଧ୍ୟ ପର୍ଯ୍ୟଟକଭାବେ ଗୋଆ ଆସିଥିଲେ। ଏହି ଘଟଣା ଅଗଷ୍ଟ ୨୩ ତାରିଖରେ ଘଟିଥିଲା। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୋଆ ଡିଏସ୍‌ପି ଜିଭା ଡଲଭି କହିଛନ୍ତି, ମହିଳା ଏବଂ ଅଭିଯୁକ୍ତ ଜଣଙ୍କ ମଧ୍ୟରେ ପୂର୍ବରୁ ବିମାନ ଯାତ୍ରାବେଳେ ସାକ୍ଷାତ ହୋଇଥିଲା। ଇତିମଧ୍ୟରେ ଉଭୟେ ଫୋନ୍ ନମ୍ବର ଦିଆନିଆ ହୋଇଥିଲେ। ତେବେ ଗୋଆ ପହଞ୍ଚିବା ପରେ ଅଲଗା ହୋଟେଲରେ ରହିଥିଲେ। ଅଗଷ୍ଟ ୨୩ରେ ଅଭିଯୁକ୍ତ ଲକ୍ଷ୍ମଣ ମହିଳାଙ୍କୁ ଫୋନ୍ କରି ଡାକିଥିଲେ ଏବଂ ସେ ରହୁଥିବା ଅସୋନୋରା ହୋଟେଲକୁ ଯିବାପାଇଁ ଅନୁରୋଧ କରିଥିଲେ। ମହିଳା ଜଣକ ଯେତେବେଳେ ଅଭିଯୁକ୍ତ ରହୁଥିବା ହୋଟେଲ ରୁମ୍‌ରେ ପହଞ୍ଚିଥିଲେ, ସେତେବେଳେ ସେ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଥିଲେ ବୋଲି ଡିଏସ୍‌ପି କହିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଉତ୍ତର ଗୋଆର ମପୁଷା ସହରରୁ ଗିରଫ କରାଯାଇଥିବା ପୋଲିସ କହିଛି।

# ୩୦ ବର୍ଷରେ କମିଲେଣି ୬୦% ପକ୍ଷୀ ପ୍ରଜାତି

**ନୂଆଦିଲ୍ଲୀ,୨୫।୮**

ଗତ ୩୦ ବର୍ଷ ମଧ୍ୟରେ ୩୩୮ ପ୍ରକାର ପକ୍ଷୀଙ୍କ ପ୍ରଜାତି ସଂଖ୍ୟା ପରିବର୍ତ୍ତନ ଏବଂ ୬୦% ପକ୍ଷୀ ପ୍ରଜାତି ହ୍ରାସ ଘଟିଛି। ଏହା ୩୦ ହଜାର ପକ୍ଷୀ ପ୍ରଜାତିର ତଥ୍ୟ ଆଧାରରେ ଜଣାପଡ଼ିଛି। ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ବାର୍ଡସ୍‌ର ରିପୋର୍ଟ ଅନୁସାରେ ଗତ ୭ ବର୍ଷ ମଧ୍ୟରେ ୩୫୯ ପ୍ରଜାତିର ପକ୍ଷୀ ସ୍ଥାନାନ୍ତର ହୋଇଛନ୍ତି। ସେଥିମଧ୍ୟରୁ ୨ଟି ପ୍ରଜାତି ସବୁଦିନ ପାଇଁ ଏବଂ ଗୋଟିଏ ପ୍ରଜାତି ସ୍ୱଳ୍ପ ମିଆଦୀ ଲାଗି ସ୍ଥାନାନ୍ତର ହୋଇଛନ୍ତି। ଏହା ବ୍ୟତୀତ ୨୦୪ ପକ୍ଷୀ ପ୍ରଜାତିଙ୍କ ସଂଖ୍ୟା ହ୍ରାସ ଘଟିଥିବାବେଳେ ୯୮ ପ୍ରଜାତିଙ୍କ ସଂଖ୍ୟା ସ୍ଥିର ରହିଛି ଏବଂ ୩୬ ପ୍ରଜାତିର ସଂଖ୍ୟା ବୃଦ୍ଧି ଘଟିଛି। ୧୩ଟି ସରକାରୀ ଏବଂ ଘରୋଇ ସଂସ୍ଥାର ମିଳିତ ରିପୋର୍ଟରେ ଏନେଇ କୁହାଯାଇଛି। ସେଥିମଧ୍ୟରେ ବମ୍ବେ ନାଚୁରାଲ୍ ହିଷ୍ଟ୍ରି ସୋସାଇଟି(ବିଏନ୍‌ଏଚ୍‌ଏସ୍), ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଡବ୍ଲୁଆଇଆଇ) ଏବଂ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜେଡ୍‌ଏସ୍‌ଆଇ) ଭଳି ସଂସ୍ଥାଗୁଡ଼ିକ ରହିଛନ୍ତି। ଚଳିତ ବର୍ଷର ରିପୋର୍ଟ ଅନୁସାରେ ୩୫୯ ପକ୍ଷୀ ପ୍ରଜାତି ମଧ୍ୟରୁ ୧୪୨ଟିର ସଂଖ୍ୟା ହ୍ରାସ ଘଟିଛି, ୧୮୯ ପ୍ରଜାତି ସଂଖ୍ୟା ସ୍ଥିର ରହିଛି ଏବଂ ୨୬ ପ୍ରଜାତିଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ରିପୋର୍ଟରେ ୧୭୮ ପ୍ରଜାତିର ବର୍ଗୀକରଣ କରାଯାଇଛି। ସେଥିମଧ୍ୟରେ ନର୍ଦ୍ଧେନ ଶୋଭଲେର୍, ନର୍ଦ୍ଧେନ ପିନ୍‌ଟେଲ୍, କମନ୍ ଟେଲ୍, ସାରୁସ୍ କ୍ରେନ୍, ଆଣ୍ଡାମାନ ଇଗଲ୍‌କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଇଣ୍ଡିଆନ ରୋଲର୍, କମନ୍ ଟେଲ୍, କମନ୍ ସ୍ୟାଣ୍ଡପାଇପର୍ ଭଳି ପ୍ରଜାତିଙ୍କ ସଂଖ୍ୟା ୩୦% କିମ୍ବା ତା’ଠାରୁ ମଧ୍ୟ ହ୍ରାସ ଘଟିଛି। ଅପରପକ୍ଷେ ପକ୍ଷୀଙ୍କ ପ୍ରଜାତି ଦୀର୍ଘବର୍ଷ ଧରି ଯେପରି ତିଷ୍ଠି ରହିବ ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟ ସମାଜ ହାତରେ ରହିଛି ବୋଲି ନେଚର୍ କଞ୍ଜର୍‌ଭେସନ୍ ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍. ଆନନ୍ଦ କୁମାର କହିଛନ୍ତି। ସେହିପରି ବତକ, ସାମୁଦ୍ରିକ ପକ୍ଷୀ ପ୍ରଜାତି ମଧ୍ୟ ତିଷ୍ଠି ରହିବା ଆବଶ୍ୟକ, କାରଣ ଏହି ପ୍ରଜାତିର ପକ୍ଷୀମାନେ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି।



**ବିଷ ପିଇଥିବା ମହିଳା ଏସ୍ଆଇ ହସ୍ପିଟାଲରୁ ନିଖୋଜ**




# ବିଏମ୍‌ସିରେ ୪୧୬ ନୂଆ ପଦବୀ

ଭୁବନେଶ୍ୱର,୨୫।୮(ଅନିଲ ଦାସ)

■ ପଦବୀ ସଂଖ୍ୟା ୬୨୬କୁ ବୃଦ୍ଧି
■ ୩ ଅତିରିକ୍ତ କମିଶନର, ୬ ଜୋନାଲ କମିଶନର ପଦବୀ
■ ପ୍ରତି ୱାର୍ଡ ପାଇଁ ସ୍ୱତନ୍ତ୍ର ୱାର୍ଡ ଅଫିସର ନିଯୁକ୍ତ ହେବେ




କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ସକାଶେ ରାଜ୍ୟ ସରକାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ୪୧୬ ନୂଆ ପଦବୀ ସୃଷ୍ଟି କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପଦବୀଗୁଡ଼ିକୁ ମଞ୍ଜୁର କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବିଏମ୍‌ସିରେ ୨୧୦ ଅନୁମୋଦିତ ପଦବୀ ଥିଲା। ଏହି ଅତିରିକ୍ତ ୪୧୬ ପଦବୀ ସୃଷ୍ଟି ହେବା ଦ୍ୱାରା ଏହାର ସମୁଦାୟ ପଦବୀ ସଂଖ୍ୟା ୬୨୬କୁ ବୃଦ୍ଧି ପାଇଛି।

ପୂର୍ବରୁ ନିଗମର ପ୍ରଶାସନିକ କ୍ଷେତ୍ରରେ ଗୋଟିଏ ଅତିରିକ୍ତ କମିଶନର ପଦବୀ ଥିବାବେଳେ ଆଉ ୩ଟି ପଦବୀ ସୃଷ୍ଟି କରାଯାଇ ସମୁଦାୟ ପଦବୀ ସଂଖ୍ୟା ୪କୁ ବୃଦ୍ଧି କରାଯାଇଛି। ସେହିପରି ୬ଟି ନୂତନ ଜୋନାଲ କମିଶନର ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ପୂର୍ବରୁ ୩ଟି ଡେପୁଟି କମିଶନର ପଦବୀ ଥିବାବେଳେ ଏଥିରେ ୧୩ଟି ନୂତନ ପଦବୀ ସୃଷ୍ଟି କରାଯାଇ ଏହି ପଦବୀ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ଏଥିସହିତ ପୂର୍ବରୁ ୪ଟି ପରିମଳ ଆସିଷ୍ଟାଣ୍ଟ କମିଶନର ପଦବୀ ଥିବାବେଳେ ଆଉ ୯ଟି ପଦବୀ ସୃଷ୍ଟି କରାଯାଇ ୧୩କୁ ବୃଦ୍ଧି କରାଯାଇଛି। ସେହିପରି ମହାନଗର ନିଗମର ଅର୍ଥ ବିଭାଗରେ ମୋଟ ୧୧ଟି ନୂତନ ପଦବୀ ସୃଷ୍ଟି କରାଯାଇଥିବା ବେଳେ ଯୋଜନା ବିଭାଗରେ ୪ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଇଞ୍ଜିନିୟରିଂ(ୱାର୍କ୍ସ) ବିଭାଗରେ ୧୭, ସାନିଟେଶନ (ଇଞ୍ଜିନିୟରିଂ) ବିଭାଗରେ ୫ , ଡ୍ରେନେଜ ବିଭାଗରେ ୨୦, ମେକାନିକାଲ ବିଭାଗରେ ୨, ଆଇନ ବିଭାଗରେ ୧, ଲୋକସମ୍ପର୍କ ବିଭାଗରେ ୨, ସୌନ୍ଦର୍ଯ୍ୟକରଣ ଓ ଲ୍ୟାଣ୍ଡ ସ୍କେପିଂ ବିଭାଗରେ ୭, ପ୍ରାଣୀ କଲ୍ୟାଣ ବିଭାଗରେ ୪ , ସାମାଜିକ କଲ୍ୟାଣ ବିଭାଗରେ ୧୩, ବିପର୍ଯ୍ୟୟ ଓ ଜରୁରୀ ସେବା ବିଭାଗରେ ୧, ଏନ୍‌ଫୋର୍ସମେଣ୍ଟ ବିଭାଗରେ ୧୯, ଅମଲା ବିଭାଗରେ ୯୩ ଏବଂ ୱାର୍ଡ ଅଫିସ ବିଭାଗରେ ୧୮୭ ନୂତନ ପଦବୀ ସୃଷ୍ଟି କରାଯାଇଛି।

ଇଞ୍ଜିନିୟରିଂ(ୱାର୍କ୍ସ) ବିଭାଗରେ ପୂର୍ବରୁ ୨ଟି ସିଭିଲ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଏହାକୁ ୬କୁ ବୃଦ୍ଧି କରାଯାଇଛି। ସେହିପରି ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀକୁ ୭ରୁ ୧୩ ଏବଂ ସିଭିଲ ଜୁନିୟର ଇଞ୍ଜିନିୟରିଂ ପଦବୀ ସଂଖ୍ୟାକୁ ୧୭ରୁ ୨୪କୁ ବୃଦ୍ଧି କରାଯାଇଛି।

ପରିମଳ (ଇଞ୍ଜିନିୟରିଂ) କ୍ଷେତ୍ରର ମଧ୍ୟ ୫ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଗୋଟିଏ କାର୍ଯ୍ୟନିର୍ବାହୀ ଅଧିକାରୀ(ପରିମଳ), ଗୋଟିଏ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପରିମଳ) ଓ ୩ଟି ଜୁନିୟର ଇଞ୍ଜିନିୟର (ପରିମଳ) ପଦବୀ ରହିଛି।

ସେହିପରି ଡ୍ରେନେଜ ବିଭାଗରେ ୨୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଗୋଟିଏ କାର୍ଯ୍ୟନିର୍ବାହୀ ଅଧିକାରୀ, ୭ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୧୨ ଜୁନିୟର ଇଞ୍ଜିନିୟର ପଦବୀ ରହିଛି।

ୱାର୍ଡ ପରିଚାଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବାରୁ ୧୮୭ ନୂତନ ପଦବୀକୁ ଅନୁମୋଦନ କରାଯାଇଛି। ପୂର୍ବରୁ ଏଥିରେ ୮୧ଟି ପଦବୀ ଥିଲା। ବର୍ତ୍ତମାନ ସମୁଦାୟ ପଦବୀ ସଂଖ୍ୟା ୨୬୮ ହୋଇଛି। ପୂର୍ବରୁ ୱାର୍ଡ ଅଫିସର ପଦବୀ ନ ଥିବା ବେଳେ ଏଥିରେ ୬୭ ନୂଆ ୱାର୍ଡ ଅଫିସର ପଦବୀ ସୃଷ୍ଟି କରାଯାଇଛି। ସେହିପରି ୱାର୍ଡ ରେଭିନ୍ୟୁ ଅଫିସର (ଟ୍ୟାକ୍ସ କଲେକ୍ଟର) ପଦବୀ ସଂଖ୍ୟା ୫୦ ଥିବାବେଳେ ଏହା ୬୭କୁ ବୃଦ୍ଧି ପାଇଛି। ସାନିଟାରି ଇନ୍ସପେକ୍ଟର ପଦବୀ ସଂଖ୍ୟା ୬ ଥିବାବେଳେ ଏଥିରେ ୬୧ ନୂଆ ପଦବୀ ଯୋଗ କରାଯାଇଛି। ସେହିପରି କମ୍ୟୁନିଟି ଅର୍ଗାନାଇଜର ପଦବୀ ସଂଖ୍ୟା ୨୫ରୁ ୬୭କୁ ବୃଦ୍ଧି କରାଯାଇଛି।

ବିଏମ୍‌ସି ରାଜ୍ୟର ସବୁଠାରୁ ବୃହତ୍ ସ୍ୱାୟତ୍ତ ଶାସନ ଅନୁଷ୍ଠାନ। ରାଜ୍ୟର ରାଜଧାନୀ ତଥା ଏକ ଆଧୁନିକ ସହର ଭାବେ ଭୁବନେଶ୍ୱରର ପରିଚୟକୁ ଆହୁରି ସୁଦୃଢ଼ କରିବା ସହିତ ଏହି ଐତିହ୍ୟସମ୍ପନ୍ନ ସହରର ଐତିହାସିକ ମର୍ଯ୍ୟାଦାର ସୁରକ୍ଷା ଦିଗରେ ମହାନଗର ନିଗମର ଗୁରୁଦାୟିତ୍ୱ ରହିଛି। ଏହାଦ୍ୱାରା ନିଗମ ଅଧିକ ଦକ୍ଷ ଓ କ୍ରିୟାଶୀଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

# ଫରେଷ୍ଟ ବିଟ୍ ହାଉସ ଉଡ଼ାଇଲେ, ଜେସିବି ପୋଡ଼ିଲେ

## ନୂଆପଡ଼ା ଜିଲାରେ ପୁଣି ମାଓବାଦୀଙ୍କ ଆତଙ୍କ





ନୂଆପଡ଼ା,୨୫।୮(ମକାରୁ ବେମାଲ)

ନୂଆପଡ଼ା ଜିଲାରେ ପୁଣି ମାଓବାଦୀମାନେ ତାଙ୍କର ଉପସ୍ଥିତି ଜାହିର କରିଛନ୍ତି। ନୂଆପଡ଼ା ସଦର ମହକୁମାଠାରୁ ୧୦ କି.ମି. ଦୂର ସୁନାବେଡା ଅଭୟାରଣ୍ୟ ଭିତରେ କେରମେଲି ପଞ୍ଚାୟତ ଗୋଲାବନ୍ଧ ଗାଁରେ ଗୁରୁବାର ବିଳମ୍ବିତ ରାତିରେ ମାଓବାଦୀମାନେ ବିଏସ୍‌ଏନ୍‌ଏଲ୍ କମ୍ପାନୀରେ କାମ କରୁଥିବା ଏକ ଜେସିବିକୁ ପୋଡିବା ସହ ଫରେଷ୍ଟ ବିଟ୍ ହାଉସକୁ ବୋମା ପକାଇ ଉଡ଼ାଇ ଦେଇଛନ୍ତି। ଫରେଷ୍ଟ ହାଉସର ମୁଖ୍ୟ ଗେଟ ତାଲା ଭାଙ୍ଗି ଭିତରେ ଥିବା କାଗଜାତ ପୋଡି ଦେଇଥିବା ବେଳେ କବାଟ ଝରକା ସବୁ ଭାଙ୍ଗି ଚୂରମାର କରି ଦେଇଛନ୍ତି। ଘଟଣାସ୍ଥଳରେ ପଲିଥିନରେ ଲାଲ ରଙ୍ଗରେ ହିନ୍ଦୀ ଭାଷାରେ ଲେଖା ଥିବା ଭିନ୍ନ ଭିନ୍ନ ପୋଷ୍ଟର ଛାଡି ଯାଇଛନ୍ତି। କେନ୍ଦ୍ରରେ ଭାଜପା ସରକାର, ଓଡ଼ିଶାରେ ବିଜେଡି ଓ ଛତିଶଗଡରେ କଂଗ୍ରେସ ସରକାରଙ୍କ ସାମ୍ରାଜ୍ୟବାଦକୁ ବିରୋଧ କରିବା ସହ ଜଳ, ଜମି, ଜଙ୍ଗଲ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପୋଷ୍ଟରରେ ଆହ୍ୱାନ କରାଯାଇଛି। କେନ୍ଦ୍ର, ଛତିଶଗଡ ଏବଂ ଓଡିଶା ସରକାର ମିଶି ସୁନାବେଡା ଅଭୟାରଣ୍ୟ ଓ ଛତିଶଗଡ ଉଦନ୍ତୀ ଅଭୟାରଣ୍ୟ ଭିତରେ ବିପ୍ଳବୀ ଆନ୍ଦୋଳନକୁ ହଟାଇବା ପାଇଁ ବିରୋଧ କରୁଛନ୍ତି। ଆମର ପିଏଲଜିଏ ଉପରେ ଜାରି କରିଥିବା ଦମନ ଲୀଳାକୁ ବିରୋଧ କରି ଅଗଷ୍ଟ ୨୫କୁ ଛତିଶଗଡର ଗରିଆବନ୍ଧ, ଧମତରୀ, କାଙ୍କେର ଜିଲା ଏବଂ ଓଡିଶାର ନୂଆପଡା, ନବରଙ୍ଗପୁରରେ ବିରୋଧୀ ଦିବସ ରୂପେ ପାଳନ କରାଯାଇଛି ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟରେ ତଳେ ଭାକପା (ମାଓବାଦୀ) ମୈନପୁର-ନୂଆପଡା ଡିଭିଜନ କମିଟି ଅଗଷ୍ଟ ୨୦୨୩ ବୋଲି ଲେଖା ଅଛି। ଏ ସଂକ୍ରାନ୍ତରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ପଚାରିବାରୁ ଗୋଲାବନ୍ଧଠାରେ ବନ୍ୟଜନ୍ତୁ ବିଭାଗ ଫରେଷ୍ଟ ବିଟ ଓ ପାଖରେ ଥିବା ଏକ ଜେସିବିକୁ ପୋଡି ଦେଇଥିବା ଖବର ଆସିଛି। ଆମର ଟିମ୍ ମଧ୍ୟ ଯାଇ ସାରିଲେଣି। ଡଗ୍ ସ୍କ୍ୱାଡ ସହ ୨୧୬ ବାଟାଲିୟାନ ସିଆର୍‌ପିଏଫ୍, ଏସ୍‌ଓଜି ଓ ଡିଏଏଫ୍ ଟିମ ଯାଇଛନ୍ତି। କେଉଁ ସାହାଯ୍ୟରେ ବିଟକୁ ଉଡ଼ାଯାଇଛି, ଆମର ଡଗ୍ ସ୍କ୍ୱାଡ ତଦନ୍ତ କରି ଫେରିବା ପରେ ଜଣାପଡ଼ିବ। କୋମ୍ବିଂ ଅପରେଶନକୁ ବ୍ୟାପକ କରାଯାଇଛି ବୋଲି କହିଛନ୍ତି।

# ଯୁକ୍ତ୨ ପରୀକ୍ଷା ପାଇଁ ଶିକ୍ଷକଙ୍କ ତାଲିକା ମାଗିଲା ସିଏଚ୍‌ଏସ୍‌ଇ

ଭୁବନେଶ୍ୱର, ୨୫।୮(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବା ଦ୍ୱାଦଶ ପରୀକ୍ଷା ୨୦୨୪ ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଏଥିପାଇଁ ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରୀକ୍ଷା ପରିଚାଳନା ପାଇଁ ଶିକ୍ଷକଙ୍କ ତାଲିକା ମାଗିଛି ପରିଷଦ। ଏ ନେଇ ଶୁକ୍ରବାର ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ କମ୍ପୋଜିଟ୍ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୧ରୁ ୧୫ ତାରିଖ ମଧ୍ୟରେ ନିଜ ଶିକ୍ଷାନୁଷ୍ଠାନରେ ଥିବା ଶିକ୍ଷକଙ୍କ ତାଲିକା ବା ଷ୍ଟାଫ୍ ଇନ୍ ପୋଜିସନ(ଏସ୍‌ଆଇପି) ଦେବା ପାଇଁ କୁହାଯାଇଛି। ସାମ୍ସ ଇ-ସ୍ପେସ୍‌ରେ ଥିବା ଏକ ଫର୍ମାଟ୍‌ରେ ଏହି ତାଲିକା ଦିଆଯିବ। ତେବେ କୌଣସି ଶିକ୍ଷକଙ୍କ ର୍ୟାଙ୍କ ଜୁନିୟର ଲେକ୍ଚର/ପିଜିଟି ତଳକୁ ନ ଥିବା ଆବଶ୍ୟକ। ଯୋଗ୍ୟ ଶିକ୍ଷକଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବାବେଳେ ଉକ୍ତ ଶିକ୍ଷକଙ୍କ ମୋବାଇଲ ନମ୍ବର(ହ୍ୱାଟ୍‌ସଆପ୍ ନମ୍ବର) ଏବଂ ଇ-ମେଲ୍ ଆଇଡି ଦିଆଯିବା ବାଧ୍ୟତାମୂଳକ। ଯଦି ଠିକ୍ ସମୟରେ ଏସ୍‌ଆଇପି ଡାଟା ଦିଆ ନ ଯାଏ ତେବେ ଉକ୍ତ ଶିକ୍ଷାନୁଷ୍ଠାନକୁ ଆଡ୍‌ମିଟ୍ କାର୍ଡ ଦିଆଯିବ ନାହିଁ। ଏସ୍‌ଆଇପି ଡାଟାର ହାର୍ଡ କପି ସିଏଚ୍‌ଏସ୍‌ଇ ଅଫିସକୁ ପଠାଇବାର ଆବଶ୍ୟକ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ୨ ଦ୍ୱିତୀୟ ବର୍ଷ ଥିଓରୀ ପରୀକ୍ଷା ଫେବୃୟାରୀ ୧୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ଶେଷ ସପ୍ତାହ କିମ୍ବା ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଥିଓରୀ ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ୨୦୨୪ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଦ୍ୱିତୀୟ ବର୍ଷ ରେଗୁଲାର ଛାତ୍ରୀଛାତ୍ରଙ୍କ ଅନଲାଇନ୍ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ଏକ୍ସ-ରେଗୁଲାର ପିଲା ଆସନ୍ତା ସେପ୍ଟେମ୍ବର ୧୫ରୁ ୩୦ ମଧ୍ୟରେ ଅନଲାଇନ୍ ଫର୍ମ ପୂରଣ କରିବେ।

# କିଟ୍-ଟିବିଆଇ ବାୟୋଟେକ୍ କନ୍‌କ୍ଲେଭ୍ ଉଦ୍‌ଘାଟିତ




ବାୟୋଟେକ୍ ଶିଳ୍ପ ସମାବେଶର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୫।୮(ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ କିଟ୍-ଟେକ୍ନୋଲୋଜି ବିଜିନେସ୍ ଇନ୍‌କ୍ୟୁବେଟର (କିଟ୍-ଟିବିଆଇ)ର ନବମ ବାୟୋଟେକ୍ ଶିଳ୍ପ ସମାବେଶ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମାବେଶର ବିଷୟବସ୍ତୁ ରହିଛି 'ବାୟୋଟେକ୍ନୋଲୋଜି ଏବଂ ଏହାର ପରିବର୍ଦ୍ଧିତ କ୍ଷେତ୍ର'। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥାର ମୁଖ୍ୟ ଯୋଗଦେଇଛନ୍ତି। ପାଥ୍‌କାଇଣ୍ଡ୍ ଡାଇଗ୍ନୋଷ୍ଟିକ୍ସର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବଶିଷ୍ଠ ଯୋଗଦେଇ କହିଲେ, ବାୟୋଟେକ୍ ଶିଳ୍ପକୁ ଏକ ନୂତନସ୍ତରରେ ପହଞ୍ଚାଇବା ପାଇଁ ଶିଳ୍ପସଂସ୍ଥା ଓ ବାୟୋଟେକ୍ନୋଲୋଜି ବିଶେଷଜ୍ଞଙ୍କ ମଧ୍ୟରେ ନିରନ୍ତର ସହଯୋଗର ଆବଶ୍ୟକତା ରହିଛି। ବୈଷୟିକ ସୁପର ପାୱାର ଭାବେ ସମଗ୍ର ବିଶ୍ୱରେ ଭାରତ ଖ୍ୟାତି ଅର୍ଜନ କରିବା ସହ ସୂଚନା ପ୍ରଯୁକ୍ତି ପର୍ଯ୍ୟବସିତ କ୍ଷେତ୍ରରେ ଏକ ଦୃଢ଼ ଆଧାର ମଧ୍ୟ ରହିଛି। ବାୟୋଟେକ୍ ଓ ପ୍ରଯୁକ୍ତିବିଦ୍ୟାର ମିଳିତ ସଂଶ୍ଳିଷ୍ଟରେ ସ୍ୱାସ୍ଥ୍ୟସେବା, ଖାଦ୍ୟ ଉତ୍ପାଦନ, ଡିଜିଟାଲ୍ ପ୍ରଶାସନ ସର୍ଜନା କ୍ଷେତ୍ରରେ ଭାରତ ବିଶ୍ୱର ଏକ ଅଗ୍ରଣୀ ଦେଶ ଭାବେ ଉଭା ହୋଇପାରିବ ବୋଲି ବଶିଷ୍ଠ କହିଥିଲେ। ଇଏମପିଇ ଡାଇଗ୍ନୋଷ୍ଟିକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗୁ ରାଘବେନ୍ଦ୍ର ଗୌଡ଼ କହିଲେ, ଭାରତରେ ଏବେ ୭୩୦ ବାୟୋଟେକ୍ କମ୍ପାନୀ ରହିଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ ସ୍ୱଦେଶୀ ଉତ୍ପାଦ ରହିଛି। କିନ୍ତୁ ବର୍ତ୍ତମାନ ସମୟରେ ବାୟୋଟେକ୍ ଶିଳ୍ପ ଆହୁରି ନୂଆ ନୂଆ ସର୍ଜନା ଆବଶ୍ୟକ କରୁଛି। ଏଭଳି ସମାବେଶରୁ ଛାତ୍ରୀଛାତ୍ରମାନେ ନୂତନ ସର୍ଜନା ନିମନ୍ତେ ଚିନ୍ତାଧାରା ପାଇପାରିବା ସହ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇପାରିବେ ବୋଲି ମତପ୍ରକାଶ କରିଥିଲେ। ବାୟୋଟେକ୍ ଓ ଡିଜିଟାଲ୍ ଟେକ୍ନୋଲୋଜିର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଶରଣଜିତ ସିଂହ କହିଥିଲେ। ତେଣୁ ସମୟର ଆବଶ୍ୟକତାକୁ ଦେଖି ନିଜର ଦକ୍ଷତା ବୃଦ୍ଧି କରିପାରିଲେ ଭବିଷ୍ୟତରେ ଯେ କୌଣସି ସମ୍ଭାବନାର ସୁଯୋଗ ନେଇପାରିବେ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ଟୋଲ୍ ଗେଟ୍‌ରେ ଉତ୍ତେଜନା



ରାସ୍ତାରେ ଫସି ରହିଥିବା ଟ୍ରକ୍।

କେନ୍ଦୁଝର/ତେଲକୋଇ,୨୫।୮
(ନରେଶ ଚନ୍ଦ୍ର ପଟ୍ଟନାୟକ/ରଞ୍ଜିତ ବିଶ୍ୱାଳ)

■ ୧୪ ଘଣ୍ଟା ଅଟକିଲା ଗାଡ଼ି, ଟୋଲ୍ ଫି' ଆଦାୟ ବନ୍ଦ କଲେ ଲୋକେ
■ ଜାତୀୟ ରାଜପଥ ମରାମତି ଦାବିରେ ଟ୍ରକ୍ ଚାଳକଙ୍କ ହୋହଲ୍ଲା

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥର ଜନସନପୁର ଟୋଲ୍ ଗେଟ୍ ପାଖରେ ରାସ୍ତା ଖରାପ ଥିବାରୁ ଗୁରୁବାର ରାତି ୯ ଟାରୁ ଶୁକ୍ରବାର ୧୦ଟା ପର୍ଯ୍ୟନ୍ତ ରାସ୍ତା ଜାମ ରହିଥିଲା। ଫଳରେ ମୁମ୍ବାଇ-କୋଲକାତା ଜାତୀୟ ରାଜପଥରେ ଶହ ଶହ ଗାଡ଼ି ଅଟକି ରହିଥିଲା। ରାସ୍ତା ଜାମରେ ଅତିଷ୍ଠ ହୋଇ ରାସ୍ତା ସଜାଡି ଟୋଲ ଆଦାୟ କର ବୋଲି ଅଟକି ରହିଥିବା ଟ୍ରକ ଚାଳକମାନେ ଦାବି କରି ପାଟିତୁଣ୍ଡ କରିଥିଲେ।

ପ୍ରକାଶ ଯେ, ଉକ୍ତ ରାଜପଥର ତେଲକୋଇ-ପାଲଲହଡ଼ା ବିଚ୍ଛାଖଣି ଜଙ୍ଗଲ ପାଖ ହାତୀ କରିଡରରେ ଓଭର ବ୍ରିଜ ନିର୍ମାଣ କରିବାର ପ୍ରସ୍ତାବ ଥିବାରୁ ୭୦୦ ମିଟର ରାସ୍ତା ନିର୍ମାଣ ହୋଇନାହିଁ। ପୁରୁଣା ରାସ୍ତାଟି ଅତ୍ୟନ୍ତ ଖରାପ ହୋଇଯାଇଛି। ଫଳରେ ଗୁରୁବାର ରାତିରେ ୩ ଟ୍ରକ୍ ଖାଲରେ ପଶିଯିବାରୁ ରାସ୍ତା ଜାମ୍ ହୋଇଥିଲା। ଟୋଲ୍ ଗେଟ୍ ପାଖରେ ଟ୍ରକ୍ ଫସିଥିଲେ ମଧ୍ୟ ଗାଡ଼ିକୁ ଉଠାଇ ଜାମ୍ ହଟାଇବାରେ ଠିକା ସଂସ୍ଥା ଓ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଦୀର୍ଘ ୧୪ ଘଣ୍ଟା ଧରି ରାସ୍ତା ଜାମ୍ ରହିଥିଲା। ଫଳରେ ସ୍ଥାନୀୟ ଲୋକେ ଅଭିଯୋଗ କରି ଟୋଲ ଆଦାୟକୁ ବନ୍ଦ କରିଛନ୍ତି। ଓଭର ବ୍ରିଜ ନିର୍ମାଣ ହେବା ପର୍ଯ୍ୟନ୍ତ ଖରାପ ରାସ୍ତାକୁ ମରାମତି କରିବାକୁ ଟ୍ରକ୍ ମାଲିକ ଓ ସାଧାରଣ ଲୋକେ ବାରମ୍ବାର ଦାବି କରିଛନ୍ତି। ଅଭିଯୋଗ ପ୍ରତି ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଟୋଲ୍ ଆଦାୟ ବନ୍ଦ କରାଯାଇଛି ବୋଲି ଅନିତ କୁମାର ଦୀକ୍ଷିତଙ୍କ ସମେତ ସ୍ଥାନୀୟ ଲୋକେ କହିଛନ୍ତି। ଠିକା ସଂସ୍ଥାର ମେଣ୍ଟେନାନ୍ସ ମ୍ୟାନେଜର ପ୍ରଦୀପ କୁମାର ରଣସିଂ କହିଛନ୍ତି, ରାସ୍ତା ଜାମ୍ ଥିବା ଅବଗତ ଅଛୁ, ଟୋଲ ଗେଟ୍‌ରେ ଥିବା କ୍ରେନ ଖରାପ ରହିଛି। ଅନ୍ୟ ଏକ କ୍ରେନକୁ ଅଣାଯାଇ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ କରାଯାଇଛି। ଟୋଲ ବନ୍ଦ ରହିବା ଓ ରାସ୍ତା ମରାମତି ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି ସେ କହିଥିଲେ।



**ଆଜିର ମନ୍ତବ୍ୟ**

ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ କୁକି ନାଗରିକ ସମାଜ ମେଇତି ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା କରନ୍ତୁ - **ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣେ ଡାଳେ ଡାଳେ ଗଲେ**
**ଆଉ ଜଣେ ପତ୍ରେ ପତ୍ରେ ଯିବା।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବାବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି ବା କାହାଠାରୁ ପଛରେ ପଡ଼ିଯିବାକୁ ଚାହିଁ ନ ଥାନ୍ତି। ଜଣେ ଆଉ ଜଣଙ୍କଠାରୁ ବୁଦ୍ଧିରେ ବଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଣେ ମଣିଷ ପୋଷିଲେ ଯେ,**
**ଘରେ ହାତୀ ପୋଷିଲେ ସେ ।**

ଜଣକୁ ଖୁଆଇ ପିଆଇ ମଣିଷ କରାଇବାରେ ବହୁ ଅର୍ଥ ତଥା ଖାଦ୍ୟ ପେୟର ଆବଶ୍ୟକତା ପଡ଼ିଥାଏ। ସୁସ୍ଥ ସବଳ ରହିବାପାଇଁ ସୁଷମ ଖାଦ୍ୟ ଲୋଡ଼ା। ଜଣେ ମଣିଷର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହୁଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଝାରସୁଗୁଡ଼ା, ଲଇକେରାରେ ୨ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଲୋକାର୍ପିତ

**ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୫।୮ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍ଫରେନ୍ସ ଜରିଆରେ ଝାରସୁଗୁଡ଼ା ଓ ଲଇକେରାରେ ୨ଟି ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। କର୍ପୋରେଟ୍ ସଂସ୍ଥା ବେଦାନ୍ତ ସହଯୋଗରେ ଏହି ୨ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହା ଝାରସୁଗୁଡ଼ା ଜିଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ସହିତ ହସ୍ପିଟାଲଗୁଡ଼ିକର ଉନ୍ନତୀକରଣ କରାଯାଉଛି । ଶହ ଶହ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସବୁଠାରୁ ବଡ଼ ରୂପାନ୍ତର ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଯୋଜନାରେ ପ୍ରତି ମାସରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେଉଛନ୍ତି। ଏଥିସହିତ ଧନୀ, ଗରିବ ସମସ୍ତଙ୍କୁ ସରକାରୀ ହସ୍ପିଟାଲରେ ବିନା ପଇସାରେ ଚିକିତ୍ସା ସୁବିଧା ମିଳୁଛି। ମୁଖ୍ୟମନ୍ତ୍ରୀ କହିଥିଲେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବିକାଶର ଏକ ସୂଚକ। ସେଥିପାଇଁ ସରକାର ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ସରକାରଙ୍କ ସହିତ ଏଥିରେ ଘରୋଇ କ୍ଷେତ୍ର ଯୋଡ଼ିହେବା ଖୁସିର କଥା। ସମସ୍ତଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧିପାଇବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବେଦାନ୍ତର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଜିଲାପାଳ ଓ ବେଦାନ୍ତର ସିଇଓ ପ୍ରମୁଖ ଯୋଗ ଦେଇଥିଲେ।

# ୭୪ ଜଣଙ୍କୁ ପଦକ ପ୍ରଦାନକଲେ ରାଜ୍ୟପାଳ



ଭୁବନେଶ୍ୱର,୨୫।୮ (ସତ୍ୟଜିତ ରାଉତ)

ରାଜ୍ୟ ପୋଲିସ ସେବା, ଅଗ୍ନିଶମ ସେବା, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ଓ ସଂସ୍କାର ସେବାର ୭୪ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ, ବିଶିଷ୍ଟ ସେବା ଓ ସାହସିକତା ପାଇଁ ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ସାହସିକତା ପଦକ ପ୍ରଦାନ କରାଯାଇଛି। ଲୋକସେବା ଭବନ କନଭେନସନ ହଲରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ ଏହି ପଦକ ପ୍ରଦାନ କରିଛନ୍ତି। ୨୦୨୦ ସାଧାରଣତନ୍ତ୍ର ଦିବସ ପାଇଁ ବିଶିଷ୍ଟ ସେବାରେ ୨ ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ଓ ୧୦ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ 'ରାଷ୍ଟ୍ରପତି ପୋଲିସ ପଦକ' ପ୍ରଦାନ କରାଯାଇଛି। ସେହିପରି ଉଲ୍ଲେଖନୀୟ ସେବା ପାଇଁ ୧୫ ଜଣଙ୍କୁ 'ରାଜ୍ୟପାଳ ପୋଲିସ ପଦକ' ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୨୦୨୦ ସ୍ୱାଧୀନତା ଦିବସ ପାଇଁ ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ଓ ଉଲ୍ଲେଖନୀୟ ସେବା ପାଇଁ ୧୧ ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ପ୍ରଦାନ କରାଯାଇଛି।

୨୦୨୦ ସାଧାରଣତନ୍ତ୍ର ଦିବସ ପାଇଁ ୨ଜଣ ଅଗ୍ନିଶମ ଅଧିକାରୀଙ୍କୁ ରାଷ୍ଟ୍ରପତି ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଥିବାବେଳେ ୪ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ସେହିପରି ଗୃହରକ୍ଷୀ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ପଦକ ଓ ଜଣଙ୍କୁ ରାଷ୍ଟ୍ରପତି ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ବେସାମରିକ କ୍ଷେତ୍ରରେ ପ୍ରଶଂସନୀୟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଅଗ୍ନିଶମ ସେବା କ୍ଷେତ୍ରରେ ସାହସିକତା ପାଇଁ ଜଣଙ୍କୁ ରାଷ୍ଟ୍ରପତି ସାହସିକତା ପଦକ ପ୍ରଦାନ କରାଯାଇଥିବାବେଳେ ୨ ଜଣଙ୍କୁ ରାଷ୍ଟ୍ରପତି ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ୬ ଜଣଙ୍କୁ ପ୍ରଶଂସନୀୟ ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଛି।

ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବାରେ ପ୍ରଶଂସନୀୟ ସେବା ନିମନ୍ତେ ୨୦୨୦ ସ୍ୱାଧୀନତା ଦିବସ ପାଇଁ ୪ ଜଣଙ୍କୁ ପଦକ ପ୍ରଦାନ କରାଯାଇଛି। ସେହିଭଳି ସାଧାରଣତନ୍ତ୍ର ଦିବସ ପାଇଁ ୩ଜଣ କାରାଗାର ଅଧିକାରୀଙ୍କୁ ରାଷ୍ଟ୍ରପତି ସେବା ପଦକ ସହ ରାଜ୍ୟ ସରକାରୀଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ଆଉ ୩ଜଣ କାରାଗାର ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ସଂସ୍କାର ସେବା ପଦକ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି।

ସ୍ୱାଧୀନତା ଦିବସ ଅବସରରେ ୨ଜଣ କାରାଗାର ଅଧିକାରୀଙ୍କୁ ରାଷ୍ଟ୍ରପତି ସେବା ପଦକ ସହ ସରକାରଙ୍କ ପକ୍ଷରୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ୨ ଜଣଙ୍କୁ ରାଷ୍ଟ୍ରପତିଙ୍କ ସଂସ୍କାର ସେବା ପଦକ ସହ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗୃହ ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଡିଜିପି ସୁନୀଲ ବଂଶଲ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ହରଭଙ୍ଗା ଥାନା ପୂର୍ବତନ ଆଇଆଇସି ନିଲମ୍ବିତ

**ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ**

ବୌଦ୍ଧ/କଟକ,୨୫।୮ (ଅଜିତ କୁମାର ବାରିକ/ କାର୍ତ୍ତିକ ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ପୂର୍ବତନ ଆଇଆଇସି ପୁଷ୍ପଲତା ରାଉତରାୟଙ୍କୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଶୁକ୍ରବାର ନିଲମ୍ବନ କରିଛନ୍ତି। ପୋଲିସ ମୁଖ୍ୟାଳୟ କଟକ ପକ୍ଷରୁ ଆଦେଶ ନମ୍ବର ୧୩୫୮ରେ ଏହି ନିର୍ଦ୍ଦେଶନାମା ଦିଆଯାଇଛି। ଜୁଲାଇ ୨୦ରେ ପୁଷ୍ପଲତା ଜଣେ ବାଲିଘାଟ ଠିକାଦାରଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଥାନା କେସ୍ ନଂ. ୧୧ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୦୧୮ ଦୁର୍ନୀତି ନିବାରଣ ଆଇନର ଧାରା ୭ ଅନୁଯାୟୀ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ନିଲମ୍ବନ ୨୦୨୩ ଜୁଲାଇ ୨୨ରୁ କାର୍ଯ୍ୟକାରୀ ହେବ। ନିଲମ୍ବନ ସମୟରେ ସେ ବ୍ରହ୍ମପୁର ସାଉଥ ରେଞ୍ଜ ଆଇଜିପିଙ୍କ ଅଧୀନରେ ରହିବେ। ଓଡ଼ିଶା ସେବା ନିୟମ ଅନୁଯାୟୀ ତାଙ୍କୁ ଏସ୍ଏ ଓ ଡିଏ ମିଳିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ଆତ୍ମଘୋଷିତ ବୈଜ୍ଞାନିକ ଅଟକ



ଆତ୍ମଘୋଷିତ ବୈଜ୍ଞାନିକଙ୍କୁ ପୋଲିସ ଥାନାକୁ ନେଉଛି।

ବାଲେଶ୍ୱର, ୨୫।୮ (ମାନସ ବିଶ୍ୱାଳ)

ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଶୁକ୍ରବାର ଶ୍ୟାମସୁନ୍ଦର ରାଠୀ ନାମକ ଜଣେ ବ୍ୟକ୍ତି ହରଡଘଣାରେ ପଡିଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେ ବାଲେଶ୍ୱରସ୍ଥିତ ଷ୍ଟେଶନ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ନିଜକୁ ବୈଜ୍ଞାନିକ ବୋଲି ସୂଚାଉଥିବା ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ହଡବଡେଇ ଯାଇଥିଲେ। ଏନେଇ ସନ୍ଦେହ ହେବାରୁ ଖବରଦାତାମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଛି। ମୟୂରଭଞ୍ଜ ଜିଲା ବାରିପଦା ଅଞ୍ଚଳର ଶ୍ୟାମସୁନ୍ଦର ବୈଜ୍ଞାନିକ ପଦ୍ଧତିରେ ଜଳ ସଂରକ୍ଷଣ ମାଧ୍ୟମରେ ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନ, ପାନୀୟ ଜଳ ସଙ୍କଟ, ବନ୍ୟା ଓ ମରୁଡ଼ି ପ୍ରଭୃତି ସମସ୍ୟା ସମାଧାନ କରାଯାଇପାରିବ ବୋଲି ଯୁକ୍ତି ଉପସ୍ଥାପନ କରି ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଖବରଦାତାଙ୍କ ସନ୍ଦେହ ପରେ ପୋଲିସ ତାଙ୍କୁ ଉକ୍ତ ସ୍ଥାନରୁ ସହଦେବଖୁଣ୍ଟା ଥାନାକୁ ନେଇଥିଲା। ଅଟକ ରଖି ତାଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲା। ରାଠୀ ଜଣେ ଦଶମ ଶ୍ରେଣୀ ପାସ୍ କରିଥିବା ବ୍ୟକ୍ତି। ସେ ସରକାରୀ ଭାବେ କିମ୍ବା କୌଣସି ଅନୁଷ୍ଠାନରୁ ବୈଜ୍ଞାନିକ ଭାବେ ସ୍ୱୀକୃତି ପାଇନାହାନ୍ତି। ପୋଲିସ ତାଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଡାକ୍ତରୀ ରିପୋର୍ଟ ଅନୁସାରେ ରାଠୀ ଜଣେ ମାନସିକ ରୋଗୀ ଥିବା ଜଣାପଡ଼ିଛି। ଆଗକୁ ଏଭଳି କରିବେ ନାହିଁ ବୋଲି ଲିଖିତ ଦେବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ସାପ କାମୁଡ଼ାରେ ବାପ, ଝିଅଙ୍କ ସମେତ ୩ ମୃତ

ବୁଗୁଡ଼ା (କାଳି ଚରଣ ଦାଶ)/ ବେଲଗୁଣ୍ଠା (କୃଷ୍ଣଚନ୍ଦ୍ର ପଟ୍ଟନାୟକ) ୨୫।୮

ଗଞ୍ଜାମ ଜିଲାର ପୃଥକ ସ୍ଥାନରେ ଗୁରୁବାର ରାତିରେ ସାପ କାମୁଡ଼ାରେ ବାପ ଓ ଝିଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଗୁଡ଼ା ଏନ୍ଏସି ୧ ନଂ ୱାର୍ଡ କାଞ୍ଜିଆପଲ୍ଲୀ ଗାଁର ଶିବରାମ ନାୟକ, ତାଙ୍କ ଝିଅ ଶ୍ରାବଣୀ(୬) ଏବଂ ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତ ମରାଇପାଟ ଗ୍ରାମର ଶଶି ଗୌଡ଼ (୬୫)। କାଞ୍ଜିଆପଲ୍ଲୀ ଗାଁରେ ଗୁରୁବାର ରାତିରେ ବିଦ୍ୟୁତ୍ ନ ଥିବାରୁ ଘରେ ବାହାରେ ଅନ୍ଧାର ହୋଇଥିଲା। ଶିବରାମ ଓ ତାଙ୍କ ଝିଅ ଗୋଟିଏ ଘରେ ଶୋଇଥିବା ବେଳେ ପରିବାରର ଅନ୍ୟମାନେ ଆଉ ଗୋଟିଏ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ଶିବରାମ ଓ ତାଙ୍କ ଝିଅକୁ କାମୁଡି ଦେଇଥିଲା। ପ୍ରଥମେ ଝିଅ ଶ୍ରାବଣୀ ଉଠିପଡ଼ି ଚିତ୍କାର କରିଥିଲା। ପାଟିଶୁଣି ଶିବରାମ ଉଠିଥିଲେ। ଉଭୟେ ଅସୁସ୍ଥ ଅନୁଭବ କରିବାରୁ ତୁରନ୍ତ ବୁଗୁଡ଼ା ମେଡିକାଲକୁ ନିଆଯାଇଥିଲା । ସେଠାରେ ଶ୍ରାବଣୀଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଶିବରାମଙ୍କ ଚିକିତ୍ସା ଜାରି ରଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ଶ୍ରାବଣୀଙ୍କ ଅନ୍ତିମ ସଂସ୍କାର କରି ଫେରିବା ବେଳକୁ ଅପରାହ୍ନରେ ଶିବରାମଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଶନିବାର ବ୍ୟବଚ୍ଛେଦ ନିମନ୍ତେ ପଠାଯିବ। ଏ ନେଇ ବୁଗୁଡା ଥାନାରେ ନଂ.୨୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ସେହିପରି ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତ ମରାଇପାଟ ଗ୍ରାମର ହରି ଗୌଡ଼ଙ୍କ ସ୍ତ୍ରୀ ଶଶୀ ଗୁରୁବାର ରାତିରେ ଖାଇସାରି ଶୋଇଥିବା ବେଳେ ତାଙ୍କ ହାତକୁ ଏକ ଚିତି ସାପ କାମୁଡ଼ି ଦେଇଥିଲା। ସାପଟି ତାଙ୍କ ଦେହରେ ଗୁଡ଼ାଇ ହୋଇଯାଇଥିଲା। ପରେ ସାପଟିକୁ ସେ ମାରି ଦେଇଥିଲେ। ଶୁକ୍ରବାର ସକାଳେ ଶଶୀଙ୍କୁ ଗୋବରା ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶଶୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପୁଅ ବୀରେନ୍ଦ୍ର ଗାଙ୍ଗପୁର ଥାନାରେ ଜଣାଇଥିଲେ।

# ଜେଲ ଗଲେ ରାୟଗଡ଼ା ଡିଏଫ୍‌ଓ

**ଆୟଠାରୁ ୨୦୬ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିଲେ ବିଜୟ**

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/ରାୟଗଡ଼ା, ୨୫।୮ (ଆଶିଷ ରଞ୍ଜନ ପଣ୍ଡା)

ଚଢ଼ାଉ ଓ ଯାଞ୍ଚ ପରେ ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ବିଜୟ କୁମାର ପରିଡ଼ାଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୦୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ବିଜୟ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଶୁକ୍ରବାର ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୨୦/୨୦୨୩) ରୁଜୁ କରାଯାଇଛି। ଏଥିସହ ବିଜୟଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ଟିମ୍ ଗୁରୁବାର ବିଜୟଙ୍କ ରାୟଗଡ଼ାସ୍ଥିତ ସରକାରୀ କାର୍ଯ୍ୟାଳୟ, ବାସଭବନ, ଯାଜପୁରସ୍ଥିତ ପୈତୃକ ଘର, କଟକ ଓ ଭୁବନେଶ୍ୱର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। କଟକ ସଦର ଥାନା ଅନ୍ତର୍ଗତ ଶ୍ରୀକରୁଣ ଅଞ୍ଚଳରେ ପ୍ରାୟ ୧.୮ କୋଟି ଟଙ୍କାର ଏକ ୪ ମହଲା ନିର୍ମାଣାଧିନ କୋଠା, ଭୁବନେଶ୍ୱର ପଳାଶୁଣିରେ ୫୧୦୦ ବର୍ଗଫୁଟର ୩ ମହଲା କୋଠା, ପଟିଆ ଆଶୀର୍ବାଦ ପ୍ଲାଜାରେ ଏକ ଫ୍ଲାଟ୍ ଠାବ ହୋଇଥିଲା। ସେହିଭଳି ପୁରୀ, କଟକ ଓ ଯାଜପୁରରେ ୧୭ଟି ପ୍ଲଟ୍, ୧ ଲକ୍ଷ ୨୪ ହଜାର ୬୦୦ ନଗଦ ଟଙ୍କା, ୬୫୦ ଗ୍ରାମର ସୁନା ଅଳଙ୍କାର, ୧୭ ଲକ୍ଷ ୮୭ ହଜାର ଟଙ୍କାର ଗୋଟିଏ ଚାରିଚକିଆ ଯାନ, ଦୁଇଟି ବାଇକ ଏବଂ ଘରୋଇ ଉପକରଣ ମିଳିଥିଲା। ତେବେ ଭିଜିଲାନ୍ସର ଏହି ଚଢ଼ାଉ ପରେ ଡିଏଫ୍‌ଓ ବିଜୟଙ୍କ ବିଭିନ୍ନ ଦୁର୍ନୀତି ସାମ୍ନାକୁ ଆସିଛି। ତାଙ୍କ ଅଫିସ ଚାମ୍ବର ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି । ଏଥିରେ ଦାମୀ ଇଣ୍ଟେରିୟର ସାମଗ୍ରୀ ଖଞ୍ଜା ଯାଇଥିବା ନଜରକୁ ଆସିଛି । ତେବେ ଡିଏଫ୍‌ଓ ପ୍ରକୋଷ୍ଠ ପାଇଁ କେଉଁ ଅନୁଦାନରୁ ଏତେ ପରିମାଣ ଟଙ୍କା ଆସିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ସରକାରୀ ବାସଭବନରେ ମଧ୍ୟ ବହୁ ଦାମୀ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଲାଗିଥିବା ଦେଖିବାକୁ ପାଇଥିଲେ ଭିଜିଲାନ୍ସ ଅଧିକାରୀ। ବନୀକରଣ ନାଁରେ ମଧ୍ୟ ଜିଲାରେ ବହୁ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ତେବେ ବିଜୟ ଏତେ ଦୁର୍ନୀତି କରିଥିବାବେଳେ ତାଙ୍କ ଛତ୍ରଛାୟା ତଳେ କାର୍ଯ୍ୟରତ ରେଞ୍ଜର, ଫରେଷ୍ଟର ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ଭିଜିଲାନ୍ସ ବିଭାଗ ଅଧିକ ତଦନ୍ତ କଲେ ଏକାଧିକ ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।



ବିଜୟ କୁମାର ପରିଡ଼ା

**ପ୍ରଥମ ପୃଷ୍ଠାରୁ...**

## ଦୋଷୀ ସାବ୍ୟସ୍ତ ...

ହାଇକୋର୍ଟ ଏହାକୁ ବଳବତ୍ତର ରଖିଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଅଭିଯୋଜନ ପକ୍ଷ ବାଢ଼ିଥିବା ଯୁକ୍ତିକୁ ସନ୍ଦେହ ଉର୍ଦ୍ଧ୍ୱରେ ନୁହେଁ କହି ଇରଫାନ୍‌ଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଯୁକ୍ତି ବାଢ଼ିଥିଲେ, ମୃତକମାନଙ୍କ ଜୀବିତାବସ୍ଥାରେ ସେମାନଙ୍କ ଶରୀରର ୮୦ ଭାଗ ଜଳିଯାଇଥିବାବେଳେ ସେମାନେ ବୟାନ ଦେଇଥିଲେ। ସୁପ୍ରିମକୋର୍ଟ ମୃତ୍ୟୁକାଳୀନ ଜମାନବନ୍ଦୀକୁ ନେଇ ରହିଥିବା ଆଇନଗତ ସିଦ୍ଧାନ୍ତକୁ ଗ୍ରହଣ କରିଥିବାବେଳେ ପାରିପାର୍ଶ୍ୱିକ ପ୍ରମାଣ ଭିତ୍ତିରେ ବୟାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବା ଆବଶ୍ୟକ ବୋଲି କହିଛନ୍ତି। ଏଥିସହ ଏଭଳି ବୟାନକୁ ଭିତ୍ତିକରି ନିଷ୍ପତ୍ତି ନେବାବେଳେ ନିମ୍ନୋକ୍ତ ବିନ୍ଦୁଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି।

- ବ୍ୟକ୍ତି ଜଣକ ମରିବାକୁ ଯାଉଥିବା ଅନୁଭବ କରିବା ପରେ ବୟାନ ଦେଇଛନ୍ତି କି?
- ତାଙ୍କ ବୟାନ ଯେତେଶୀଘ୍ର ସମ୍ଭବ ଦିଆଯାଇଛି କି?
- ବୟାନ ଦେଇଥିବା ବ୍ୟକ୍ତି ନିର୍ଯାତନାର ଶିକାର ହୋଇଛନ୍ତି କି? ମାମଲାରେ ପୋଲିସ ଏକ ପକ୍ଷ କି?
- ତାଙ୍କ ବୟାନ ଘଟଣାକୁ ନେଇ ସ୍ପଷ୍ଟ ଭାବେ ପ୍ରଶ୍ନ ଉଠାଉଛି କି?
- ଜମାନବନ୍ଦୀରେ ମୃତକଙ୍କ ବୟାନକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଛି କି?
- ମୃତକ ସ୍ୱେଚ୍ଛାକୃତ ଭାବେ ବୟାନ ଦେଇଛନ୍ତି କି?
- ଏକାଧିକ ମୃତ୍ୟୁକାଳୀନ ଜମାନବନ୍ଦୀ ଥିଲେ, ପ୍ରଥମ ବୟାନ ପରବର୍ତ୍ତୀ ଦୁଇଟି ବୟାନ ସହ ବିରୋଧାଭାସ କରୁଛି କି?
- ବୟାନ ଦେଇଥିବା ବ୍ୟକ୍ତି ନିଜ କ୍ଷତ ସତ୍ତ୍ୱେ କହିବାକୁ ସମର୍ଥ ଥିଲେ କି?

## ଜାଭେଲିନ ଥ୍ରୋ ...

ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଏହି ଆଥଲେଟ୍ ପ୍ରତିଭାଙ୍କ ଜାଭେଲିନ୍ ଥ୍ରୋରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୪.୩୮ ମିଟର। ଏହାକୁ ସେ ୨୦୨୩ ଜୁଲାଇ ୨୯ରେ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହାସଲ କରିଥିଲେ। ୨୦୧୭ରୁ ରାଜ୍ୟ ସ୍ତରରେ ଜାଭେଲିନ୍ ଥ୍ରୋରେ ଚମକ ଦେଖାଇଥିବା କିଶୋର ୨୦୨୧ରୁ ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଶୀର୍ଷରେ ରହିଛି। ୨୦୨୩ ମାର୍ଚ୍ଚ ୧ରେ କର୍ନାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଶ୍ରୀଲଙ୍କା ପ୍ରତିଯୋଗିତା ବ୍ୟତୀତ ସେ ବିରୁଟ୍‌ରେ ଆୟୋଜିତ ଲେବାନନ ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୭୮.୯୬ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶାର ପ୍ରଥମ ଆଥଲେଟ୍‌ଭାବେ ସେ ଥ୍ରୋ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁମାନଙ୍କ ସାହାଯ୍ୟରେ ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଷଷ୍ଠସ୍ଥ ମଙ୍ଗଳ ହେତୁ ଜମିଜମା ସମ୍ବନ୍ଧୀୟ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଯାତ୍ରା ସମୟରେ ପରିବହନରେ ଝଗଡ଼ା ଲାଗିବାର ସୂଚନା ରହିଛି। ପାରିବାରିକ କ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ପ୍ରକାରର ରହିବ।

**ବୃଷ**
ଗୁରୁଚଣ୍ଡାଳ ଯୋଗ ପ୍ରଭାବରେ ପରିବାରରେ ଅନର୍ଥ ସୃଷ୍ଟି ହୋଇପାରେ। କୌଣସି ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ନ ପାଇ ବିକଳ୍ପ ଚିନ୍ତା କରିପାରନ୍ତି। କଚେରି ମାମଲାରେ ବାନ୍ଧି ହୋଇପଡ଼ିଥିବା ବ୍ୟକ୍ତିମାନେ ଆଶ୍ୱସ୍ତି ଲାଭ କରିବେ। ବ୍ୟବସାୟିକ ସ୍ଥିତି ପୂର୍ବଭଳି ରହିବା ସାଙ୍ଗକୁ ସନ୍ତାନହେତୁକ ଗୌରବାନ୍ୱିତ ହେବେ।

**ମିଥୁନ**
ରବି ଓ କେତୁଙ୍କ ମଧ୍ୟବର୍ତ୍ତୀ ମଙ୍ଗଳଜନିତ ଟିକିଏ କଥାରେ ରାଗିଯିବା କାରଣରୁ କଳହ ସୃଷ୍ଟି ହୋଇପାରେ। କୌଣସି କାମରେ ବ୍ୟସ୍ତ ରହିବା ହେତୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ସହକର୍ମୀଙ୍କ ସାହାଯ୍ୟରେ ଅଟକିଥିବା କାମ ହାସଲ କରିବେ। କଳା, ସାହିତ୍ୟ କ୍ଷେତ୍ରରେ ବନ୍ଧୁଙ୍କ ମତ ପାର୍ଥକ୍ୟ ଦେଖାଦେବ।

**କର୍କଟ**
ମୁଖଭାବସ୍ଥ ବୁଧାଦିତ୍ୟ ହେତୁ ଅପ୍ରିୟ ସତ୍ୟ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସାମାଜିକ ସ୍ତରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଣସି ବନ୍ଧୁ ଈର୍ଷାଭାବ ପୋଷଣ କରିପାରନ୍ତି।

**ସିଂହ**
କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ମାନସିକ ଅଶାନ୍ତି ସାଙ୍ଗକୁ ମଙ୍ଗଳଙ୍କ ପ୍ରଭାବରେ ବ୍ୟବହାରରେ କଠୋରତା ତିକ୍ତତା ସୃଷ୍ଟି କରିବ। ରାଜନୈତିକ କ୍ଷେତ୍ରରେ ଆଜିର ଆଲୋଚନା ସରଗରମ ରହିବାର ସୂଚନା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ରାଶିରେ ତୃତୀୟାଧିପତି ହେତୁ ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନକୁ ପ୍ରଶଂସା କରିବେ। ବିଳମ୍ବରେ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ ସହିତ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଈର୍ଷାପର ମନୋଭାବ ନେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
ଏକାଦଶସ୍ଥ ରବି ଓ ବୁଧଜନିତ ସମସ୍ୟାର ସମାଧାନ କରିବା ସହ ନିଜକୁ ମାନସିକ ସ୍ତରରେ ଦୃଢୀଭୂତ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ମଧ୍ୟ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସହକର୍ମୀଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
କେନ୍ଦ୍ରସ୍ଥ ଶନି ହେତୁ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର କରିବା କାରଣରୁ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଛୋଟ କଥାକୁ କେନ୍ଦ୍ରକରି ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ଧନୁ**
ଅନୁକୂଳ ଗ୍ରହସ୍ଥିତିରୁ ଆଜି ଏକ ସମ୍ମାନଜନକ ସ୍ଥିତିରେ ସହାୟତା ଲାଭ କରିବେ। କିନ୍ତୁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ନିଜ ଲୋକମାନେ ଦାଉ ସାଧିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଏପରିକି ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ।

**ମକର**
ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ଗତକାଲିଠାରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ପାରିବାରିକ କ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ବନ୍ଧୁଙ୍କ ସହ ଯାତ୍ରା କାଳରେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
ସ୍ୱଗୃହୀ ଶନି ହେତୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ତଥାପି ଦ୍ୱନ୍ଦ୍ୱରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିଜ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**
ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ହେତୁ ଦିନଟି ସବୁ ଦିଗରୁ ଅତି ଭଲରେ ଅତିବାହିତ ହେବ। କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ଅର୍ଥ ଓ ସମ୍ମାନ, ସଦିଚ୍ଛାର ଅଭାବ ରହିବ ନାହିଁ। କିନ୍ତୁ ଅବହେଳା ନ କରି ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ପିଲାଙ୍କ ସଫଳତାକୁ ନେଇ ଖୁସି ହେବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଦଶମୀ ଶନିବାର, ଅଗଷ୍ଟ ୨୬ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଓ କୁଗୃହ ମହୋତ୍ସବ ଆରମ୍ଭ, ମଦର ଟେରେସା ଜୟନ୍ତୀ, ରାଶି ନକ୍ଷତ୍ର- ଦିବା ଘ.୦୮।୩୬ ଗତେ, ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୪ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ ୦୮।୪୦ ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ ।

TATA MOTORS
Connecting Aspirations

GOVERNMENT OF JHARKHAND

Cummins






वर्ष 2024 से चरणबद्ध तरीके से उत्पादन होगा शुरू

# ऐतिहासिक शुरुआत

## मुख्यमंत्री हेमन्त सोरेन के कुशल और दूरदर्शी नेतृत्व में देश का पहला हाइड्रोजन इंजन संयंत्र स्थापित करने की ओर बढ़ा झारखण्ड

**खास बातें :**

- **₹350 करोड़** से अधिक का निवेश
- जलवायु परिवर्तन से निपटने के लिए देश की प्रतिबद्धता के साथ सजग खड़ा झारखण्ड
- स्वच्छ ऊर्जा तकनीकों और कार्बन के कम उत्सर्जन वाली अर्थव्यवस्था की ओर बढ़ते कदम
- कमर्शियल वाहन उद्योग के लिए उन्नत तकनीकी उत्पादों के निर्माण के खुले द्वार
- हाइड्रोजन इंटरनल कम्बशन इंजन, बैटरी इलेक्ट्रिक व्हीकल प्रणाली, फ्यूल सेल इलेक्ट्रिक व्हीकल प्रणाली और फ्यूल डिलीवरी प्रणाली जैसे उत्पाद होंगे निर्मित
- युवाओं के लिए प्रत्यक्ष और अप्रत्यक्ष रोजगार तथा कौशल विकास का होगा सृजन

## कम-से-शून्य उत्सर्जन पावरट्रेन समाधान बनाए जाएंगे

**उद्योग विभाग, झारखण्ड सरकार और टीसीपीएल ग्रीन एनर्जी सॉल्यूशन प्रा. लिमिटेड** (टाटा कमिंस प्राइवेट लिमिटेड (टीसीपील) की पूर्ण स्वामित्व वाली सहायक कंपनी) **के बीच हुआ एमओयू**

आज का दिन सिर्फ झारखण्ड के लिए ही नहीं बल्कि पूरे देश के लिए एक मील का पत्थर साबित होगा। मुझे खुशी है कि स्वच्छ ऊर्जा की परिकल्पना को धरातल पर उतारने का यह ऐतिहासिक कदम झारखण्ड सरकार और टाटा मोटर्स तथा कमिंस ने उठाया है।

**- हेमन्त सोरेन**
मुख्यमंत्री, झारखण्ड






उद्योग विभाग, झारखण्ड सरकार

PR-305604 (Industries) 2023-24

" ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା



# ବାବୁଗିରିରୁ ନେତାଗିରି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୂଆ ପ୍ରତିଭା ବିଶେଷକରି ଅମଲାତନ୍ତ୍ରୀଙ୍କୁ ନିଜ ଆଡକୁ ନେବା ଲାଗି ଭାଜପା ପ୍ରବଳ ଚେଷ୍ଟା କରୁଥିବା ବିଷୟ ନିକଟରେ ଏକ ସ୍ତମ୍ଭରେ ପ୍ରକାଶ ପାଇଥିଲା। କିନ୍ତୁ କୌତୂହଳର କଥା, ବାବୁମାନେ ମଧ୍ୟ ଦଳରେ ଶରଣନେବାକୁ ଚାହୁଁଛନ୍ତି। କାର୍ଯ୍ୟକାଳ ବୃଦ୍ଧି ଦୌଡ଼ରୁ ଯେଉଁମାନେ ବାଦ୍ ପଡୁଛନ୍ତି ସେମାନଙ୍କ ପାଇଁ ଏହା ଏକ ଆଶାର ସଙ୍କେତ। ବିଶେଷକରି ଅତୀତରେ କ୍ଷମତାରେ ଥିବା ସମୟରୁ ରାଜନୀତିରେ ଯୋଗ ଦେବା ଦିନକୁ ପ୍ରତୀକ୍ଷା କରି ରହିଥିବା ପୂର୍ବତନ ବାବୁମାନଙ୍କ ଭବିଷ୍ୟତ ପାଇଁ ଏହା ସବୁଠୁ ଭଲ କଥା। ନିର୍ବାଚନ ହେବାକୁ ଥିବା ମଧ୍ୟପ୍ରଦେଶରେ ପ୍ରକାଶିତ ଖବରରୁ ଜଣାପଡୁଛି ଯେ, ୩ ଜଣ ପୂର୍ବତନ ଆଇଏଏସ୍ ଅଧିକାରୀ ବାବୁଗିରିରୁ ନେତାଗିରି ଯାଏ ଭାଜପା ଅନୁଗ୍ରହରେ କାମ କରିଛନ୍ତି ଓ ଗେରୁଆ ପୋଷାକ ଆବରଣରେ ରହିଛନ୍ତି। ଖୋଦ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ୩ ଜଣ ଅଧିକାରୀ ବେଦ ପ୍ରକାଶ, ଆର୍.କେ. ମିଶ୍ର ଏବଂ ଏମ୍.କେ. ଅଗ୍ରୱାଲଙ୍କୁ ପାର୍ଟିର ଶାସକୀୟ ସଦସ୍ୟ କରିଛନ୍ତି। ଏବେ ଦଳର ଆକର୍ଷଣ ବିନ୍ଦୁ ହୋଇଛି ତେଲଙ୍ଗାନା। ଏପରିକି ଦଳର ସ୍ଥିତିକୁ ସୁଦୃଢ କରିବା ଲାଗି ସେଠାରେ ଭାଜପା ଆନ୍ଧ୍ରପ୍ରଦେଶର ଦୁଇ ପୂର୍ବତନ ମୁଖ୍ୟ ଶାସନ ସଚିବ ଆଇୱାଇଆର୍ କ୍ରିଷ୍ଣା ରାଓ ଏବଂ ଏଲ୍.ଭି. ସୁବ୍ରମଣିୟମଙ୍କ ସମେତ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଏବଂ ପୂର୍ବତନ ଶିକ୍ଷାବିତ୍‌ଙ୍କୁ ଅମନ୍ତ୍ରଣ କରିବାକୁ କୁଣ୍ଠାବୋଧ କରିନାହିଁ। ସୂତ୍ରରୁ ପ୍ରକାଶ, ଏହି ଦୃଶ୍ୟପଟର ପ୍ରଚ୍ଛଦରେ ଏଭଳି ୨୦ ଜଣ ପୂର୍ବତନ ଅଧିକାରୀଙ୍କ ଏକ ଗୁପ୍ତ ଗୋଷ୍ଠୀ ରହିଛି ଏବଂ ସେମାନେ ତେଲଙ୍ଗାନା ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିବାରେ ବ୍ୟସ୍ତ । ଏହି ଟିମ୍‌ରେ ଅଛନ୍ତି ପୂର୍ବତନ ଆଇପିଏସ୍ ଅଧିକାରୀ ଟି.କ୍ରିଷ୍ଣ ପ୍ରସାଦ ଏବଂ ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍. ଚନ୍ଦ୍ରବଦନ। ଆଶା କରାଯାଏ, ଏହି ଅନୁଭବୀ ବାବୁମାନଙ୍କ ସାମଗ୍ରିକ ପ୍ରୟାସ ଦଳର ରଣନୀତିକୁ ନିର୍ବାଚନ ପୂର୍ବରୁ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍) ସରକାରଙ୍କ ବିରୋଧରେ ଦୃଢ଼ କରିବ।

### ସମ୍ମିଳନୀ ପାଇଁ ବ୍ୟସ୍ତ

ମୌସୁମୀ ଦ୍ୱାରା ସୃଷ୍ଟି ହେଉଥିବା ଅବ୍ୟବସ୍ଥାକୁ ଲକ୍ଷ୍ୟ କରି ଆସନ୍ତା ମାସ ପ୍ରାରମ୍ଭରେ ହେବାକୁ ଥିବା ଜି ୨୦ ନେତାଙ୍କ ସମ୍ମିଳନୀ ପୂର୍ବରୁ ଦିଲ୍ଲୀର ବାବୁମାନେ ସତର୍କ ରହିଛନ୍ତି। ଏହା ସହ ପ୍ରଧାନମନ୍ତ୍ରୀଙ୍କ ନିଜ ରାଜ୍ୟ ଗୁଜରାଟରେ ଭାଇବ୍ରାଣ୍ଟ ଗୁଜରାଟ ୨୦୨୪ ସମ୍ମିଳନୀ ଲାଗି ପରିଶ୍ରମୀ ବାବୁମାନେ ମଧ୍ୟ ସାବଧାନତାର ସହ ନକ୍ସା ପ୍ରସ୍ତୁତ କରୁଛନ୍ତି। ମୋଦି ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୨୦୦୪ରେ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା ଓ ଆସନ୍ତା ବର୍ଷ ଏହାକୁ ୨୦ ବର୍ଷ ପୂରିଯିବ। ସୂତ୍ରରୁ ପ୍ରକାଶ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏସ୍.ଜେ.ହାଇଦର ଗୁଜରାଟ ଶିଳ୍ପ ବିଭାଗକୁ ନିୟନ୍ତ୍ରଣ କରୁଛନ୍ତି। ସେ ପୂର୍ବ ସମ୍ମିଳନୀଗୁଡ଼ିକର ଆୟୋଜନରେ ପ୍ରମୁଖ ଭୂମିକା ନେଇଥିବା ବାବୁମାନଙ୍କୁ ନିମନ୍ତ୍ରଣ କରି ସମ୍ମାନିତ କରିବାକୁ ଯୋଜନା କରିଛନ୍ତି। ଏ.କେ. ଶର୍ମା ଓ ମହେଶ୍ୱର ସାହୁଙ୍କ ଭଳି ବରିଷ୍ଠବାବୁ ଓ ଏବେ ସେବାରୁ ଅବସର ନେଇଥିବା ଅନ୍ୟ ପ୍ରଭିଭାମାନଙ୍କ ପ୍ରମୁଖ ଭୂମିକାକୁ ଉପସ୍ଥାପନ କରାଯିବ ବୋଲି ସ୍ଥିର କରାଯାଇଛି। ଉଲ୍ଲେଖନୀୟ ଯେ,ଏ.କେ. ଶର୍ମା ଏବେ ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀପଦକୁ ଉନ୍ନୀତ ହୋଇଛନ୍ତି। ସମ୍ମିଳନୀର ସମ୍ମାନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏବଂ ମୁଖ୍ୟ ଶାସନ ସଚିବ ରାଜ କୁମାର ଏହି କାର୍ଯ୍ୟକ୍ରମକୁ ସିଧାସଳଖ ତଦାରଖ କରୁଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେମାନଙ୍କ କାର୍ଯ୍ୟ ଉପରେ ନଜର ରଖିଛି। କିନ୍ତୁ କାର୍ଯ୍ୟକ୍ରମର ଆରମ୍ଭରୁ ଏକ ଅଦମ୍ୟ ଶକ୍ତି ଭାବେ ରହିଥିବା ହାଇଦର ଏବେ ବି ଏହାର ପୁରୋଭାଗରେ ଅଛନ୍ତି। ଏଥିରୁ ଜଣାପଡୁଛି, ଆଗାମୀ ଗୁଜରାଟ ଭାଇବ୍ରାଣ୍ଟ ସମ୍ମିଳନୀରେ ଟେକ୍ ଶୋ ଆକର୍ଷଣ ପାଲଟି ଡିଜିଟାଲ ଇଣ୍ଡିଆ ପ୍ଲାଟ୍‌ଫର୍ମରେ କେନ୍ଦ୍ରର ଯୋଜନାଗୁଡ଼ିକୁ ପ୍ରଦର୍ଶନ କରିବ । ମୋଦି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ଆଶା କରାଯାଉଛି।

### ବିଦେଶ ଯାତ୍ରାରେ କଟକଣା

କେରଳ ସରକାର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍‌ଙ୍କ ବିଦେଶ ଗସ୍ତ ଉପରେ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି କି ସେମାନଙ୍କ ବ୍ୟକ୍ତିଗତ ଗସ୍ତ ଉପରେ ବି ଏହା ଲାଗୁ କରାଯିବ ବୋଲି ସ୍ଥିର ହୋଇଛି। ରାଜ୍ୟର ମୁଖ୍ୟ ଶାସନ ସଚିବ ଭି. ଭେନୁ ରାଜ୍ୟରେ ସର୍ବଭାରତୀୟ ସେବା ଅଧିକାରୀଙ୍କୁ ସେମାନଙ୍କ ବିଦେଶ ଗସ୍ତ ସମ୍ପର୍କରେ ସରକାରଙ୍କୁ ଜଣାଇବାକୁ ବାଧ ବୋଲି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହା ସ୍ପଷ୍ଟ ଯେ, ଦୀର୍ଘଦିନ ହେଲା ସରକାରୀ ଅଧିକାରୀଙ୍କ ବିଦେଶ ଗସ୍ତକୁ ନେଇ ଚର୍ଚ୍ଚା ଚାଲିଛି। ସେମାନଙ୍କ ଆବଶ୍ୟକତା, ଉଦ୍ଦେଶ୍ୟ ଏବଂ ସରକାରୀ ପାଣ୍ଠିର ଅତ୍ୟଧିକ ଅପବ୍ୟବହାର ସମସ୍ୟାକୁ ନେଇ ଏହା ଘଟିଆସୁଛି। ଅଧିକାରୀମାନଙ୍କ ସରକାରୀ ଦାୟିତ୍ୱ ସହ ଏହି ବିଦେଶ ଗସ୍ତର ପ୍ରାସଙ୍ଗିକତା କ'ଣ ରହିଛି ତାହା ଆକଳନ କରିବା ହେଉଛି ଏହି ଯାଞ୍ଚ ପ୍ରକ୍ରିୟାର ଲକ୍ଷ୍ୟ। ଗତବର୍ଷ ଅକ୍ଟୋବରରେ କାର୍ମିକ, ଜନ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଏକ ପତ୍ର ଜାରି କରି ବିଦେଶଯାତ୍ରା ପାଇଁ ଅଧିକାରୀଙ୍କ ଛୁଟି ମଞ୍ଜୁର କରିବାର କ୍ଷମତା ( ଷ୍ଟଡି ଲିଭ୍ ବ୍ୟତୀତ) ରାଜ୍ୟ ସରାକରଙ୍କୁ ପ୍ରଦାନ କରିଥିଲା। ବିଦେଶ ଗସ୍ତ ସମୟରେ ହାସଲ କରିଥିବା ଜ୍ଞାନ ଓ କୌଶଳ ବିଷୟରେ ଆକଳନ କରି ଅଧିକାରୀମାନଙ୍କ ବୃତ୍ତିଗତ ଉନ୍ନତିରେ ତାହାର ଅବଦାନ ଅଛି କି ନାହିଁ ଜାଣିବାକୁ କେରଳ ସରକାର ଲକ୍ଷ୍ୟ ରଖିଛନ୍ତି। ଆଶା କରାଯାଏ ଯେ, ବାବୁମାନେ ସେମାନଙ୍କ ବିଦେଶ ଯାତ୍ରାର ଖର୍ଚ୍ଚକୁ ଯଥାର୍ଥ କରିପାରିବେ।

Email: dilipcherian@gmail.com

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | | | |
| | | 9 | 5 | | | | | |
| | 3 | 7 | | 6 | | | | 9 |
| | 8 | 6 | | | | | 2 | 7 |
| 9 | | | | | | | | 3 |
| | | 1 | | | 8 | | 4 | |
| | | | | 2 | | | 5 | 4 |
| 1 | 6 | | | 3 | | | | |
| | 9 | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 1 | 6 | 2 | 7 | 3 | 8 |
| 1 | 8 | 3 | 9 | 5 | 7 | 6 | 4 | 2 |
| 6 | 7 | 2 | 3 | 4 | 8 | 5 | 9 | 1 |
| 7 | 3 | 5 | 4 | 8 | 1 | 2 | 6 | 9 |
| 4 | 1 | 8 | 2 | 9 | 6 | 3 | 5 | 7 |
| 9 | 2 | 6 | 5 | 7 | 3 | 8 | 1 | 4 |
| 8 | 5 | 7 | 6 | 1 | 9 | 4 | 2 | 3 |
| 2 | 6 | 1 | 7 | 3 | 4 | 9 | 8 | 5 |
| 3 | 9 | 4 | 8 | 2 | 5 | 1 | 7 | 6 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ସ୍ୱେଚ୍ଛାଚାରିତା



ଅମରେନ୍ଦ୍ର ଦାସ

ଏକ ଗଣତନ୍ତ୍ର ରାଷ୍ଟ୍ରର ମାଲିକ ହେଲେ ସେ ଦେଶର ନାଗରିକ। ଏକ ଗଣତନ୍ତ୍ର ରାଷ୍ଟ୍ରରେ ଆଇନ ପ୍ରଣୟନ, ଏହାର ପ୍ରଚଳନ ଏବଂ ଅନୁପାଳନ ପ୍ରତ୍ୟକ୍ଷ ଭାବରେ ନାଗରିକମାନେ କରିପାରିବେ ନାହିଁ। ସେଥିପାଇଁ ନାଗରିକମାନେ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ବିଧାନସଭା ଏବଂ ସଂସଦକୁ ପଠାଇଥାନ୍ତି। ସେମାନେ ନାଗରିକମାନଙ୍କର ଆବଶ୍ୟକତା ତଥା ମତାମତକୁ ଉପସ୍ଥାପନ କରି ନୀତି ପ୍ରଣୟନ କରନ୍ତି।

ଏଠାରେ ପ୍ରଶ୍ନ ଆସିପାରେ ବାସ୍ତବରେ କ'ଣ ଜନପ୍ରତିନିଧିମାନେ ନାଗରିକମାନଙ୍କର ମତାମତ ବା ପସନ୍ଦର ନୀତିକୁ ଉପସ୍ଥାପନ କରିପାରିବେ। ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ କେନେଥ୍ ଆରୋଙ୍କ ମତରେ ଯେକୌଣସି ନିର୍ବାଚନୀ ପ୍ରକ୍ରିୟାରେ ସର୍ବଜନ ହିତ ପ୍ରତିଫଳନ ଅସମ୍ଭବ। ଭାରତରେ ଲୋକପ୍ରତିନିଧିମାନେ କ'ଣ ବାସ୍ତବରେ ସମସ୍ତ ନାଗରିକମାନଙ୍କର ମତାମତକୁ ଠିକ୍ ଭାବରେ ଉପସ୍ଥାପନ କରିପାରିବେ ? ଆମଦେଶର ସମ୍ବିଧାନ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ମତଦାନ ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। ରାଜ୍ୟ ବିଧାନସଭା କିମ୍ବା ସଂସଦରେ ନିର୍ଦ୍ଧାରିତ ହେଉଥିବା ନିଷ୍ପତ୍ତି କ'ଣ ବାସ୍ତବରେ ସମସ୍ତ ନାଗରିକମାନଙ୍କର ହିତ ପ୍ରତିଫଳନ କରେ ? ଏହାର ଉତ୍ତର ନିଶ୍ଚିତ ଭାବରେ ନା।

୨୦୧୯ ସାଧାରଣ ନିର୍ବାଚନରେ ଦେଶର ୬୭.୧୧ପ୍ରତିଶତ ନାଗରିକ ମତସାବ୍ୟସ୍ତ କରିଥିଲେ। ବର୍ତ୍ତମାନ ଶାସନରେ ଥିବା ଭାଜପା ୩୭.୩୬ ପ୍ରତିଶତ ଭୋଟ ପାଇ ସରକାର ଗଢିଥିଲା।ଠିକ୍ ସେହିପରି ଆମ ରାଜ୍ୟରେ ମୋଟ ୭୩.୦୬ ପ୍ରତିଶତ ନାଗରିକ ମତସାବ୍ୟସ୍ତ କରିଥିଲେ ଏବଂ ବିଜୁ ଜନତା ଦଳ ୪୪.୭୧ପ୍ରତିଶତ ଭୋଟ ପାଇ ସରକାର ଗଠନ କରିଛି।ଏହାର ଅର୍ଥ ହେଲା ରାଜ୍ୟସରକାର ମାତ୍ର ୪୪.୭୧ପ୍ରତିଶତ ନାଗରିକଙ୍କର ମତାମତକୁ ପ୍ରତିଫଳିତ କରୁଥିବା ସମୟରେ କେନ୍ଦ୍ରସରକାର ମାତ୍ର ୩୭.୩୬ ପ୍ରତିଶତ ନାଗରିକଙ୍କ ମତାମତ ପ୍ରତିଫଳିତ କରୁଛନ୍ତି। ଏହା ସତ୍ତ୍ୱେ ନିର୍ବାଚିତ ସରକାର ୧୦୦ପ୍ରତିଶତ ନାଗରିକଙ୍କ ପାଇଁ ବିଧି ପ୍ରଣୟନ କରିବେ।ଏହା କିପରି ସମ୍ଭବ ?

ବିଧାନସଭା କିମ୍ବା ସଂସଦରେ ସବୁଦଳର ବିଧାୟକ ଏବଂ ସାଂସଦମାନେ ଉପସ୍ଥିତ ଥାନ୍ତି।ସେମାନେ ସରକାରଙ୍କ ଦ୍ୱାରା ଉପସ୍ଥାପନ କରାଯାଉଥିବା ସମସ୍ତ ଆଇନ ଉପରେ ତର୍ଜମା କରିବେ ଏବଂ ଆବଶ୍ୟକ ସଂଶୋଧନ ପାଇଁ ନିଜର ମତାମତ ରଖିବେ।ବିଧାନସଭା କିମ୍ବା ସଂସଦରେ କୌଣସି ବିଧେୟକ ଉପସ୍ଥାପନ ହେବା ପୂର୍ବରୁ ଶାସକଦଳର ନିର୍ବାଚିତ ପ୍ରତିନିଧିମାନେ ଏ ସଂକ୍ରାନ୍ତରେ ପର୍ଯ୍ୟାପ୍ତ ଆଲୋଚନା କରିବା ଆବଶ୍ୟକ। ସରକାରୀ ଦଳର ବିଧାୟକମାନେ ଗୋଟିଏ ରାଜନୈତିକ ଦଳର ହୋଇଥିଲେ ମଧ୍ୟ ସେମାନଙ୍କର ମତାମତ କେବେ ସମାନ ହୋଇପାରିବ ନାହିଁ। ବିକାଶର ସ୍ତର ଅନୁସାରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଆବଶ୍ୟକତା ଭିନ୍ନ ହୋଇପାରେ। ତେଣୁ ଶାସକ ଦଳର ସମସ୍ତ ବିଧାୟକ ଏବଂ ସାଂସଦ ସେମାନେ ନିଜନିଜର ମତାମତ ଉପସ୍ଥାପନ କରିବା ଆବଶ୍ୟକ। ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କର ମତାମତ ଶୁଣିସାରିବା ପରେ ଏକ ମାଧ୍ୟମ ମାର୍ଗ ବାଛି ସହମତି ପ୍ରକାଶହେବା ଉଚିତ। କିନ୍ତୁ ବାସ୍ତବରେ ହେଉଛି କ'ଣ ?



ଅଧିକାଂଶ ରାଜନୈତିକ ଦଳ ହାଇକମାଣ୍ଡ (ମହାଜ୍ଞା) କିମ୍ବା ଅଳ୍ପ କିଛି କ୍ଷମତାଶାଳୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ପରିଚାଳିତ। ମନେରଖିବାକୁ ହେବ ଯେ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ କେବଳ ଗୋଟିଏ ନିର୍ବାଚନମଣ୍ଡଳୀର ମତାମତକୁ ପ୍ରତିଫଳିତ କରିଥାନ୍ତି। ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଭିତରେ ପ୍ରଥମ ବୋଲି ବିବେଚନା କରାଯାଏ। ଦଳର ମୁଖ୍ୟ ହିସାବରେ ସେ ସମସ୍ତ ପ୍ରତିନିଧିମାନଙ୍କ ମତାମତ ଶୁଣିବାକୁ ବାଧ। ସମସ୍ତ ମତାମତ ଉପସ୍ଥାପନ ପରେ ନିର୍ବାଚିତ ପ୍ରତିନିଧିମାନଙ୍କ ମୁଖିଆ ମଧ୍ୟମ ମାର୍ଗ ବାଛିବାରେ ଏବଂ ସହମତି ଆଣିବାରେ କେବଳ ସହାୟକ ହୋଇପାରିବେ। କିନ୍ତୁ ଦଳର ମୁଖିଆ ସର୍ବଜ୍ଞ ନୁହନ୍ତି। ତେଣୁକରି ପ୍ରତ୍ୟେକଟି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କ ପରାମର୍ଶ ନେବା ବାଧ୍ୟତାମୂଳକ।

କିନ୍ତୁ ବିଡ଼ମ୍ବନା ଯେ ବିଧାନସଭା କିମ୍ବା ସଂସଦରେ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ବିଶେଷ ଆଲୋଚନା ହେଉ ନ ଥିବା ଦେଖାଯାଉଛି। ବିଧାନସଭା କିମ୍ବା ସଂସଦର ଅଧିବେଶନର ପୂର୍ଣ୍ଣକାଳ କେବେ ବି ସମ୍ପୂର୍ଣ୍ଣ ହେଉନାହିଁ। ନିର୍ବାଚିତ ପ୍ରତିନିଧିମାନେ ମହାଜ୍ଞାଙ୍କ ନିର୍ଦ୍ଦେଶନାମା କେବଳ ପାଳନ କରୁଛନ୍ତି। ଲୋକପ୍ରତିନିଧିମାନେ ନାଗରିକମାନଙ୍କ ପ୍ରତି ଉତ୍ତରଦାୟୀ। ମୁଖ୍ୟସଚିବଙ୍କଠାରୁ ଆରମ୍ଭକରି ସର୍ବନିମ୍ନ ସ୍ତରରେ ଥିବା ସମସ୍ତ ସରକାରୀ କର୍ମଚାରୀ ନିର୍ବାଚିତ ପ୍ରତିନିଧିମାନଙ୍କ ନିର୍ଦ୍ଦେଶ ପାଳନ କରିବାକୁ ବାଧ। ସରକାରୀ ଚାକିରିଆମାନେ ଆଇନ ପ୍ରଣୟନକାରୀଙ୍କ ନିର୍ଦ୍ଦେଶ ଅନୁପାଳନ କରିବାକୁ ବାଧ। ଲୋକପ୍ରତିନିଧିମାନଙ୍କୁ ସେମାନେ ଅବଜ୍ଞା କରିପାରିବେ ନାହିଁ। ଏହା ଗଣତନ୍ତ୍ରର ଅପମାନ। ମହାଜ୍ଞା କିମ୍ବା ତାଙ୍କ ବିଶ୍ୱସ୍ତଙ୍କ ନିର୍ଦ୍ଦେଶରେ ଚାଲୁଥିବା ଶାସନ ପ୍ରଣାଳୀ ଦ୍ରୁତ ହୋଇପାରେ କିନ୍ତୁ ତାହା ସର୍ବମଙ୍ଗଳକାରୀ ହୋଇ ନ ପାରେ। ଲୋକପ୍ରତିନିଧିମାନେ ମହାଜ୍ଞା କିମ୍ବା ତାଙ୍କ ନିକଟବର୍ତ୍ତୀ କ୍ଷମତାଶାଳୀ ବ୍ୟକ୍ତିଙ୍କ ଡରରେ ନିଜ ମତବ୍ୟକ୍ତ ନ କରିବା ଅର୍ଥ ହେଲା ନିଜ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ମତାମତକୁ ଉପସ୍ଥାପନ କରିବାରେ ବିଫଳ ହେବା। କେବଳ ଭୋଟ ମାଧ୍ୟମରେ ନିର୍ବାଚିତ ହୋଇଗଲେ ଗଣତନ୍ତ୍ର ସମ୍ପୂର୍ଣ୍ଣ ହୋଇଯାଏ ନାହିଁ। ଗଣତନ୍ତ୍ର ପ୍ରକ୍ରିୟା ରାଜନୈତିକ ଦଳ, ବିଧାନସଭା ଏବଂ ସଂସଦରେ ପ୍ରତିଫଳିତ ହେବା ଅତ୍ୟନ୍ତ ଜରୁରୀ ।

ସ୍ୱେଚ୍ଛାଚାରୀ ଦଳପତି ଗଣତନ୍ତ୍ର ପାଇଁ ବିପଦ। ଅନେକ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳ ମହାଜ୍ଞା ପରମ୍ପରାରେ ପରିଚାଳିତ। ଅନେକ ରାଜନୈତିକ ଦଳ ପରିବାର ନିୟନ୍ତ୍ରଣାଧୀନ। ତେଣୁ ରାଜନୈତିକ ଦଳରୁ ନିର୍ବାଚନ ଲଢ଼ିବାପାଇଁ ଖଣ୍ଡିଏ ଟିକେଟ ପାଇବାକୁ ଲୋକ ପ୍ରତିନିଧିମାନେ ମହାଜ୍ଞାଙ୍କ କୃପାଭିକ୍ଷା କରିବା ସହ ଅନେକ ତୋଷାମଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଆମ୍ବେଡକରଙ୍କ ମତରେ ଗଣତନ୍ତ୍ର ଶାସନ ପଦ୍ଧତି ସାମାଜିକ ଗଣତନ୍ତ୍ର ଉପରେ ଆଧାରିତ। ଏକ ଗଣତାନ୍ତ୍ରିକ ସମାଜ ବିନା ଗଣତନ୍ତ୍ରର ମୂଳ ଢାଞ୍ଚା ମୂଲ୍ୟହୀନ। ଗାନ୍ଧିଜୀଙ୍କ ମତରେ ଗଣତନ୍ତ୍ରର ସୁରକ୍ଷା ପାଇଁ ନାଗରିକମାନଙ୍କର ଗଭୀର ଗଣତାନ୍ତ୍ରିକ ମୂଲ୍ୟବୋଧ, ଆତ୍ମସମ୍ମାନ ଏବଂ ଏକତା ରହିବା ଆବଶ୍ୟକ। ତତ୍‌ସଙ୍ଗେସଙ୍ଗେ ଜନସାଧାରଣ କେବଳ ସଚ୍ଚୋଟ ଏବଂ ଉତ୍ତମ ଲୋକପ୍ରତିନିଧିମାନଙ୍କୁ ଚୟନ କରିବା ଆବଶ୍ୟକ।

ଅନେକ ରାଜନୈତିକ ଦଳ ଭିତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନାହିଁ। ନିର୍ବାଚିତ ପ୍ରତିନିଧିମାନେ ଟିକେଟ ହରାଇବା ଡରରେ ଦଳ ମୁଖିଆଙ୍କୁ ରୋଷକଲା ଭଳି କୌଣସି ମତାମତ ଦିଅନ୍ତି ନାହିଁ। ଦଳମୁଖିଆ ବି ସ୍ୱାଧୀନ ମତ ରଖୁଥିବା ବ୍ୟକ୍ତିଙ୍କୁ ପରବର୍ତ୍ତୀ ନିର୍ବାଚନରେ ଟିକେଟ ଦିଅନ୍ତି ନାହିଁ। ଏପରି କ୍ରମରେ ସ୍ୱେଚ୍ଛାଚାରିତା ସୁଦୃଢ଼ ହୁଏ। ତୋଷାମଦିଆ ନିର୍ବାଚିତ ପ୍ରତିନିଧିମାନେ କ'ଣ ଜନମାନଙ୍କ ହିତରକ୍ଷା କରିପାରିବେ ? ଗଣତନ୍ତ୍ରରେ ସ୍ୱେଚ୍ଛାଚାରିତାର ପରିଣାମ ହେଲା ଅଭିବୃଦ୍ଧିର ସୁଫଳ ହାତଗଣତି ନାଗରିକ ଏବଂ ସୀମିତ ଅଞ୍ଚଳକୁ ମିଳେ। ସମାଜରେ ଅର୍ଥନୈତିକ ବିଭେଦ ଓ ଆଞ୍ଚଳିକ ବୈଶମ୍ୟ ବୃଦ୍ଧିପାଏ।

ସ୍ୱେଚ୍ଛାଚାରୀ ଦଳପତି ଯେ କିଛି କରନ୍ତି ନି ତାହା ନୁହେଁ। ନିଜର ବା ଦଳର ସ୍ୱାର୍ଥଲାଭ ପାଇଁ ଅନେକ ଯୋଜନା ତିଆରି କରନ୍ତି ଯାହା ନାଗରିକଙ୍କର ବର୍ତ୍ତମାନ ପାଇଁ ହିତକର ଜଣାପଡ଼େ କିନ୍ତୁ ଭବିଷ୍ୟତ ପାଇଁ ଅହିତକର ହୋଇପାରେ। ପ୍ରତିଶ୍ରୁତିଭରା ପ୍ରତ୍ୟେକଟି ନୂଆ ଯୋଜନାରେ ପୁଣି କିଛି ପାଇବାର ଆଶା ସଞ୍ଚାରହୁଏ କିଛି ଟଙ୍କା ଆଉ ମଦମାଂସରେ ବିଚରା ନାଗରିକ ଭୋଟ ବିକିଦେଲା ପରେ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିବାର ନୈତିକତା ହରାଏ। ନାଗରିକଠାରୁ ଆରମ୍ଭକରି ନିର୍ବାଚିତ ପ୍ରତିନିଧି ଏବଂ ଦଳପତି ସମସ୍ତେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟସ୍ତ। ସାମୂହିକ ସ୍ୱାର୍ଥକଥା ଭାବିବାକୁ କାହାର ସମୟ ବା ବିବେକ ଅଛି ?

**ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର**

# ମାନସିକତାରେ ପରିବର୍ତ୍ତନ ଲୋଡ଼ା



ବୈକୁଣ୍ଠନାଥ ମିଶ୍ର

ମନୁଷ୍ୟର ସାମାଜିକ ତତ୍ତ୍ୱ ସମ୍ପ୍ରତି ବିତର୍କତା ମଧ୍ୟକୁ ଠେଲି ହୋଇଯାଇଛି। ସର୍ବଶ୍ରେଷ୍ଠ ପ୍ରାଣୀ ହିସାବରେ ସେ ଯେଉଁ ଆତ୍ମଗରିମା ଟିକକ ଲାଭ କରିଥିଲା, ତାହା କେବଳ ମାତ୍ର ଏକ ବାଚନିକ ସୌଷ୍ଠବ ଓ ବାସ୍ତବିକତା ସମ୍ପୂର୍ଣ୍ଣ ଭିନ୍ନ। ମନୁଷ୍ୟକୁ ବାହ୍ୟ ଚକ୍ଷୁରେ ଦେଖି ତା'ର ସ୍ୱଭାବ ଆକଳନ କରିବାର ସମୟ ଅତିକ୍ରାନ୍ତ ପ୍ରାୟ। ବାହ୍ୟ ଦୃଷ୍ଟିରେ ଗୁରୁଗମ୍ଭୀର ଓ ବୟସର ଛାପ ଅଙ୍ଗରାଜିରେ ପରିଦୃଷ୍ଟ ହେଉଥିଲେ ମଧ୍ୟ ସ୍ୱଭାବ କିନ୍ତୁ କୁତ୍ସିତ ଆଦିମତାରେ ଭରପୂର। ବିଶ୍ୱାସ ଆଜି ସଂକଟାପନ୍ନ। ଯଦି ବିଶ୍ୱାସର ବିଲୁପ୍ତି ଘଟେ, ତେବେ ମାନବିକତା କେବଳ ଏକ ଅର୍ଥହୀନ ଶବ୍ଦ ମାତ୍ର। ମାନବିକତାର ଅବସାନ ଘଟିଲେ ମନୁଷ୍ୟ ଓ ପଶୁଙ୍କ ଭିତରେ କିଛି ପାର୍ଥକ୍ୟ ରହିବ ନାହିଁ। ସମାଜ ବିଶୃଙ୍ଖଳିତ, ବ୍ୟକ୍ତିର ବ୍ୟକ୍ତିତ୍ୱରେ କାଳିମା, ନାରୀର ଇଜ୍ଜତ ସଙ୍କଟାପନ୍ନ, ଶାସନ ନୀତିହୀନ, ପ୍ରଶାସନ ଦୁର୍ନୀତି କବଳିତ ଓ ନ୍ୟାୟ ବ୍ୟବସ୍ଥାର କଚ୍ଛପ ଗତି– ଏସବୁର ସମ୍ମିଶ୍ରଣ ସାମାଜିକ ସ୍ଥିତିକୁ କୀଟଦ୍ରଂଷ୍ଟ କରିଦେଇଛି। ଚିକିତ୍ସକ ରୋଗୀ ସେବା ଭଳି ପବିତ୍ର କର୍ତ୍ତବ୍ୟରୁ ଦୂରେଇ ଯାଇ ଅର୍ଥର ଦାସତ୍ୱ ଗ୍ରହଣ କରୁଛି। ବୃଦ୍ଧ ମାତାପିତା ଆତ୍ମଜଙ୍କ ଦ୍ୱାରା ଲାଞ୍ଛିତ ଓ ଉପେକ୍ଷିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି। ମଣିଷ ନିଜେ ସୁଖରେ ରହିପାରୁଛି ନା ଅନ୍ୟର ସୁଖଜୀବନରେ ସହାୟକ ହେଉଛି। ସର୍ବତ୍ର ଏକ ଦୁଃସହ ବେଦନାର ଆଚ୍ଛାଦନ।

ଦୁର୍ନୀତି ଏକ ସଂକ୍ରାମକ ରୋଗର ରୂପ ନେଇସାରିଥିବା ବେଳେ ଯୌନ ଉଚ୍ଛୃଙ୍ଖଳତା ଆଉ ଏକ ଦୁରାରୋଗ୍ୟ ବ୍ୟାଧିର ରୂପ ନେଲାଣି। ବିକୃତ ଯୌନାଚାର ସମାଜର ସବୁ ସ୍ତରକୁ ବ୍ୟାପିଲାଣି। ଏଥିରୁ ଶିକ୍ଷକ, ପ୍ରଶାସକ, ନେତା, ଅଭିନେତା ଓ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ କେହି ବି ମୁକ୍ତ ନୁହନ୍ତି। ଫିଲ୍ମ ଜଗତରେ କାଷ୍ଟିଂ କାଉଚ (ଅଭିନେତ୍ରୀ ସଜାଇବା ପାଇଁ ଯୌନ ଶୋଷଣ)ର ସ୍ୱର କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ପ୍ରାଦେଶିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କାଷ୍ଟିଂକାଉଚର ଅରୁଚିକର ଖବର ପ୍ରସାରିତ ହେଉଛି। ଦୁଇବର୍ଷ ତଳେ ପ୍ରଖ୍ୟାତ ହଲିଉଡ୍ ପ୍ରଯୋଜକ ୱିନଷ୍ଟିନଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ପ୍ରାୟ ୮୦ ଜଣ ଅଭିନେତ୍ରୀ। ଏଥିପାଇଁ ପ୍ରଯୋଜକ ନିଜ କମ୍ପାନୀରୁ ବହିଷ୍କୃତ ହୋଇଛନ୍ତି। ସେହିପରି ପ୍ରସିଦ୍ଧ ନିର୍ଦ୍ଦେଶକ ଜେମ୍‌ସ ଟବାକଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ ୨୩୮ ମହିଳା। ୨୦୧୪ରେ ଆମେରିକାର ହାସ୍ୟାଭିନେତା ବିଲ୍ କସ୍‌ବି ମହିଳାମାନଙ୍କୁ ନିଶା ସେବନ କରାଇ ଅସଦାଚରଣ କରିଥିବାର ଅନେକ ଅଭିନେତ୍ରୀ ଅଭିଯୋଗ କରିଥିଲେ। ବଲିଉଡରେ ମଧ୍ୟ ଯୌନ ଶୋଷଣ ଏକ ସାଧାରଣ ଘଟଣା। ମହିଳାମାନେ ଅଧିକାଂଶ କ୍ଷେତ୍ରରେ ସମ୍ମାନହାନି ଭୟରେ ନିର୍ଯାତନାକୁ ସହିନିଅନ୍ତି। ତେଣୁ ସେମାନେ ପ୍ରାୟତଃ ନୀରବ ରହିବାକୁ ଶ୍ରେୟ ମଣନ୍ତି ବୋଲି ପ୍ରକାଶ କରିଛନ୍ତି ବିଶିଷ୍ଟ ସ୍ତମ୍ଭକାର ଆକାର ପଟେଲ। ଓଲିଉଡ୍‌ରେ ମଧ୍ୟ ଏପରି ଗୁଜରଣ ସୃଷ୍ଟି ହୋଇ ପୁଣି ଥମିଯାଏ।

ଶିକ୍ଷାଜଗତ ଯାହା ନୈତିକତାର ଶ୍ରେଷ୍ଠ ସୋପାନ ରୂପେ ଅଭିହିତ ହୁଏ, ତାହା ମଧ୍ୟ ଯୌନ ବିଭୀଷିକାରୁ ମୁକ୍ତନୁହେଁ। ବିଦ୍ୟାଳୟ ସ୍ତରରେ ଶିକ୍ଷକ ଅପ୍ରାପ୍ତବୟସ୍କ ବାଳିକାଙ୍କୁ ଯୌନ ଶୋଷଣ କରିବା



ବହୁଳ ମାତ୍ରାରେ ଶ୍ରୁତିଗୋଚର ହେଉଛି। ଗୁରୁ ହରାଇ ବସିଛି ଗାରିମାମୟ ଗୁରୁତ୍ୱ। ବିଭିନ୍ନ ନୃତ୍ୟଶାଳା (ଡ୍ୟାନ୍ସବାର)ରେ ଅପ୍ରାପ୍ତ ବୟସ୍କା ବାଳିକାମାନଙ୍କୁ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ପ୍ରଲୁବ୍ଧ କରାଯାଉଥିବାର ଖବର ପ୍ରସାରଣ ପରେ ଅବକାରୀ ଓ ପୋଲିସ ସଜାଗ ହୋଇ ଉଠିଛନ୍ତି। ସମ୍ପ୍ରତି ସଂସଦର ମୌସୁମୀ ଅଧିବେଶନର ଅନ୍ତିମ ଦିବସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଚିଠା ପ୍ରସ୍ତାବ ଆଗତ କରିଛନ୍ତି। ବିଲ୍‌ଟି ଆଇନରେ ପରିଣତ ହେଲେ ସେଥିରେ ନାବାଳିକା ବଳାତ୍କାରୀକୁ ମୃତ୍ୟୁଦଣ୍ଡ ଦିଆଯିବାର ପ୍ରାବଧାନ ରହିବ। ଅପରାଧୀକୁ ମୃତ୍ୟୁଦଣ୍ଡ ପ୍ରଦାନରେ କେହି ଦ୍ୱିମତ ପ୍ରକାଶ କରି ନ ପାରନ୍ତି। କିନ୍ତୁ ବଡ଼କଥା ହେଲା ଅପରାଧୀ ବିଚାରାଳୟରେ ପ୍ରମାଣିତ ହେବା ଦରକାର। ଏଠାରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁକନ୍ୟାମାନେ ପୃଥିବୀରୂପକ ଉଦ୍ୟାନରେ ଗୋଟିଏ ଗୋଟିଏ ସୁଗନ୍ଧିତ ପୁଷ୍ପକଳିକା, ଯାହାଙ୍କୁ ସ୍ନେହ ଆଦରପୂର୍ବକ ସ୍ୱଚ୍ଛନ୍ଦରେ ପ୍ରସ୍ଫୁଟିତ ହେବାକୁ ଦିଆଯିବା ଉଚିତ। କାମାନ୍ଧତା ପରିହାର ପୂର୍ବକ ଏକ ସୁସ୍ଥ ମନରେ ବିଚାର କରିବାର ଆବଶ୍ୟକତା ରହିଛି ଯେ ସେମାନେ ଆମ ଅଲିଅଳି କନ୍ୟାରତ୍ନ ସଦୃଶ। ପିତୃତ୍ୱର ମାପକାଠିରେ ସେମାନଙ୍କୁ ତଉଲ କରିବା ଆବଶ୍ୟକ। ଦିବ୍ୟ ଜନନୀ ଶ୍ରୀମା କହଛନ୍ତି, 'ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ଚାଳିତ ହୁଏ, ସେ ଅନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟତର ଜନ୍ତୁରେ ପରିଣତ ହୁଏ। ଏପରି ଆଚରଣ କରୁଥିବା ବ୍ୟକ୍ତି କେବେ ବି ମଣିଷ ପଦବାଚ୍ୟ ନୁହେଁ। କୁହାଯାଏ ନିଶାସେବନ ଦ୍ୱାରା ବିବେକ ରହିତ ହୋଇ ଅନୁଚିତ କର୍ମଗୁଡ଼ିକୁ ଆଦରିନିଏ। ତେଣୁ ନିଶାସେବନଠାରୁ ଦୂରେଇ ରହିବା ସର୍ବାଦୌ ସମୀଚୀନ।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା ଆଗତ 'ଭାରତୀୟ ନ୍ୟାୟ ସଂହିତା' ନାମରେ ନାମିତ ବିଧେୟକଟି ଆଇନରେ ପରିଣତ ହେଲେ ନାବାଳିକା ନିର୍ଯାତନା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ଆଶା କରାଯାଉଛି। କିନ୍ତୁ ସମସ୍ୟା ହେଲା ନାବାଳିକା ଯୌନ ବିଭୀଷିକାର ଏକ ସିଂହଭାଗ ଆଇନ ସମ୍ମୁଖକୁ ଆସେ ନାହିଁ। ଲୋକଲଜ୍ଜା ଓ ଭବିଷ୍ୟତର ଏକ ଅରୁଚିକର ପରିସ୍ଥିତିରୁ ସୁରକ୍ଷା ଦେବାକୁ ଯାଇ ନାବାଳିକାର ପରିବାର ଉକ୍ତ ଘଟଣାକୁ ଚାପିଦିଅନ୍ତି। ଅନ୍ତଃସତ୍ତ୍ୱା ଭଳି ଉଦ୍‌ବେଗଜନକ ପରିସ୍ଥିତି ଉପୁଜିଲେ ସେମାନେ ପୋଲିସର ନଜରକୁ ଆଣିବାକୁ ବାଧ୍ୟ ହୁଅନ୍ତି। ଯଦି ବଳାତ୍କାରୀ ଅର୍ଥ, କ୍ଷମତା ଓ ପ୍ରତିପତ୍ତିଶାଳୀ ହୋଇଥାଏ, ତେବେ ତା' ବିରୋଧରେ ସ୍ୱର ଉତ୍ତୋଳନ କରିବା କଷ୍ଟସାଧ୍ୟ। ସରକାର, ସମାଜ, ପୋଲିସ ଓ ଆଇନ ରକ୍ଷକମାନେ ଉଦାସୀନତା ପରିହାର କରି ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଆଗେଇ ଆସିଲେ ଅପରାଧ ପ୍ରତି ଏକ ଭୟ ସଞ୍ଚାର ହେବ ଓ ଅପରାଧ ଯଥେଷ୍ଟ ହ୍ରାସ ପାଇବ। ମହାତ୍ମା ଗାନ୍ଧୀଙ୍କ ଉକ୍ତିରେ ସ୍ୱାଧୀନତାର ଠିକ୍ ରୂପାୟନ ସେହିଦିନ ହେବ ଯେଉଁଦିନ ନାରୀଟିଏ ନିର୍ବିଘ୍ନରେ ନିଶାର୍ଦ୍ଧରେ ସ୍ୱଚ୍ଛନ୍ଦରେ ରାଜରାସ୍ତାରେ ଗତି କରିପାରିବ। ଅନ୍ୟଥା ସ୍ୱାଧୀନତାର ମୂଲ୍ୟ କିଛି ନାହିଁ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ–୯୯୩୭୪୫୦୫୪୦**

## ଏଇ ଭାରତରେ

ରାଜସ୍ଥାନର ରାଜେଶ ଓଝା କୃଷି ଉତ୍ପାଦ ପ୍ରସ୍ତୁତ କରି ୧୨୦୦ ମହିଳାଙ୍କୁ ରୋଜଗାର ଦେବା କିଛି କମ୍ କଥା ନୁହେଁ। ଦ୍ୱାଦଶ ପାସ୍ କରି ରୋଜଗାର ପାଇଁ ମୁମ୍ବାଇ ଯାଇଥିଲେ ରାଜସ୍ଥାନର ରାଜେଶ । ସେଠାରେ ୧୬–୧୭ ବର୍ଷ କାମ କରିବା ପରେ ଉଚିତ ପାରିଶ୍ରମିକ ନ ପାଇ ପୁଣି ଗାଁକୁ ଫେରି ନିଜେ କୃଷିଜାତ ଉତ୍ପାଦର ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ସେ ଉଦୟପୁରର ଗୋଗୁନ୍ଦାଓ କୋଟରା ଅଞ୍ଚଳର ୧୨୦୦ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ରାଜେଶଙ୍କ ଘର ପାଲି ଜିଲ୍ଲା ବେଡା ଗାଁରେ। ସେ ଜୋବାକି ଆଗ୍ରୋଫୁଡ୍ ନାମକ ସୋସିଆଲ ଏଣ୍ଟରପ୍ରାଇଜ ଚଳାଇ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ପ୍ରତି ଗାଁରେ ଜୋବାକିର କେନ୍ଦ୍ର ଖୋଲିଛନ୍ତି ରାଜେଶ। ଏହାଦ୍ୱାରା ଆଦିବାସୀ ମହିଳାମାନେ ସେହି କେନ୍ଦ୍ରରେ ସେମାନଙ୍କ ଦ୍ୱାରା ସଂଗୃହୀତ କିମ୍ବା ଉତ୍ପାଦିତ ଫଳ ଆଣି ଦେଉଛନ୍ତି। ସେଠାରେ କେବଳ ସେମାନେ ଫଳ ଆଣି ଦେଉଛନ୍ତି ତାହା ନୁହେଁ, ତାହାକୁ ପ୍ରୋସେସିଂ କରୁଛନ୍ତି। ଜୋବାକି ଏହି ପ୍ରୋସେସିଂ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ଦେଇଛି। ମୁଖ୍ୟତଃ ଆତ ଓ ଜାମୁରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ସେ ଏହି ସୋସିଆଲ ଏଣ୍ଟରପ୍ରାଇଜ ଜରିଆରେ ଉତ୍ପାଦଗୁଡ଼ିକୁ ବିକ୍ରିକରି ବାର୍ଷିକ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ପ୍ରଥମରୁ ଯେଉଁ ଆଦିବାସୀ ମହିଳାମାନେ ବହୁ କଷ୍ଟରେ ଦିନକୁ ମାତ୍ର ୧୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରୁ ନ ଥିଲେ ସେମାନେ ଏବେ ତାହାଠାରୁ ୩ ଗୁଣ ଅଧିକ ରୋଜଗାର କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅଗଷ୍ଟ ୧୯୯୮

- ସିବିଆଇ ଓ ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ଭଳି ଗୁଇନ୍ଦା ସଂସ୍ଥାଗୁଡ଼ିକର କାର୍ଯ୍ୟ ତଦାରଖ ଓ ଏହାର ମୁଖ୍ୟଙ୍କ ନିଯୁକ୍ତି ପାଇଁ ସୁପାରିଶ କରିବା ଲାଗି ଗଠିତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନକୁ ବୈଧାନିକ କ୍ଷମତା ପ୍ରଦାନ ନେଇ ଅଧ୍ୟାଦେଶ ଜାରି।
- ବଡିବିଲ୍ଡିଂ ପ୍ରତିଯୋଗିତାରେ ଭାରତୀୟ ଦଳର ନେତୃତ୍ୱ ନେଇ ରାଜ୍ୟ ଯୁବ ବଡିବିଲ୍ଡିଂ ପ୍ରଶିକ୍ଷକ ବାବୁଲି ସ୍ୱାଇଁଙ୍କ ଭିଏତ୍‌ନାମ ଯାତ୍ରା।

## ଚିରନ୍ତନୀ

ଘୂର୍ଣ୍ଣାୟିତ ବିଶ୍ୱଚକ୍ରେ ଯେତେ ଲୟସ୍ଥିତି ବା ଜନମ
ବ୍ୟଥାର ଆନନ୍ଦ ରସେ ସଦା ତା'ର ପୀଡିତ ମରମ,
ଅନୁକ୍ଷଣ ବହି ଏହି ବ୍ୟଥାର ଆନନ୍ଦ
ଜାଗି ଉଠେ ସୃଜନର ଛନ୍ଦ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାହାର ପୁଷମାସ, କାହାର ସର୍ବନାଶ

ମହାଶୟ,

କେନ୍ଦ୍ରର ଏନ୍‌ଡିଏ ସରକାର ୯ ବର୍ଷର ଶାସନ କାଳରେ ଆର୍ଥିକ ଓ ପ୍ରଶାସନିକ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛି। ଏହା ସତ୍ତ୍ୱେ ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନା କାହା ପାଇଁ ପୁଷମାସ ଓ କାହା ପାଇଁ ସର୍ବନାଶର କାରଣ ହୋଇଛି। ପୁଞ୍ଜିପତି ଓ ଶିଳ୍ପପତି, ବ୍ୟୁରୋକ୍ରାଟ୍, ରାଜନେତା ଓ ଭାରତୀୟ ଜନତାପାର୍ଟିର ସମ୍ପତ୍ତି ଅହେତୁକ ବୃଦ୍ଧି ହୋଇଥିବା ବେଳେ ଗରିବ ମଧ୍ୟବିତ୍ତଙ୍କ ସମ୍ପତ୍ତିରେ କିଛି ବୃଦ୍ଧି ହୋଇନାହିଁ। ଦେଶରେ ଧନୀ ଓ ସୁପରଧନୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୧୯୮୧–୨୦୧୨ ମଧ୍ୟରେ ଧନୀ ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୪୫ ପ୍ରତିଶତ ଥିବା ବେଳେ ୨୦୨୨ରେ ଏହା ୬୫ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୯ରେ ଭାରତରେ କୋଟିପତି ସାଂସଦଙ୍କ ସଂଖ୍ୟା ୨୦୧୪ ତୁଳନାରେ ୮୮ ପ୍ରତିଶତକୁ ବୃଦ୍ଧି ପାଇଛି। ବ୍ୟୁରୋକ୍ରାଟ୍‌ଙ୍କ ଘରୁ ଇଡି, ସିବିଆଇ, ଆୟକର ବିଭାଗ ଚଢ଼ାଉକରି କୋଟି କୋଟି ଟଙ୍କାର ନଗଦ ଟଙ୍କା ଜବତ କରୁଛି। ୨୦୧୭–୧୮ରେ ଭାଜପାକୁ ଅନ୍ୟ ୬ଟି ଜାତୀୟ ରାଜନୈତିକ ଦଳ ତୁଳନାରେ ୬ଗୁଣ ଅଧିକ ଚାନ୍ଦା ମିଳିଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଧର୍ମାନୁଷ୍ଠାନ, କମ୍ୟୁନିଟି ସେଣ୍ଟରର ଉନ୍ନତୀକରଣ ହେବ'

## ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତ

■ ଜିଲାର ୧୫୭ ମହାବିଦ୍ୟାଳୟ ୫-ଟିରେ ସାମିଲ

ବ୍ରହ୍ମପୁର (ସ୍ମୃତି ରଞ୍ଜନ ମହାଲିକ)/ ଗୋପାଳପୁର (ନବୀନରାଜ ଆଚାରୀ) ୨୫।୮


ବିବେକ ବିହାରଠାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଛାତ୍ରମାନଙ୍କ ସହ ହାତ ମିଳାଉଛନ୍ତି।

୫-ଟି ସଚିବ ଭି. କେ. ପାଣ୍ଡିଆନ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଆସିଥିବା ବେଳେ ଶୁକ୍ରବାର ପ୍ରଥମ ଦିନରେ ସେ ବେଗୁନିଆପଡ଼ା ବ୍ଲକ ବୁରୁଖୁରୀ, ବ୍ରହ୍ମପୁର ମହାନଗରର ବିବେକ ବିହାର, ରଙ୍ଗେଇଲୁଣ୍ଡା ବ୍ଲକ କନିଷି ବାଲାଜୀ ବିଦ୍ୟାପୀଠ ଆୟୋଜିତ ସମାବେଶରେ ଯୋଗ ଦେଇଛନ୍ତି। ଏହାପରେ ୫-ଟି ସଚିବ ପୁରୁଷୋତ୍ତମପୁର ଆସି ମା' ତାରାତାରିଣୀଙ୍କ ଦର୍ଶନ କରି ସେଠାରେ ମିଶନ ଶକ୍ତି ମହିଳାମାନଙ୍କ ସମସ୍ୟା ବୁଝିଛନ୍ତି। ପରେ ଗସ୍ତ କାର୍ଯ୍ୟକ୍ରମ ସୂଚୀ ସାମାନ୍ୟ ପରିବର୍ତ୍ତନ କରି ଅପରାହ୍ନରେ ଗଜପତି ଜିଲା ଗସ୍ତ କରିଛନ୍ତି।

ଆମ୍ବପୁଆ ବିବେକ ବିହାରଠାରେ ଆୟୋଜିତ ସଭା ସ୍ଥଳରେ ୫-ଟି ସଚିବ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ସମସ୍ୟା ଆଲୋଚନା କରିଥିଲେ। କଲେଜଗୁଡ଼ିକୁ ୫-ଟିରେ ରୂପାନ୍ତରଣ କରାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୯୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୬ ମାସ ମଧ୍ୟରେ ଏହି କାର୍ଯ୍ୟ ସରିବ ବୋଲି ସେ କହିଥିଲେ। କନିଷି ବାଲାଜୀ ବିଦ୍ୟାପୀଠ ଖେଳ ପଡିଆଠାରେ ଆୟୋଜିତ ସମାବେଶରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଚିବ ମଧ୍ୟ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ବୋଲି ୫-ଟି ସଚିବ ସେଠାରେ କହିଥିଲେ। ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରର ଉନ୍ନତୀକରଣ ପାଇଁ ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ୭ ଦିନରେ ଅର୍ଥାତ ସେପ୍ଟେମ୍ବର ୪ରେ ଅର୍ଥ ମଞ୍ଜୁର ହେବ। ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ବୋଲି ସଚିବ କହିଥିଲେ। ମିଶନ ଶକ୍ତି ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଉଛି। ଏଥିସହ ୱାର୍ଡ, ସାହି ଓ ଗ୍ରାମରେ ବ୍ୟବହୃତ ହେଉ ନ ଥିବା ବିଦ୍ୟାଳୟ ଏବଂ ଦୋକାନ ଗୃହ ମିଶନ ଶକ୍ତି ମହିଳାଙ୍କୁ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏସଏଚଜି ସଭ୍ୟାମାନେ ପିଇବା ପାଣି ସମସ୍ୟା ସମାଧାନ ପାଇଁ ଦରଖାସ୍ତ ଦେଇଥିଲେ। ଶନିବାର ପୂର୍ବାହ୍ନ ସୁଦ୍ଧା ଏହା ସମାଧାନ ହେବ ବୋଲି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨ବର୍ଷ ମଧ୍ୟରେ ୭୦ ହଜାର ଲୋକ ଉପକୃତ ହୋଇଛନ୍ତି। ଜିଲାବାସୀଙ୍କ ନିମନ୍ତେ ୨୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଖର୍ଚ୍ଚ କରିଛନ୍ତି। ଗରିବ ଛାତ୍ରୀଛାତ୍ରମାନେ ଉତ୍ତମ ବାତାବରଣ ମାଧ୍ୟମରେ ପାଠ ପଢା ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଶ୍ରେଣୀ ଗୃହ, ଇ ଲାଇବ୍ରେରୀ ସମେତ ଅନ୍ୟାନ୍ୟ ସୁବିଧା କରିଛନ୍ତି। ବର୍ତ୍ତମାନ ଜିଲାରେ ୧୫୭ଟି ଯୁକ୍ତ୨ ଓ ଯୁକ୍ତ୩ ମହାବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଛି ବୋଲି ୫-ଟି ସଚିବ କହିଥିଲେ। ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନିଲ କ୍ରିଷ୍ଣା, ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ଏସ୍‌ପି ଡା ଶ୍ରର୍ବଣା ବିବେକ ଏମ. ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'କୋଭିଡ୍ ସମୟରେ ପ୍ରବାସୀ ଓଡ଼ିଆ ଗଞ୍ଜାମ ଫେରନ୍ତୁ ବୋଲି ଚାହୁଁ ନ ଥିଲେ ପ୍ରଦୀପ'

ବ୍ରହ୍ମପୁର/ଗୋପାଳପୁର, ୨୫।୮ (ସ୍ମୃତିରଞ୍ଜନ ମହାଲିକ/ନବୀନରାଜ ଆଚାରୀ)

କୋଭିଡ୍ ମହାମାରି ସମୟରେ ପ୍ରବାସୀ ଓଡ଼ିଆ ଗଞ୍ଜାମ ଫେରନ୍ତୁ ବୋଲି ଗୋପାଳପୁର ବିଧାୟକ ଚାହୁଁ ନ ଥିଲେ। ସେ ନିଜ ଜିଲା ଲୋକଙ୍କ ଶତ୍ରୁ ସାଜିଥିଲେ। ବିଧାୟକଙ୍କ ଅସଲ ଚରିତ୍ର କ'ଣ ତାହା ଏବେ ଗୋପାଳପୁରବାସୀ ଜାଣିଯାଇଛନ୍ତି। ୩ ଦିନିଆ ଗଞ୍ଜାମ ଗସ୍ତର ଶୁକ୍ରବାର ପ୍ରଥମ ଦିନରେ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀର ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ବାଲାଜୀ ବୈଦ୍ୟନାଥ ପଡ଼ିଆରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ସଚିବ ଭି. କେ. ପାଣ୍ଡିଆନ ଏହା କହିଛନ୍ତି। ଏଥିସହିତ ସମସ୍ତଙ୍କୁ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି।

ପ୍ରଦୀପ ପାଣିଗ୍ରାହୀଙ୍କ ନାଁ ନ ନେଇ ଗଞ୍ଜାମ ଜିଲାର ଜଣେ ଜନପ୍ରତିନିଧି କିପରି ମହାମାରି ସମୟରେ ପ୍ରବାସୀ ଓଡ଼ିଆ ନିଜ ଘରକୁ ଫେରି ନ ପାରିବେ ସେନେଇ ଚକ୍ରବ୍ୟୂହ ରଚନା କରିଥିଲେ, ତାହା ଗୋପାଳପୁରବାସୀଙ୍କୁ ୫-ଟି ସଚିବ ଜଣାଇଥିଲେ। ସେବା ନାଁରେ ଲୋକଙ୍କୁ ଠକୁଥିବା ସେହି ଜନପ୍ରତିନିଧି ଆଜି ତା'ର ପରିଣାମ ମଧ୍ୟ ଭୋଗୁଛନ୍ତି। ୫-ଟି ସଚିବ ନିଜ ବକ୍ତବ୍ୟରେ କାହା ନାଁ ନେଇ ନ ଥିଲେ ମଧ୍ୟ ତାହା ପ୍ରଦୀପ ପାଣିଗ୍ରାହୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସ୍ପଷ୍ଟ ବାରି ହେଉଥିଲା।

କୋଭିଡ୍ ବେଳେ ରାଜ୍ୟ ବାହାରେ ବହୁ ଓଡ଼ିଆ ଲୋକ ଫସି ରହିଥିଲେ। ସେମାନେ ନିଜ ନିଜ ଘରକୁ ଫେରିପାରୁ ନ ଥିଲେ। ଏଥିପାଇଁ ସେମାନେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ସେମାନଙ୍କୁ ଫେରାଇ ଆଣିବାର ଦାୟିତ୍ୱ ନେଇଥିଲେ। ଏବାବଦ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ହେଲେ ଏହି ଜନପ୍ରତିନିଧି ଜଣକ ଏଭଳି ଏକ ଜଟିଳ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଟେଲିଫୋନ୍ କରି ରାଜ୍ୟବାହାର ଲୋକଙ୍କୁ ଗଞ୍ଜାମ ଫେରାଇ ନ ଆଣିବାକୁ କହିଥିଲେ। କାରଣ ସେମାନେ ଫେରିଲେ ଗଞ୍ଜାମର ସ୍ଥିତି ସଙ୍ଗିନ ହୋଇଯିବ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଆଗ ଆମେ ବଞ୍ଚିବା, ପରେ ଅନ୍ୟମାନଙ୍କ କଥା ଚିନ୍ତା କରିବା ବୋଲି କହିଥିଲେ। ଏଭଳି ସ୍ୱାର୍ଥପର ଜନପ୍ରତିନିଧିଙ୍କ କଥାଶୁଣି ମୁଖ୍ୟମନ୍ତ୍ରୀ ଭୀଷଣ କ୍ଷୁବ୍ଧ ହୋଇଥିବା ୫-ଟି ସଚିବ କହିଥିଲେ। ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କିଛି ଉତ୍ତର ଦେଇ ନ ଥିଲେ ବି ଆମକୁ ସେବା ମନୋବୃତ୍ତିର ସହ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଃସ୍ୱାର୍ଥପର ଭାବେ ଲୋକଙ୍କ ସେବା କରିବାକୁ ସୁଯୋଗ ପାଉଥିବା ଲୋକ ଏହାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ଭାବିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାର୍ଥ ପାଇଁ ସେବା କଲେ ଭଗବାନ ରୁଷ୍ଟ ହୋଇଥାନ୍ତି। ସମ୍ପୃକ୍ତ ଜନପ୍ରତିନିଧି କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଅପପ୍ରଚାର କରି ଲୋକଙ୍କ ଆତ୍ମବିଶ୍ୱାସ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ବୋଲି ପାଣ୍ଡିଆନ୍ କହିଛନ୍ତି।

ବିଧାୟକଙ୍କ ଏଭଳି ଅପପ୍ରଚାର ଦ୍ୱାରା କୋଭିଡ୍ ମୁକାବିଲାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଓ ମିଶନ ଶକ୍ତି ମା'ମାନେ ବିଚଳିତ ହୋଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ସିଧାସଳଖ ସେମାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ କଥା ହୋଇଥିଲେ। ମା' ତାରାତାରିଣୀଙ୍କ ଆଶୀର୍ବାଦ ଏବଂ ମା'ମାନଙ୍କ ସହଯୋଗରୁ କୋଭିଡ୍ ମୁକାବିଲାରେ ଗଞ୍ଜାମ ଦେଶରେ ସୁନାମ ଅର୍ଜନ କରିଛି। ବିଧାୟକ ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ସେବାରେ ବିଭ୍ରାଟ ସୃଷ୍ଟି କରିବାକୁ ଚେଷ୍ଟା କରିବାରୁ ଭଗବାନ ତା'ର ଫଳ ତାଙ୍କୁ ଦେଇଛନ୍ତି। ଏହା ସମସ୍ତଙ୍କ ପାଇଁ ଏକ ଶିକ୍ଷା। ଯିଏ ବି ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ସେବାରେ ବ୍ୟାଘାତ ସୃଷ୍ଟି କରନ୍ତି, ତାର ବିଚାର ଭଗବାନ କରିବେ ବୋଲି ୫-ଟି ସଚିବ କହିଥିଲେ।


ଭି. କେ. ପାଣ୍ଡିଆନ

# ଯୁଯୁମୁରାରେ ହେବ ଦକ୍ଷତା ବିକାଶ କେନ୍ଦ୍ର

## ସମିତି ସଭ୍ୟଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି, ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର, ୨୫।୮ (ଶୁଭାଶିଷ ପାଢ଼ୀ)


ଦକ୍ଷତା ବିକାଶ ମନ୍ତ୍ରୀଙ୍କ ସହ ସମିତି ସଭ୍ୟ ଓ ଅନ୍ୟମାନେ।

ସମ୍ବଲପୁର ଜିଲାର ଆଦିବାସୀ ବହୁଳ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁଯୁମୁରା ବ୍ଲକରେ ଖୁବ୍‌ଶୀଘ୍ର ଏକ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛି କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ। ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟିବା ପରେ କେନ୍ଦ୍ରମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଠିକ୍‌ଭାବେ ସମସ୍ତ ପ୍ରକ୍ରିୟା ଚାଲେ ତା'ହେଲେ ନଭେମ୍ବରରୁ ଭିତ୍ତିଭୂମି କାମ ଆରମ୍ଭ ହେବା ସହ ଆସନ୍ତା ଶିକ୍ଷାବର୍ଷରୁ ଶିକ୍ଷାଦାନ ହେବା ସମ୍ଭାବନା ରହିଛି। ଏହି କେନ୍ଦ୍ର ହେଲେ କେବଳ ଯୁଯୁମୁରା ବ୍ଲକ ନୁହେଁ, ସମଗ୍ର ଜିଲା ଓ ପଡ଼ୋଶୀ ଜିଲା ମଧ୍ୟ ଉପକୃତ ହେବ।

ଏ ସମ୍ପର୍କରେ ସମିତି ସଭ୍ୟ ପ୍ରଧାନ କହିଛନ୍ତି, ୨୦୨୧ ଅକ୍ଟୋବର ୨ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଯୁଯୁମୁରାରେ ଏକଲବ୍ୟ ସ୍କୁଲ ପାଇଁ ଦାବି କରାଯାଇଥିଲା। ବର୍ଷକ ଭିତରେ ଏକଲବ୍ୟ ଆବାସିକ ସ୍କୁଲର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଦକ୍ଷତା ବିକାଶ କେନ୍ଦ୍ର ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହା ଶୀଘ୍ର ଖୋଲାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ଦକ୍ଷତା ବିକାଶ ପାଇଁ କାମ କରୁଛି। ପ୍ରଧାନମନ୍ତ୍ରୀ କୌଶିକ ବିକାଶ ଯୋଜନାରେ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ସଚିବ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ରାଜ୍ୟ ଦକ୍ଷତା ବିକାଶ ବିଭାଗ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଛି। ଏହି କେନ୍ଦ୍ର ଖୋଲିଲେ ଶିକ୍ଷିତ ବେକାର ଯୁବତୀଯୁବକ, ଅଧାରୁ ପାଠ ଛାଡ଼ିଥିବା ପିଲାମାନେ ଧନ୍ଦାମୂଳକ ତାଲିମ ନେଇ ରୋଜଗାରକ୍ଷମ ହୋଇପରିବେ। ଯୁଯୁମୁରାରେ କେନ୍ଦ୍ର ଖୋଲିବା ପାଇଁ ସରକାରୀ ଜମିର ସୁବିଧା ରହିଛି। ଗମନାଗମନ ପାଇଁ ଜାତୀୟ ରାଜପଥ ଓ ରେଳଷ୍ଟେଶନ ମଧ୍ୟ ରହିଛି। ରାଜ୍ୟର କୌଣସି ସ୍ଥାନରୁ ଯିବାଆସିବାରେ ସମସ୍ୟା ହେବ ନାହିଁ। ପ୍ରଧାନମନ୍ତ୍ରୀ କୌଶିକ ବିକାଶ ଯୋଜନାରେ ପିଲାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ପ୍ରଦାନ କରାଯିବ। ହସ୍ତତନ୍ତ, ହସ୍ତଶିଳ୍ପ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ, ପ୍ଲମ୍ବର ଭଳି ଶିକ୍ଷାବର୍ଗର ଯୁବତୀଯୁବକଙ୍କୁ ତାଲିମ ଦିଆଯିବ। ତାଲିମ ସହ ସେମାନଙ୍କୁ ଚାକିରି ଓ ସ୍ୱାବଲମ୍ବୀ କରାଯିବ। ବଡ଼ ବଡ଼ କମ୍ପାନୀ ଏହି କେନ୍ଦ୍ର ସହ ଜଡିତ ରହିଛନ୍ତି। ଯୁଯୁମୁରାରେ କେନ୍ଦ୍ର ଖୋଲିଲେ ଅଞ୍ଚଳର ବେକାରି ସମସ୍ୟା ଦୂରହେବ ବୋଲି ଆଶା ରହିଥିବା ସମିତି ସଭ୍ୟ ପ୍ରଧାନ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହରଠାରୁ ପ୍ରାୟ ୪୦କି.ମି. ଦୂରରେ ରହିଛି ଯୁଯୁମୁରା।

# ନିମ୍ନ ମଧ୍ୟବିତ୍ତଙ୍କ ସମସ୍ୟାର ସମାଧାନ କରାଯାଉ

## ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ପ୍ରତିଷ୍ଠାତାଙ୍କ ଚିଠି

ଅନୁଗୋଳ, ୨୫।୮ (ଅମିତ କୁମାର ସାମଲ)

କୋଭିଡ୍ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ୩ଟି ମହଙ୍ଗା ଭତ୍ତାକୁ ବାତିଲ କରାଯାଇଛି। ୮ମ ପେ କମିଶନ ଗଠନ ଏଯାଏ କରାଯାଇ ନାହିଁ। ତେଣୁ ସମାଜରେ ଥିବା ଏହି ନିମ୍ନମଧ୍ୟବିତ୍ତ ପରିବାରଗୁଡ଼ିକର ସମସ୍ୟା ସମାଧାନ ପାଇଁ ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ପ୍ରାକ୍ତନ ରାଜ୍ୟ ସଭାପତି ତଥା ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତିଷ୍ଠାତା ପ୍ରଭାସ ସାହୁ ଗତ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି।

ଉକ୍ତ ପତ୍ରରେ ସାହୁ ଉଲ୍ଲେଖ କରିଛନ୍ତି, କୋଭିଡ୍ ମହାମାରୀ ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଳସ୍ତରର କର୍ମଚାରୀମାନେ ଜନସାଧାରଣଙ୍କୁ ପ୍ରକୃତ ସେବା ଯୋଗାଇ ସେମାନଙ୍କ ଜୀବନ ବଞ୍ଚାଇଛନ୍ତି। କୋଭିଡ୍ ରୋଗୀଙ୍କ ସେବା କରୁ କରୁ ଅନେକ କର୍ମଚାରୀ ଏହି ମହାମାରୀର ଶିକାର ହୋଇଛନ୍ତି। ଅଥଚ ଏହି କର୍ମଚାରୀମାନେ ବର୍ଷକୁ ୨ଟି କିସ୍ତି ପାଉଥିବା ମହଙ୍ଗା ଭତ୍ତାକୁ ୨୦୨୦ ଜାନୁୟାରୀ, ୨୦୨୦ ଜୁଲାଇ ଓ ୨୦୨୧ ଜାନୁୟାରୀ ଏପରି ୩ କିସ୍ତିକୁ କେନ୍ଦ୍ର ସରକାର ବାତିଲ କରିଛନ୍ତି। ସେହିପରି କେନ୍ଦ୍ର ସରକାର ତାଙ୍କର କର୍ମଚାରୀମାନଙ୍କ ପାଇଁ ପ୍ରତି ୧୦ ବର୍ଷରେ ଥରେ ପେ କମିଶନ ବସାଇଥାନ୍ତି। ଏହି କମିଶନଙ୍କ ରିପୋର୍ଟକୁ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥାନ୍ତି। ୨୦୧୬ ଜାନୁୟାରୀରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ୭ମ ପେ କମିଶନ ସୁପାରିସ ଅନୁଯାୟୀ ଦରମା ଓ ଭତ୍ତା ପାଇଆସୁଛନ୍ତି। ସେହି ବ୍ୟବସ୍ଥା ଅନୁଯାୟୀ ଆସନ୍ତା ଜାନୁୟାରୀ ୨୦୨୬ରୁ ୮ମ ପେ କମିଶନ ରିପୋର୍ଟ କାର୍ଯ୍ୟକାରୀ ହେବା କଥା। ପେ କମିଶନଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ ପାଇଁ ପ୍ରାୟ ୩ ବର୍ଷ ସମୟ ଲାଗୁଥିବା ବେଳେ କେନ୍ଦ୍ର ସରକାର ଅଦ୍ୟାବଧି ୮ମ ପେ କମିଶନ ଗଠନ କରିନାହାନ୍ତି। କେବଳ ଏତିକି ନୁହେଁ, ଟ୍ରେନ୍ ଯାତ୍ରା ପାଇଁ ଦେଶର ବରିଷ୍ଠ ନାଗରିକଙ୍କୁ ପ୍ରଦାନ କରାଯାଉଥିବା ରିହାତିକୁ କେନ୍ଦ୍ର ସରକାର କୋଭିଡ୍ ପୂର୍ବରୁ ବାତିଲ କରିଦେଇଛନ୍ତି। ଏଥିସହ ସାଧାରଣ ଟ୍ରେନ୍‌କୁ ସ୍ପେଶାଲ ଟ୍ରେନ୍ ବୋଲି କହି ଦୁଇଗୁଣ ଭଡ଼ା ଆଦାୟ କରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକମାନଙ୍କ ଏହି ସମସ୍ୟାର ସମାଧାନ କରାଯାଇ ସେମାନଙ୍କୁ ସନ୍ତୁଷ୍ଟ କରିବା ସହ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟର ସଫଳ ପ୍ରଚାରରେ ନିୟୋଜିତ କରିବାକୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତିଷ୍ଠାତା ସାହୁ ଅନୁରୋଧ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
1. FARM MANAGER TO DEVELOP HORTICULTURE FARM.
2. FIELD DEMONSTRATOR CUM SALES PROMOTER.
3. PART TIME TALLY OPERATOR.
Apply: KAMAL TRADERS
Mobile:9778184106

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Tender କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ।
Contact:8144662274

ZENITH INSTITUTE OF SCIENCE AND TECHNOLOGY
STAFF REQUIREMENT

| SL. No. | POST | NO. OF VACANCIES | MINIMUM QUALIFICATION | EXPERIENCE |
|---|---|---|---|---|
| 1 | LECTURER IN MECH. ENGG. | 3 | B.TECH OR ABOVE | 0 to 3 Years |
| 2 | LECTURER IN ELEC. ENGG. | 2 | B.TECH OR ABOVE | 0 to 3 Years |
| 3 | LECTURER IN CIVIL ENGG. | 2 | B.TECH OR ABOVE | 0 to 3 Years |
| 4 | LECTURER IN MINING ENGG. | 1 | B.TECH OR ABOVE | 0 to 3 Years |
| 5 | LECTURER IN COMP.SC ENGG. | 4 | B.TECH OR ABOVE | 0 to 3 Years |
| 6 | LAB ASST. IN ALL DEPARTMENTS | 1 FOR EACH DEPARTMENT | DIPLOMA | 0 to 3 Years |
| 7 | FACULTIES IN (PHYSICS, ENGLISH, MATHEMATICS) | 1 FOR EACH | B.Sc. OR ABOVE | 0 to 3 Years |

Date of Interview: 01.09.2023 (Friday) 11.00 AM onwards.
ZENITH INSTITUTE OF SCIENCE AND TECHNOLOGY
Pitapalli, Khordha, Odisha-752057
E-mail:zistorissa@gmail.com, Mob: (+91) 8908018083/85

ZENITH SCHOOL OF MANAGEMENT
STAFF REQUIREMENT

| SL. No. | POST | NO. OF VACANCIES | MINIMUM QUALIFICATION | EXPERIENCE |
|---|---|---|---|---|
| 1 | PRINCIPAL | 1 | Ph.D & Above | 3 to 5 Years |
| 2 | ASSOCIATE PROFESSOR (FINANCE, MARKETING, HR, OPERATIONAL MANAGEMENT, IT) | 1 FOR EACH SPECIALISATION | Ph.D. or Above | 0 to 3 Years |
| 3 | ASSISTANT PROFESSOR (FINANCE, MARKETING, HR, OPERATIONAL MANAGEMENT, IT) | 1 FOR EACH SPECIALISATION | MBA or Above | 0 to 3 Years |
| 4 | ADMINISTRATIVE OFFICER | 1 | ANY POST GRADUATE | 3 to 5 Years |
| 5 | RECEPTIONIST | 1 | GRADUATE | 0-3 Years |

Date of Interview: 02.09.2023 (Saturday) 11.00 AM onwards.
ZENITH INSTITUTE OF SCIENCE AND TECHNOLOGY
Pitapalli, Khordha, Odisha-752057
E-mail:zsomodisha@gmail.com, Mob: (+91)8908018083/85

SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)ମଧୁପାଟଣା, କଟକଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in
ଇ-ନିଲାମ ବିକ୍ରୟ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ୧୩.୦୯.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ତନଖି କରିବାର ତାରିଖ ଏବଂ ସମୟ:୧୧.୦୯.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ରସ୍ମିତା ମହାନ୍ତି, ସ୍ୱାମୀ: ଶ୍ରୀ ଗିରିଶ ଚନ୍ଦ୍ର ମହାନ୍ତି, ସା: ଭୋଗ୍ରା, ପୋ: ଖୁଣ୍ଟୁଣୀ, ଜିଲ୍ଲା: କଟକ - ୭୫୪୨୯୫, ଆକାଉଣ୍ଟ ନଂ.: ୩୯୧୧୬୩୯୨୦୫୬ ଏବଂ ୩୯୫୧୯୫୪୯୦୮ | Ashok Leyland Open Truck Bearing, Model No.: 3718 BS IV, Regd No.: OD 05 AW 0537, Colour: Violet Brown, Engine No.: KEPZ121773, Chassis No.: MB1NACHD2KPEK0313 | ୨୨.୦୮.୨୦୨୨ ସୁଦ୍ଧା ଟ.୫୬,୭୨,୪୨୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ଟ.୨୩,୦୮,୦୦୦/- ଟ.୨,୩୦,୮୦୦/- ଟ.୧୦,୦୦୦/- |

ଇଚ୍ଛୁକ ନିଲାମଧାରୀ ଯେଉଁମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ତିଆରି କରିବା ପାଇଁ ସହାୟତା ଚାହୁଁଛନ୍ତି, ଡାଟା ଅପଲୋଡିଂ, ବିଡ୍ କାଗଜାତ ଦାଖଲ, ଟ୍ରେନିଂ/ଡେମୋନଷ୍ଟ୍ରେସନ,ଅନ୍‌ଲାଇନ ଇଣ୍ଟର-ସେ ବିଡିଂର ନିୟମ ଓ ସର୍ତ୍ତାବଳୀ ଇତ୍ୟାଦି ଏବଂ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରିବା ନିମନ୍ତେ ୱେବସାଇଟ୍ : https://www.mstcecommerce.com/auctionhome/ibapi/index.jsp ପରିଦର୍ଶନ କରନ୍ତୁ MSTC ବ୍ୟାଙ୍କ ଆକାଉଣ୍ଟରୁ ରସିଦ ପ୍ରାପ୍ତ କଲାପରେ ଏବଂ ଏହି ସୁଚନାକୁ ଇ-ନିଲାମ ୱେବସାଇଟ୍‌ରେ ଅପଲୋଡ କରିବାପରେ ପ୍ରାକ୍-ବିଡ୍ ଅମାନତ ବିଡରଙ୍କୁ କ୍ରେଡିଟ୍ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମ ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ। ଏହି ନୋଟିସଟି ଉପର ଦର୍ଶିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଅନୁଯାୟୀ ୧୫ଦିନିଆ ବିକ୍ରୟ ନୋଟିସ ଭାବେ ବିବେଚନା କରାଯିବ। ସରକାର/ସ୍ଥାନୀୟ ସଂସ୍ଥାକୁ ଥିବା ବୈଧାନିକ ଦେୟ/ବକେୟା ବିଷୟରେ କୌଣସିସୂଚନା ନାହିଁ, ଯଦି ଥାଏ ତାହା ସଫଳ ନିଲାମଧାରୀ ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: www.sbi.co.in, https://bank.sbi/web/sbi-in-the-news/auction-notices/ sarfaesi-and-others, https://ibapi.in ଦେଖନ୍ତୁ।

ଗାଡିଗୁଡିକର ପାର୍କିଂ ୟାର୍ଡ ବିବରଣୀ: କ୍ର. ନଂ.: ୧ ଶ୍ରୀ ରାମ ଅଟୋମଲ, ଖୁଣ୍ଟୁଣୀ, ଜିଲ୍ଲା: କଟକ

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫, ସିଟି କେସ୍ ଅଫିସର: ଶେଖ୍ ମାସିଉଲ୍ଲା, ମୋ.: ୯୯୩୮୭୭୮୯୪୯

ତାରିଖ: ୨୫.୦୮.୨୦୨୩
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ

SBI
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in
ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୧୧.୦୯.୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ: ତା ୧୩.୦୯.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିଗୁଡିକର ବିକ୍ରୟ |
|---|---|---|---|---|
| ୧. | ଋଣଗ୍ରହୀତା: ସୁବୋଦ୍ଧ ନାଥ, ପିତା: ଶ୍ରୀ ଦିବାକର ନାଥ, /ଗ୍ୟାରେଣ୍ଟିଦାତା: ଶ୍ରୀ ଦିବାକର ନାଥ, ପିତା: ଶ୍ରୀ ଯୁଧିଷ୍ଠିର ନାଥ, ଉଭୟଙ୍କ ଠିକଣା: ଭୁବନେଶ୍ୱର, ପୋ: ପୁରଙ୍ଗ, ଥାନା: ନିସା, ଜିଲ୍ଲା: ଅନଗୁଳ - ୭୫୯୧୪୩ | ଶ୍ରୀ ଦିବାକର ନାଥଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚନ୍ଦ୍ରବାହାଲ, ଥାନା/ତହସିଲ/ଜିଲ୍ଲା: ଅନଗୁଳ, ଖାତା ନଂ.: ୨୪୩/୩୧୩, ପ୍ଲଟ୍ ନଂ.: ୧୫୨୨/୧୫୮୧/୧୯୫୯, କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ପତିତ | ଟ.୧୪,୨୫,୦୦୦/- / ଟ.୧,୪୨,୫୦୦/- / ଟ.୫୦,୦୦୦/- | ୧୫.୦୭.୨୦୨୨ ସୁଦ୍ଧା ଟ.୨୮,୯୮,୪୪୫/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ। ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡରମାନେ ଶେଷ ମୂହୁର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫, ସିଟି କେସ୍ ଅଫିସର: ଶେଖ୍ ମାସିଉଲ୍ଲା, ମୋ.: ୯୯୩୮୭୭୮୯୪୯

ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି।

ତାରିଖ : ୨୫.୦୮.୨୦୨୩
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ

**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା,୨୫।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅଧୀନ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର ଗ୍ରାମର ଜଣେ ଯୁବକ ଗୁରୁବାର ରାତିରେ ବେକରେ ଶାଢ଼ି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବାସୁଦେବ ସାହୁଙ୍କ ପୁଅ ରଘୁନାଥ ସାହୁ(୨୨)। କୌଣସି କାରଣକୁ ନେଇ ସେ ଘର ଫ୍ୟାନରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୂଜକଙ୍କ ପରଲୋକ

ବରୀ,୨୫।୮ (ମହେନ୍ଦ୍ର ସ୍ୱାଇଁ)



ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତ କ୍ଷେମେଶ୍ୱର ଗ୍ରାମର ମନ୍ଦିର ପୂଜକ ନରେନ୍ଦ୍ର କୁମାର ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ପୀଡ଼ିତ ଥିଲେ। ଗୁରୁବାର ରାତିରେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ କଟକ ବଡ଼ ମେଡିକାଲକୁ ନେଉଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପଣ୍ଡା କେବଳ ପୂଜକ ଭାବେ ନୁହେଁ ବରଂ ବିଭିନ୍ନ ସାମାଜିକ ଓ ସଂସ୍କାରକମୂଳକ କାର୍ଯ୍ୟରେ ଜଡ଼ିତ ରହି ସମଗ୍ର ବରୀ ଅଞ୍ଚଳରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ୨୩ ନଂ. ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ବୁଲୁ ଯାଦବ, ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ସାମାଜିକ କର୍ମୀ ବିଷ୍ଣୁପ୍ରସାଦ ସାମଲ ଓ ବ୍ରହ୍ମାନନ୍ଦ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ନୀତିଶ କୁମାର ପଣ୍ଡା ମୁଖାଗ୍ନି ଦେଇଛନ୍ତି।

## ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଦୁର୍ବ୍ୟବହାର

ପାଣିକୋଇଲି,୨୫।୮ (ବିକାଶ ମଲ୍ଲିକ)

ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡର ଜଣେ ଜୁନିୟର ମ୍ୟାନେଜର ଓ ଉପଖଣ୍ଡ ଅଧିକାରୀ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର କରୁଥିବା ଭିଡିଓ ଭାଇରାଲ ହେଉଛି। ଖବର ଅନୁଯାୟୀ, କଣ୍ଟିଗାଡ଼ିଆ ଅଞ୍ଚଳର ରବୀନ୍ଦ୍ର ସାହୁ ନାମକ ଚାଷୀ ଗତ ଗୁରୁବାର ସମାନ ଲୋଡ୍ ଥାଇକି ଖରା ଦିନେ ୫୦୦ ଟଙ୍କା ବିଲ ଆସୁଥିବା ବେଳେ ବର୍ଷା ଦିନରେ ୨୨୦୦ଟଙ୍କା ବିଲ ଆସୁଛି ବୋଲି ପଚାରିବାରୁ ଜୁନିୟର ମ୍ୟାନେଜର ତାଙ୍କୁ ୫୦୦ଟଙ୍କା ଜମାକଲେ କର୍ମଚାରୀ ମିଟର ଚେକିଂ ଲାଗି ଯିବେ ବୋଲି କହିଥିଲେ। ଏତଦବ୍ୟତୀତ ଶୁକ୍ରବାର ପାଣିକୋଇଲି ଉପଖଣ୍ଡ ଅଧୀନ ଆଙ୍କୁଲା ଗ୍ରାମର କାହ୍ନୁଚରଣ ଶତପଥୀଙ୍କ ମିଟର ରିଡିଂ ଜୁଲାଇ ୧୨ ତାରିଖରେ ନିଆଯାଇଥିବା ବେଳେ ଶେଷ ରିଡିଂ ଚଳିତ ମାସ ୨୪ ତାରିଖରେ ନିଆଯାଇଥିଲା। ଫଳରେ ୬.୨୦ ପଇସା ହିସାବରେ ଅଧିକ ୩୫୭୧ ଟଙ୍କା ପୂର୍ବ ମାସର ବିଲ ସହିତ ଯୋଡ଼ି ହୋଇ ଆସିଛି। ଏହାକୁ ନେଇ କାହ୍ନୁଙ୍କ ନାତି ସନ୍ତୋଷ ତାଙ୍କର ୩୦ ଦିନ ବଦଳରେ ୪୨ ଦିନର ବିଲ କାହିଁକି ଆସୁଛି ବୋଲି ପାଣିକୋଇଲି ଉପଖଣ୍ଡ ଅଧିକାରୀଙ୍କୁ ପଚାରିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି ସନ୍ତୋଷ। ଏ ନେଇ ସନ୍ତୋଷ ଖାଉଟି ଅଦାଲତ ତଥା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଅଭିଯୋଗ କରିବେ ବୋଲି ଜଣାଇଛନ୍ତି। ପୂର୍ବରୁ ଅଳତିରି ଗ୍ରାମର ଜଣେ ମହିଳା ଉକ୍ତ ଅଧିକାରୀଙ୍କ ଦୌରାତ୍ମ୍ୟର ଶିକାର ହୋଇ ତ୍ରୁଟିପୂର୍ଣ୍ଣ ବିଲ ଦେଇଥିଲେ। ଟାଟା ପାୱାର ଦାୟିତ୍ୱ ନେବା ପରେ ନେସ୍କୋ ଦ୍ୱାରା ଲଗାଯାଇଥିବା ମିଟର ଗୁଡ଼ିକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଉପାଡ଼ି ନିଜର ମିଟର ଲଗାଇ ଅର୍ଥଶୋଷଣ କରୁଛି ବୋଲି ଉପଭୋକ୍ତା ମହାସଂଘ ସଭାପତି ବିଦ୍ୟାଧର ମହାନ୍ତି ଅଭିଯୋଗ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ୨ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବସୁଧା ଯୋଜନାରେ ମିଳୁନି ପାଣି

କାଏମା,୨୫।୮ (ଶିବପ୍ରସାଦ ମହାନ୍ତି)



କାଏମା ପଞ୍ଚାୟତରେ ଥିବା ପାଣି ଟାଙ୍କି।

ଧର୍ମଶାଳା ବ୍ଲକ୍ ଅଧୀନ ବଡ଼କାଏମା ପଞ୍ଚାୟତର ଅନେକ ଗାଁ ପାଇପ୍ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ନ ମିଳିବାରୁ ଲୋକେ ହନ୍ତସନ୍ତ ହେଉଥିବାବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତକୁ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଉକ୍ତ ପ୍ରକଳ୍ପରୁ ୪ ହାଜରରୁ ଅଧିକ ଲୋକ ପାଣି ପାଉଥିଲେ। କିନ୍ତୁ ଏବେ ପ୍ରାୟ ୧ ହଜାର ଲୋକ ପାଣି ପାଉ ନ ଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତର ସେରପୁର, ସେରପୁର ଦଳିତସାହି, ଡିଗିରିପଡ଼ିଆ, ଗୋଗଳ, କାଏମା ବଜାର, ବେହେରା ସାହି, ମହଲା ସାହି, ଲକ୍ଷ୍ମୀ ସାହି, ଜାନକୀ ନଗର, ଖର୍ଦାସାହି ଆଦି ଅନେକ ଗାଁରେ ଏହି ପାନୀୟ ଜଳ ବ୍ୟବସ୍ଥା ପହଞ୍ଚି ପାରିନାହିଁ। କିଛି ସ୍ଥାନରେ ଟ୍ୟାପ୍ ଆଦିର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ। ଠିକାଦାର ନିମ୍ନମାନର ଉପକରଣ ବ୍ୟବହାର କରିଥିବାରୁ ଅଳ୍ପ ଦିନମଧ୍ୟରେ ଅନେକ ସ୍ଥାନରେ ପାଇପଗୁଡ଼ିକ ଫାଟି ଯାଇଥିଲା। ନିମ୍ନମାନର ପାଇପ୍ ଦୁର୍ନୀତିକୁ ଢାଙ୍କିବାକୁ ବିଭିନ୍ନ ସ୍ଥାନାରେ ଫଟା ପାଇପକୁ ବଦଳାଇ ଦିଆଯାଇଥିଲା। କିନ୍ତୁ ପରେ ଅନେକ ସ୍ଥାନରୁ ପାଇପ୍ ଚୋରି ହେଇଯାଇଛି। ତେଣୁ ଲୋକଙ୍କ ନିକଟରେ ପାଣି ପହଞ୍ଚି ପାରୁନାହିଁ।

ସେହିପରି ଏହି ବ୍ଲକ ପୁରୁଣା ବଉଳମାଳ ପଞ୍ଚାୟତର ସୁକୁଟିଝରେ ନିକଟରେ ନିର୍ମିତ ବସୁଧା ଟାଙ୍କିରୁ ଲୋକେ ପାଣି ପାଉ ନ ଥିବା ଅଭିଯୋଗ କରିଛନ୍ତି। ପ୍ରକଳ୍ପଟି ୩ ଗାଁକୁ ପାଣି ଦେବାକୁ ନିର୍ମିତ ହୋଇଥିଲେ ମଧ୍ୟ ତାହା ଗୋଟିଏ ସାହିକୁ ଦେବାକୁ ଅକ୍ଷମ। ପାଣି ପମ୍ପ ଚଳାଇବାକୁ ନିଯୁକ୍ତ କର୍ମଚାରୀ ଠିକ ରୁପେ କାର୍ଯ୍ୟ କରୁ ନ ଥିବାରୁ ଟାଙ୍କିକୁ ପାଣି ଉଠୁନାହିଁ। ଫଳରେ ଗାଁ ମଝିରେ ବାସ କରୁଥିବା ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ। ଉକ୍ତ ବ୍ଲକରେ ପାଖାପାଖି ୪୦ଟି ସ୍ଥାନରେ ଏହି ପ୍ରକଳ୍ପର କାମ ଆରମ୍ଭ ହୋଇଥିଲେ ବି କୋଉଠି ଶେଷ ହୋଇଛି ତ ଆଉ କେଉଁଠି ଅସମ୍ପୂର୍ଣ୍ଣ ରହିଛି।

**ତୁରନ୍ତ ସମସ୍ୟାର ସମାଧାନ ଦାବି**

ଯେଉଁ ସ୍ଥାନରେ ପାଇପ ଲଗାଯାଇଥିଲା ସେ ସବୁ ପାଣି ଆସିବା ପୂର୍ବରୁ ଅନେକ ସ୍ଥାନରେ ଫୁଟିଗଲାଣି। ଘରକୁ ଘର ପାଣି ପାଇପ ସଂଯୋଗ କରିବାର ବ୍ୟବସ୍ଥା ଥିଲେ ବି ସେ ସବୁ ସମ୍ପୂର୍ଣ୍ଣ ରୁପେ ସଂଯୋଗ କରାଯାଇନାହିଁ। କିଛି କର୍ମଚାରୀ ଏଠାରେ ବହୁ ବର୍ଷ ଧରି କାର୍ଯ୍ୟରତ ଥିବାରୁ କାର୍ଯ୍ୟରେ ଆଉ ସ୍ୱଚ୍ଛତା ରହୁନାହିଁ। ତେଣୁ ଜିଲାପାଳ ଏହା ଉପରେ ତୁରନ୍ତ ଦୃଷ୍ଟିଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ରୁଦ୍ରକେଶରୀ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଡିସେମ୍ବର ୨୩ରେ ମେଗା ପ୍ରୋଜେକ୍ଟ କାମ ଶେଷ କରାଯାଇ ସମସ୍ତଙ୍କୁ ଜଳଯୋଗାଣ କରାଯିବା କଥା। କିନ୍ତୁ ସରିବା ଭଳି ଲାଗୁନି ଓ କେବେ ଶେଷ ହେବ କହିହେବନି। ଉପରିସ୍ଥ ଅଧିକାରୀ ଏ ବିଷୟରେ କହିପାରିବେ।

# ପଟୁଣିଆ ପଞ୍ଚାୟତରେ ୪ ପ୍ରକଳ୍ପ ଉଦ୍‌ଘାଟିତ



ବିଜୁ ସେତୁକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୨୫।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ପଟୁଣିଆ ପଞ୍ଚାୟତରେ ଶୁକ୍ରବାର ୪ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତର ଶଙ୍ଖ ନିକଟ ସଗଡ଼ିଆ ନାଳ ଉପରେ ନିର୍ମିତ ବିଜୁ ସେତୁ, ଉଦୟବଟ ଉଚ୍ଚ ବିଦ୍ୟାଳୟ ନୂତନ ଗୃହ, କୃଷି ସମବାୟ ସମିତି କାର୍ଯ୍ୟାଳୟ ଓ ପଟୁଣିଆ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ଜାରକା ପକ୍ଷରୁ ୪ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯାଇଛି। ଏହି ସେତୁ ଦ୍ୱାରା ଆଖପାଖ ୭ ପଞ୍ଚାୟତର ଲୋକେ ଉପକୃତ ହେବେ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା ଓ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ୧୪ନଂ. ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ୧୫ନଂ.ଜୋନ ଜିଲାପରିଷଦ ସଭ୍ୟ ଚକ୍ରଧର ବେହେରା, ପଟୁଣିଆ ସରପଞ୍ଚ ବୈଶାଳୀ ରାଉତ, ସମିତିସଭ୍ୟ ଦୀପ୍ତିରଞ୍ଜନ ସାମଲ, ପୂର୍ବତନ ସରପଞ୍ଚ କେଦାର ଗନ୍ତାୟତ ଓ କଣ୍ଟିଗଡ଼ିଆ ପଞ୍ଚାୟତ ସମିତିସଭ୍ୟ ଅରୁପାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନଗଡ଼ାରେ ସଚେତନତା କାର୍ଯ୍ୟକ୍ରମ



ଶ୍ରମଶକ୍ତି ହାଇସ୍କୁଲ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଲୋକଙ୍କୁ ନାଟକ ମାଧ୍ୟମରେ ସଚେତନ କରାଯାଉଛି।

କାଳିଆପାଣି,୨୫।୮ (ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଶ୍ରମଶକ୍ତି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନଗଡ଼ାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ସ୍କୁଲ୍‌ର ସବୁଜ ବାହିନୀ ସେଠାରେ ପହଞ୍ଚି ତଳ, ଉପର ଓ ମଝି ନଗଡ଼ାର ଲୋକମାନଙ୍କୁ ନିଜ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଜଳ, ପରିବେଶ, ଖାଦ୍ୟ ପେୟର ସଦୁପଯୋଗ କରିବା ନେଇ ନାଟକ ମାଧ୍ୟମରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସ୍କୁଲ ପକ୍ଷରୁ ରୀତାରଣୀ ସାହୁ, ପଦ୍ମାବତୀ ସ୍ୱାଇଁ ଓ ବିମ୍ବାଧର ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ବିଶ୍ୱଜିତ ମିଶ୍ର ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ସିଂହପୁର,୨୫।୮ (ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ପୁରାତନ ବ୍ୟବସାୟୀ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ସାମଲଙ୍କ ବିୟୋଗରେ ଶୁକ୍ରବାର ସିଂହପୁର ବଜାର ବନ୍ଦ ରହିଛି। ତାଙ୍କ ପରଲୋକରେ ପଣ୍ଡିତ ମହେଶ୍ୱର ନନ୍ଦ, ସୁରେନ୍ଦ୍ର ଧଳ, ଅନିରୁଦ୍ଧ ବେଉରିଆ, ବିଜୟ ପାତ୍ର, ରବୀନ୍ଦ୍ର ଧଳ, ନୃସିଂହ ସାମଲ, ନିରଞ୍ଜନ ବେଉରିଆ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସରପଞ୍ଚ ଶଶାଙ୍କ ଶେଖର ଖିଲାର ଓ ଉମେଶ ଚନ୍ଦ୍ର ଥାଟୋଇ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ



ଦଶରଥପୁର ପଞ୍ଚାୟତ ସମିତି ବୈଠକରେ ଏମ୍‌ପି, ମନ୍ତ୍ରୀ ଓ ଅନ୍ୟମାନେ।

ଝୁମ୍ପୁରୀ,୨୫।୮ (ସରୋଜ ନାୟକ)

**ଦଶରଥପୁର ପଞ୍ଚାୟତ ସମିତିରେ ଦ୍ୱିତୀୟ ବୈଠକ**

ଦଶରଥପୁର ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାଗୃହର ଅଧକ୍ଷ ଦିଗାମ୍ବର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରଶାସନିକସ୍ତରରେ ପଞ୍ଚାୟତ ସମିତି ଗୁରୁତର ସହ କାର୍ଯ୍ୟନିର୍ବାହ କରୁ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଦଶରଥପୁର ପଞ୍ଚାୟତ ସମିତି ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବ୍ଲକ୍ ଉପାଧ୍ୟକ୍ଷା ଝିଲି ମଲ୍ଲିକ ଓ ତହସିଲଦାର ବିକ୍ରମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ବିଡିଓ ଆକାଶ ପଟ୍ଟନାୟକ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଏହି ବୈଠକର ଏଜେଣ୍ଡା ସମ୍ପର୍କରେ ସଦସ୍ୟାସଦସ୍ୟଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ପିଇବା ପାଣିର ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ମେଗା ଜଳ ପ୍ରକଳ୍ପ ପାଇଁ ପୂର୍ବରୁ ଥିବା ଜଳଯୋଗାଣ ପାଇପ୍ ଫାଟି କ୍ଷତିଗ୍ରସ୍ତ ହେଉଛି। ତେଣୁ ଲୋକେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବହୁ ସରପଞ୍ଚ ଅଭିଯୋଗ କରିଥିଲେ। ତୁରନ୍ତ ଏହି ଅଭିଯୋଗକୁ ଗ୍ରହଣ କରି ଫାଟିଥିବା ପାଇପ୍‌ଗୁଡ଼ିକୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ ଓ ନୀନାରାଣୀ ସାମଲଙ୍କ ସହ ୩୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କ ବ୍ୟାସନଗର ଗସ୍ତ ପାଇଁ ସ୍ଥାନ ନିରୂପଣ

ଯାଜପୁରରୋଡ଼,୨୫।୮ (ପବିତ୍ର ରଞ୍ଜନ ମହାନ୍ତି)

**ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ**



କୋରେଇ ବିଧାୟକ ଅଶୋକ କୁମାର ବଳ ଚାନ୍ଦମା ଖେଳପଡ଼ିଆ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଆସନ୍ତା ୨୯ ଏବଂ ସେପ୍ଟେମ୍ବର ୧ରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନକୁ ଗସ୍ତ ନେଇ ଯାଜପୁର ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଜିଲାର ବ୍ୟାସନଗର ପୌରାଞ୍ଚଳ ଅଧୀନରେ ଥିବା ଚାନ୍ଦମା ଖେଳପଡ଼ଆ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସ୍ଥାନରେ ପୂର୍ବରୁ ହକି ବିଶ୍ୱକପ୍ ସମୟରେ ହକି ଫେଷ୍ଟ ଆୟୋଜନ କରି ଚର୍ଚ୍ଚା ପରିସରକୁ ଆସିଥିଲା। ଫଳରେ ପାଣିକୋଇଲିଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ଚାନ୍ଦମା ପଡ଼ିଆରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବାରୁ ବ୍ୟାସନଗର ସହରବାସୀ ଖୁସିବ୍ୟକ୍ତ କରିଛନ୍ତି। ଶୁକ୍ରବାର କୋରେଇ ବିଧାୟକ ଅଶୋକ କୁମାର ବଳ, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାକୁ ଚାନ୍ଦମା ଖେଳପଡିଆ ବୁଲି ଦେଖିଛନ୍ତି। ୫-ଟି ସଚିବଙ୍କ ହେଲିପ୍ୟାଡ୍ ସ୍ଥାନ ଏବଂ ସଭାସ୍ଥଳ, ପ୍ରବେଶ ସ୍ଥଳ, ପାର୍କିଂ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ତାଙ୍କ ସହ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ଅଶୋକ ମାଝି, ବ୍ୟାସନଗର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର, ପୂର୍ତ୍ତ ବିଭାଗର ସରକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ ନାୟକ, କନିଷ୍ଠ ଯନ୍ତ୍ରୀ ତାପସ କୁମାର ପୃଷ୍ଟି, ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୌର ଯନ୍ତ୍ରୀ ଏବଂ ଶତାଧିକ ସରକାରୀ ଅଧିକାରୀ ଉପସ୍ଥିତ ରହିଥିଲେ।

# ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କାଳିଆପାଣି,୨୫।୮ (ଅସିତ ମହାନ୍ତ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କଅଁସ ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର କେନ୍ଦୁପୁଡ଼ା ଅଙ୍ଗନୱାଡି କେନ୍ଦ୍ରଠାରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଗମର ଡେପୁଟି ମ୍ୟାନେଜର ସ୍ୱରାଜ ସାହୁ ଓ ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜମା ଟାଖି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଣି ନିଗମର ବରିଷ୍ଠ ଡାକ୍ତର ଅଭିଷେକ ବାରିକଙ୍କ ନେତୃତ୍ୱରେ ଡାକ୍ତର ଜ୍ୟୋତିଷ୍ମାନ ଦାସ ମିଳିତ ହୋଇ ୧୮୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଅଁସ ସରପଞ୍ଚ ରାଜାରାଣୀ ଦେହୁରି ଓ ସମିତିସଭ୍ୟା ନିକିମା ମୁଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଖଣି ନିଗମର ସିଏସ୍‌ଆର ପ୍ରତିନିଧି ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ।

# ଯୋଡ଼ିକୂଅ-ସପନପୁର ରାସ୍ତା ମରଣଯନ୍ତା

ଯାଜପୁର ଟାଉନ,୨୫।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

**ଅଭିଯୋଗ ଶୁଣୁନାହିଁ ପୌର ପ୍ରଶାସନ**



ରାସ୍ତା ପାର୍ଶ୍ୱ ଡ୍ରେନ୍ ମୁକୁଳା ପଡ଼ିଛି।

ଯାଜପୁର ପୌରାଞ୍ଚଳର ଯୋଡ଼ିକୂଅ ଛକ-ସପନପୁର ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଫଳରେ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଏଥିନେଇ ବାରମ୍ବାର ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କିଛି ମାସ ତଳେ ଯାଜପୁର ପୌରପାଳିକା ପକ୍ଷରୁ ଯୋଡ଼ିକୂଅ ଛକଠାରୁ ସପନପୁର ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରାସ୍ତାର ଉଚ୍ଚତା ବୃଦ୍ଧି କରାଯିବା ସହ ଗୋଟିଏ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ମାସ ପରେ ମାସ ଗଡ଼ି ଚାଲିଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ଏବେସୁଦ୍ଧା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ନୂଆକରି ନିର୍ମାଣ ହୋଇଥିବା ଡ୍ରେନ୍‌ରେ ନର୍ଦ୍ଦମା ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ନର୍ଦ୍ଦମା ପାଣି ଜମି ରହି ମଶା ବଂଶ ବୃଦ୍ଧି ହେବାରେ ଲାଗିଛି। ସେହିପରି ଡ୍ରେନ୍‌ରେ ସ୍ଲାବ୍ ପଡି ନ ଥିବାରୁ ଅଧିକାଂଶ ସମୟରେ ଗୃହପାଳିତ ପ୍ରାଣୀଗୁଡ଼ିକ ସେଠାରେ ପଡ଼ି ଆହତ ହେଉଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ, ସ୍ଥାନୀୟ ଲୋକେ ନିଜ ନିଜର ଗୃହପାଳିତ ପ୍ରାଣୀଙ୍କୁ ଡ୍ରେନ୍ ମଧ୍ୟରୁ ଉଦ୍ଧାର କରିବା ପାଇଁ ଦମକଳ ବାହିନୀ କର୍ମଚାରୀଙ୍କ ସହଯୋଗ ଲୋଡ଼ୁଛନ୍ତି। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲ, କଲେଜକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହେଉଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତାର ୨ଟି ସ୍ଥାନରେ ଢଳେଇ ରାସ୍ତାକୁ ସଂଯୋଗ କରାଯାଇ ନ ଥିବାରୁ ସେଠାରେ ସାମାନ୍ୟ ବର୍ଷାରେ କେନାଲରେ ପାଣି ଗଲାଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏପରି କି ଏହି ନାଳ ଦେଇ ସାଇକେଲରେ ଯାତାୟାତ କଲେ ଲୋକେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ଏସବୁ ସତ୍ତ୍ୱେ ଯାଜପୁର ପୌର କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ଘଟଣା ମୋ ନଜରକୁ ଆସିନାହିଁ। ଖୁବ୍‌ଶୀଘ୍ର ଖାଲ ହୋଇଥିବା ସ୍ଥାନକୁ ମରାମତି କରାଯିବା ସହ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା କାର୍ଯ୍ୟ ଶେଷ କରାଯିବ।

## ସଂକ୍ଷେପରେ

### କୋଡ଼ିରେ ଆକ୍ରମଣ, ଜଣେ ଗୁରୁତର

ଶେରଗଡ ୨୫।୮(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ ଅନ୍ତର୍ଗତ ସାଗରପଲୀ ଗ୍ରାମରେ ପରିବା ଫସଲ କିଆରି ଦେଇ ଯିବାଆସିବାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। କୋଡିରେ ଆକ୍ରମଣ କରିବା ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସାଗରପଲୀର ନିଳାଞ୍ଚଳ ପ୍ରଧାନ। ଗୁରୁବାର ଅପରାହ୍ନରେ ସାଗରପଲୀ ଗ୍ରାମର ନିଳାଞ୍ଚଳ ନିଜ ପରିବା ବିଲକୁ ଯାଇଥିଲେ। ତାଙ୍କ ପଡୋଶୀ ଦାଶରଥି ପ୍ରଧାନ ମଧ୍ୟ ନିଜ ପରିବା ବିଲକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଉତକ୍ଷିପ୍ତ ହୋଇ ଦାଶରଥି ନୀଳାଞ୍ଚଳକୁ ଏକ ଠିଆ କୋଡିରେ ଆକ୍ରମଣ କରିଥିଲେ। ଫଳରେ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଡାକ୍ତର ଖାନାକୁ ନେଇଥିଲେ। ଚିକିତ୍ସା ପରେ ଶେରଗଡ ଥାନାରେ ପରିବାର ପକ୍ଷରୁ ଏତଲା ଦେବାରୁ ପୋଲିସ ଦାଶରଥିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର

ଚାନ୍ଦିପୁଟ,୨୫।୮(କେ ପ୍ରମୋଦ କୁମାର ଦୋରା)

ମୋହନା ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକୁଲିପଦରଠାରେ ଗଜପତି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ଲକ ସ୍ତରୀୟ କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ମୋହନା ଗୋଷ୍ଠି ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଭଦ୍ରା ଦେବୀ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ପାତ୍ର, ଏ ସନ୍ତୋଷ ଦୋରା, ବିକାଶ ପାଣିଗ୍ରାହୀ ମାଷ୍ଟର ଟ୍ରେନର ଭାବେ ଶିକ୍ଷା ଦାନ ଦେଇଥିଲେ। ବ୍ଲକର ୨୮ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ୨୬ ତାରିଖ ଯାଏ ଚାଲୁ ରହିବ। ଏହ ଶିବିରକୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକୁଲିପଦରର କ୍ରୀଡା ଶିକ୍ଷକ ରାଜେନ୍ଦ୍ର କୁମାର ଦୋରା ପରିଚାଳନା କରିଥିଲେ ବେଳେ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଆଜିଠୁ ହରଭଙ୍ଗା ଜଳସେଚନ ପାଇପ ଯୋଗେ ଜଳଯୋଗାଣ



ଶେରଗଡ, ୨୫।୮(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ୍‌ର ୧୦ ପଞ୍ଚାୟତକୁ ଜଳସେଚନ ସୁବିଧା କରିବା ନେଇ ମଥୁରାସ୍ଥିତ ଶନିମନ୍ଦିର ଠାରୁ ପାଇପ ଯୋଗେ ହରଭଙ୍ଗା ଜଳସେଚନରୁ ପାଣି ଛଡ଼ାଯିବ। ଉକ୍ତ ପଞ୍ଚାୟତ ମଧ୍ୟରେ ବନ୍ଧାଗୁଡା, ମହୁପଦର, ଟାକରଡା, ଧବଳପୁର, ଧନନ୍ତର, ଗୋବିନ୍ଦପୁର, କୃଷ୍ଣଛାଇ, ଶେରଗଡ, ବର ମୁଣ୍ଡଲୀ, ଡେଙ୍ଗାପଦର ପଞ୍ଚାୟତର ପ୍ରାୟ ୫୦ଟି ଗ୍ରାମକୁ ଏହି ଜଳସେଚନ ସୁବିଧା କରାଯାଇଛି। ଫଳରେ ପ୍ରାୟ ୬ ହଜାର ଚାଷୀ ଉପକୃତ ହେବ। ଚଳିତ ବର୍ଷ ଜମିକୁ ପାଇପ ଯୋଗେ ପାଣି ଯୋଗାଣ ହେବା ପରେ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏହାକୁ ନେଇ ପୂର୍ବତନ ମହୁପଦର ପଞ୍ଚାୟତ ସମିତି ସଭ୍ୟ କାଳୁ ଗୌଡଙ୍କ ସମେତ ବହୁ ବୁଦ୍ଧିଜୀବୀ ସାଧୁବାଦ ଜଣାଇଛନ୍ତି।

### ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା

ସୋରଡା, ୨୫।୮(ଲମ୍ୱୋଦର ପାଣିଗ୍ରାହୀ): ସ୍ୱାୟତ ଶାସନ ଦିବସ ପାଳନ ପୂର୍ବରୁ ଏନ୍‌ଏସି ତରଫରୁ ସହରର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାଉନସିଲର ସତ୍ୟ ନାରାୟଣ ସୁବୁଦ୍ଧି, ନାଗେଶ୍ୱର ବେହେରା, ସନ୍ତୋଷ ପଣ୍ଡାଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇ ପରିଚାଳନା କରିଥିଲେ। ବିଚାରକ ଭାବେ ଉପ କୋଷାଗାର ଅଧିକାରୀ ବସନ୍ତ ବେହେରା, ଶିକ୍ଷକ କାଳିଚରଣ ପ୍ରଧାନ, ମନମୋହନ ସେନାପତି, ପ୍ରଭାକର ନାୟକ, ବିଷ୍ଣୁ ବେହେରା, ଜନମୋହନ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଅବ୍ୟବସ୍ଥା ଘେରରେ ପିଲା ସାଲୁଙ୍କି ଡ୍ୟାମ୍

ଖଜୁରିପଡ଼ା,୨୫।୮(ବିଦୁର ବେହେରା)



ପିଲା ସାଲୁଙ୍କି ଡ୍ୟାମ।

ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ଦିଗରେ ରାଜ୍ୟ ସରକାର ଏବେ ଦୃଷ୍ଟି ଦେଉଛନ୍ତି। ଶୁଣିବାକୁ ମିଳୁଥିଲା ଯେ କୁଆଡେ ପିଲା ସାଲୁଙ୍କି ଡ୍ୟାମ ଭିତ୍ତି ଭୂମିର ବିକାଶ ହେବା ସହିତ ସୌନ୍ଦର୍ଯ୍ୟ କରଣ ପୁନରୁଦ୍ଧାର କାମ ହେବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ପିଲା ସାଲୁଙ୍କି ଡ୍ୟାମ ବିକାଶ ପ୍ରତି ସରକାରୀ ଅନୁମୋଦନ ଆସିଥିବା କୌଣସି ସୂଚନା ନାହିଁ।

କନ୍ଧମାଳ ଜିଲାର ଏକ ପ୍ରମୁଖ ଜଳ ଭଣ୍ଡାର ହେଲା ପିଲା ସାଲୁଙ୍କି ଡ୍ୟାମ। ଏହି ଡ୍ୟାମରୁ ଚାଷୀ ମାନଙ୍କ ଜମିକୁ ଜଳ ଯୋଗାଯାଏ। ସେହିପରି ଜିଲାରୁ ହେଉ କିମ୍ବା ଜିଲା ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ଆକର୍ଷଣ କେନ୍ଦ୍ର ବିନ୍ଦୁ ହେଲା ପିଲା ସାଲୁଙ୍କି ଡ୍ଯାମ ଏବଂ ଅନାଦି କାଳରୁ ପ୍ରସିଦ୍ଧ ଥିବା ପ୍ରତ୍ୟକ୍ଷ ଦେବୀ ମାଁ ବରାଳ ଦେବୀ ମନ୍ଦିର ବଲସକୁମ୍ପା। ଯେ କେହି ବି ଫୁଲବାଣୀ ଆସିଛନ୍ତି ସେ ମାଁ ବରାଳ ଦେବୀଙ୍କ ଦର୍ଶନ କରିବା ପରେ ପିଲାସାଲୁଙ୍କି ଡ୍ୟାମ ପରିଦର୍ଶନ କରନ୍ତି। ଅନେକ ସମୟରେ ଯେ କୌଣସି ଭୋଜି ଭାତ କଥା ମନେ ପଡେ ସେତେବେଳେ ପ୍ରଥମେ ପିଲା ସାଲୁଙ୍କି ଡ୍ୟାମର ଚିତ୍ର ଆଖିରେ ଆସେ। ନୂଆଁ ବର୍ଷ ଆସିଲେ ପର୍ଯ୍ୟଟକ ମାନେ ବଣ ଭୋଜି କରିବା ପାଇଁ ଏଠିକି ଆସନ୍ତି। ମାତ୍ର ପିଲା ସାଲୁଙ୍କି ଡ୍ୟାମ୍‌କୁ ଯିବା ପାଇଁ ଥିବା ରାସ୍ତା ଅତି ଶୋଚନୀୟ। ସ୍ଥାନେ ସ୍ଥାନେ ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାକୁ ଜଙ୍ଗଲ ଭଳି ମାଡ଼ି ରହିଛି ଅନାବନା ଗଛ। ଏହି ଡ୍ୟାମରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଗୋଟିଏ ନଳକୂପ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅଚାନକ ବର୍ଷା ପବନ ହେଲେ ରହିବା ପାଇଁ ଘର ନାହିଁ। ଏହି ସ୍ଥାନର ସଫା ସୁତୁରା ପ୍ରତି କାହାର ନଜର ନାହିଁ। ଚାରି ଆଡ଼େ ସୁଲ ପ୍ଲେଟ, ପଲିଥିନ ଜରି ଏବଂ ଭଙ୍ଗା ମଦ କାଚ ପଡିଛି। ରାତି ହେଲେ ଘୋର ଅନ୍ଧାର। ଷ୍ଟ୍ରିଟ ଲାଇଟ୍‌ର ବ୍ୟବସ୍ଥା ନାହିଁ। କୁଆଡେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରିବା ପାଇଁ ଲାଇନ୍ ଖମ୍ବ ଡ୍ୟାମ ହୁଡାରେ ପୋତା ଯାଇଥିଲା। କିନ୍ତୁ ସେହି ଖୁଣ୍ଟ ଗୁଡିକରେ ଲାଇନ୍ ଅଛି କି ନାହିଁ ଜଣା ପଡୁ ନାହିଁ। ଖୁଣ୍ଟରେ ଲାଇଟ୍ ଲାଗି ନାହିଁ। ଅବ୍ୟବସ୍ଥା ଘେରରେ ପଡ଼ି ରହିଛି ପିଲା ସାଲୁଙ୍କି ଡ୍ୟାମ। ସେହିପରି ଅନ୍ୟ ସମୟରେ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡା ସ୍ଥଳୀ ପାଲଟୁଛି, ଏହି ଡ୍ୟାମ ଜଗି ରହୁଛନ୍ତି ଲୁଟେରା ଗ୍ୟାଙ୍ଗ। ତେଣୁ ଏହି ସ୍ଥାନର ବିକାଶ ପାଇଁ ପର୍ଯ୍ୟଟକ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସ୍ଥାନର ବିକାଶ କଲେ ଆଗାମୀ ଦିନରେ ଜିଲାରୁ ହେଉ କିମ୍ବା ଜିଲା ବାହାରୁ ପର୍ଯ୍ୟଟକ ମାନେ ଏଠିକି ଆସି ଏହି ସ୍ଥାନର ପ୍ରାକୃତିକ ପରିବେଶ ଉପଭୋଗ କରି ପାରନ୍ତେ ବୋଲି ପର୍ଯ୍ୟଟକମାନେ ମତ ପ୍ରକାଶ କରିଛନ୍ତି। ସେହି ପୁନରୁଦ୍ଧାର କାର୍ଯ୍ୟ ହେଲେ ଚାଷୀମାନେ ପ୍ରଚୁର ପରିମାଣରେ ଚାଷ ପାଇଁ ପାଣି ପାଇପାରନ୍ତେ ବୋଲି ଚାଷୀ ମାନେ କହିଛନ୍ତି।

## ଚନ୍ଦ୍ରୟାନ-୩ ସଫଳତା ପାଇଁ ଶୁଭେଚ୍ଛା



ଧରାକୋଟ,୨୫।୮(ଡି.ଏନ୍.ଏ.)

ଚନ୍ଦ୍ରୟାନ ୩ ସଫଳତା ପରେ ଧରାକୋଟ ବ୍ଲକର ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଡ ଦାମୋଦର ପଲ୍ଲୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଇସ୍ରୋ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା, ଶିକ୍ଷକ ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଡ଼ିହାରି, ଶିକ୍ଷୟିତ୍ରୀ ନମିତା ଦାସ ଓ ଦୀପ୍ତି ନାୟକ ପ୍ରମୁଖ ଚନ୍ଦ୍ର ଅଭିଯାନ ସମ୍ପର୍କରେ ପିଲାଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଏହା ପରେ ଇସ୍ରୋରେ କାର୍ଯ୍ୟରତ ଥିବା ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ଏସ୍, ସଚିନା ଗ୍ରାମର ଜୁନିୟର ବୈଜ୍ଞାନିକ କ୍ରୀଷ୍ଟା ଡାକୁଆ ଓ ଭୁବନେଶ୍ୱରର ଜୁନିୟର ବୈଜ୍ଞାନିକ ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସହ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଭାବ ବିନିମୟ କରିଥିଲେ। ଛାତ୍ରୀଛାତ୍ରମାନେ ଚନ୍ଦ୍ରୟାନ ୩ ସଫଳତା ପାଇଁ କ୍ୟାଣ୍ଡେଲ ଜାଳି ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାର୍ଥୀ ମାନଙ୍କୁ ଚକଲେଟ ଓ ମିଠା ବଣ୍ଟନ କରାଯାଇଥିଲା। ଆଗାମୀ ସୂର୍ଯ୍ୟ ଅଭିଯାନ ଶୁଭାରମ୍ଭ ପାଇଁ ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରାଯାଇଥିଲା।

## ନାରାୟଣପୁରରେ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ

ରାୟଗଡ଼(ଜ୍ୟୋତି ପ୍ରକାଶ ପାଣି)୨୫।୮





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାୟଗଡ଼ ବ୍ଲକ ଅଧୀନ ନାରାୟଣପୁର ସରକାରୀ ନୀଳମଣି ଉଚ୍ଚ ବିଦ୍ୟାଳୟଠାରେ କ୍ରୀଡ଼ାଙ୍ଗନ ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପି. ମେନକା ରାଓ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ତାଲିମ୍ ଶିବିର ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ ଓ ନୂଆଗଡ଼ ବ୍ଲକର କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମାଷ୍ଟର ଟ୍ରେନର ଭାବେ ପ୍ରିୟଦର୍ଶୀ ମିଶ୍ର, ହରେକୃଷ୍ଣ ମହନ୍ତ, ସୁଶାନ୍ତ କୁମାର ପ୍ରଧାନ ଓ ସନ୍ତୋଷ କୁମାର ଡୋରା ପ୍ରମୁଖ ନିୟୋଜିତ ଥିଲେ। କ୍ରୀଡା ଶିକ୍ଷକ ପ୍ରିୟଦର୍ଶୀ ମିଶ୍ର ପରିଚାଳନା କରିଥିବା ବେଳେ ଅମ୍ବିକା ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଉତ୍ସବ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୨୫।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ଅଗଷ୍ଟ ୩୧ ରେ ପାଳନ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ସଭାଗୃହ ପରିସରରେ ଆୟୋଜିତ ବୈଠକରେ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ଅଧକ୍ଷତା କରିଥିଲେ। ବୈଠକରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ, ଉପାଧକ୍ଷା କେ . ପୂଜା, ଏମ.ପି ପ୍ରତିନିଧି ନିରୂପମା ପଟ୍ଟନାୟକଙ୍କ ସମେତ ସମସ୍ତ କାଉନସିଲର ଏବଂ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତା, ସମୂହ ସଫେଇ , ଚାରାରୋପଣ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ କରାଯିବ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, ଗଳ୍ପ କଥନ ଓ ବକ୍ତୃତା ପ୍ରତିଯୋଗୀତା କରାଯାଇ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କାଉନସିଲର ସନ୍ତୋଷିନୀ ବେହେରା, ସୁଶାନ୍ତ ପାତ୍ର, କରିଶ୍ମା ନାୟକ, ଗୌରାଙ୍ଗ ଚରଣ ବେହେରା, ସୁନୀଲ ପଣ୍ଡା, ନୀଳମାଧବ ଗୌଡ, ଦୀପକ କୁମାର ମିଶ୍ରଙ୍କ ସମେତ ଅନ୍ୟନ୍ୟ କାଉନସିଲର ଏବଂ ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ସିଆର୍‌ସିସି, ବରିଷ୍ଠ ନାଗରିକ, ଅଙ୍ଗନୱାଡି କର୍ମୀ ବୃନ୍ଦ ଉପସ୍ଥିତ ଥିଲେ।

## ରାଖୀ ପୂର୍ଣ୍ଣିମା ପାଇଁ ବୁଗୁଡ଼ା ଚଳଚଞ୍ଚଳ





ବୁଗୁଡ଼ା,୨୫।୮(କାଳି ଚରଣ ଦାଶ)

ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା। ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମଦିନ ଏବଂ ଏହି ଦିନକୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ କୁହାଯାଏ। ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରକ୍ଷାବନ୍ଧନ ଉତ୍ସବ ଭାଇ- ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ। ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଚନ୍ଦନ, ହଳଦୀ, ଦୀପ, ଅରୁଆ ଚାଉଳ ରଖୁ ପୂଜାଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଶୁଭ ମନାସୀ ଦୀର୍ଘାୟୁ କାମନା କରିଥାନ୍ତି। ଭାଇ ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଏ ମାସର ୩୦ ତାରିଖରେ ପାଳିତ ହେବ ରକ୍ଷାବନ୍ଧନ ଉତ୍ସବ। ଏ ନେଇ ବୁଗୁଡ଼ାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇ ପଡିଥିଲା ବେଳେ ରାକ୍ଷୀ ବ୍ୟବସାୟ ଜୋର୍ ଧରିଛି। ରାକ୍ଷୀ ପୂର୍ଣ୍ଣିମାକୁ ନେଇ ବୁଗୁଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାକ୍ଷୀ ଦୋକାନ ଦେଖିବାକୁ ମିଳିଛି। ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ଏକ ଟଙ୍କାରୁ ଆରମ୍ଭ କରି ସାଢେ ତିନି ଶହ ଟଙ୍କାର ରାକ୍ଷୀ ବିକ୍ରି ହେଉଛି। ବିଶେଷ କରି ବ୍ରେସଲେଟ୍ ଶୈଳୀର ଷ୍ଟୋନ୍ ରାକ୍ଷୀର ଚାହିଦା ବେଶ୍ ରହିଛି। ଅନ୍ୟପକ୍ଷରେ, ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏ ବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି'ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଛନ୍ତି।

## ଚିନ୍ତାରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତିକାର

କାଶୀନଗର, ୨୫।୮(ଟି.କ୍ରିଷ୍ଣା ରାଓ):

ଦକ୍ଷିଣ ଓଡ଼ିଶାରେ କାଶୀନଗରକୁ ଗଣେଶମୂର୍ତ୍ତି ନିର୍ମାଣର ହବ ରୂପେ ବିବେଚନା କରାଯାଏ। ସ୍ଥାନୀୟ ମୂର୍ତ୍ତିକାରମାନେ ପ୍ରତିବର୍ଷ ଶତାଧିକ ସଂଖ୍ୟାରେ ବିଭିନ୍ନ ଆକାର, ରଙ୍ଗ ଓ ଡିଜାଇନର ମୂର୍ତ୍ତି ନିର୍ମାଣ କରିଥାନ୍ତି। ଭାଦ୍ରବ ମାସ ଆରମ୍ଭରୁ ହିଁ ମୂର୍ତ୍ତି କିଣିବା ପାଇଁ ଏଠି ଲୋକଙ୍କ ଭିଡ଼ ଜମେ। ଓଡିଶା ଓ ଆନ୍ଧ୍ରର ବହୁ ସ୍ଥାନରୁ ଗ୍ରାହକମାନେ ଆସି ମୂଲଚାଲ କରିବା ସହ ମୂର୍ତ୍ତି କିଣି ନେଇଥାନ୍ତି। ଅର୍ଡର ଅନୁସାରେ ବାହାରକୁ ବି ମୂର୍ତ୍ତି ପଠାଯାଇଥାଏ। ଅନ୍ୟପକ୍ଷରେ ମୂର୍ତ୍ତିକାରମାନେ ବର୍ଷକର ରୋଜଗାର ପାଇଥାନ୍ତି। ତେବେ ମାଟିମୂର୍ତ୍ତି ଏଠାରେ ପ୍ରାୟ ନିର୍ମାଣ କରାଯାଏ ନାହିଁ। ପ୍ଲାଷ୍ଟର ଅଫ ପ୍ୟାରିସରେ ରଙ୍ଗ ଦେଇ ମୂର୍ତ୍ତିଗୁଡିକୁ ଗଢ଼ା ଯାଇଥାଏ। କିନ୍ତୁ ପ୍ଲାଷ୍ଟର ଅଫ ପ୍ୟାରିସ ଓ ରାସାୟନିକ ରଙ୍ଗ ଦ୍ୱାରା ପରିବେଶ କ୍ଷତି ଘଟୁଥିବା କାରଣରୁ ପ୍ରଶାସନ ଚଳିତ ବର୍ଷ ଏହା ଉପରେ ଅଙ୍କୁଶ ଲଗାଇଛି। ଓଡିଶା ପ୍ରିଭେନସନ ଆଣ୍ଡ କଣ୍ଟ୍ରୋଲ ଅଫ ୱାଟର ପଲ୍ୟୁସନ ଆକ୍ଟ – ୨୦୨୧ ଆଧାରରେ ମୂର୍ତ୍ତି ଗଠନ ପାଇଁ ପ୍ଲାଷ୍ଟର ଅଫ ପ୍ୟାରିସ, ଥର୍ମୋକୁଲ, ପ୍ଲାଷ୍ଟିକ, କେମିକାଲ, ସିନ୍ଥେଟିକ ପ୍ରଭୃତିର ବ୍ୟବହାର ଓଡିଶା ଭିତରେ ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି ବୋଲି ଏନଏସି ନିର୍ବାହୀ ଅଧିକାରୀ ଆଶିଷ କୁମାର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। ତେଣୁ ମୂର୍ତ୍ତିକାରମାନେ ମୁଣ୍ଡରେ ହାତଦେଇ ବସିଥିବା ଜଣାପଡିଛି। ସେମାନେ ଜଣାଇଛନ୍ତି ଯେ, କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ମୂର୍ତ୍ତି ନିର୍ମାଣ ସକାଶେ ବିନିଯୋଗ କରାଯାଇଛି। ପ୍ରଶାସନ ଆଗରୁ ସେମାନଙ୍କୁ ସତର୍କ ନ କରି ହଠାତ ନିଷେଧାଦେଶ ଜାରିକରିବା ଦ୍ୱାରା ବହୁ କ୍ଷତିର ସମ୍ମୁଖୀନ ହେବାକୁ ପଡିବ।

## ଏବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨୫।୮(ଶିଶିର ପଟ୍ଟନାୟକ):





ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସର ଗ୍ରହଣ କରିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଡିଓ)ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ଗୋଷ୍ଠି ଶିକ୍ଷା ଅଧିକାରୀ ଦିବ୍ୟପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରି ବୈକୁଣ୍ଠ ନାଥ ସାହୁ ଜଣେ ଆଦର୍ଶ ଶିକ୍ଷକ ସହ ଜଣେ ଦକ୍ଷ ଶିକ୍ଷା ଅଧିକାରୀ ଥିଲେ ବୋଲି କହିଥିଲେ। ଅନ୍ୟତମ ଏବିଇଓ ମିହିରକାନ୍ତ ପ୍ରଧାନ, ରଞ୍ଜନ କୁମାର ରାଉତରାୟ, ରଶ୍ମିତା ମହାରଣା, ପଙ୍କଜିନୀ ସାହୁ ପ୍ରମୁଖ ବୈକୁଣ୍ଠ ସାହୁଙ୍କୁ ଏକ ଆଦର୍ଶ ଶିକ୍ଷକ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ବୈକୁଣ୍ଠ ନାଥ ସାହୁ ତାଙ୍କ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ।

## ବେଲଗୁଣ୍ଠା ବଣିକ ସଂଘ ପକ୍ଷରୁ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ

ବେଲଗୁଣ୍ଠା,୨୫।୮
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନାରେ ଯୋଗ ଦେଇଥିବା ନୂତନ ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ବେଲଗୁଣ୍ଠା ବଣିକ ସଂଘ ତରଫରୁ ସ୍ୱାଗତ କରାଯାଇଛି। ବେଲଗୁଣ୍ଠା ବଣିକ ସଂଘ ସଭାପତି ସନତ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଉପସଭାପତି ଜିତେନ୍ଦ୍ର ସୁବୁଦ୍ଧି, କୋଷାଧ୍ୟକ୍ଷ ବୁଲୁ ପାତ୍ର, ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ସଭ୍ୟ ଦେବୀ ପ୍ରସାଦ ପାତ୍ର, ଚିଦାନନ୍ଦ ପାତ୍ର, ସାମ୍ବାଦିକ ଚନ୍ଦନ କୁମାର ସାହୁ ପ୍ରମୁଖ ନୂତନ ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କୁ ସାକ୍ଷାତକରି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ବେଲଗୁଣ୍ଠା ସହର ବାଣିଜ୍ୟର ଏକ ଐତିହାସିକ ପେଣ୍ଠ ସ୍ଥଳ ହୋଇଥିବା ବେଳେ ସହରର ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡ଼ିକର ସୁରକ୍ଷା ଏବଂ ବେଲଗୁଣ୍ଠା ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ବଣିକ ସଂଘ କର୍ମକର୍ତ୍ତା ମାନେ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ବନବିହାରୀ ପ୍ରଧାନ ଖୋର୍ଦ୍ଧା ଟାଉନ୍ ଥାନାରୁ ବଦଳି ହୋଇ ବେଲଗୁଣ୍ଠା ଥାନାକୁ ଆସିଥିବା ବେଳେ ଏଠାରେ ପୂର୍ବରୁ କାର୍ଯ୍ୟରତ ଥାନା ଅଧିକାରୀଙ୍କର ଯାଜପୁର ଜିଲାକୁ ବଦଳି ହୋଇଯାଇଛି।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି ।

ଭଞ୍ଜନଗର,୨୫।୮(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଲାଲସିଂ କାହ୍ନୁରାଉତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକ ଇତିମଧ୍ଯରେ ଖୋର୍ଦ୍ଧା ଜିଲାକୁ ବଦଳି ହୋଇଯାଇଛି । ତେଣୁ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ରଥ ଅଧ୍ୟକ୍ଷତା କରି ଶ୍ରୀ ଗଡ଼ନାୟକଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ତ୍ରିନାଥ ପଟ୍ଟନାୟକ, ସଞ୍ଜୟ କୋଠିଆ, ବୁଦ୍ଧଦେବ ନାଇକ, ଶିକ୍ଷୟତ୍ରୀ ଗୀତାଞ୍ଜଳି ମହାରଣା, ରତ୍ନ ମଞ୍ଜରୀ ପାଢ଼ୀ, ପୁଷ୍ପାଞ୍ଜଳି ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, କଳ୍ପନା ପ୍ରଧାନ, ଶୁଭଲକ୍ଷ୍ମୀ ବେହେରା, ବିଜୟଲକ୍ଷ୍ମୀ ପାଢ଼ୀ, ତତ୍ତ୍ୱଦର୍ଶନୀ ପ୍ରଧାନ, ଦିପ୍ତିମୟୀ ସେଠୀ, ଶିକ୍ଷକ ଜି.ପ୍ରଶାନ୍ତ,ଶୁଭେନ୍ଦୁ ଜେନା, କାହ୍ନୁ ନାଇକ ପ୍ରମୁଖ ଆଲୋଚନାରେ ଭାଗନେଇ ଉଦ୍‌ବୋଧନ ଦେଇଥିଲେ ।

## ଯୋଗାଣ ସହାୟକଙ୍କ ସ୍ମାରକପତ୍ର ପ୍ରଦାନ

ଗୁଣପୁର/ମୁନିଗୁଡ଼ା,୨୫।୮
(ପ୍ରଦୀପ କମାର ପାଢୀ/ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ଗୁଣପୁର ଓ ମୁନିଗୁଡ଼ା ବ୍ଲକରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ଶୁକ୍ରବାର ବିଭିନ୍ନ ଦାବି ନେଇ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁଣପୁରରେ ବିଡିଓ ଶ୍ରଦ୍ଧାଞ୍ଜଳି ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ସେହିପରି ମୁନିଗୁଡା ବ୍ଲକ ଯୋଗାଣ ସହାୟକମାନେ ସଭାପତି ବିପିନ ବଛାଙ୍କ ନେତୃତ୍ୱରେ ବିଡିଓଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଦାବପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯୋଗାଣ ସହାୟକ ଚାକିରି ସ୍ଥାୟୀତ୍ୱ ସହ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରିବା, ସେମାନଙ୍କ ନାମରେ ପିଡିଏସ ଲାଇସେନ୍ସ ପ୍ରଦାନ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟକାଳୀନ ସହାୟତା ରାଶି ପ୍ରଦାନ ଓ ପରିବାରବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ, ସେମାନଙ୍କୁ ପଞ୍ଚାୟତରାଜ ବିଭାଗରୁ ନିବୃତ୍ତ କରାଯାଇ ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କ ପଦବୀ ଆସିଷ୍ଟାଣ୍ଟ ସପ୍ଲାଇ ଇନସ୍ପେକ୍ଟରରେ ନାମିତ କରିବା, ଇ.ପିଓଏସ ଡିଭାଇସ ପରିଚାଳନାର ପ୍ରୋତ୍ସାହନ ରାଶି ଯୋଗାଣ ସହାୟକଙ୍କୁ ପ୍ରଦାନ, ମାସିକ ପିଡିଏସ ଆବଣ୍ଟନରେ ୨ ଶତକଡା ନିଅଣ୍ଟକେ ଭରଣା କରିବା ଆଦି ଦାବି ରହିଛି। ୨ରୁ ୩ ଦିନ ମଧ୍ୟରେ ସେମାନଙ୍କ ଦାବି ସମାଧାନ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଗ୍ରାହକ ସେବାକେନ୍ଦ୍ରକୁ ସିଏସ୍‌ପି ପ୍ଲସ୍‌ରେ ଅନ୍ତର୍ଭୁକ୍ତ ଦାବି

ପାତ୍ରପୁର,୨୫।୮(ଉମା ଚରଣ ନେପାକ): ଗତ ଦଶ ବର୍ଷ ହେଲା ପାତ୍ରପୁର ବ୍ଲକର ସମସ୍ତ ପଞ୍ଚାୟତରେ ଗ୍ରାହକ ସେବାକେନ୍ଦ୍ର ଖୋଲି ଜନସାଧାରଣଙ୍କୁ ଟଙ୍କା ଉଠେଇବା ଠାରୁ ଆରମ୍ଭ କରି ଜମା କରିବା ଏବଂ ସମସ୍ତ ସରକାରୀ ସୁବିଧା ଲୋକଙ୍କ ଦୁଆର ମୁହଁରେ ପହଞ୍ଚାଉଛନ୍ତି। ସମସ୍ତ ଜନହିତକର ଯୋଜନାରେ ସାମିଲ ଥିବା ଗ୍ରାହକ ସେବାକେନ୍ଦ୍ର କର୍ମଚାରୀଙ୍କୁ ଉପେକ୍ଷା କରି ବର୍ତ୍ତମାନ ସରକାର ସିଏସପି ପ୍ଲସ ଯୋଜନା ପ୍ରତି ପଞ୍ଚାୟତରେ ଆରମ୍ଭ କରି ନୂଆ ଲୋକଙ୍କୁ ନିଯୁକ୍ତି ଦିଆଯିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପାତ୍ରପୁର ବ୍ଲକର ସମସ୍ତ ପଞ୍ଚାୟତରେ ଏସିଆଇ, ବ୍ୟାଙ୍କ ଅଫ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ, କାନାରା ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ଖୋଲି ୨୦ରୁ ଊର୍ଦ୍ଧ୍ୱ ବେକାର ଯୁବକଯୁବତୀ ନିଜ ଅର୍ଥରେ ଗ୍ରାହକ ସେବାକେନ୍ଦ୍ର ଖୋଲି ଲୋକଙ୍କୁ ବିଭିନ୍ନ ସୁବିଧା ଦେବା ସହ ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ବର୍ତ୍ତମାନ ସିଏସ୍‌ପି ପ୍ଲସରେ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ସରକାର ଖୋଲିବାକୁ ଥିବା ସିଏସ୍‌ପି ପ୍ଲସରେ ପୂର୍ବରୁ ଥିବା ଗ୍ରାହକ ସେବାକେନ୍ଦ୍ର କର୍ମୀଙ୍କୁ ସାମିଲ ପାଇଁ ଧର୍ମେନ୍ଦ୍ର ମହାନ୍ତି, ଚିନ୍ମୟ କୁମାର ବେହେରା, ରିପନ ପାତ୍ର, ଉମାଚରଣ ନେପାକ, ବିଜୟଲକ୍ଷ୍ମୀ ପାଢ଼ୀ, ସେବତୀ ଦଳେଇ, ମନରଞ୍ଜନ ସାହୁ, ସୁଶାନ୍ତ ପାଇକ, ସନ୍ତୋଷ ପଣ୍ଡା ପ୍ରମୁଖ ଶୁକ୍ରବାର ବିଡ଼ିଓ ସୁମନ ସୁଧା କୁଣ୍ଡୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସମସ୍ୟାରେ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜେନାପୁର,୨୫।୮(ଅଶୋକ ଦାସ)




- ନାହାନ୍ତି ଆବଶ୍ୟକ ଅଧ୍ୟାପିକାଅଧ୍ୟାପକ
- ଶିକ୍ଷାଦାନ ବାଧାପ୍ରାପ୍ତ
- ଶୌଚାଳୟ ଅବସ୍ଥା ବିପର୍ଯ୍ୟସ୍ତ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାନା ସମସ୍ୟା ଲାଗିରହିଛି। ୧୯୮୩ରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମ ବର୍ଷର କଳା ଛାତ୍ରୀଛାତ୍ର ୨୪୦ ଓ ଦ୍ୱିତୀୟ ବର୍ଷର କଳା ଛାତ୍ରୀଛାତ୍ର ୨୫୫ ମୋଟ୍ ୪୯୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ୧୨ ଅଧ୍ୟାପିକାଅଧ୍ୟାପକ ଆବଶ୍ୟକ ଥିବାବେଳେ ଏବେ ୮ଜଣ ଅଛନ୍ତି। ତେଣୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏଠାରେ ଓଡ଼ିଆ, ଇକୋନୋମିକ୍ସ ଓ ପଲିଟିକାଲ ସାଇନ୍ସ ବିଷୟ ପଢ଼ାଇବା ପାଇଁ ଅଧ୍ୟାପିକଅଧ୍ୟାପକ ନାହାନ୍ତି। ସେହିପରି ଜଣେ ମହିଳା ଆଟେଣ୍ଡାଣ୍ଟ, କିରାଣି ଓ ୩ଜଣ ପିଅନ ପଦବୀ ଖାଲି ପଡ଼ିଛି। ସ୍ମାର୍ଟ କ୍ଲାସରୁମ୍, ଇଲବ୍ରେରୀ ଓ ସାଇକେଲ ଷ୍ଟାଣ୍ଡ ମଧ୍ୟ ନାହିଁ। ଶୌଚାଳୟ ଅବସ୍ଥା କହିଲେ ନ ସରେ। ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ବ୍ୟବହାରଯୋଗ୍ୟ ହୋଇ ପାରୁନାହିଁ। ଶୌଚାଳୟ ପରିସରରେ ଅନାବନା ଗଛ ଉଠିଥିବା ଦେଖିବାକୁ ମିଳିଛି। କେତକସ୍ଥାନରେ ଗଛ ଉଠି ଜଙ୍ଗଲ ଭଳି ହୋଇଛି। ଯଦ୍ୱାରା ତାହା ସରୀସୃପଙ୍କ ବାସସ୍ଥଳି ପାଲଟିଛି। ଛାତ୍ରୀଛାତ୍ର ଭୟରେ ଶୌଚାଳୟକୁ ଯାଉନାହାନ୍ତି। ଶୁଦ୍ଧ ପିଇବା ପାଣି ବିଦ୍ୟାଳୟରେ ମିଳି ପାରୁନାହିଁ। ବିଦ୍ୟାଳୟ ଆଗରେ ପରିତ୍ୟକ୍ତ କୂଅ ଖୋଲାମେଲରେ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟଟି ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ବନ୍ୟା ସମୟରେ ପିଲାଙ୍କୁ ବିଦ୍ୟାଳୟ ଆସିବାରେ ଆସୁବିଧା ହୁଏ। ପାଚେରି ନ ଥିବାରୁ ବହୁ ବିପଦ ସୃଷ୍ଟିହୁଏ। ତେଣୁ ଏହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଆବଶ୍ୟକ ସଂଖ୍ୟକ ଅଧ୍ୟାପିକାଅଧ୍ୟାପକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏ ବାବଦରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। କର୍ତ୍ତୃପକ୍ଷ ଯାହା ପଦକ୍ଷେପ ନେବେ ସେହି ଅନୁସାରେ ବିଦ୍ୟାଳୟ ପରିଚାଳିତ ହେବ।



ବିପର୍ଯ୍ୟସ୍ତ ଅବସ୍ଥାରେ କଲେଜ ଶୌଚାଳୟ।

# ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ରସୁଲପୁର/ଯାଜପୁର ଟାଉନ, ୨୫।୮(ରଞ୍ଜିତ ରାଉତ/ପ୍ରଯୁକ୍ତା ମହାନ୍ତି)




- ଅଭିଯୁକ୍ତ ଗିରଫ
- ଚାଲାଣବେଳେ ଧରିଲା ଅବକାରୀ ସ୍କ୍ୱାଡ୍

ଯାଜପୁର ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କୁଆଖିଆ ବଜାରଠାରେ ଚଢ଼ାଉ କରାଯାଇ ୫୦କେଜି ଗଞ୍ଜେଇ ସହ ଏକ ହୋଣ୍ଡା ସିଟି (ଡବ୍ଲ୍ୟୁବି–୦୬–ଏ–୭୮୭୫)କାର୍ ଜବତ କରାଯାଇଛି। ଏଥିସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। କାର୍‌ରେ ଗଞ୍ଜେଇ ଆସୁଥିବା ଖବର ପାଇ ଯାଜପୁର ଅବକାରୀ ବିଭାଗର ଏକ ସ୍କ୍ୱାଡ୍ କୁଆଖିଆ ବଜାରଠାରେ ଜଗି ରହିଥିଲା। ଉକ୍ତ କାରକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଉକ୍ତ ଗଞ୍ଜେଇକୁ ପଶ୍ଚିମବଙ୍ଗ ବୀରଭୂମି ଜିଲା ସୁରି ଥାନା ଅନ୍ତର୍ଗତ ସିଲିପଡ଼ା ଅଞ୍ଚଳର ଚନ୍ଦନ ମଣ୍ଡଳ ଅଭିଯୁକ୍ତ ପଶ୍ଚିମଓଡ଼ିଶା ଅଞ୍ଚଳରୁ ଆଣୁଥିଲେ ବୋଲି ଜଣାପଡିଛି। ଅଭିଯୁକ୍ତ ମଣ୍ଡଳ ଉକ୍ତ ଗଞ୍ଜେଇକୁ ପଶ୍ଚିମବଙ୍ଗକୁ ନେଇ ବ୍ୟବସାୟ କରିବାକୁ ଯାଉଥିଲେ। ଜବତ ଗଞ୍ଜେଇକୁ ଅଭିଯୁକ୍ତ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବ୍ୟବସାୟ କରିଥାନ୍ତେ ବୋଲି ଅବକାରୀ ବିଭାଗ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ଓଡ଼ିଶାର ପଶ୍ଚିମାଞ୍ଚଳ ଭାଗରେ ବେଆଇନ ଭାବରେ ଅନେକ ସ୍ଥାନରେ ଗଞ୍ଜେଇ ଚାଷ କରାଯାଉଛି। ପାହାଡ଼ ଓ ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ଚାଷ କରାଯାଇ ଚୋରାରେ ବିକ୍ରି କରାଯାଉଛି। ଏଥିରୁ ପଡ଼ୋଶୀ ରାଜ୍ୟର ଚୋରା ନିଶାଦ୍ରବ୍ୟ ଚାଲାଣକାରୀମାନେ ଫାଇଦା ନେଉଛନ୍ତି। ପଡୋଶୀ ରାଜ୍ୟରେ ଗଞ୍ଜେଇର ଅଧିକ ଚାହିଦା ରହୁଥିବାରୁ ଉତ୍ପାଦିତ ଅଧିକାଂଶ ଗଞ୍ଜେଇ ବାହାର ରାଜ୍ୟକୁ ପରିବହନ ହେଉଥିବା ଅବକାରୀ ବିଭାଗ ଜାଣିବାକୁ ପାଇଛି। ମାତ୍ର ଏଠାରେ ବିଭାଗ ପକ୍ଷରୁ ଜବତ ହୋଇଥିବା ଗଞ୍ଜେଇ କେବଳ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଯାଜପୁର ଅବକାରୀ ବିଭାଗ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଗଞ୍ଜେଇ ଗାଡିକୁ ଜବତ କରିବାରେ ସକ୍ଷମ ହୋଇଛି। ଚଢ଼ାଉରେ କୁଆଖିଆ ଅବକାରୀ ଥାନା ଅଧିକାରୀ ବିଶ୍ୱନାଥ ଜେନା, ଯାଜପୁର ଅଧିକାରୀ ପ୍ରଦୀପ କୁମାର ରଥ, ଗଙ୍ଗାଧର ସେଠୀ, ରାକେଶ ମୁର୍ମୁ, ପୂର୍ଣ୍ଣିମା ଘୋଷ ଓ ଧବଳେଶ୍ୱର ମହାନ୍ତିଙ୍କ ସମେତ ଏକ ୭ଜଣିଆ ଦଳ ସାମିଲ ହୋଇଥିଲେ। ଜିଲା ଅବକାରୀ ଥାନାରେ ଏକ ମାମଲା ନଂ.୫୭/୨୩ ରୁଜୁ ହୋଇଛି। ଇନ୍ସପେକ୍ଟର ସାହୁ ମାମଲାର ତଦନ୍ତ କରୁଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ବ୍ୟାଟେରି ଚୋରି




ରସୁଲପୁର,୨୫।୮(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ ବ୍ୟାଟେରି ବୋଝେଇ ଟ୍ରକ୍‌ରୁ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଟ୍ରକରୁ ବ୍ୟାଟେରି ଅନ୍ୟତ୍ର ସ୍ଥାନାନ୍ତର ସମୟରେ ୩୪ଟି ବ୍ୟାଟେରି କମ୍ ଥିବା ଜଣାପଡ଼ିଥିଲା। ଉକ୍ତ ବ୍ୟାଟେରିକୁ କେହି ଚୋରି କରି ନେଇଥିବା ସନ୍ଦେହକରି ସମ୍ପୃକ୍ତ କମ୍ପାନୀର ଜଗତପୁର ଶାଖା କର୍ମଚାରୀ ସତିଶ ଶର୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ପୋଲିସ (ନଂ.୩୧୦/୨୩)ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଏସ୍‌ଆଇ ଦେବପଦ ମହାନ୍ତ ମାମଲା ତଦନ୍ତ କରୁଛନ୍ତି। କେଉଁ ପରିସ୍ଥିତିରେ ବ୍ୟାଟେରି ଚୋରି ହୋଇଗଲା ତାକୁ ନେଇ ତନାଘନା ଜାରି ରହିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଟ୍ରକ୍ ରାସ୍ତାରେ ଛଡା ହୋଇଥିଲା। ଉକ୍ତ ଗାଡ଼ିକୁ ସଜାଡ଼ିବା ସମୟରେ ଆଉ ଏକ ଟିପ୍ପର ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଟ୍ରକଟିକୁ ପୋଲିସ ଦୁର୍ଘଟଣାସ୍ଥଳରୁ ସ୍ଥାନାନ୍ତର କରି ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା। ଦୁର୍ଘଟଣାଗ୍ରସ୍ତ ବ୍ୟାଟେରି ବୋଝେଇ ଗାଡ଼ିଟିକୁ ବିଜୁ ନଗରସ୍ଥିତ କାଳିଆ ହୋଟେଲ ନିକଟ ରାସ୍ତା ପାର୍ଶ୍ୱରେ ପାର୍କିଂ କରାଯାଇଥିଲା। ଫଳରେ ଉକ୍ତ ଗାଡ଼ିରୁ ବ୍ୟାଟେରି ଚୋରି ହୋଇଯାଇଥିଲା।

# କାଉଡ଼ିଆଙ୍କ ଅଟୋକୁ ଧକ୍କା ଦେଲା ବୋଲେରୋ, ଚାଳକ ଗୁରୁତର

ରସୁଲପୁର,୨୫।୮(ରଞ୍ଜିତ ରାଉତ)

କୁଆଖିଆ ଥାନା ୧୬ ନଂ. ଜାତୀୟ ରାଜପଥର ବିଜୁନଗର ପେଟ୍ରୋଲ ପମ୍ପ ନିକଟରେ ବୋଲବୋମ୍ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରୁ କାଉଡ଼ିଆମାନେ ବର୍ତ୍ତି ଯାଇଛନ୍ତି। ଅଟୋଟି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲା। ଅଟୋରେ ଚାଳକ ବସିଥିବାବେଳେ କାଉଡ଼ିଆମାନେ ପାଖ ଦୋକାନକୁ ଯାଇଥିଲେ। ଏହି ସମୟରେ ଅଟୋକୁ ଏକ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ସ୍ଥାନୀୟ କୋଳଥଳ ଗାଁର ରୋହିତ ବେହେରା ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇ ଥିବା ବୋଲେରୋ ଓ ଦୁର୍ଘଟଣା ଗ୍ରସ୍ତ ଅଟୋକୁ ଜବତ କରିଥିଲା। ପରେ ବୋଲେରୋ ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ସଇଦପୁର ଗାଁର ଟୁନା ସାହୁଙ୍କୁ ପୋଲିସ ଅଟକ ରଖିଥିଲା। ଦୁର୍ଘଟଣା ସମ୍ପର୍କରେ କୋଳଥଳ ଗାଁର ଘନଶ୍ୟାମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୩୧୧/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଦଶରଥପୁରରେ ମିଶନ ଶକ୍ତି ସଚେତନତା ଶିବିର




ମିଶନ ଶକ୍ତି ସଚେତନତା ଶିବିରରେ ମଞ୍ଚାସୀନ ଏମପି, ମନ୍ତ୍ରୀ ଓ ଅନ୍ୟମାନେ।

ଝୁମ୍ପୁରୀ,୨୫।୮(ସରୋଜ ନାୟକ)

ଦଶରଥପୁର ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସନ୍ନିକଟ ତହସିଲ ଅଫିସ୍ ସମ୍ମୁଖ ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ବ୍ଲକ୍‌ର ୩୫ ପଞ୍ଚାୟତରେ ପ୍ରାୟ ୨୫୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଯୋଗଦେଇଥିଲେ। ଜିଲା ମିଶନ ଶକ୍ତିର ସଭାନେତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ମିଶନ ଶକ୍ତି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିଭିନ୍ନ ଯୋଜନାରେ ଋଣ ଦେବାପାଇଁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବାସହ ଏହାକୁ କାର୍ଯ୍ୟକାରୀ କରାଇବାରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଏହାର ସଦୁପଯୋଗ କରିବାକୁ ମଲ୍ଲିକ କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ମହିଳାମାନେ ମିଶନ ଶକ୍ତି ମାଧ୍ୟମରେ ନିଜକୁ ଆଗକୁ ବଢ଼ାଇବା ସହ ସେମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷ ଝିଲି ମଲ୍ଲିକ, ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ନୀନାରାଣୀ ସାମଲ, ମାମିନା ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କେଶରୀ ପରିଡ଼ା, ସିଡିପିଓ ଶାନ୍ତିଲତା ସେଠୀ, ମିଶନ ଶକ୍ତିର ଡିପିସି ସଞ୍ଜୟ ମଲ୍ଲିକ, ଜୀବିକା ମିଶନର ବ୍ଲକ୍ ବିପିଏମ୍ ମୀନତି ସାମଲ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବ୍ଲକ୍ ସଭାପତି ସବିତା କର ପ୍ରମୁଖ ଯୋଗଦେଇଥିଲେ। ମିଶନ ଶକ୍ତି ମାଧ୍ୟମରେ ବ୍ୟାଙ୍କରୁ ଋଣ ନେଇନଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀଙ୍କୁ ବ୍ୟାଙ୍କରୁ ଋଣ ନେବା ପାଇଁ ଅନୁମତିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ବ୍ଲକ୍‌ର ସମସ୍ତ ସିଆରପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ପଞ୍ଚାୟତ ମହାସଂଘ କର୍ମକର୍ତ୍ତା, ମିଶନ ଶକ୍ତି, ଏଲ୍‌ଏମ୍‌ର କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ଶତାଧିକ ମହିଳା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

# ବିପଦରେ ଢାଙ୍କୁଣିବିହୀନ ଡ୍ରେନ୍

ବ୍ୟାସନଗର ପୌର ପରିଷଦ

ଯାଜପୁର,୫।୮(ହର୍ଷବର୍ଦ୍ଧନ ବେହେରା)



ଢାଙ୍କୁଣି ନ ଥିବାରୁ ଗୋରୁଟି ଡ୍ରେନ୍‌ରେ ଫସିରହିଛି।

ବ୍ୟାସନଗର ପୌରପରିଷଦ ଗଠନ ହେବାର ୨୯ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ଇତିମଧ୍ୟରେ ୬ ରୁ ଊର୍ଦ୍ଧ୍ୱ ଥର ଲେଖାଏ ପୌର ପରିଷଦ ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ବିଧାୟକ ନିର୍ବାଚିତ ହୋଇ ସାରିଛନ୍ତି। କିନ୍ତୁ ଆଜି ବି ଡ୍ରେନେଜ ଓ ପରିମଳ କ୍ଷେତ୍ରରେ ଅବହେଳା ଯୋଗୁ ବ୍ୟାସନଗର ସହରବାସୀ ଦୀର୍ଘଦିନ ହେଲା ଋନ୍ଧି ହେଉଛନ୍ତି। ସହରର ପ୍ରାୟ ୫୦ ଭାଗ ଅଞ୍ଚଳରେ ଡ୍ରେନଗୁଡିକ ନିର୍ମାଣ ହୋଇଥିଲେ ହେଁ ସେଥିମଧ୍ୟରୁ ଅଧିକାଂଶ ଡ୍ରେନ ଉପରେ ସ୍ଲାବ୍ ପଡି ପାରିନାହିଁ। ଫଳରେ ଉକ୍ତ ଡ୍ରେନରେ ଗୋରୁଗାଈ, ବାଛୁରୀ ଆଦି ପଡି ଆହତ ହେଉଥିବା ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଦୁର୍ଘଟଣା ଘଟି ଲୋକମାନେ ମଧ୍ୟ ବିପଦରେ ପଡୁଥିବା ନଜିର ରହିଛି। ଶୁକ୍ରବାର ଭୋର ପ୍ରାୟ ୫ଟା ସମୟରେ ଗୋଶାଳା ଛକ ଠାରୁ ମହତାବନଗର ବସ୍ତିରେ ଥିବା ଡ୍ରେନ ଭିତରେ ପଡି ଏକ ବାଛୁରି ଆହତ ହୋଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବାଛୁରିକୁ ଉଦ୍ଧାର କରିଥିଲେ। ଏହି ସ୍ଥିତିରେ ବ୍ୟାସନଗର ମ୍ୟୁନିସିପାଲିଟି କେବଳ ଅବହେଳା କରୁନାହିଁ, ସୁରକ୍ଷା ବ୍ୟବସ୍ଥା ପ୍ରତି ଆଖିବୁଜି ଦେଇଛି ବୋଲି ମତପ୍ରକାଶ ପାଇଛି।


## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.13-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR)ମଣ୍ଡଳର ଦକ୍ଷିଣ ସେକ୍ସନରେ 07 ଗୋଟି ଷ୍ଟେସନ (ବାଲୁଗାଁ, ଛତ୍ରପୁର, ଇଚ୍ଛାପୁରମ୍, ସାକ୍ଷୀଗୋପାଳ, ରଘୁନାଥପୁର, ପାରାଦ୍ୱୀପ) ଗୁଡ଼ିକ ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ (₹): 87,22,454.66, EMD (₹) : 1,74,500/-, ଶେଷ ହେବା ଅବଧି : 180 ଦିନ ।
(2) ଟେଣ୍ଡର ବିଜ୍ଞପ୍ତି ସଂ.16-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR)ମଣ୍ଡଳର 07 ଗୋଟି ଷ୍ଟେସନ (ପାରାଦ୍ୱୀପ, ରଘୁନାଥପୁର, ସାକ୍ଷୀଗୋପାଳ, ପଲାସା, ଇଚ୍ଛାପୁରମ୍, ଛତ୍ରପୁର, ବାଲୁଗାଁ) ଗୁଡ଼ିକ ଠାରେ 177 bay ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ (₹): 1,85,45,292.01, EMD (₹) : 2,42,700/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.30.08.2023 ରିଖ (ଉଭୟ ଟେଣ୍ଡର ନିମନ୍ତେ)। ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.09.2023 ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ
PR-500/O/23-24



## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/23-24/E-Tender/69, ତା.22.08.2023ରିଖ
(1) ଟେଣ୍ଡର ସଂ.e-Tender-NORTHKUR-190-2023,ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବୈତରଣୀ ରୋଡ୍-ଜେନାପୁର ଷ୍ଟେସନ ମଧ୍ୟରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 16 ଗୋଟି ପୋଲଗୁଡ଼ିକର RCC ବାକ୍ସ ପୋଲରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 511.93 ଲକ୍ଷ, EMD (₹) : 4,06,000.00
(2) ଟେଣ୍ଡର ସଂ.e-Tender-NORTHKUR-194-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ସେକ୍ସନ ଅଧୀନସ୍ଥ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ 30.176 କି.ମି. ନିମନ୍ତେ ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ ଏବଂ 56.43 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 958.86 ଲକ୍ଷ, EMD (₹) : 6,29,400/-
(3) ଟେଣ୍ଡର ସଂ.e-Tender-NORTHKUR-199-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କେନ୍ଦୁଝର ଗଡ଼ ଅଧୀନସ୍ଥ ସୀତାବାଞ୍ଜି-ଜାରୋଲି ସେକ୍ସନରେ କି.ମି.16.298 ଠାରୁ କି.ମି.90.350 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 130.40 ଲକ୍ଷ, EMD (₹) : 2,15,200/-
(4) ଟେଣ୍ଡର ସଂ.e-Tender-NORTHKUR-200-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ହରିଚନ୍ଦନପୁର ଅଧୀନସ୍ଥ ଟୋମ୍କା-ସୀତାବାଞ୍ଜି ସେକ୍ସନରେ କି.ମି.90.350 ଠାରୁ କି.ମି.151.200 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 95.40 ଲକ୍ଷ, EMD (₹) : 1,90,800/-
ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ): 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.06.09.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍
PR-498/O/23-24



## कार्यालय, जिला परिषद, राँची
(अभियंत्रण शाखा)

अति अल्पकालीन ई–निविदा आमंत्रण सूचना
टेन्डर रिफ्रेन्स नम्बर–DOPR/DE/Ranchi/14/2023-24

| S.No | योजना का नाम | प्राक्कलित राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | खलारी प्रखण्ड अंतर्गत पंचायत मैक्लुस्कीगंज नकटा पहाड़ परासतरी मोड़ से नकटा पहाड़ तक 03 कि0मी0 पथ का निर्माण कार्य। | 3,01,94,000.00 | 6,03,900.00 | 10,000.00 | 09 माह |
| 2 | खलारी प्रखण्ड के पंचयात मध्य चुरी ग्राम चुरी अन्तर्गत मानकी खेल मैदान से सुभाष नगर शिव मंदिर तक 3100 फीट पी0सी0सी0 पथ निर्माण। | 56,76,000.00 | 1,13,600.00 | 10,000.00 | छ : माह |
| 3 | खलारी प्रखण्ड के पंचयात खलारी ग्राम खलारी अन्तर्गत बलेश्वर गंझू के घर से दर्शन गंझू के घर होते हुए खलारी मुख्य पथ तक 3300 फीट पी0सी0सी0 पथ निर्माण। | 55,57,000.00 | 1,11,200.00 | 10,000.00 | छः माह |
| 4 | खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण। | 50,54,000.00 | 1,01,100.00 | 10,0000.00 | छः माह |
| 5 | खलारी प्रखण्ड अंतर्गत चुरी उत्तर ग्राम चुरी अंतर्गत सुभाष नगर से दामोदर नदी तक 3370 फीट पी0सी0सी0 पथ निर्माण कार्य। | 56,66,000.00 | 1,13,500.00 | 10,000.00 | छः माह |

नोट :–केवल ई–टेण्डर ही स्वीकार होगें।
1.अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि– 31.08.2023
3. ई–निविदा की प्राप्ति की तिथि एवं समय– 01.09.2023 से 06.09.2023 अपराहन 5.00 बजे तक।
4. जिला नियंत्रण कक्ष, राँची में निविदा शुल्क, अग्रधन की राशि एवं निविदा दस्तावेज हार्ड कॉपी में जमा करने की तिथि–08.09.2023 को अपराहन 03.00 बजे तक।
5. निविदा खोलने की तिथि–09.09.2023 को 3.00 बजे अपराहन।
6. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची।
7. ई–निविदा प्रकोष्ट का दुरभाष नं0–
8. परिमाण विपत्र का मूल्य (जो लौटाया नहीं जायेगा) किसी स्थानीय राष्ट्रीयकृत बैंक द्वारा निर्गत बैंक ड्राफ्ट के माध्यम से लिया जायेगा जो जिला अभियन्ता, जिला परिषद, राँची के पदनाम से प्लेज्ड होगा एवं राँची में भुगतेय होगा।
9. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
10. निविदा डबल बीड प्रद्वति से होगा।
11. इस निविदा में जिला परिशद, राँची एवं ग्रामीण विकास विभाग झारखण्ड में निबंधित समुचित श्रेणी के संवेदक भाग लेगें।

जिला अभियंता, जिला परिषद, राँची।
PR 305527 (Panchayati Raj) 23-24 (D)



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: 12698 IND-II-PH-୧୧୭୨ — ତାରିଖ: 10.08.2023

### ବିଜ୍ଞାପନ

No. CAD-1670:- ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଜି. ଭେଙ୍କଟ ରମଣ ଓଡ଼ିଶାର ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ମହାଦେଇପୁର / ବୁଗୁଡ଼ା ଏବଂ ବଡ଼ଦେଉଳ ଗ୍ରାମରେ ୧୭.୧୭୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ମହାଦେଇପୁର / ବୁଗୁଡ଼ା ଏବଂ ବଡ଼ଦେଉଳ ବାଲିଘାଟ କ୍ଲଷ୍ଟର (କ୍ଲଷ୍ଟର ଆପ୍ରୋଚ୍ ଅଧୀନରେ ଆବେଦନ କରାଯାଇଥିବା) ଦୁଇଟି ବାଲିଘାଟ ନିହିତ ସମୁଦାୟ ୧୭.୧୭୯ ହେକ୍ଟର ଅଞ୍ଚଳ ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)] ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୬।୦୯।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ମଧୁସୂଦନପୁରସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଗଜପତି।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଗଜପତି।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାୟଗଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ
OSPCB-PH-MISC-0066-2023/3/2023
OIPR-08012/11/0076/2324

**ବଦଳିବ ଜଗନ୍ନାଥ, ଦକ୍ଷିଣକାଳୀ ମନ୍ଦିର ରୂପରେଖ**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମନ୍ଦିର ଓ ମା ଦକ୍ଷିଣକାଳୀଙ୍କ ମନ୍ଦିର ରୂପରେଖ ବଦଳିବ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ନିଜର ସମର୍ଥକଙ୍କ ସହ ଉଭୟ ମନ୍ଦିରକୁ ଯାଇଥିଲେ । ଉପଜିଲାପାଳ ଶକ୍ତିକାନ୍ତ ରାୟ, ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁ ପ୍ରସାଦ ଜେନା ଓ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । ଉଭୟ ମନ୍ଦିରର ସୌନ୍ଦର୍ଯ୍ୟକରଣ କିପରି କରାଯିବ ଆର୍କିଟେକ୍ଟର, ବୁଦ୍ଧିଜୀବମାନଙ୍କ ମତାମତ ନେଇଥିଲେ । ୫-ଟି ସଚିବଙ୍କ ଗସ୍ତ ପରେ ଏହି ଦୁଇ ମନ୍ଦିର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

# ମିଶନ ଶକ୍ତି ମହାସଂଘ ମହିଳାଙ୍କୁ ଟ୍ରାକ୍ଟର ମିଳିଲା



ମିଶନ ଶକ୍ତି ମହାସଂଘର କର୍ମକର୍ତ୍ତାଙ୍କୁ ଟ୍ରାକ୍ଟର ପ୍ରଦାନ କରାଯାଉଛି ।

ଭାପୁର,୨୫।୮ (ଭରତ କୁମାର ବେହେରା )

ମିଶନ ଶକ୍ତିର ନୂଆ ପ୍ରୟାସ । ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱାବଲମ୍ବୀ ସହ ରୋଜଗାରକ୍ଷମ କରିବାର ସୁଯୋଗ ସୃଷ୍ଟି କରୁଛି । ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମିଶନ ଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଜ୍ୟ ସରକାର ବିଭିନ୍ନ ମିଶନ ଶକ୍ତି ଗୋଷ୍ଠୀ ମାଧ୍ୟମରେ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି । ତେବେ ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ପଞ୍ଚାୟତର ମିଶନ ଶକ୍ତି ମହାସଂଘର ମହିଳା ସଦସ୍ୟାମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ପାଇଁ ମିଶନ ଶକ୍ତି ବିଭାଗ ସହଯୋଗରେ ଏକ ଟ୍ରାକ୍ଟର ପ୍ରଦାନ କରାଯାଇଛି । ବାଇଗୁଣିଆ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘର ମହିଳାମାନେ କୃଷିଭିତ୍ତିକ ଚାଷବାସ କରି ନିଜେ ସ୍ୱାବଲମ୍ବୀ ହେବା ସହ ରୋଜଗାର କରିପାରିବେ ।

ବାଇଗୁଣିଆ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ମହିଳାମାନଙ୍କୁ ଭାପୁର କୃଷି ବିଭାଗ ତରଫରୁ ଟ୍ରାକ୍ଟର ପ୍ରଦାନ ବେଳେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ବିଜୁଜନତା ଦଳର ମହିଳା ସଭାନେତ୍ରୀ କବିତା ମହାରଣା, ସ୍ଥାନୀୟ ସମିତି ସଭ୍ୟା ରମାମଣୀ ଦାଶ, ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ବିଦ୍ଯୁଲତା ଦାଶ, ଏବିକେ ବନ୍ଦିତା ଦାସ, ସମ୍ପାଦିକା ସୁଷମା ବିଶୋଇ ସମେତ ପଞ୍ଚାୟତର ୧୩ ସିଆରପି ମଞ୍ଚର ୨୬ଜଣ ସଦସ୍ୟ ଉପସ୍ଥିତ ଥିଲେ । ନୟାଗଡ଼ ଜିଲା ଭାପୁର ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୬ଶହରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇ ପଞ୍ଜିକୃତ ହୋଇଛି । ବ୍ଲକର ୨୦ପଞ୍ଚାୟତ ମଧ୍ୟରୁ ବାଇଗୁଣିଆ ପଞ୍ଚାୟତରେ ସର୍ବାଧିକ ୧୩୫ ଏସ୍ଏଜି ଗ୍ରୁପ ପଞ୍ଜୀକୃତ ହୋଇଥିବା ବେଳେ ୨୦ ଏସ୍ଏଜି ଗ୍ରୁପ ପଞ୍ଜୀକୃତ ହୋଇନାହିଁ ବୋଲି ସୂଚନା ମିଳିଛି । ଏହି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୧୦ଲକ୍ଷ ଟଙ୍କାରେ ଟ୍ରାକ୍ଟର,ଲୁହା ଲଙ୍ଗଳ ପ୍ରଦାନ କରାଯାଇଛି । ଜୈବିକ ପଦ୍ଧତିରେ କୃଷିଭିତ୍ତିକ ଚାଷବାସ କରି ମହିଳାମାନେ ସ୍ୱାବଲମ୍ବୀ ସହ ରୋଜଗାର କରିପାରିବେ । ଏହାପରେ ଏହି ଟ୍ରାକ୍ଟରକୁ ଅନ୍ୟମାନଙ୍କୁ ଲିଜ୍ ଦିଆଯିବ । ଏହି ଟ୍ରାକ୍ଟର ମାଧ୍ୟମରେ ଆଦାୟ ହେବା ଟଙ୍କାରେ ଅନ୍ୟାନ୍ୟ କୃଷି ଉପକରଣ କିଣା ହୋଇପାରିବ ବୋଲି ମହିଳା ଗୋଷ୍ଠୀ କହିଛନ୍ତି ।

# ଭାଜପା ପକ୍ଷରୁ ଭୋଟର ସଚେତନତା ଅଭିଯାନ




ସଚେତନତା ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀ ।

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ଭାଜପା ପକ୍ଷରୁ ଭୋଟର ସଚେତନତା ଅଭିଯାନ ସମ୍ପର୍କୀତ କର୍ମଶାଳା ଶୁକ୍ରବାର ଅପରାହ୍ନରେ ଖଣ୍ଡପଡ଼ା ସହରର ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭାଜପା ନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ଖଣ୍ଡପଡ଼ା ପ୍ରଭାରୀ ପ୍ରଶନ୍ନ କୁମାର ଦାସଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି, ବିସ୍ତାରକ ଓ ଦଳର ସଂଗଠକମାନେ ଯୋଗଦେଇଥିଲେ । ପ୍ରତ୍ୟେକ ବୁଥ୍‌ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭୋଟର ତାଲିକାରେ ନୂତନ ଯୁବତୀ, ଯୁବକଙ୍କର ନାମ ଠିକ୍ ରୁପେ ପଞ୍ଜୀକରଣ କରିବା ସହ ଭୋଟର ତାଲିକାରୁ ମୃତ ବ୍ୟକ୍ତିବିଶେଷଙ୍କ ନାମ ବାଦ୍ ଦେବା ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ନିର୍ବାଚନ ମଣ୍ଡଳୀବାସୀଙ୍କୁ ଅବଗତ କରାଇବା ପାଇଁ ପ୍ରତ୍ୟେକ ବୁଥ୍‌ସ୍ତରରେ ଦଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଭାପୁର ବ୍ଲକ୍ ଅଧୀନ ପଦ୍ମାବତୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ସାହୁ ଶାସକ ଦଳ ନେତାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ି ସମର୍ଥକଙ୍କ ଗହଣରେ ଭାଜପାରେ ଯୋଗ ଦେଇଥିଲେ । ନେତ୍ରୀ ଦାଶ, ଇଂ.ଶ୍ରୀନିବାସ ଦାଶ ଓ ଅନ୍ୟମାନେ ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ୩ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା, ସଂଗଠକ ଓ ପଂଚାୟତ ଲୋକପ୍ରତିନିଧିମାନେ ଯୋଗଦେଇଥିଲେ । ଖଣ୍ଡପଡ଼ା ରଥଗଡ଼ାଛକଠାରୁ ଦଳୀୟ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ।


कार्यालय, जिला परिषद, राँची
(अभियंत्रण शाखा)

अति अल्पकालीन ई–निविदा आमंत्रण सूचना
टेन्डर रिफ्रेन्स नम्बर–DOPR/DE/Ranchi/14/2023-24

| S.No | योजना का नाम | प्राक्कलित राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | खलारी प्रखण्ड अंतर्गत पंचायत मैक्लुस्कीगंज नकटा पहाड़ परासतरी मोड़ से नकटा पहाड़ तक 03 कि0मी0 पथ का निर्माण कार्य। | 3,01,94,000.00 | 6,03,900.00 | 10,000.00 | 09 माह |
| 2 | खलारी प्रखण्ड के पंचयात मध्य चुरी ग्राम चुरी अन्तर्गत मानकी खेल मैदान से सुभाष नगर शिव मंदिर तक 3100 फीट पी0सी0सी0 पथ निर्माण। | 56,76,000.00 | 1,13,600.00 | 10,000.00 | छ : माह |
| 3 | खलारी प्रखण्ड के पंचयात खलारी ग्राम खलारी अन्तर्गत बलेश्वर गंझू के घर से दर्शन गंझू के घर होते हुए खलारी मुख्य पथ तक 3300 फीट पी0सी0सी0 पथ निर्माण। | 55,57,000.00 | 1,11,200.00 | 10,000.00 | छः माह |
| 4 | खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण। | 50,54,000.00 | 1,01,100.00 | 10,0000.00 | छः माह |
| 5 | खलारी प्रखण्ड अंतर्गत चुरी उत्तर ग्राम चुरी अंतर्गत सुभाष नगर से दामोदर नदी तक 3370 फीट पी0सी0सी0 पथ निर्माण कार्य। | 56,66,000.00 | 1,13,500.00 | 10,000.00 | छः माह |

नोट :–केवल ई–टेण्डर ही स्वीकार होगें।
1.अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि– 31.08.2023
3. ई–निविदा की प्राप्ति की तिथि एवं समय– 01.09.2023 से 06.09.2023 अपराह्न 5.00 बजे तक।
4. जिला नियंत्रण कक्ष, राँची में निविदा शुल्क, अग्रधन की राशि एवं निविदा दस्तावेज हार्ड कॉपी में जमा करने की तिथि–08.09.2023 को अपराह्न 03.00 बजे तक।
5. निविदा खोलने की तिथि–09.09.2023 को 3.00 बजे अपराह्न।
6. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची।
7. ई–निविदा प्रकोस्ट का दुरभाष नं0–
8. परिमाण विपत्र का मूल्य (जो लौटाया नहीं जायेगा) किसी स्थानीय राष्ट्रीयकृत बैंक द्वारा निर्गत बैंक ड्राफ्ट के माध्यम से लिया जायेगा जो जिला अभियन्ता, जिला परिषद, राँची के पदनाम से प्लेज्ड होगा एवं राँची में भुगतेय होगा।
9. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
10. निविदा डबल बीड प्रद्वति से होगा।
11. इस निविदा में जिला परिशद, राँची एवं ग्रामीण विकास विभाग झारखण्ड में निबंधित समुचित श्रेणी के संवेदक भाग लेगें।

जिला अभियंता,
जिला परिषद, राँची।

PR 305527 (Panchayati Raj) 23-24 (D)


# କଲଭର୍ଟ ନିର୍ମାଣ ବେଳେ ଭୁଶୁଡ଼ି ପଡ଼ିଲା



ଭାପୁର,୨୫।୮ (ଭରତ କୁମାର ବେହେରା )

ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ପଞ୍ଚାୟତ ବୋରଗାଁଠାରୁ ଭାୟା ବାଘୁଆପଲ୍ଲୀ ରାସ୍ତା ଦେଇ ଭଗବାନପୁର ପଞ୍ଚାୟତ ରାସ୍ତା ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨ କୋଟି ୫୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା । ଠିକାଦାର ରାତିରେ କାମ କରୁଥିବା ବେଳେ ଭଗବାନପୁର ମଧ୍ୟ ଇଂରାଜୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା କଲଭର୍ଟ ଭୁଶୁଡି ପଡିଥିଲା । ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଠିକାଦାର ଓ ଯନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ନିମ୍ନମାନର କାମ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଭଗବାନପୁର ଗ୍ରାମଠାରୁ ବାଘୁଆପଲ୍ଲୀ ପଞ୍ଚାୟତକୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ କେଶ ଚନ୍ଦ୍ର ସୁବୁଦ୍ଧିଙ୍କୁ ପଚାରିଲେ ସେ କହିଛନ୍ତି, ଏସ୍‌ଡିଓ ଓ ତାଙ୍କ ଅଜାଣତରେ କାମ ହେଉଥିଲା । ଏ ବିଷୟରେ ଠିକାଦାର କିଛି ନ ଜଣାଇ ରାତିରେ କାମ କରୁଥିଲେ । କେଉଁପାଇଁ କଲଭର୍ଟ ଢ଼ଳେଇ ବେଳେ ଭୁଶୁଡି ପଡ଼ିଛି ତାହା ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ।


ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.13-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)ମଣ୍ଡଳର ଦକ୍ଷିଣ ସେକ୍ସନରେ 07 ଗୋଟି ଷ୍ଟେସନ (ବାଲୁଗାଁ, ଛତ୍ରପୁର, ଇଛାପୁରମ୍, ସାକ୍ଷୀଗୋପାଳ, ରଘୁନାଥପୁର, ପାରାଦ୍ୱୀପ) ଗୁଡ଼ିକ ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ (₹): 87,22,454.66, EMD (₹) : 1,74,500/-, ଶେଷ ହେବା ଅବଧି : 180 ଦିନ ।

(2) ଟେଣ୍ଡର ବିଜ୍ଞପ୍ତି ସଂ.16-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)ମଣ୍ଡଳର 07 ଗୋଟି ଷ୍ଟେସନ (ପାରାଦ୍ୱୀପ, ରଘୁନାଥପୁର, ସାକ୍ଷୀଗୋପାଳ, ପଳାସା, ଇଛାପୁରମ୍, ଛତ୍ରପୁର, ବାଲୁଗାଁ) ଗୁଡ଼ିକ ଠାରେ 177 bay ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ (₹): 1,85,45,292.01, EMD (₹) : 2,42,700/-, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.08.2023 ରିଖ (ଉଭୟ ଟେଣ୍ଡର ନିମନ୍ତେ) । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.09.2023 ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ
PR-500/O/23-24


## ଜୋତା ପିନ୍ଧି ଜଗନ୍ନାଥ ମନ୍ଦିରରେ ରଣପୁର ବିଧାୟକ

**ନୟାଗଡ଼/ରଣପୁର,୨୫।୮ (ଲୋକନାଥ ମିଶ୍ର)/(ସୁକାନ୍ତ କିଶୋର ଡାକୁଆ):** ରଣପୁର ଜଗନ୍ନାଥ ମନ୍ଦିରର ଅରୁଣ ସ୍ତମ୍ଭ ଡେଇଁ ଚପଲ ପିନ୍ଧି ଯିବାକୁ ବାରଣ ରହିଛି । ସାଧାରଣ ଭକ୍ତଟିଏ ଭୁଲ ବଶତଃ ଚପଲ ପିନ୍ଧି ମନ୍ଦିରକୁ ଗଲେ ମନ୍ଦିର ପ୍ରଶାସନ ପକ୍ଷରୁ କଟକଣା ଲାଗି ରହୁଛି । ଦରକାର ପଡିଲେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି । ତେବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଗୁରୁବାର ଓଟିଡିସି ଅଧକ୍ଷଙ୍କ ସହ ମନ୍ଦିର ପ୍ରବେଶ ଦ୍ୱାରକୁ ଯାଇ ଫଟୋ ପୋଜ ଦେଇଥିଲେ । ରଣପୁର ବିଧାୟକ କେବଳ ଜୋତା ପିନ୍ଧିଥିବାବେଳେ ଅନ୍ୟମାନଙ୍କୁ ଖାଲି ପଦାରେ ଦେଖିବାକୁ ମିଳିଛି । ବିଧାୟକଙ୍କ ଜୋତା ପିନ୍ଧି ମନ୍ଦିର ପ୍ରବେଶକୁ ଭକ୍ତମାନେ ନାପସନ୍ଦ କରି ସମାଲୋଚନା କରିଛନ୍ତି । ଏପରି କି ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ କରାଯାଇ ସମାଲୋଚନା କରାଯାଉଛି । ଏ ସଂକ୍ରାନ୍ତରେ ବିଧାୟକଙ୍କୁ ପ୍ରଶ୍ନ କରିବାରୁ ସେ କିଛି ନ କହି ଏଡ଼ାଇ ଯାଇଥିଲେ ।



ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବିଧାୟକଙ୍କ ଫଟୋ ।

## ୧୦ କେଜି ଗଞ୍ଜେଇ ଜବତ, ବ୍ୟବସାୟୀ ଗିରଫ

**ନୟାଗଡ଼,୨୫।୮ (ଲୋକନାଥ ମିଶ୍ର):** ଜିଲା ଅବକାରୀ ସ୍କାର୍ଡ ପକ୍ଷରୁ ତୁଳସୀପୁର ସାଇ ବାବା ମନ୍ଦିର ନିକଟରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗରିଫ ବ୍ୟବସାୟୀ ହେଲେ ସୁବାସ କୁମାର କଅଁର(୨୧) । ତାଙ୍କ ଘର ବାଣିଗୋଛା ଥାନା ଅଧୀନ ମିନାଗାଡୁ ଗାଁରେ । ସୁବାସ ଗଞ୍ଜେଇ ବିକ୍ରି କରିଥିବାବେଳେ ଅବକାରୀ ସ୍କାର୍ଡ ତାଙ୍କୁ କାବୁ କରି ନେଇଥିଲେ । ଏନେଇ ୧୫୪/୨୩ରେ ମାମଲା ରୁଜୁ ହୋଇଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

## ହାଉସିଂ ବୋର୍ଡ କଲୋନୀରେ ବ୍ରାଉନସୁଗାର କାରବାର

ନୟାଗଡ଼,୨୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ହାଉସିଂ ବୋର୍ଡ କଲୋନୀର ପରିତ୍ୟକ୍ତ ଓ ଅର୍ଦ୍ଧ ନିର୍ମିତ ଘରେ ସକାଳୁ ରାତି ପର୍ଯ୍ୟନ୍ତ ବ୍ରାଉନସୁଗାର କାରବାର ଚାଲିଛି । ସ୍ଥାନୀୟ କଲୋନୀ ବାସିନ୍ଦା ଏହି ବ୍ୟବସାୟକୁ ବିରୋଧ କଲେ ବି ସୁଫଳ ମିଳୁନି । ବରଂ ଧମକଚମକ ଦେଇ ବ୍ୟବସାୟୀମାନେ ଏପରି କାରବାର କରୁଛନ୍ତି । ନୟାଗଡ଼ ଟାଉନ ଥାନାର ସଂପୃକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଆଦୌ ନ ଥିବାରୁ ବ୍ୟବସାୟୀମାନେ ଅବାଧରେ ବ୍ରାଉନସୁଗାର ବିକ୍ରୟ କରୁଛନ୍ତି ବୋଲି ଅଭିଯୋଗ ରହିଛି ।


ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/23-24/E-Tender/69, ତା.22.08.2023ରିଖ

(1) ଟେଣ୍ଡର ସଂ.e-Tender-NORTHKUR-190-2023,ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବୈତରଣୀ ରୋଡ଼-ଜେନାପୁର ଷ୍ଟେସନ ମଧ୍ୟରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 16 ଗୋଟି ପୋଲଗୁଡ଼ିକର RCC ବାକ୍ସ ପୋଲରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 511.93 ଲକ୍ଷ, EMD (₹) : 4,06,000.00

(2) ଟେଣ୍ଡର ସଂ.e-Tender-NORTHKUR-194-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ସେକ୍ସନ ଅଧୀନସ୍ଥ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ 30.176 କି.ମି. ନିମନ୍ତେ ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ ଏବଂ 56.43 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 958.86 ଲକ୍ଷ, EMD (₹) : 6,29,400/-

(3) ଟେଣ୍ଡର ସଂ.e-Tender-NORTHKUR-199-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କେନ୍ଦୁଝର ଗଡ଼ ଅଧୀନସ୍ଥ ସୀତାବାଞ୍ଜି-ଜାରୋଲି ସେକ୍ସନରେ କି.ମି.16.298 ଠାରୁ କି.ମି.90.350 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 130.40 ଲକ୍ଷ, EMD (₹) : 2,15,200/-

(4) ଟେଣ୍ଡର ସଂ.e-Tender-NORTHKUR-200-2023, ତା.11.08.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ହରିଚନ୍ଦନପୁର ଅଧୀନସ୍ଥ ଟୋମ୍‌କା-ସୀତାବାଞ୍ଜି ସେକ୍ସନରେ କି.ମି.90.350 ଠାରୁ କି.ମି.151.200 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 95.40 ଲକ୍ଷ, EMD (₹) : 1,90,800/-

ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ): 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.06.09.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍
PR-498/O/23-24



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 12698 IND-II-PH-୧୧୭୨ ତାରିଖ: 10.08.2023

ବିଜ୍ଞାପନ

No. CAD-1670:- ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀ ଜି. ଭେଙ୍କଟ ରମଣ ଓଡ଼ିଶାର ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ମହାଦେଇପୁର / ବୁଗୁଡ଼ା ଏବଂ ବଡ଼ଦେଉଳ ଗ୍ରାମରେ ୧୭.୧୭୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ମହାଦେଇପୁର / ବୁଗୁଡ଼ା ଏବଂ ବଡ଼ଦେଉଳ ବାଲିଘାଟ କ୍ଲଷ୍ଟର (କ୍ଲଷ୍ଟର ଆପ୍ରୋଚ୍ ଅଧୀନରେ ଆବେଦନ କରାଯାଇଥିବା) ଦୁଇଟି ବାଲିଘାଟ ନିହିତ ସମୁଦାୟ ୧୭.୧୭୯ ହେକ୍ଟର ଅଞ୍ଚଳ ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)] ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୬।୦୯।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ମଧୁସୂଦନପୁରସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଗଜପତି ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଗଜପତି ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାୟଗଡ଼ା ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସ୍ୱା./– ସଦସ୍ୟ ସଚିବ

OSPCB-PH-MISC-0066-2023/3/2023
OIPR-08012/11/0076/2324


# ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ ଆଉ ଜଣେ ଗିରଫ

ଭାପୁର, ୨୫।୮ (ଭରତ କୁମାର ବେହେରା )

ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବଜାର ସଦରମହକୁମା ପୁରୀ ଗ୍ରାମ୍ୟ ବ୍ୟାଙ୍କ ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏଟିଏମରୁ ଲୁଟ ଉଦ୍ୟମ ଘଟଣାରେ ଶୁକ୍ରବାର ଆଉଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଚାଲାଣ ହୋଇଥିବା ଯୁବକ ଫତେଗଡ ପଞ୍ଚାୟତ ପିଠାଖାଇ ଗ୍ରାମର ରଞ୍ଜନ ନାୟକ (୩୦) । ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ଏସ୍ଆଇ ଅରୁପ ନାୟକ, ଏଏସଆଇ ପ୍ରତାପ ଚନ୍ଦ୍ର ପାହଡସିଂ ଓ ପୋଲିସ କର୍ମଚାରୀ ପିଠାଖାଇ ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପିଠାଖାଇ ଗ୍ରାମର ଦାଶରଥି ଲେଙ୍କା(୨୬)ଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୦ ବିଳମ୍ବିତ ରାତିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏଟିଏମକୁ ଏହି ଦୁଇ ଲୁଟେରା ଭାଙ୍ଗିବାକୁ ଉଦ୍ୟମ କରୁଥିଲେ । ଏହାଦେଖି କେହି ଜଣେ ବ୍ୟକ୍ତି ଫତେଗଡ଼ ଥାନାକୁ ଫୋନ କରି ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ହେଲେ ପୋଲିସକୁ ଦେଖି ଉଭୟ ଫେରାର ହୋଇ ଯାଇଥିଲେ । ଦାଶରଥିଙ୍କୁ ପୋଲିସ ଏକ ପାଚେରୀ ନିକଟ ଘାସବୁଦା ମୂଳରେ ଲୁଚିଥିବା ବେଳେ ଗିରଫ କରିଥିଲା । ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ସିତେଶ କୁମାର ମିଶ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ. ୯୦/୨୩) ରୁଜୁ କରିଥିଲା ।

# ବନ୍ୟାକୁ ଛାଡ଼ିଲେ ଆର୍ଦ୍ରଭୂମିକୁ ମିଳୁନି ମଧୁରଜଳ

କେନ୍ଦ୍ରାପଡ଼ା , ୨୫।୮ (ଜଗନ୍ନାଥ ଧଳ)


ଭିତରକନିକା ନଦୀ କୂଳରେ କୁମ୍ଭୀର ଶୋଇଛି।

■ ପାଦରେ ଚାଲି ଖରାଦିନେ ନଦୀ ପାର ହେଉଛନ୍ତି
■ ଭିତରକନିକାକୁ ଅଣମୌସୁମୀରେ ମିଳୁଛି ୧୫ ପ୍ରତିଶତ
■ ନଦୀଜଳ ପରିଚାଳନା ଜିଲା ପାଇଁ ଆହ୍ୱାନ ସାଜିଛି

ମହାନଦୀ ଓ ବୈତରଣୀ ସିଷ୍ଟମରେ ଦୁଇ ସପ୍ତାହ ପୂର୍ବେ ବନ୍ୟା ଆସି ଭିତରକନିକା ଅର୍ଦ୍ରଭୂମି ସହ କେନ୍ଦ୍ରାପଡା ଜିଲାର ୪୭ ପଞ୍ଚାୟତରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଏହିପରି ପ୍ରତିବର୍ଷ ଆସୁଥିବା ବନ୍ୟାଜଳ ନିଷ୍କାସିତ ପରେ ଆର୍ଦ୍ରଭୂମି ଭିତରକନିକାକୁ ଆବଶ୍ୟକ ପରିମାଣର ମଧୁର ଜଳ ମିଳୁନାହିଁ। ଅନ୍ୟ ସମୟରେ ନଦୀ ଜଳ ସ୍ରୋତ କମିବା ଫଳରେ ଆର୍ଦ୍ରଭୂମିର ଜୈବ ବିବିଧତା ନଷ୍ଟ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ଉପରେ ପ୍ରଭାବ ପକାଉଛି। ସେହିପରି ଅଣମୌସୁମୀ ସମୟରେ ନଦୀ ମଧ ଦେଇ ଲୋକେ ପାଦରେ ଚାଲୁଛନ୍ତି। ଖରାଦିନେ ଭିତରକନିକାକୁ ଆବଶ୍ୟକତାଠାରୁ ମାତ୍ର ୧୫ ପ୍ରତିଶତ ମଧୁର ଜଳ ମିଳୁଛି। ଜିଲାବାସୀଙ୍କ ପାଇଁ ନଦୀ ଜଳ ପରିଚାଳନା ଏକ ଆହ୍ୱାନ ପାଲଟି ଥିବା ମତପ୍ରକାଶ ପାଇଛି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଭାଜପା ନେତା ଭୁବନମୋହନ ଜେନା କହିଛନ୍ତି, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ୍‌ରେ ଥିବା ୭ ନଦୀ ଓ ଅସଂଖ୍ୟ ନାଳ ଭିତରକନିକା ଆର୍ଦ୍ରଭୂମି ପାଇଁ ମଧୁର ଜଳ ପ୍ରଦାନ କରୁଛି। ସମ୍ପ୍ରତି ଏହି ନଦୀ ନାଳ ସେହି ଅଞ୍ଚଳକୁ ମଧୁର ଜଳ ଯୋଗାଣ ପାଇଁ ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ଛତିଶଗଡ଼ ନଦୀବନ୍ଧ ଯୋଜନା ପରେ ମହାନଦୀର ଜଳ ସ୍ରୋତ କମିଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ମଧୁର ଜଳକୁ ଶିଳ୍ପ ଶୋଷୁଛି। ଜଳ ସ୍ରୋତ କମିଥିବାରୁ ଲୋକେ ଖରାଦିନେ ପାଦରେ ଚାଲି ନଦୀ ପାର ହେଉଛନ୍ତି। ଏହା ବ୍ୟତୀତ ଖେତ ଓ ପାନୀୟ ଜଳ ପାଇଁ ବିଭିନ୍ନ ନଦୀରେ ପ୍ରକଳ୍ପ ହୋଇଛି। ନଦୀ ଶଯ୍ୟା ଓ ମୁହାଣ ପୋତି ହୋଇଯାଉଥିବା ବେଳେ ପଠା ଅଞ୍ଚଳ ବଢ଼ିଛି। କ୍ରିକ୍ ବନ୍ଧ ଓ ବ୍ୟାରେଜ ଯୋଜନା ନ ଥିବାରୁ ଆର୍ଦ୍ରଭୂମିକୁ ଯଥେଷ୍ଟ ମଧୁର ଜଳ ଦିଆଯାଇପାରୁନାହିଁ।


ଭୁବନ ମୋହନ ଜେନା


ପ୍ରଶାନ୍ତ କୁମାର ନାୟକ


କ୍ଷିତୀଶ କୁମାର ସିଂ

ଫଳରେ ହେନ୍ତାଳ ବଣ ସୃଷ୍ଟି ହୋଇ ପାରୁ ନ ଥିବାରୁ ସମୁଦ୍ର ଭୂଭାଗକୁ ମାଡ଼ି ଆସୁଛି। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ୨୦୨୦ ଡିସେମ୍ବର ୧୬ରେ ରାଜନଗର ବନଖଣ୍ଡ, ଚିଲିକା ଡେଭଲପମେଣ୍ଟ ଅଥରିଟି, ଜିଆଇଜେଡ୍ ଇଣ୍ଡିଆ ପକ୍ଷରୁ ରାଜନଗର ବ୍ଲକ ଗୁପ୍ତିଠାରେ ଭିତରକନିକା ସମନ୍ୱିତ ପରିଚାଳନାରେ ଜଳ ଓ ପରିବେଶ ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ବୈଜ୍ଞାନିକ ଡ. ଗୁରୁଦୀପ ରସ୍ତୋଗୀ, ଖୁସୱନ୍ତ ସିଂହ ପ୍ରମୁଖ ଯୋଗ ଦେଇ ଭିତରକନିକାରେ ମଧୁର ଜଳର ଆବଶ୍ୟକତା ନେଇ ନିଜର ମତ ରଖିଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ ଯେ, ୨୦୦୧ରେ ଭିତରକନିକା ଆର୍ଦ୍ରଭୂମିରେ ୭୪.୬୪ ପ୍ରତିଶତ ମଧୁର ଜଳ ପହଞ୍ଚୁ ଥିଲା। ଏବେ ଏହି ଜଳର ପରିମାଣ ୪୬ ପ୍ରତିଶତରେ ପହଞ୍ଚିଛି। ଜଳ ଉପଲବ୍ଧି ସମ୍ପର୍କରେ ମଡେଲକୁ ଅନୁଧ୍ୟାନ କଲେ ବ୍ରାହ୍ମଣୀ ଅବବାହିକାରେ ଥିବା ଜଳ ପରିମାଣ ୨୦୦୧ରେ ୭୯ ପ୍ରତିଶତ ଥିବା ବେଳେ ୨୦୫୧ରେ ଏହା କମିଯାଇ ୩୧ ପ୍ରତିଶତରେ ରହିବ। ଅଣମୌସୁମୀ ବେଳେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ଆର୍ଦ୍ରଭୂମିକୁ ପହଞ୍ଚୁଛି। କ୍ରମ ବର୍ଦ୍ଧିଷ୍ଣୁ ଶିଳ୍ପ, ଜନସଂଖ୍ୟା, ସହରୀକରଣକୁ ଦୃଷ୍ଟିରେ ରଖିଲେ ଭିତରକନିକାକୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ କମିଟିର ଅନୁଧ୍ୟାନ ଆବଶ୍ୟକ। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତ, ୨୦୦୩ରେ ଭାରତୀୟ ବନ୍ୟଜୀବ ସଂସ୍ଥାନ ପକ୍ଷରୁ ଭିତରକନିକା ଜୈବ ବିବିଧତା ସମ୍ପର୍କରେ ପରିବେଶ ଓ ଏହାର ଉତ୍ସ ସମ୍ପର୍କରେ ମୂଲ୍ୟାୟନ ହୋଇଥିଲା। ଏହି ରିପୋର୍ଟରେ ଆର୍ଦ୍ରଭୂମି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ସହ ବନ୍ୟ ପରିବେଶ, ବନ୍ୟ ଜୀବ, ସାମୁଦ୍ରିକ ଜୀବ ସମ୍ପର୍କରେ ଅନୁଧ୍ୟାନ ହୋଇଥିଲା। ଭିତରକନିକା ଜୈବ ବିବିଧତାକୁ ମଧୁର ଜଳ ବଞ୍ଚାଇ ରଖିଥିବା ଏଥିରେ ପ୍ରକାଶ ପାଇଛି। ସେହିପରି ବନ୍ୟା ଜଳ ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଜଳ ଉତ୍ସ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଡିସେମ୍ବରରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଥିଲା, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଶଯ୍ୟା ତଳମୁଣ୍ଡରେ ପୋତି ହେଉଛି। ବିଭିନ୍ନ ସ୍ଥାନରେ ପଠା ଅଧିକ ବଢ଼ିଯିବା ଯୋଗୁ ଜଳ ଧାରଣ କ୍ଷମତା କମିଛି। ସେହିପରି ମୁହାଣ ଅଞ୍ଚଳକୁ ଖୋଳାଯିବା ପ୍ରସ୍ତାବ ରହିଥିଲା। ତଳ ମୁଣ୍ଡରେ ନଦୀବନ୍ଧକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ନଦୀ ଜଳ ପରିଚାଳନା ଆମ ଜିଲାବାସୀଙ୍କ ପାଇଁ ଆହ୍ୱାନ ସାଜିଛି।

## ଚନ୍ଦ୍ରୟାନ-୩ ଅଭିଯାନରେ ସାମିଲ ଥିଲେ କନିକା ପୁଅ ଦେବଦତ୍ତ

ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)



ଚନ୍ଦ୍ରୟାନ-୩ ସଫଳତାରେ ସାରା ଦେଶ ଉଲ୍ଲାସ ପାଳୁଛି। ସେହି ସମୟରେ ଏହି ଅଭିଯାନରେ ସାମିଲ ଥିବା ଓଡ଼ିଆ ପୁଅମାନଙ୍କର ଜ୍ଞାନକୌଶଳକୁ ନେଇ ଗର୍ବ କରୁଛି ଓଡ଼ିଶା। ଏହି ପ୍ରରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଗିରିଆ ଗାଁର ଦେବଦତ୍ତ ମିଶ୍ର ଇସ୍ରୋରେ ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଚନ୍ଦ୍ରୟାନ-୩ରେ ସାମିଲ ଥିବା ନେଇ ସମଗ୍ର ଜିଲାକୁ ଗୌରବାନ୍ୱିତ କରିଛନ୍ତି। ପୁଅର ସଫଳତା କଥା ଶୁଣି ଶଯ୍ୟାଶାୟୀ ଥିବା ମା' ବାସନ୍ତୀ ମିଶ୍ର ଉଠି ବସିଛନ୍ତି ନିଜ ରୋଗ ଶଯ୍ୟାରୁ। ଉଲ୍ଲସିତ ହେବା ସହ ଘରେ ଥିବା ପୁଅର ଫଟୋକୁ ଧରି କେତେବେଳେ ପୋଛି ପକାଉଥିଲେ ତ କେତେବେଳେ ପାକୁଆ ଓଠରେ ଗେଲ କରି ପକାଉଥିବା ଦେଖିବାକୁ ମିଳିଛି। ପିଲାମାନଙ୍କର ସଫଳତା ଯେତେବେଳେ ମାବାପାଙ୍କ ପାଖେ ପହଞ୍ଚେ, ଦୁନିଆର ସବୁ ସୁଖ ଯେମିତି ତୁଚ୍ଛ ପରି ଲାଗେ। ତାଙ୍କର ମା' କୋଳକୁ ସାର୍ଥକ କରିଥିବା ପରି ମନେ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗାଁରେ ବାଣ ରୋଶଣି କରି ଗ୍ରାମବାସୀ ମିଠା ବାଣ୍ଟି ଖୁସି ମନେଇଥିବା ଦେଖିବାକୁ ମିଳିଥିଲା। ପିତା ସ୍ୱର୍ଗତ ଭାଗୀରଥି ଓ ମାତା ବାସନ୍ତୀଙ୍କ ପୁଅ ଦେବଦତ୍ତ ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ମାଟ୍ରିକ ପରୀକ୍ଷା ସମୟରେ ହିଁ ବାପା ଭାଗୀରଥିଙ୍କର ଦେହାନ୍ତରେ ସେ ଯଦିଓ ଭାଙ୍ଗି ପଡିଥିଲେ, କିନ୍ତୁ ଦୃଢ ମନୋବଳ, ପ୍ରବଳ ଇଚ୍ଛାଶକ୍ତି ସାଙ୍ଗକୁ ନିଜର ଅଧ୍ୟବସାୟ ବଳରେ, ଅଭାବ ଅନଟନରେ ଥାଇ ମଧ ସେ ସମୟରେ ମାଟ୍ରିକ୍ ପରୀକ୍ଷାରେ ବ୍ଲକ ତଥା ଜିଲା ସ୍ତରରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ତାଙ୍କ ବଡ ଭାଇ ଅକ୍ଷୟ କହିଛନ୍ତି। ଚନ୍ଦ୍ରୟାନ-୩ର ସଫଳତାରେ ତାଙ୍କର ଏହି ଅଭିଯାନରେ ଥିବା ପ୍ରଚ୍ଛଦପଟର ଭୂମିକାକୁ ନେଇ ଗ୍ରାମବାସୀ ଖୁସିରେ ବିଭୋର ହୋଇପଡିଥିବା ଦେଖିବାକୁ ମିଳିଛି। ଯଦିଓ ସେ ଏବେ ଗବେଷଣାରତ ଅଛନ୍ତି କିନ୍ତୁ ଗାଁ ମାଟି ତାଙ୍କୁ ଟିକେ ପାଖରୁ ଦେଖିବାକୁ ଚାତକ ପରି ଚାହିଁଥିବା କୁହନ୍ତି ଗ୍ରାମବାସୀ।

## ବିଦ୍ୟାଳୟ ଶୌଚାଳୟ ବିପର୍ଯ୍ୟସ୍ତ

ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)

ଦେଉଳସାହି ସରକାରୀ ଉପ୍ରା ବିଦ୍ୟାଳୟ



ରାଜ୍ୟ ସରକାର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ତଥା କୋମଳମତି ଶିଶୁମାନଙ୍କୁ ସରକାରୀ ବିଦ୍ୟାଳୟ ମୁହାଁ କରାଇବାକୁ ବିଦ୍ୟାଳୟଗୁଡ଼ିକର ପରିପାଟି ବଦଳାଇବା ସହ ପରିମଳ ବ୍ୟବସ୍ଥାରେ ସ୍ୱଚ୍ଛ ଭାରତ ମିଶନକୁ ପ୍ରାଧାନ୍ୟ ଦେଉଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରେ ଅର୍ଥ ବ୍ୟୟ କରାଯାଇ ଉନ୍ନତମାନର ଶୌଚାଳୟ ନିର୍ମାଣ ହୋଇଛି। ଏହି ଶୌଚାଳୟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ରହିଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନରେ ଥିବା ଦେଉଳସାହି ସରକାରୀ ଉପ୍ରା ବିଦ୍ୟାଳୟରେ କିଛି ଅଲଗା ଚିତ୍ର ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଥିବା ଶୌଚାଳୟଗୁଡ଼ିକ ଅପରିଷ୍କାର ଯୋଗୁ ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରାୟ ୧୬୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। କେଉଁ ଶୌଚାଳୟରେ କବାଟ ନାହିଁ ତ କେଉଁଟିରେ ଭିତରେ ଆବର୍ଜନାରେ ଭରପୂର ହୋଇରହିଛି। ଅଧିକାଂଶ ସ୍ଥାନରେ ଶୌଚାଳୟ ସବୁ ଭାଙ୍ଗିରୁଜି ଗଲାଣି। ଏହି ଶୌଚାଳୟଗୁଡ଼ିକ କେବେ ବି ସଫା କରାଯାଉନାହିଁ। ଛାତ୍ରୀଛାତ୍ରମାନେ ଏଣେତେଣେ ବୁଲି ଶୌଚ କାମ ସାରୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ସ୍କୁଲ ପରିସର ଦୁର୍ଗନ୍ଧରେ ଫାଟି ପଡୁଛି। ଅଥଚ ସ୍କୁଲ କର୍ତ୍ତୃପକ୍ଷ କେବେ ବି ଏହାର ସଫେଇ ଓ ମରାମତି କାର୍ଯ୍ୟ ପାଇଁ ତତ୍ପର ହେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିକ୍ଷାୟତନ ଭଳି ସ୍ଥାନରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇଥାଏ। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଭଳି ଅସଜଡା ପରିବେଶରେ ପିଲାଙ୍କୁ ସଂକ୍ରମଣ ହେବାର ଆଶଙ୍କା ରହିଛି। ଏଣୁ ତୁରନ୍ତ ଶୌଚାଳୟଗୁଡ଼ିକୁ ବ୍ୟବସ୍ଥିତ କରି ବ୍ୟବହାର ଉପଯୋଗୀ କରିବାକୁ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ପକ୍ଷରୁ ଦାବି ହେଉଛି। ଏ ବାବଦରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ, ଅଭିବାବକ ଓ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଆମ ବିଦ୍ୟାଳୟରେ ଥିବା ଶୌଚାଳୟ ଠିକ୍ ଅଛି। କରୋନା ସମୟରେ ଯେଉଁ ସବୁ ଅଧିକ ଶୌଚାଳୟ କରାଯାଇଥିଲା ତାହା ସେହି ସମୟରେ ବ୍ୟବହୃତ ହେଉଥିଲା। ତେଣୁ ସେଗୁଡିକୁ ଆମ ପିଲାମାନେ ବ୍ୟବହାର କରନ୍ତି ନାହିଁ। ସେଥିପାଇଁ ଖରାପ ହୋଇଯାଇଛି, ତେବେ ଆମେ ତାକୁ ରିପ୍ୟାରିଂ କାମ ଆରମ୍ଭ କରିଛୁ। ଖୁବ୍‌ଶୀଘ୍ର ତାହା ବ୍ୟବହାର ଉପଯୋଗୀ ହେବ।

# ପୋତିହୋଇଗଲାଣି କାଡ଼ା ନାଳ

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

■ ପାଣି ପଞ୍ଚାୟତର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ
■ ଚାଷୀ ମହଲରେ ବଢୁଛି ଅସନ୍ତୋଷ


ଜଣେ ଚାଷୀ ପୋତି ହୋଇପଡିଥିବା କାଡ଼ାନାଳ ଦେଖାଉଛନ୍ତି।

ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉପରେ ଗୁରୁତ୍ୱ ଦେଉଥିବା ବେଳେ କୃଷିର ବିକାଶ ନେଇ ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜଳ ସମ୍ପଦ ବିଭାଗ, କ୍ଷୁଦ୍ର ଜଳସେଚନ, ଭୂତଳ ଜଳ ବିକାଶ (ଜିଡବ୍ଲ୍ୟୁଡି), କମାଣ୍ଡ କ୍ଷେତ୍ର ବିକାଶ (ସିଏଡି), ଓଡ଼ିଶା ଉଠା ଜଳସେଚନ ନିଗମ (ଓଏଲ୍‌ଆଇସି), ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସି ଲିମିଟେଡ୍), ଜଳ ଓ ଜମି ପରିଚାଳନା ପ୍ରତିଷ୍ଠାନ (ଡବ୍ଲ୍ୟୁଏଏଲଏମ୍‌ଆଇ) ମାଧ୍ୟମରେ ଚାଷ ଜମିକୁ ଜଳସେଚିତ କରିବାର ସମସ୍ତ ବ୍ୟବସ୍ଥା କରିଛନ୍ତି। ଚାଷ ଜମିକୁ କିଭଳି ସୁବିଧାରେ ପାଣି ଯାଇ ପାରିବ ସେଥିପାଇଁ କାଡା ନାଳର ବ୍ୟବସ୍ଥା କରାଯାଇଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା କାଡା ନାଳଗୁଡ଼ିକ ପୋତି ହୋଇଗଲାଣି। ଏହାର ରକ୍ଷଣାବେକ୍ଷଣ ପାଇଁ ପାଣି ପଞ୍ଚାୟତ କମିଟି ମାଧ୍ୟମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ ସରକାରଙ୍କର ଏହି ଯୋଜନା କେତେକାଂଶରେ ଫଳପ୍ରଦ ହେଉ ନ ଥିବା ଅଭିଯୋଗ ହେଉଛି।

କୃଷକ ନେତା ଗୟାଧର ଧଳ କହିଛନ୍ତି, ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ କଥା କହୁଥିବା ବେଳେ ଏହାର ସୁଫଳତା ଚାଷୀମାନେ ପାଉ ନାହାନ୍ତି। ଚକବନ୍ଦୀ ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳସେଚନ ବ୍ୟବସ୍ଥାର ସୁବିଧା କରାଯାଇଥିଲା। ପ୍ରତ୍ୟେକ ଚକକୁ କିଭଳି ପାଣି ଯାଇ ପାରିବ ସେଥିପାଇଁ କାଡା(ସିଏଡି)ନାଳ ଖୋଳା ଯାଇଥିଲା। ଏହାର ଦେଖାଶୁଣା ପାଇଁ କାଡ଼ା ବିଭାଗ ବି ରହିଛି। ବର୍ତ୍ତମାନ କାଡ଼ା ନାଳଗୁଡ଼ିକ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସ୍ଥାନରେ ପୋତି ହୋଇ ପଡିଲାଣି ତ ଆଉ ଅନ୍ୟ ସ୍ଥାନରେ ଚାଷୀ କାଡ଼ା ନାଳକୁ ହାଣି ନିଜ ବିଲରେ ମିଶାଇ ଦେଲେଣି। ଫଳରେ ଜଳସେଚନ ଓ ନିକାସରେ ବାଧକ ଉପୁଜୁଛି। ଅନେକ ସ୍ଥାନରେ କାଡ଼ା ନାଳ ଜବରଦଖଲ ଯୋଗୁ ତଳ ବିଲକୁ ପାଣି ଯାଉନାହିଁ। ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କୁହନ୍ତି, ରାଜ୍ୟ ସରକାର ଚାଷୀମାନଙ୍କ ଜଳସେଚନ ନିମନ୍ତେ ପାଣି ପଞ୍ଚାୟତ ଗଠନ କରିଛନ୍ତି। ଯେଉଁଥିରେ ଶାସକ ଦଳର କର୍ମୀଙ୍କୁ ପାଣିପଞ୍ଚାୟତର ମୁଖ୍ୟ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହେଉଛି। ପାଣି ପଞ୍ଚାୟତ କେବଳ କାଗଜକଲମରେ ଚାଲିଛି। କାଡା ନାଳର ମରାମତି କି ସଫେଇ ଠିକ୍ ଭାବେ କରାଯାଉନାହିଁ। ହେଲେ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ଚାଷୀମାନେ କରୁଛନ୍ତି। ଯାହାର ଉଦାହରଣ ପାଲଟିଛି ପଟ୍ଟାମୁଣ୍ଡାଇରେ ଥିବା ୩୧ଟି ପାଣି ପଞ୍ଚାୟତରେ। ପାଣି ପଞ୍ଚାୟତ କାହା ସ୍ୱାର୍ଥରେ କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ରାଜ୍ୟ ସରକାର ତୁରନ୍ତ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କର ଜଳସେଚନ ବ୍ୟବସ୍ଥା କିଭଳି ଭାବେ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାଡା ନାଳ ସଫେଇ ଓ ମରାମତି କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି। ଚାଷୀ ରଞ୍ଜିତ ପ୍ରଧାନ, ନରେଶ ଜେନା, ବିଗ୍ନେଶ୍ୱର ପ୍ରଧାନ ପ୍ରମୁଖ କହିଛନ୍ତି, କାଡା ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ଚାଷଜମିର ଶେଷ ମୁଣ୍ଡରେ ପାଣି ପହଞ୍ଚାଇବା ନିମନ୍ତେ କାଡା ନାଳ ନିର୍ମାଣ ହୋଇଛି। ସେହି କାଡା ନାଳ ନିର୍ମାଣରେ ଚଞ୍ଚକତା ହେଉଥିବାରୁ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। କାଡା ନାଳ ଠିକ୍ ଭାବେ ଖୋଳାଯାଇ ନ ଥିବାରୁ ପୋତି ହୋଇ ସମ୍ପୂର୍ଣ୍ଣ ଲୋପ ପାଇ ଚାଲିଥିବା ଦେଖାଯାଇଛି। ଫଳରେ ଜମିର ଶେଷ ମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ୨ବର୍ଷ ତଳେ ନିର୍ମିତ ୧୬ ନମ୍ବର କେନାଲରୁ କଖାରୁଣି-ଓସଙ୍ଗରା ଓ ତଳପଡା ଭେଡା ପର୍ଯ୍ୟନ୍ତ ନିର୍ମିତ କାଡା ନାଳଟି ସମ୍ପୂର୍ଣ୍ଣ ଭାଙ୍ଗି ପୋତି ହୋଇଯାଇଛି। ଫଳରେ ଚାଷ ଜମିର ତଳମୁଣ୍ଡରେ ପାଣି ପହଞ୍ଚିବାରେ ବାଧା ଉପୁଜୁଛି। ଏଭଳି ପରିସ୍ଥିତିରେ ଦାୟିତ୍ୱରେ ଥିବା କାଡା ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ଉପୁଜୁଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଆଖି ବୁଜି ଦେଇ ନାଳ ନିର୍ମାଣରେ ଅନିୟମିତତା କରାଯାଇଥିବାରୁ ବିଲର ଶେଷ ମୁଣ୍ଡକୁ ପାଣି ନ ଯାଇ ଅନ୍ୟ ଆଡେ ବୋହି ଯାଉଥିବାରୁ ପାଣି ପଞ୍ଚାୟତ କାର୍ଯ୍ୟ ବିଫଳ ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁନୀଲ ନାୟକଙ୍କୁ ପଚାରିବାରେ କାଡା ବିଭାଗ କଟକ ଏହି କାର୍ଯ୍ୟର ତଦାରଖ କରୁଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନାମ


@ ଗିରୀଶ


@ ଅମିଶ


@ ଅତିଶ


@ ହରପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଦ୍ୟୁତ୍ ଆଘାତରେ ୨ ଅଣଓଡ଼ିଆ ଶ୍ରମିକ ମୃତ



ପୋଲିସ ଦୁର୍ଘଟଣାର ତଦନ୍ତ କରୁଛି।

ଯାଜପୁରରୋଡ୍, ୨୫।୮ (ପବିତ୍ର ରଞ୍ଜନ ମହାନ୍ତି)

■ ବ୍ୟାସ ସରୋବର ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟବେଳେ ଅଘଟଣ
■ ସପ୍ତାହକରେ ୨ ଦୁର୍ଘଟଣା, ମୃତ୍ୟୁ ସଂଖ୍ୟା ୩ ଛୁଇଁଲା

ଯାଜପୁର ଜିଲା ବ୍ୟାସନଗର ପୌରପରିଷଦ ଅଧୀନ ବ୍ୟାସ ସରୋବର ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟବେଳେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଦ୍ୟୁତ୍ ଆଘାତ ଲାଗି ୨ ଅଣଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ମାଲଦା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ୱାସିମ ସେଖ୍(୨୨) ଏବଂ ଇନ୍ଦ୍ରଜିତ ମଣ୍ଡଳ (୧୯)। ଉଭୟ ଏଠାରେ ମୋଲଡିଙ୍ଗ ମେଶିନରେ କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇ ଯାଇଥିଲା। ଉକ୍ତ କାର୍ଯ୍ୟ ହାତେଇଥିବା ଠିକାସଂସ୍ଥା ପକ୍ଷରୁ ସମ୍ପୃକ୍ତ ଶ୍ରମିକମାନଙ୍କୁ ଆବଶ୍ୟକତା ଜୋତା ଓ ଗ୍ଲୋଭ୍ସ ଆଦି ଦିଆଯାଇ ନ ଥିବା ଜଣାପଡ଼ିଛି। ଖବରପାଇ ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଦ୍ୱୟକୁ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ସେମାନଙ୍କୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ଗତ ଏକ ସପ୍ତାହ ମଧ୍ୟରେ ବ୍ୟାସନଗର ସହରରେ ସରକାରୀ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଲାଣି। ଗତ ରବିବାର ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରେନ୍ କାମ କରୁଥିବାବେଳେ ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ସେ ପାଣି ପମ୍ପ ଚଳାଇବାକୁ ଯାଇଥିବାବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଉଭୟସ୍ଥାନରେ ମୃତକ ଅଣଓଡ଼ିଆ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ଠିକାଦାରଙ୍କ ହାତବାରିସି ସାଜି ଘଟଣାକୁ ରଫାଦଫା କରିବାକୁ ସମ୍ପୃକ୍ତ ଠିକାସଂସ୍ଥାକୁ ସୁଯୋଗ ଦେଉଛି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ଦାନା ବାନ୍ଧିବା ସମ୍ଭାବନା ରହିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ରୋଡ୍ ଫ୍ୟାକ୍ଟ୍ରି ଆଣ୍ଡ ବ୍ଏଲର ବିଭାଗ ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

**ନୟାଗଡ଼ କେଶରପୁର ରାସ୍ତା ମରଣଯନ୍ତା**

**ନୟାଗଡ଼,(ଲୋକନାଥ ମିଶ୍ର):** ନୟାଗଡ଼ ସହରର ତ୍ରିନାଥ ଛକଠାରୁ ପାଟୁଳିସାହି ଠାରେ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରିଥିବା ନୟାଗଡ଼ କେଶରପୁର ରାସ୍ତା ମରଣଯନ୍ତା ପାଲଟିଛି । ନୟାଗଡ଼ଠାରୁ କଇଥଗାଡିଆ ପର୍ଯ୍ୟନ୍ତ ବେଶୀ ରାସ୍ତା ନଷ୍ଟ ହୋଇଛି । ହେଲେ ଏହାକୁ ମରାମତି କରାଯାଉ ନାହିଁ । ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ ନ ହେଲେ ଆନ୍ଦୋଳନ ହେବ ବୋଲି କେତେଜଣ ଯୁବକ କହିଛନ୍ତି ।



# ଝୁରିଆ ପରିବହନ ଖର୍ଚ୍ଚରେ ଦୁର୍ନୀତି

ନୟାଗଡ଼,୨୫।୮(ଲୋକନାଥ ମିଶ୍ର)

- ଖର୍ଚ୍ଚ ହିସାବରେ ମାର୍କଫେଡ୍ ଓ ସୋସାଇଟିର କଥା ମିଶୁନି
- ରିହାତି ପାଇବା ପରେ ବି ସରକାରୀ ଦରରେ ମିଳୁନି ସାର
- ସୋସାଇଟିରୁ ଚାଷୀ ୩୦୦ ଟଙ୍କାରେ କିଣୁଛନ୍ତି ସାର

ଝୁରିଆ ପରିବହନ ଖର୍ଚ୍ଚରେ ଦୁର୍ନୀତି ଚାଲିଛି । ପରିବହନ ଖର୍ଚ୍ଚ ପାଇଁ ସରକାର ସୋସାଇଟିକୁ ରିହାତି ଦେଉଥିଲେ ମଧ୍ୟ ସେହି ଖର୍ଚ୍ଚ ଚାଷୀ ଉପରେ ଲଦି ଦିଆଯାଉଛି । କେତେ ଟଙ୍କା ପରିବହନ ଖର୍ଚ୍ଚ ବାବଦକୁ ନିଆଯାଉଛି, କେଉଁଠାରୁ ପରିବହନ ଖର୍ଚ୍ଚ ହିସାବ କରାଯାଉଛି ସେ ନେଇ ମାର୍କଫେଡ୍ ଓ ସୋସାଇଟି କର୍ତ୍ତୃପକ୍ଷଙ୍କ କଥାରେ ତାଳମେଳ ରହୁନି । ଉଭୟଙ୍କ କଥାକୁ ପର୍ଯ୍ୟାଲୋଚନା କରାଗଲେ ଏହା ପଛରେ ଏକ ର୍ୟାକେଟ୍ କାମ କରୁଥିବା ବିଶ୍ୱାସ କରାଯାଉଛି। ଅନ୍ୟପକ୍ଷେ ଏହି ଅନିୟମିତତାକୁ ରୋକିବା ପାଇଁ ସରକାରୀସ୍ତରରେ ବ୍ୟବସ୍ଥା ନ ଥିବାରୁ ପରିବହନ ଖର୍ଚ୍ଚର ସ୍ୱଚ୍ଛତା ଆସୁନି । ଏଣୁ ଚାଷୀ ସୋସାଇଟିରେ ସାରକୁ ୨୬୭ ଟଙ୍କା ୨୮ ବଦଳରେ ୩୦୦ ଟଙ୍କା ଦେଇ କିଣୁଛି । ସୋସାଇଟି କର୍ତ୍ତୃପକ୍ଷ ଚାଷୀଙ୍କ ନାଁରେ ଭଲ ରୋଜଗାର କରି ଖସି ଯାଉଛନ୍ତି ।

ଅଭିଯୋଗ ଅନୁଯାୟୀ, କଟକ ଅଥବା ଜଟଣୀ ରେକ୍ ପଏଣ୍ଟରୁ ମାର୍କଫେଡ୍‌ର ନୟାଗଡ଼ ଗୋଦାମ ଓ ନୟାଗଡ଼ ଗୋଦାମରୁ ସୋସାଇଟି ପର୍ଯ୍ୟନ୍ତ ସାର ପରିବହନ ଖର୍ଚ୍ଚ କିଏ ଦେବ ତାହା ସ୍ପଷ୍ଟ ହେଉନାହିଁ । ଯଦି ସୋସାଇଟି ଦେବ ତେବେ ପରିବହନ ବାବଦ ହିସାବ ଦେବାରେ ସୋସାଇଟି କାହିଁକି ପଛଘୁଞ୍ଚା ହେଉଛି । ଯଦି ମାର୍କଫେଡ୍ ଦେଉଛି ତେବେ ସ୍ୱୀକାର କାହିଁକି କରୁନି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିବହନ ଖର୍ଚ୍ଚ ବାବଦ ଅର୍ଥର ହିସାବ ଦେବାରେ ଉଭୟ ପୃଥକ୍ ପୃଥକ୍ କଥା କହୁଥିବାରୁ ସାଧରଣରେ ସନ୍ଦେହ ବଢୁଛି । ଏନେଇ କୁରାଳ ସୋସାଇଟି ସଭାପତି ପ୍ରଶାନ୍ତ ମିଶ୍ର କୁହନ୍ତି, ମାର୍କଫେଡର ନୟାଗଡ଼ ସାର ଗୋଦାମରୁ କୁରାଳ ସୋସାଇଟିକୁ ୪୦୦ ବସ୍ତା ସାର ଆଣିବାକୁ ପରିବହନ ଖର୍ଚ୍ଚ ୨୦ ହଜାର ଟଙ୍କା ପଡୁଛି । କଟକ ରେକ୍‌ପଏଣ୍ଟଠାରୁ ଭଡ଼ା ଆମେ ଦେଇ ନାହୁଁ । ଆମେ ସରକାରୀ ଦରରେ ସାର ବିକ୍ରି କରିଛୁ । ତେବେ ୩୦୦ ଟଙ୍କ ସାର ବିକ୍ରି ନେଇ ଅଭିଯୋଗ ଉପରେ କହିଥିଲେ ମୁଁ ବୁଝିଲା ପରେ କହିବି । ଆମ ସୋସାଇଟି ସାର ୩୦୦ ଟଙ୍କାରେ ବିକ୍ରି ହେବା ନେଇ ମୁଁ ଅବଗତ ନାହିଁ । ନୂଆଗାଁ ବ୍ଲକ ମାଳିସାହି ସୋସାଇଟି ସମ୍ପାଦକ ବିଶ୍ୱନାଥ ମାଝି କୁହନ୍ତି, ଜୁଲାଇରେ ସାର ଆଣିବାରୁ ନୟାଗଡ଼ରୁ ମାଳିସାହି ସୋସାଇଟି ପର୍ଯ୍ୟନ୍ତ ଭଡ଼ା ଦେଇଛୁ । ମାର୍କଫେଡର ସନ୍ତୋଷ କୁମାର ରାଉତରାୟ କୁହନ୍ତି, ସାର କଟକ ଓ ଜଟଣୀ ରେକ୍ ପଏଣ୍ଟରୁ ଆସୁଥିବାରୁ ନୟାଗଡ଼ ପର୍ଯ୍ୟନ୍ତ ଭଡ଼ା ସୋସାଇଟି ଦେବ । ପୁଣି ନୟାଗଡ଼ଠାରୁ ସୋସାଇଟି ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଅନୁରୂପ ଭାବେ ସୋସାଇଟି ଦେବ। ପରିବହନ ଖର୍ଚ୍ଚ ବାବଦ ଅର୍ଥ ସରକାରଙ୍କଠାରୁ ସୋସାଇଟି ରିହାତିରେ ପାଇଯାଉଛି । ଏଣୁ ସୋସାଇଟି କ୍ଷତିରେ ପଡ଼ିବାର ନାହିଁ ବୋଲି ସେ କହିଛନ୍ତି ।

ଅପରପକ୍ଷେ ସାର ଅଭାବ ଦେଖା ଦେଇଛି। ଏପ୍ରିଲରୁ ପ୍ରାୟ ୧୫ ହଜାର ଟନ ସାର୍ ଆସି ସାରିଛି ବୋଲି କହିଛନ୍ତି । ଓଡ଼ଗାଁ ବ୍ଲକ କଂଗ୍ରେସ ନେତା ଦିଲ୍ଲୀପ ବିଶୋଇ କୁହନ୍ତି, କୁରାଳ ସୋସାଇଟିରେ ସାର ପରିବହନ ଖର୍ଚ୍ଚରେ ଅନିୟମିତା ହୋଇଛି । ସାର କଟକ ରେକ୍ ପଏଣ୍ଟରୁ ଆସିଥିବା କୁହାଯାଇଛି । ପରେ ପୁଣି ନୟାଗଡ଼ ଗୋଦାମକୁ ଯାଇଥିବା ଜଣାପଡିଛି। ଯଦି ରେକ୍ ପଏଣ୍ଟରୁ ଆସିଲା ତେବେ ଗୋଦାମକୁ ପୁଣି ଗଲା କାହିଁକି। ଆଗରୁ କୁହାଯାଉଥିଲା ୪୦୦ ବସ୍ତା ସାର ପାଇଁ ୪୦ ହଜାର ପରିବହନ ବାବଦକୁ ଖର୍ଚ୍ଚ ହୋଇଛି। ଏବେ କୁହାଯାଉଛି ୨୦ ହଜାର ଖର୍ଚ୍ଚ ହୋଇଛି । ପରିବହନ ଖର୍ଚ୍ଚରେ ଏକାଧିକ କଥା ଆସୁଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି ।

## ନୟାଗଡ଼ରେ ରେକ୍ ପଏଣ୍ଟ ହେଉ

ନୟାଗଡ଼ରେ ରେଳପଥ ଯାଇଛି । ଚାଷୀ ଓ ଚାଷର ସୁବିଧା ପାଇଁ ନୟାଗଡ଼ ଜିଲା ପାଇଁ ରେକ୍ ପଏଣ୍ଟ ଖୋଲାଯାଉ । ଜଟଣୀ ଓ କଟକ ରେକ୍ ପଏଣ୍ଟରୁ ସାର୍ ନୟାଗଡ଼କୁ ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ହେଉଛି । ସାରରେ ପରିବହନ ଖର୍ଚ୍ଚକୁ ହ୍ରାସ ପାଇଁ ନୟାଗଡ଼ ରେଳ ଷ୍ଟେଶନ ନିକଟରେ ରେକ୍ ପଏଣ୍ଟ ଖୋଲିବାକୁ ଦାବି ଉଠଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ମିଳୁଛି ପୋକ ସାଲୁବାଲୁ ହାଲୁଆ

ଗଣିଆ,୨୫।୮(ସନ୍ତୋଷ କୁମାର ପ୍ରଧାନ)

ସରକାର କୋମଳମତି ଶିଶୁମାନଙ୍କ ପାଇଁ ସୁଷମ ଖାଦ୍ୟ ସହିତ ଉତ୍ତମ ପାଠପଢ଼ା ପାଇଁ ଅଙ୍ଗନୱାଡି କେନ୍ଦ୍ରର ବ୍ୟବସ୍ଥା କରିଛନ୍ତି । ହେଲେ ଉକ୍ତ କେନ୍ଦ୍ରରେ ଆବଶ୍ୟକ ଯାଞ୍ଚ ନ କରାଯାଇ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ନୟାଗଡ଼ ଜିଲା ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ ଗୁଣ୍ଡୁରିବାରୀ ଅଙ୍ଗନୱାଡି କେନ୍ଦ୍ରରେ ଦେଖିବାକୁ ମିଳିଛି । ଶୁକ୍ରବାର ସକାଳୁ ଏହି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଖାଦ୍ୟପ୍ରସ୍ତୁତ ପାଇଁ ଆସିଥିବା ହାଲୁଆ ପ୍ୟାକେଟ ପୋକ ବାହାରୁଥିବା ଦେଖିବାକୁ ମିଳିଥିଲା । ତେବେ କୋମଳମତି ଶିଶୁମାନଙ୍କୁ ଏଭଳି ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏପରି ସାମଗ୍ରୀ ଯୋଗାଣକାରୀଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ଗଣିଆ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଦଶପଲ୍ଲା ବ୍ଲକ ଦେଢଶର ଗ୍ରାମ କପିଳେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି ହାଲୁଆ ପ୍ୟାକେଟ ଯୋଗାଇ ଦିଆଯାଉଛି । ଏପରିସ୍ଥଳେ ବିଭିନ୍ନ ସମୟରେ ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି । ସେହିପରି ଏହି କେନ୍ଦ୍ରର ଚାରିପାଖରେ ବର୍ଷାପାଣି ଜମିରହୁଥିବାରୁ ଛୋଟ ଛୋଟ ପିଲାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଦିନେ ପାଣି କାଦୁଅରେ ଯିବାଆସିବା କରିବା ଦ୍ୱାରା ଶିଶୁମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସ୍ଥାନୀୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି ।

ଏ ସମ୍ପର୍କରେ ଗଣିଆ ବ୍ଲକ ସିଡିପିଓ ଉଷାରାଣୀ ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୁଁ ଅବଗତ ନ ଥିଲି କିମ୍ବା କୌଣସି କେନ୍ଦ୍ରରୁ ମୋ ପାଖକୁ ଅଭିଯୋଗ ଆସି ନ ଥିଲା । ଗୁଣ୍ଡୁରିବାରୀ କେନ୍ଦ୍ରରୁ ନିମ୍ନମାନର ହାଲୁଆ ଦିଆଯାଉଥିବା ଅଭିଭାବକମାନେ ଅଭିଯୋଗ କଲାପରେ ମୁଁ ଜାଣିବାକୁ ପାଇଲି । ତେବେ ଛତୁଆ ଓ ହାଲୁଆ ଯୋଗାଉଥିବା ଏସ୍ଏଚ୍‌ଜି ଗୋଷ୍ଠୀଙ୍କ ସହିତ ଆଲୋଚନା କଲାପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।





ଅଙ୍ଗନୱାଡ଼ି କେନ୍ଦ୍ରରୁ ମିଳିଥିବା ଛତୁଆ ପ୍ୟାକେଟ୍‌ରେ ପୋକ ସାଲୁବାଲୁ ହେଉଛି ।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନରେ ନିର୍ମାଣ କରାଯାଇଥିବା ରାସ୍ତା ।

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଗ୍ରାମାଞ୍ଚଳରେ ରାସ୍ତାଘାଟର ଉନ୍ନତୀକରଣ, ନୂତନ ପୋଖରୀ ଖନନ, ପୋଖରୀରୁ ପଙ୍କୋଦ୍ଧାର ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଅନେକ କୋଟି ଟଙ୍କାର ଅନୁଦାନ ପ୍ରଦାନ କରୁଛନ୍ତି । ଏହି ଯୋଜନାରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନକୁ ଅନୁଦାନ ଅର୍ଥ ଯୋଗାଇ ଦିଆଯାଇଛି । ମାତ୍ର ବ୍ଲକ ପ୍ରଶାସନର ଉଦାସୀନତାର ସୁଯୋଗ ନେଇ କେତେକ ସ୍ଥାନରେ ଆବଶ୍ୟକତା ନ ଥାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ଫଳରେ ଏହି ଯୋଜନାରେ ଅନୁଦାନ ଅର୍ଥ କିଭଳି ବାଟ ହୁଡୁଛି ତାହା ଖଣ୍ଡପଡ଼ା ବ୍ଲକର ଶାଳଝରିଆ ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଗ୍ରାମର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଠାରୁ ଚାଷ ଜମି ଦେଇ ଜାମୁଡିଆକୁ ସଂଯୋଗ କରୁଥିବା ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ । ଜାମୁଡିଆକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ କେନାଲ ଥିବା ବେଳେ କିଛି ପରିମାଣର ମାଟି ରାସ୍ତାରେ ପକାଯାଇଥିବା ଅଭିଯୋଗ ହେଉଛି । ରାସ୍ତାର ସମ୍ମୁଖ ଭାଗରେ ଲଗାଯାଇଥିବା ସୂଚନାଫଳକରେ କାମ ଆରମ୍ଭ ଓ ଶେଷ ତାରିଖ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ବେଳେ ରାସ୍ତା ନିର୍ମାଣ ବାବଦରେ ୧୦ ଲକ୍ଷ ୨୪ ହଜାର ୩୭୦ ଟଙ୍କା ଖର୍ଚ୍ଚ ହେବ ବୋଲି ଦର୍ଶାଯାଇଛି । ତେବେ କାହା ସ୍ୱାର୍ଥ ଓ କାହା ନିର୍ଦ୍ଦେଶରେ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର କରାଗଲା ବୋଲି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ଓ ସ୍ଥାନୀୟ ଅଞ୍ଚଳର ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟରେ ନିୟୋଜିତ ନ କରି ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି । ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଆଶୁତୋଷ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ଉକ୍ତ କାମର ବିଲ୍ କରାଯାଇ ନାହିଁ କିମ୍ବା ଏ ସମ୍ପର୍କିତ କୌଣସି ସୂଚନା ଆମ ପାଖରେ ନାହିଁ । ଯଦି ସମ୍ପୃକ୍ତ ପଞ୍ଚାୟତର ରିଜୋଲ୍ୟୁଶନ ଅନୁସାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଗୋଚରରେ କରାଯାଉଥାଏ ତା'ହେଲେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଅନାମ



@ ଗିରୀଶ



@ ଅମିଶ



@ ଅଭିଶ



@ ହରପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଶ୍ରମ ବିଦ୍ୟାଳୟରେ ଜଣ୍ଡିସ ଆତଙ୍କ

ଭାପୁର,୨୫।୮ (ଭରତ କୁମାର ବେହେରା )

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ମାଳିବେରଣୀ ଆଶ୍ରମ ବିଦ୍ୟାଳୟରେ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହେବା ପରେ ଆତଙ୍କ ସୃଷ୍ଟି ହୋଇଛି । ଏହାପରେ ଭାପୁର ସ୍ୱାସ୍ଥ୍ୟବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଗତ କିଛିଦିନ ହେବ ଏହି ଆଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଦେଖା ଦେଇଥିଲା । ଛାତ୍ର ଜଣଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ସେ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଯାହାକୁ ନେଇ ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିଲା।

ଏହି ଆଶ୍ରମ ବିଦ୍ୟାଳୟରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୨୦୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସେଥିମଧ୍ୟରୁ ଭାପୁର ଅଞ୍ଚଳର ୨୩ ଛାତ୍ରୀଛାତ୍ର ଅଛନ୍ତି । ୧୦ଜଣ ଛାତ୍ରୀଛାତ୍ର କୌଣସି କାରଣରୁ ବିଦ୍ୟାଳୟକୁ ଆସୁ ନ ଥିବା ବିଦ୍ୟାଳୟର ଇନ୍‌ଚାର୍ଜ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡା.ବିଶ୍ୱନାଥ ସାହୁ, ଡା. ପ୍ରଦୀପ କୁମାର ପାଇକରାୟ ଆଶ୍ରମ ବିଦ୍ୟାଳୟର ପହଞ୍ଚି ସ୍ଥିତି ପରଖି ଥିଲେ । ଡା.ସାହୁଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଟିମ୍ ଆସି ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଟିମ୍‌ରେ କଇଁଫୁଲିଆ ଉପକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରିଣୀ ଜ୍ୟୋତିର୍ମୟୀ ଶତପଥୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ବସନ୍ତ କୁମାର ସାମନ୍ତରାୟ, ସୁପରଭାଇଜର ପ୍ରଭାତ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଦୁଇଦିନ ଧରି ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହିତ ୫ଜଣ ଛାତ୍ରୀଛାତ୍ରଙ୍କ ଆଖି ହଳଦିଆ ଦେଖାଯାଉଥିବାରୁ ଜଣ୍ଡିସ ଆକ୍ରାନ୍ତ ଆଶଙ୍କା କରାଯାଇଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେମାନଙ୍କ ରିପୋର୍ଟ ଆସି ନ ଥିବା ଜଣାପଡିଛି। ଭାପୁର ବ୍ଲକ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ତରଫରୁ କର୍ମଚାରୀମାନେ ପହଞ୍ଚି ବିଦ୍ୟାଳୟ ପରିସରରେ ଥିବା ନଳକୂପ,ବୋରିଂ ଆଦି ସ୍ଥାନରେ ବ୍ଲିଚିଂ ପାଉଡ଼ର ପକାଇଛନ୍ତି ।



ସ୍ୱାସ୍ଥ୍ୟବିଭାଗ ଟିମ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ଜଣେ ଛାତ୍ର ଅସୁସ୍ଥ ପରେ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

# ଶ୍ରାବଣରେ ମୁଣ୍ଡଫଟା ଖରା, ମରୁଡ଼ି ଆଶଙ୍କା

## ଖଣ୍ଡପଡ଼ାରେ ବର୍ଷା ଅଭାବ,ଚାଷୀ ହତାଶ

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ଅଳ୍ପଦିନ ମଧ୍ୟରେ ପାଗର ପରିବର୍ତ୍ତନ ସହ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା । ଏହି ଖବର ଶୁଣି ଚାଷୀଙ୍କ ମନରେ ଖୁସିର ଲହରି ଖେଳି ଯାଇଥିଲା । ମାତ୍ର ଆବଶ୍ୟକ ବର୍ଷା ନ ଥିବାରୁ ଚାଷୀଙ୍କ ମନରେ ହତାଶାଭାବ ସୃଷ୍ଟି ହୋଇଛି । ମୌସୁମୀ ଦୁର୍ବଳ ଅବସ୍ଥାରେ ଥିବାରୁ ଖରାରେ ଧାନ ବିଲ ଏବେ ଶୁଖିଲା ପଡିଛି । ବିଶେଷକରି ଶ୍ରାବଣ ମାସରେ ଅନବରତ ବର୍ଷା ଲାଗି ରହିବା ପରିବର୍ତ୍ତେ ମୁଣ୍ଡଫଟା ଖରା ଚାଷୀଙ୍କ ଆଶାକୁ ଧୂଳିସାତ୍ କରିଛି । ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳରେ ଏହି ପରିସ୍ଥିତି ଲାଗି ରହିଛି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍‌ର ସମୁଦାୟ ଜନସଂଖ୍ୟାର ତିନି ଚତୁର୍ଥାଂଶ କୃଷିଜୀବୀ ଓ ଶ୍ରମଜୀବୀ । ଦୀର୍ଘଦିନ ଧରି ଆବଶ୍ୟକ ପରିମାଣର ବର୍ଷା ନ ହେବା ଯୋଗୁ ଅନେକ ସ୍ଥାନରେ ଧାନତଳି ମୁଣ୍ଡି ମରିଯାଇଛି। ଖାଲୁଆ ଅଞ୍ଚଳରେ ଥିବା ଚାଷଜମିଗୁଡିକୁ ବାଦ୍ ଦେଲେ ପାହାଡିଆ ଅଞ୍ଚଳ ଓ ଢିପ ଜମିଗୁଡିକରେ ଚାଷ କାର୍ଯ୍ୟ ପଛେଇଛି । ଧାନ ଜମିରେ ଅନାବନା ଗଛ ମାଡ଼ିଗଲାଣି । ଚାଷୀମାନେ ବର୍ଷାକୁ ଅନାଇ ଜମିକୁ ଯାଉନାହାନ୍ତି । ଏ ଅଞ୍ଚଳରେ ଜଳସେଚିତ ଜମିର ପରିମାଣ କମ୍। ଗତ କିଛିଦିନ ଧରି ଖରାଦିନ ପରି ତାତି ଏବଂ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି । ଧାନ ବିଲରେ ଗୋରୁ ଚରୁଥିବା ବେଳେ ଏହି ପରିସ୍ଥିତି ଯଦି ଆଉ କିଛିଦିନ ଲାଗିରହେ ତେବେ ଅବସ୍ଥା ଅଣାୟତ୍ତ ହୋଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷେ ବିଭିନ୍ନ ସ୍ଥାନରେ ଥିବା ଚେକ୍‌ଡ୍ୟାମଗୁଡ଼ିକରେ ଆବଶ୍ୟକ ପାଣି ନ ଥିବା ବେଳେ ଚାଷଜମି ପାର୍ଶ୍ୱବର୍ତ୍ତୀ କେନାଲଗୁଡିକ ସମ୍ପୂର୍ଣ୍ଣ ଶୁଖିଲା ପଡିଛି । ଠିକଣା ସମୟରେ ଚାଷ ଜମିକୁ ପାଣି ଯୋଗାଇ ଦେବାରେ କେନାଲଗୁଡ଼ିକ ଅସମର୍ଥ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ଉଠାଜଳସେଚନ ପଏଣ୍ଟରୁ ଅଧିକାଂଶ ଅଚଳ ଅବସ୍ଥାରେ ରହିଛି । ଅପରପକ୍ଷେ ବଜାରରେ ପନିପରିବା, ଡାଲି, ତେଲ ଦର ହୁ ହୁ ହୋଇ ବଢ଼ି ଚାଲିଛି। ସାଧାରଣ ଖାଉଟି ବଜାରକୁ ପନିପରିବା କିଣିବାକୁ ଯିବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗ ହୋଇଛି ।



ବର୍ଷାକୁ ଅପେକ୍ଷା କରିଥିବା ଧାନଗଛ ।

**୧୩.୪୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ**

ପାରାଦୀପ,(ଶରତ ରାଉତ): ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପାରାଦୀପ ଲକ୍‌ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୩.୪୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଅଭିଯୁକ୍ତ ହେଲେ ରାଜୀବ ବଜରଙ୍ଗୀ। ସେ ଦୋଛକି ପାଖରେ ଏହି କାରବାର କରୁଥିବାବେଳେ ପାଟ୍ରୋଲିଂ ଟିମ୍ ହାତରେ ଧରି ପଡ଼ିଥିଲେ। ଏନେଇ ଥାନାରେ ମାମଲା (ନଂ.୩୫୩/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### 'ଯୁବଶକ୍ତି ଜାଗ୍ରତ ହୋଇ ଦେଶ ଗଠନରେ ସାମିଲ ହୁଅନ୍ତୁ'

### ଯୁବ ଭାରତ ୨୦୪୭ କର୍ମଶାଳା

ତିର୍ତ୍ତୋଲ, ୨୫।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ଯୁବ ଶକ୍ତି ହେଉଛି ଦେଶର ସର୍ବଶ୍ରେଷ୍ଠ ଶକ୍ତି। ଏହି ଶକ୍ତି ଜାଗ୍ରତ ହୋଇ ଦେଶ ଗଠନରେ ସାମିଲ ହେଲେ ୨୦୪୭ ସୁଦ୍ଧା ଭାରତ ବିଶ୍ୱର ସର୍ବ ଶ୍ରେଷ୍ଠ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ତିର୍ତ୍ତୋଲ ବ୍ଲକ କଲେଜ ଛକ ନିକଟ ପିନାକିଲ ସେଣ୍ଟର ପରିସରରେ ଶୁକ୍ରବାର ଯୁବ ଭାରତ-୨୦୨୪ କର୍ମଶାଳାରେ ଉପରୋକ୍ତ ମତ ପ୍ରକାଶ ପାଇଛି। ନେହେରୁ ଯୁବ କେନ୍ଦ୍ର ଜଗତ୍‌ସିଂହପୁର ଶାଖା ଓ ସୁଜନୀ ସଙ୍ଗଠନ ଆନୁକୁଲ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସୁଜନୀର ସଭାପତି ଦେବପ୍ରିୟ ନିରଞ୍ଜନ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବ କେନ୍ଦ୍ରର ଜିଲା ଶାଖା ସଂଯୋଜକ ନିଖିଲ କୁମାର ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ସାରାଦେଶରେ ଏହି କାର୍ଯ୍ୟକ୍ରମ ଯୁବବର୍ଗର ସଚେତନତା ଲାଗି ଜାରି ରହିଛି ବୋଲି କହିଥିଲେ। ବକ୍ତାମାନଙ୍କ ମଧ୍ୟରେ ବିଶିଷ୍ଟ ପରିବେଶବିତ ଉତ୍କଳ ମହାନ୍ତି, ଅବସରପ୍ରାପ୍ତ ପ୍ରଧାପକ ବିଷ୍ଣୁପ୍ରିୟା ଦାସ, ସାମାଜିକ କର୍ମୀ ସ୍ନେହମୟୀ ଆଚାର୍ଯ୍ୟ, ଅଧ୍ୟାପକ ଅରୁଣ କୁମାର ପଣ୍ଡା, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ସାମାଜିକ କର୍ମୀ କାଳନ୍ଦୀ ଜେନା, ପବିତ୍ର କୁମାର ସୁବୁଦ୍ଧି, ମନୋରଞ୍ଜନ ବିଶ୍ୱାଳ, ବଟକୃଷ୍ଣ ପ୍ରଧାନ ଓ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅବଦୁଲପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ

ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ରାଜ୍ୟ ବ୍ୟାପୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣ ଆନ୍ଦୋଳନ କରୁଛି। ଶୁକ୍ରବାର ଆଳି ନିର୍ବାଚନ ମଣ୍ଡଳୀ ରାଜକନିକା ବ୍ଲକର ଅବଦୁଲପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ଜିଲା ଭଜପା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଓ ଶତାଧିକ କର୍ମୀ ଏକତ୍ରିତ ହୋଇ ଗଣ ଆନ୍ଦୋଳନ କରିଥିଲେ। ରାଜ୍ୟ ସରକାର ଆବାସ, ମଧୁବାବୁ ପେନସନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଆସୁଥିବା ଅର୍ଥକୁ ଦଳୀୟ ଭିତ୍ତିରେ ବଣ୍ଟା ଯାଉଛି। ପ୍ରକୃତ ଗରିବ ସୀମାରେଖା ତଳେ ଥିବା ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହୋଇଥିବା ସେ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ ନ କଲେ ଆଗାମୀଦିନରେ ଏହା ଏକ ବଡ ଆନ୍ଦୋଳନରେ ପରିଣତ ହେବ ବୋଲି ଉପସ୍ଥିତ ଭାଜପା ନେତୃମଣ୍ଡଳୀ କହିଛନ୍ତି। ଏହି ଗଣ ଆନ୍ଦୋଳନରେ ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲ, ଯଯାତି ପଟ୍ଟନାୟକ, ବିଜୁଶ୍ରୀ ବିଜୟା ପଟ୍ଟନାୟକ, ସୁମନ୍ତ ଦାସ, ଜୀବନନନ୍ଦ ମଲ୍ଲିକ, ସୁବାସ ମଲ୍ଲିକ, ମନ୍ଦରଧର ମଲ୍ଲିକ, ବିରଞ୍ଚି ମଲ୍ଲିକ, ନଟବର ମଲ୍ଲିକ, ରାଜବଲ୍ଲଭ ମଲ୍ଲିକ, ନିରାକାର ବଳ, ଚୈତନ୍ୟ ଜେନା, ନରେନ୍ଦ୍ର ମଲ୍ଲିକ, ଆଶାଲତା ପଟ୍ଟନାୟକଙ୍କ ସମେତ କର୍ମୀ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଜଗତସିଂହପୁର, ୨୫।୮ (ପ୍ରମୋଦ କୁମାର ନାୟକ)

ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଓ ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ରଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ମିଶ୍ର ଜଣେ ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷକଭାବେ ନାଉଗାଁ ଅଞ୍ଚଳରେ ପରିଚିତ । ତାଙ୍କ ବିୟୋଗରେ ଛାତ୍ର ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ଅଧ୍ୟାପକ ସରୋଜ ନାୟକ, ବୈଷ୍ଣବ ଦାସ, ସୁକାନ୍ତ ଲେଙ୍କା, ବିଭୁ ପ୍ରସାଦ ପରିଡ଼ା, ଘୋଡ଼ାଂଶ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ନିର୍ମାଣ ନ ସରୁଣୁ କାନ୍ଥରେ ଫାଟ

ଏରସମା, ୨୫।୮ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)



ଗ୍ରାମବାସୀ ଫାଟିଯାଇଥିବା କାନ୍ଥକୁ ଦେଖାଉଛନ୍ତି।

**ଆଦର୍ଶ ବିଦ୍ୟାଳୟ କାମ ନିମ୍ନମାନର ଅଭିଯୋଗ**

- ୩ ମହଲା ବିଶିଷ୍ଟ ଗୃହ ପାଇଁ ୮ କୋଟି ୭୭ ଲକ୍ଷ ବ୍ୟୟ ବରାଦ ହୋଇଛି
- ଷଷ୍ଠ, ସପ୍ତମ ଶ୍ରେଣୀର ପିଲାମାନେ ପାଠ ପଢୁଛନ୍ତି

ଏରସମା ବ୍ଲକ ମୁଖ୍ୟାଳୟ ପଞ୍ଚାୟତସ୍ଥିତ ସିହା ଗ୍ରାମରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ଚାଲିଛି। ତେବେ ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କାର୍ଯ୍ୟ ଶେଷ ନ ହେଉଣୁ କାନ୍ଥରେ ଫାଟି ସୃଷ୍ଟି ହୋଇଛି ବୋଲି ସେମାନେ କହିଛନ୍ତି। ଫଳରେ ବିଦ୍ୟାଳୟ ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଦ୍ୟାଳୟ ପାଇଁ ୩ ମହଲା ବିଶିଷ୍ଟ ଗୃହ ନିର୍ମାଣ କରାଯାଉଛି। ଏନେଇ ସୂଚନା ଫଳକ ଅନୁସାରେ ୮କୋଟି ୭୭ ଲକ୍ଷ ବ୍ୟୟ ବରାଦ କରାଯାଇଛି। ୨୦୨୪ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଫଳକରେ ଦର୍ଶାଯାଇଛି। ୨ ମହଲା ଗୃହ ନିର୍ମାଣପରେ ଏବେ ତୃତୀୟ ମହଲା ପାଇଁ କାର୍ଯ୍ୟ ଚାଲିଛି। ତେବେ ଏହି ଅଟ୍ଟାଳିକାର ବାହାର ପଟ ପ୍ଲାଷ୍ଟର କରାଯାଇ ନ ଥିବାବେଳେ ଭିତର ପାର୍ଶ୍ୱ ପ୍ଲାଷ୍ଟର କରାଯିବା ସହ ରଙ୍ଗ କରାଯାଇଛି। ଏଠାରେ ୬ଷ୍ଠ ଓ ୭ମ ଶ୍ରେଣୀର ପିଲାମାନଙ୍କୁ ପାଠ ପଢ଼ାଯାଉଛି । ମାତ୍ର ବିଦ୍ୟାଳୟର ଭିତରପଟ ପ୍ଲାଷ୍ଟର ଓ ରଙ୍ଗ ହୋଇଥିବା ପୋର୍ଟିକୋ ସଂଲଗ୍ନ ଗୃହ କାନ୍ଥରେ ଫାଟ ସୃଷ୍ଟି ହୋଇଛି । ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁ, ସିହା ଗ୍ରାମ ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଙ୍ଗଠନର ସଭାପତି ଅଞ୍ଜନ କୁମାର ସ୍ୱାଇଁ, ଏରସମା ସଚେତନ ନାଗରିକ ମଞ୍ଚ ସଭାପତି ପ୍ରବୀର ପଣ୍ଡା, ଗ୍ରାମବାସୀ ଯୁଗଳ କିଶୋର ସ୍ୱାଇଁ, ପ୍ରତାପ କେଶରୀ ସ୍ୱାଇଁ, ଶକ୍ତି ପ୍ରସନ୍ନ ସାମନ୍ତରାୟ ଏବଂ ୱାର୍ଡ ସଭ୍ୟ ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଏନେଇ ଉଦବେଗ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିଦ୍ୟାଳୟ ଗୃହ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ କହିଛନ୍ତି, ଏହି ଘଟଣା ସମ୍ପର୍କରେ ତଦନ୍ତ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡ

ଜଗତ୍‌ସିଂହପୁର, ୨୫।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଏରସମା ଥାନା ଧୋବେଇ ଗାଁର ମାନସ ସାମଲ ଓରଫ ହଡ଼ାଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୫ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୪।୪।୧୯ ଅପରାହ୍ନ ସାଢେ ୪ଟା ରେ ପୀଡ଼ିତାଙ୍କୁ ମାନସ ଅପହରଣ କରି ପୁଡୁଚେରୀ ନେଇ ଯାଇଥିଲେ। ସେଠାରେ ଏକ ଭଡ଼ା ଘରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଝିଅକୁ ନ ପାଇ ତାଙ୍କ ବାପା ୭।୪।୧୯ରେ ଥାନାର ଅଭିଯୋଗ କରିଥିଲେ। ପରେ ଥାନା ପକ୍ଷରୁ ମାମଲା (ନଂ. ୮୧/୧୯) ରୁଜୁ କରାଯାଇଥିଲା। ଦୀର୍ଘଦିନ ପରେ ଅର୍ଥାତ୍ ୬।୧୨।୧୯ରେ ମାନସ କଟକ ରେଳ ଷ୍ଟେଶନରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ମାନସ ଜେଲରେ ଅଛନ୍ତି।

## ସାଇ ମନ୍ଦିରରୁ ଚୋରି ଘଟଣା: ୨ ଅଭିଯୁକ୍ତ ଜେଲଗଲେ

କୁଜଙ୍ଗ, ୨୫।୮ (ମନୋଜ ପ୍ରଧାନ)



କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା (କୃଷ୍ଣ ଚନ୍ଦ୍ରପୁର)ସ୍ଥିତ ସିରିଡି ସାଇମନ୍ଦିରରୁ ବାବାଙ୍କ ସୁନା, ରୁପା ଅଳଙ୍କାର ସମେତ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୋପିଆକୁଦ ଗ୍ରାମର ଦେବେନ୍ଦ୍ର ପଣ୍ଡା ଓ ରାହାମାସ୍ଥିତ ମିନକେତନ ପରିଡା। ଏ ନେଇ ଥାନାରେ ମାମଲା (ନଂ.୩୯୪/୨୩)ରୁଜୁ ହୋଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ କୁଜଙ୍ଗ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଚୋରି ଅଭିଯୋଗ ହେବା ପରେ ପୋଲିସ ଚଢ଼ାଉ କରି ପୂର୍ବତନ ରୋଷେୟା ଦେବେନ୍ଦ୍ରଙ୍କୁ ଗିରଫ କରିଥିଲା। ମାତ୍ର ଉକ୍ତ ଚୋରିରେ ଆଉ କାହାର ସମ୍ପୃକ୍ତି ଥିବା ନେଇ ସନ୍ଦେହ ହେବାରୁ ପୋଲିସ ଘଟଣା ସମ୍ପର୍କରେ ବିଷଦ ସୂଚନା ଦେଇ ନ ଥିଲା। ପରେ ଏହି ମାମଲାରେ ମୀନକେତନଙ୍କୁ ଧରି ଶୁକ୍ରବାର ପ୍ରେସ ବିଜ୍ଞପ୍ତି ଜରିଆରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଓ ୧୫, ୭୬୧ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ୨ ଅଭିଯୁକ୍ତ ଲୁଟ ସାମଗ୍ରୀ ଓ ଟଙ୍କା ଧରି ପୁରୀ ପଳାଇ ଯିବାକୁ ଉଦ୍ୟମ କରିଥିଲେ। ମାତ୍ର ବୈଷୟିକ ସର୍ବେକ୍ଷଣ ଦ୍ୱାରା ଅଭିଯୁକ୍ତଙ୍କ ଗତିବିଧି ଠାବ କରାଯାଇ ପୋଲିସ ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ସୂଚନାଯୋଗ୍ୟ, ୬ ମାସ ପୂର୍ବରୁ ଦେବେନ୍ଦ୍ର ଏହି ମନ୍ଦିରରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ରାତିରେ ସେ ନିଶା କାରବାରରେ ଲିପ୍ତ ଥିବା ନେଇ ଅଭିଯୋଗ ହେବା ପରେ ପୂଜକ ଓ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ବୁଧବାର ରାତି ପ୍ରାୟ ୪ଟା ବେଳକୁ ପୂଜକ ଉଠି ବାହାରକୁ ଆସିବା ବେଳକୁ ଅଭିଯୁକ୍ତ ଗାମୁଛାରେ କିଛି ବାନ୍ଧି ପଳାଉଥିବା ଦେଖିଥିଲେ। ପୂଜକ କ'ଣ ନେଉଛୁ ବୋଲି ପଚାରିବାରୁ ଅଭିଯୁକ୍ତ ଫୁଲ ନେଉଛି କହି ଦୌଡି ପଳାଇ ଥିଲେ। ପରେ ମନ୍ଦିରରୁ ଚୋରି ହୋଇଥିବା ଜଣାପଡ଼ିବା ପରେ ଥାନାରେ ଅଭିଯୋଗ ହୋଇଥିଲା।

## ସେବାରେ ଶାରୀରିକ, ମାନସିକ ଶାନ୍ତି ମିଳେ

### ଗୋରେଖନାଥ ପୀଠରେ ସଫେଇ କାର୍ଯ୍ୟକ୍ରମ

ରଘୁନାଥପୁର, ୨୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ସ୍ୱେଚ୍ଛାସେବୀ ସଂସ୍ଥା ସେବା ପ୍ରତିନିଧି ଭୁବନେଶ୍ୱର ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସଂସ୍ଥାର ମୁଖ୍ୟ ନୀଳମଣି ମିଶ୍ରଙ୍କ ତତ୍ତ୍ୱାବଧାନରେ ୭୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟ ସୁନ୍ଦରପଦାରୁ ଆସି ଗୋରେଖନାଥ ପୀଠରେ ପହଞ୍ଚି ଥିଲେ। ସେମାନେ ପୀଠ ପରିସରରେ ଥିବା ଅଳିଆ ଆବର୍ଜନାକୁ ଉଠାଇ ସଫା କରିଥିଲେ। ଏ ସମ୍ପର୍କରେ ସଂସ୍ଥାର ମୁଖ୍ୟ ମିଶ୍ର କୁହନ୍ତି, ଏହା ଆମର ଦୈନନ୍ଦିନର କର୍ତ୍ତବ୍ୟ। ସେବାରେ ଆମକୁ ଶାରୀରିକ ଓ ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟ କରିବାରେ ପ୍ରେରଣା ମିଳେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସସ୍ମିତା ପାହାଡ଼ସିଂ ଓ ଛବିରାଣୀ ବେହେରା, ଭାନୁମତି ଭୋଇ, ପୁଷ୍ପଲତା ଭୋଇ, ସୀତା ରାଉତ, ନୟନା ବେହେରା, ଅନୁପମା ବେହେରା, ବିଶ୍ୱଜିତ ଦାସ, ରମେଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପାଟନାଳିରେ କୁମ୍ଭୀର, ଲୋକେ ଭୟଭୀତ

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

**ଧରିବାକୁ ଆସି ବନ ବିଭାଗ ବିଫଳ**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବଳଦେବନଗର ଗ୍ରାମ ପାଖ ଏକ ପାଟନାଳିରେ ଗୁରୁବାର ସନ୍ଧ୍ୟାରେ କୁମ୍ଭୀର ଭାସୁଥିବା ଗ୍ରାମବାସୀ ଦେଖି ରାଜନଗର ବନ ବିଭାଗକୁ ଖବର ଦେଇଥିଲେ। ଶୁକ୍ରବାର ବନ ବିଭାଗ କର୍ମଚାରୀ ଆସି କୁମ୍ଭୀରକୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ସୂଚନାନୁସାରେ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବଳଦେବନଗର ଗ୍ରାମରେ ଅନେକ ଧାନ ବିଲରେ ଏବେ ପାଣି ଭରି ରହିଛି। ତେବେ ପାଟନାଳି ପାଖ ଧାନ ବିଲରେ ଗୁରୁବାର କିଛି ଲୋକ ଏକ କୁମ୍ଭୀରକୁ ଦେଖିବାକୁ ପାଇଥିଲେ। ପରେ ଗାଁରେ ଆତଙ୍କ ଖେଳି ଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ମହାକାଳପଡ଼ା ଫରେଷ୍ଟର ରାଜେଶ ପଟ୍ଟନାୟକଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ କୁମ୍ଭୀରକୁ ଧରିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଅପରାହ୍ନ ୩ ଟା ପର୍ଯ୍ୟନ୍ତ କୁମ୍ଭୀରଟିର ଠାବ କରି ପାରି ନ ଥିଲେ। ପ୍ରକାଶଥାଉକି, ୩ ମାସ ମଧ୍ୟରେ କୁମ୍ଭୀର ଆକ୍ରମଣରେ କେନ୍ଦ୍ରାପଡ଼ା ଜିଲାରେ ୫ ଜଣଙ୍କ ଜୀବନ ଗଲାଣି। ଏଭଳି ସ୍ଥିତିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ କୁମ୍ଭୀର ଆତଙ୍କ ସାଧାରଣ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ରାଜନଗର ବନଖଣ୍ଡ ଅଧିକାରୀ ସୁଧାଂଶୁ ଗୋପୀନାଥ ଯାଦବଙ୍କୁ ଜଣାଇବାରେ କର୍ମଚାରୀ ୨ ଜଣଙ୍କୁ ରାତ୍ରୀ ପ୍ରହରା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଡ୍ରାଇଭରଙ୍କ ଅକାଳ ବିୟୋଗ: ସଂଘ ପକ୍ଷରୁ ସହାୟତା

ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ଛଦେଶ ଗାଁର ଗାଡି ଡ୍ରାଇଭର ଅଭିମନ୍ୟୁ ବେହେରାଙ୍କ ଅକାଳ ବିୟୋଗ ଘଟିଛି। ଏହାକୁ ନେଇ କେନ୍ଦ୍ରାପଡ଼ା ଜିଲା ମୋଟର ଚାଳକ ସଂଘ ଓ ରାଜକନିକା ବ୍ଲକ ମୋଟର ଚାଳକ ସଂଘ ପକ୍ଷରୁ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଭିମନ୍ୟୁଙ୍କ ବିୟୋଗରେ ତାଙ୍କ ପରିବାର ଭାଙ୍ଗି ପଡ଼ିଥିବା ବେଳେ ସମଗ୍ର ଗାଁରେ ଏଗାର ଦିନ ହେବ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରାଜ୍ୟ ମୋଟର ଚାଳକ ସଂଘର ସଦସ୍ୟ ଛଦେଶ ଗାଁରେ ପହଞ୍ଚି ଅଭିମନ୍ୟୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇବା ସହ ଶୋକ ସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ସଂଘର ସଭାପତି ଅକ୍ଷୟ ନାୟକ, ଉପସଭାପତି ଦେବେନ୍ଦ୍ର ନାଥ ବେହେରା, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଦ୍ୟାଧର ପ୍ରଧାନ, ସଙ୍ଗଠକ ଦାଶରଥି ସାହୁ, କେନ୍ଦ୍ରାପଡ଼ା ଜିଲା ସଭାପତି ଶରତ ଚନ୍ଦ୍ର ସ୍ୱାଇଁ, ରାଜକନିକା ବ୍ଲକ ଓଳାଭର ଶାଖାର ସଭାପତି ପ୍ରଫୁଲ୍ଲ ଦାସ, ଉପସଭାପତି ରମାକାନ୍ତ ପରିଡା, ସଭ୍ୟ ପ୍ରକାଶ ନାୟକ, ମାନସ ରାଜ, ପ୍ରବୀର ସାମଲ, ହରିହର ମଣ୍ଡଳ, ବିଦ୍ୟାଧର ଦାସ, ପ୍ରକାଶ ପଣ୍ଡା ଓ ଏସ୍. କେ. ସାଜିଦ ପ୍ରମୁଖ ସୂଚନା ଦେଇଛନ୍ତି।


**GOVERNMENT OF ODISHA** No. B-756

**"e" - PROCUREMENT NOTICE**

**WORKS DEPARTMENT**

E-mail: ceworldbankprojects@gmail.com

Bid Identification No. CE-W.B.P.(O) - 14/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 02 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 25.08.2023 to 5.00 P.M. of 14.09.2023
7. Date of Opening of Bid : Dt.15.09.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

OIPR-34003/11/0028/2324 — Sd./- Chief Engineer, World Bank Project, Odisha

**OFFICE OF THE MUNICIPAL COUNCIL BHAWANIPATNA, DIST-KALAHANDI, PIN-766001**

**'e' Procurement NOTICE**

**Bid Identification No. BPM/03/2023-24**

**No.C-1185:** The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.

1. Number of Civil Works: 75 (Seventy Five) numbers
2. Estimated Costs: 2.22 Lakhs to 33.9 Lakhs
3. Period of Completion : As per NIT.
4. Date and time of availability of the bid documents in the portal: From 11.00 A.M. of 25.08.2023 to 05.00 PM of 07.09.2023.
5. Last date/time for receipt of bids in the portal: 05.00 PM of 07.09.2023
6. Bids will be opened on: 10.00 AM of Dt.08.09.2023.
7. Name and address of the Officer Inviting Bid: Executive Officer, Bhawanipatna Municipality.

Sd./- Executive Officer
Bhawanipatna Municipality
OIPR-13100/11/0007/2324

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-1811: "e"-Procurement Notice No.33/OCCL/2023-24 (online)
Online percentage rate tenders are invited for the following works.

| Sl. No. | Name of Work | Bid Identification No. | Approx value of work (Rs. in Lakhs) | Bid Security (through on-line transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Construction of Gated Culvert near new Crematorium site at Mandalia, Sambalpur (Civil Work) | OCCL-SMP/ 02/ 2023-24 | Rs.34.81 Lakhs | Rs.35,000/- | 03 (Three) Calendar Months | From 25.08.2023 03.30 PM to 04.09.2023 5.30 PM | From 25.08.2023, 03.30 PM to 04.09.2023, 5.30 PM |

Procurement Officer : Managing Director, OCCL, Date of Opening of the Tender: 05.09.2023, 12.00 Noon onwards.
Further details can be seen from the e-Procurement portal: **https://www.tendersodisha.gov.in.**
OIPR-34120/11/0045/2324 — Sd./- Managing Director

**GOVERNMENT OF ODISHA** eerwbnjr@gmail.com
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
NATIONAL COMPETITIVE BIDDING THROUGH e-Procurement
Identification No.Online Tender/06/RWDBNJ/2023-2024
No.O-746: Ltr.No.2423, Date:21.08.2023

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDB-NJ/06/2023-2024 | Road Work | 3 Nos. | 51.30 Lakhs to 85.08 Lakhs | "B" Class as applicable | 04 (Four) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/06/ RWDBNJ/2023-2024 | 29.08.2023 at 10.00 A.M. | 07.09.2023 upto 3.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Bhanjanagar
OIPR-25174/11/0012/2324

idco Your power to grow — ODISHA NEW OPPORTUNITIES — No. CAD-1816

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No. File No.: IDCO/HO-P&C/O-2889/04/2023/V-2 26425 Date: 21.08.2023

**NOTICE INVITING TENDER THROUGH e-Procurement**

Name of the work : SITC OF 3.3 kV cables, panels & soft starter for Intake well of river Budhabalanga at Balasore.
Estimated Cost put to tender : Rs.3,74,39,398.00
Period of Completion : 02 (Two) Calendar months

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-110/2023-24 | 17.00 hours of dt.28.08.2023 | 17.00 hours of dt.18.09.2023 |

Further details can be seen from the e-Procurement Portal, www.Tendersodisha.gov.in and Corrigendum if any will be published in newspapers and can only be seen in the e-Procurement portal as well as in IDCO website.
OIPR-14003/11/0191/2324 — Sd./- Chief General Manager (P&C), IDCO, Bhubaneswar

**OFFICE OF THE NOTIFIED AREA COUNCIL**
**G.UDAYAGIRI, KANDHAMAL**
Email id: orissagudnac@gmail.com
No. 1987 **CORRIGENDUM** Date: 23.08.2023
**E Tender Notice No. 1934 / Dated: 21.08.2023**
**Bid Identification No. GUDGR-NAC-06/2023-24**
No. C-1181: As per Letter No. 15468/Dated: 03.08.2023 of H&UD Department, in Point No. VIII, in DTCN, Page No. 3, kindly read the below matter with adding Sl. No. 5.
"The Paver Road must cover concurrent three years of defect liability period and maintenance period of the constructed roads to ensure quantitative work & good condition of road for at least 3 years period. In addition to that 10% Security Deposit (2% towards initial security deposit at the time of singing of the agreement + 8% security deposit to be deducted from running or final bill amount cover the maintenance period of the roads), which shall be realised to the Executing Agency @ 2% end of the of 1st year after completion of the road @ 3% at the end of 2nd year after completion of the road and 5% at the end of the 3rd year after completion of the Road. In case, the executing agency fails to maintain the road properly during the above mentioned three years, the ULB shall incur expenditure and maintain the road at cost and risk of the Executing Agency and the entire expenditure so incureed by the ULB shall be recoved form the 10% security deposite available with the ULB, apart from blacklisting the contractor".
OIPR-13066/11/0012/2324 — Sd./- Executive Officer, NAC, G. Udayagiri

**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ସମ୍ବଲପୁର**

**ସମ୍ବଲପୁର ଅବକାରୀ ଜିଲ୍ଲାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୩-୨୪ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ**

ପତ୍ର ସଂଖ୍ୟା: ୧୪୩୭ ତା:୨୩।୦୮।୨୦୨୩

No. F-114: ସମ୍ବଲପୁର ଅବକାରୀ ଜିଲ୍ଲାରେ ୨୦୨୩-୨୪ ବର୍ଷ ପାଇଁ ଦୁଇ ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଛି। ଲଟେରିରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **"http//stateexcise.odisha.gov.in"** ୱେବସାଇଟରେ ଉପଲବ୍ଧ Form - "B"ରେ ଅନ୍‌ଲାଇନ ମାଧ୍ୟମରେ ତା୨୩।୦୮।୨୦୨୩ରିଖଠାରୁ ତା୦୫।୦୯।୨୦୨୩ରିଖ ୫.୦୦ P.M. ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନ ଗୁଡ଼ିକ ତା୧୨।୦୯।୨୦୨୩ରିଖ ୪.୦୦ P.M. ଜିଲ୍ଲାପାଳଙ୍କ ଦ୍ୱାରା ଏସ୍.ଏସ୍. ସମ୍ମିଳନୀ କକ୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁରଠାରେ ଉଠାଣ କରାଯିବ।

ଠିପି ବନ୍ଦ ବିଦେଶୀ ମଦ ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀ ନିୟମ ଓ ସର୍ତ୍ତାବଳୀ ଉପଲବ୍ଧ ୱେବସାଇଟ୍ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ସମ୍ବଲପୁର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର ନୋଟିସ୍ ବୋର୍ଡରେ ଉପଲବ୍ଧ।

ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର
OIPR-15013/11/0022/2324

**ବିଜ୍ଞପ୍ତି**



No. g-75: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ବାଳକ **ବିପ୍ଳବ** ଓରଫ୍ **ବାୟାକୁ** ଗତ ତା୩୧।୦୮।୨୦୧୫ରିଖରେ ଜଣେ ସହୃଦୟ ବ୍ୟକ୍ତି କଟକ ଚୌଦ୍ୱାର ଅଞ୍ଚଳରେ ନିଃସହାୟ ଅବସ୍ଥାରେ ବୁଲୁଥିବା ଅବସ୍ଥାରେ ସେ ତାକୁ ଆଣି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପିତ କରିଥିଲେ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୭୨୩/୨୦୧୫ ଅନୁଯାୟୀ ସେ ଆଣି ବସୁନ୍ଧରାର ଶିଶୁ ଗୃହରେ ଛାଡ଼ିଥିଲେ। ଏ ବିଷୟରେ ଗତ ତା୦୧।୦୯।୨୦୧୫ରିଖରେ ବିଡ଼ାନାସୀ ଥାନାରେ ମଧ୍ୟ ଲିଖିତ ଭାବେ ଜଣାଯାଇଛି। ଅନୁଷ୍ଠାନ ତରଫରୁ ବାଳକଟିର ପିତା, ମାତା ତଥା ଘର ପରିବାର ବିଷୟରେ ଖୋଜ ଖବର କରାଯାଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ ତା'ର ନିଜ ପରିବାର ବିଷୟରେ କୌଣସି ଖବର ମିଳିଲା ନାହିଁ। ତେଣୁ ଉକ୍ତ ବାଳକଟିର ମାତା, ପିତା ତଥା ଯଦି କେହି ଘର ପରିବାର କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ବାଳକଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0008/2324

See Career Appointment on every Wednesday & Saturday

# ମୁଦ୍ରାସ୍ଫୀତି ହ୍ରାସ ଅର୍ଥନୀତି ଅଭିବୃଦ୍ଧି ଆଣିବ

## ପ୍ରଥମ ତ୍ରୈମାସରେ ଭଲ ରହିବ ଜିଡିପି ଆକଳନ



ନିର୍ମଳା ସୀତାରାମନ

ନୂଆଦିଲ୍ଲୀ,୨୫।୮ (ଅଭୟ ଦାଶ)

ଗତ କିଛି ମାସ ହେବ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ଗତ ୧୫ ମାସରେ ମୁଦ୍ରାସ୍ଫୀତି ହାର ସର୍ବୋଚ୍ଚ ସ୍ତରରେ ରହିଛି। ସେହିଭଳି ମୁଦ୍ରାସ୍ଫୀତ ଓ ଖାଦ୍ୟଶସ୍ୟ ଦରଦାମ ଦେଶର ଅର୍ଥନୀତିରେ ଅଭିବୃଦ୍ଧି ଆଣିବ ବୋଲି ଶୁକ୍ରବାର ନୂଆଦିଲ୍ଲୀଠାରେ ସିଆଇଆଇ ପକ୍ଷରୁ ଆୟୋଜିତ ବି-୨୦ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏଭଳି କିଛି କହିଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଆକଳନ ଭଲ ହୋଇପାରେ ବୋଲି ନିର୍ମଳା ଆକଳନ କରିଥିବା ବେଳେ ଗତ ୯ ବର୍ଷରେ ମୋଦି ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଆର୍ଥିକ ସୁଧାର ବିଷୟରେ ଅର୍ଥମନ୍ତ୍ରୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ବିଶେଷକରି ଗତ ୯ବର୍ଷ ମଧ୍ୟରେ ଭାରତରେ ଦ୍ରୁତ ଅର୍ଥନୈତିକ ସୁଧାର ହୋଇଛି। ଏପରିକି ବଜେଟରେ କ୍ୟାପିଟାଲ ଏକ୍ସପେଣ୍ଡିଚର ଅଧିକ ଖର୍ଚ୍ଚ ପ୍ରାବଧାନରୁ ବର୍ତ୍ତମାନର ସକାରାତ୍ମକ ସଙ୍କେତ ଅନୁଭବ କରାଯାଇପାରେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ଅର୍ଥମନ୍ତ୍ରୀ କହିଛନ୍ତି, ବିଶ୍ୱର ଆର୍ଥିକ ମାନ୍ଦାବସ୍ଥାକୁ ଦେଖିଲେ ଭାରତର ଅର୍ଥବ୍ୟବସ୍ଥା ଭଲ ରହିଛି। ବର୍ତ୍ତମାନ ଦେଶ ପାଇଁ ସପ୍ଲାଏ ଚେନ୍‌ର ବିସ୍ତାର କରିବାର ଆବଶ୍ୟକ ରହିଛି। କୌଣସି ପ୍ରକାର ବିପର୍ଯ୍ୟୟ ସହ ମୁକାବିଲା କରିବାକୁ ଆମକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରହିବାକୁ ପଡ଼ିବ। ବିଶେଷକରି ଆତ୍ମନିର୍ଭରଶୀଳ ଭାରତ ଗଠନ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। କିନ୍ତୁ ତଥାପି ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ କରାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ଧରି ଅଧିକ ସୁଧ ହାର ରହିବା ଦ୍ୱାରା ଦେଶର ଅର୍ଥନୈତିକ ପୁନରୁଦ୍ଧାର ଉପରେ ପ୍ରଭାବ ପଡ଼ିଥାଏ। ବିଶେଷ କରି ବଜାର ଦର ଓ ଦରବୃଦ୍ଧି କମ୍ କରିବାକୁ ହେଲେ ସୁଧହାରକୁ ଏକମାତ୍ର ଅସ୍ତ୍ର ଭାବେ ବ୍ୟବହାର କରିବାକୁ ପଡିଥାଏ। ଫଳରେ ବଜାର ଉପରେ ନିୟନ୍ତ୍ରଣ କରିବା ସହ ଆର୍ଥିକ ବିକାଶକୁ ପ୍ରାଥମିକତା ଉପରେ ଧ୍ୟାନଦେବା ଜରୁରୀ ବୋଲି ସୀତାରାମନ କହିଛନ୍ତି।

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୫।୮

କ୍ରମାଗତ ୨ୟ ଦିନ ଲାଗି ଭାରତୀୟ ଶେୟାର ବଜାରର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୬୬ (୩୬୫.୮୩) ପଏଣ୍ଟ କମି୬୪,୮୮୬(୬୪,୮୮୬.୫୧)ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୧(୧୨୦.୯୦) ପଏଣ୍ଟ ହ୍ରାସ ଘଟି ୧୯,୨୬୬(୧୯,୨୬୫.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାର କାରବାରରେ ଅସ୍ଥିରତା ଦେଖାଦେବା ସହିତ ଆଶା ଓ ଆଶଙ୍କାରେ କାରବାର ବନ୍ଦ ହେଉଛୁ।

# ଏସିଏମ୍‌ଇ ସହ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ଏମ୍‌ଓୟୁ



ଭୁବନେଶ୍ୱର,୨୫।୮

ଟାଟା ଷ୍ଟିଲ୍ ସ୍ପେଶିଆଲ୍ ଇକୋନମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଏବଂ ଏସିଏମ୍‌ଇ ଗ୍ରୁପ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର (ଏମ୍‌ଓୟୁ) ଶୁକ୍ରବାର ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଓଡ଼ିଶାର ଗୋପାଳପୁର ଶିଳ୍ପ ପାର୍କରେ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଉଭୟ ସଂସ୍ଥା ମଧ୍ୟର ଉକ୍ତ ସହଭାଗିତା ହୋଇଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଓ ଓଡ଼ିଶା ଶିଳ୍ପ ପ୍ରସାର ଓ ନିବେଶ ନିଗମ ଲିମିଟେଡ୍ (ଇପିକଲ୍)ର ଅଧ୍ୟକ୍ଷ ହେମନ୍ତ ଶର୍ମା ଏବଂ ଇପିକଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ମହାନ୍ତିଙ୍କ ଉପସ୍ଥିତିରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ଓ ଏସିଏମ୍‌ଇ ଗ୍ରୁପ୍‌ର ଚିଫ୍ ଅପରେଟିଂ ଅଫିସର ସନ୍ଦୀପ କଶ୍ୟପଙ୍କ ମଧ୍ୟରେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ଇଡ୍‌କୋ ଓ ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା କହିଛନ୍ତି, ଓଡ଼ିଶାକୁ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆର ହବ୍ ଓ ସବୁଜ ଇନ୍ଧନ ଅର୍ଥନୀତିର ଅଗ୍ରଣୀ ଭାବେ ପରିକଳ୍ପନା କରୁଛୁ।

# ବଜାଜ୍ ଫାଇନାନ୍ସର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୫।୮

ବଜାଜ୍ ଫାଇନାନ୍ସ ଲିମିଟେଡ୍ (ବିଏଫ୍‌ଏଲ୍)କୁ ନିକଟରେ ଏକ ବିରଳ ସଫଳତା ମିଳିଥିବାବେଳେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଭାବେ ଏକ ଐତିହାସିକ ରେକର୍ଡ ହାସଲ କରିଛି। ବିଶେଷକରି ବିଏଫ୍‌ଏଲ୍‌ର ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଖାତା ପରିମାଣ ୫୦,୦୦୦ କୋଟି ଟଙ୍କା ପାରକରି ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଥିବାବେଳେ କମ୍ପାନୀରେ ବର୍ତ୍ତମାନ ଅଧ ନିୟୁତ ଜମାକାରୀ ରହିଛନ୍ତି ଏବଂ ପ୍ରତ୍ୟେକ ଜମାକାରୀ ୨.୮୭ ଲକ୍ଷ ଜମା ରଖିବା ସହିତ ମୋଟ ଜମା ସଂଖ୍ୟା ୧.୪ ନିୟୁତରେ ପହଞ୍ଚିଛି। ଏ ସମ୍ପର୍କରେ ବିଏଫ୍‌ଏଲ୍‌ର ଏକ୍‌ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ (ଫିକ୍ସଡ ଡିପୋଜିଟସ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟସ) ସଚିନ ସିକ୍କା କହିଛନ୍ତି, କମ୍ପାନୀ ଗ୍ରାହକମାନଙ୍କୁ ଆକର୍ଷଣୀୟ ସୁଧ ହାରରେ ଦୀର୍ଘାବଧି ସଞ୍ଚୟ ସମାଧାନ ଯୋଗାଇଦେବା ଉପରେ ବ୍ୟାପକ କାର୍ଯ୍ୟ କରିଛୁ। ଏପରିକି ଆମର ଏଫ୍‌ଡି ପୋର୍ଟଫୋଲିଓରେ ଦ୍ରୁତ ଅଭିବୃଦ୍ଧି ଘଟିଛି ଏବଂ ଏହା ଗତ ୨ବର୍ଷ ମଧ୍ୟରେ ୨ଗୁଣ ବୃଦ୍ଧି ପାଇଛି ; ଯାହା ବଜାଜ ଫିନ୍‌ସର୍ଭ ବ୍ରାଣ୍ଡ୍ ଉପରେ ଗ୍ରାହକଙ୍କ ବିଶ୍ୱାସବୋଧ, ଫିକ୍ସଡ ଜମା ଡିଜିଟାଲ ପଦ୍ଧତିରେ ସହଜରେ ବୁକ୍ କରିବା ତଥା ଆମର ରାଷ୍ଟ୍ରବ୍ୟାପୀ ଉପସ୍ଥିତିକୁ ପ୍ରତିଫଳିତ କରୁଛି। ସେହିଭଳି ବିଗତ ୧୦ ବର୍ଷ ମଧ୍ୟରେ କମ୍ପାନୀ ତା'ର ଜମାଖାତା ପରିମାଣ ସିଏଜିଆର୍ ୬୦% ହାରରେ ଅଭିବୃଦ୍ଧି ହାସଲ କରିଛି ଏବଂ ଜମାକାରୀଙ୍କ ସଂଖ୍ୟା ସିଏଜିଆର୍ ୪୯% ଆକାରରେ ବୃଦ୍ଧି ପାଇଛି। ଏପରିକି କମ୍ପାନୀ ୧୨ମାସ ଅବଧି ନିମନ୍ତେ ୭.୪୦% ଏବଂ ୨୪ ମାସ ନିମନ୍ତେ ୭.୫୫% ସୁଧ ହାର ପ୍ରଦାନ କରୁଛି। ବିଶେଷକରି ୩୬ମାସରୁ ୬୦ ମାସ ପର୍ଯ୍ୟନ୍ତ ଅବଧି ନିମନ୍ତେ ସୁଧହାର ୮.୦୫% ରହିଥିଲାବେଳେ ବରିଷ୍ଠ ନାଗରିକଙ୍କୁ ଏହି ହାର ଉପରେ ଅତିରିକ୍ତ ୦.୨୫% ସୁଧ ପ୍ରଦାନ କରାଯାଉଛି। ଅପରପକ୍ଷରେ ବଜାଜ ଫାଇନାନ୍ସ ୪୪ମାସ ଅବଧି ନିମନ୍ତେ ବରିଷ୍ଠ ନାଗରିକଙ୍କ ନିମନ୍ତେ ୮.୬୦% ଏବଂ ଅନ୍ୟମାନଙ୍କ ପାଇଁ ୮.୩୫%ର ସର୍ବାଧିକ ସୁଧହାର ପ୍ରଦାନ କରୁଛି।

# ରାଉରକେଲାରେ ମିଆ ବାଏ ତନିଷ୍କ ଷ୍ଟୋର

ରାଉରକେଲା,୨୫।୮ (ଦିନେଶ ମିଶ୍ର)



ରାଉରକେଲା ମେନ୍ ରୋଡ୍‌ରେ ପ୍ରଥମ ଥର କରି ମିଆ ବାଏ ତନିଷ୍କ ଶୋରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଦୀପିକା ମହିଳା ସମିତିର ସଭାପତି ସୀମା ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋରୁମ୍‌କୁ ଉଦ୍‌ଘାଟନ କରିଥିଲେ। ମିଆ ବାଏ ତନିଷ୍କର ନ୍ୟାଶନାଲ ରିଟେଲ ହେଡ୍ ରାଜୀବ ମିନନ, ରିଜିଓନାଲ ବିଜ୍‌ନେସ୍ ମ୍ୟାନେଜର ଆଲୋକ ରଞ୍ଜନ, ଶୋରୁମ୍ ଏମ୍‌ଡି ମଞ୍ଜିତ ସିଂ, ବିସନ ସିଂ, ନବ୍‌ପ୍ରିତ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଅତିଥିମାନେ ୯ଶହ ସ୍କୋୟାର ଫୁଟ୍‌ରେ ନିର୍ମିତ ଏହି ନୂତନ ଶୋରୁମ୍‌ରେ ଉପଲବ୍ଧ ଆକର୍ଷଣୀୟ ଲକ୍ସୁରୀ ଅଳଙ୍କାରଗୁଡିକୁ ବୁଲି ଦେଖିଥିଲେ। ପ୍ରଥମ ଥର କରି ମିଆ ବାଏ ତନିଷ୍କ ଶୋରୁମ ରାଉରକେଲା ସହରବାସୀଙ୍କ ପାଇଁ ଗ୍ରାଣ୍ଡ୍ ଲଞ୍ଚ୍ ଅଫର ସୁନା ଅଳଙ୍କାର ଉପରେ ୧୦ ପ୍ରତିଶତ ମେକିଂ ରିହାତି ମୂଲ୍ୟ ରଖିଛି। ଡାଇମଣ୍ଡ ଅଳଙ୍କାର ଉପରେ ଫ୍ଲାଟ ୧୦ ପ୍ରତିଶତ ଓ ରୂପା ଅଳଙ୍କାର ଉପରେ ୨୦ ପ୍ରତିଶତ ଫ୍ଲାଟ ରିହାତି ରହିଛି। ଏହି ଶୋରୁମ୍‌ରେ ଡାଇମଣ୍ଡ ମଧ୍ୟରେ ଫିଙ୍ଗର ରିଙ୍ଗ୍, କାନଫୁଲ, ଡାଇମଣ୍ଡ ଭେରାଇଟି ଅଫ୍ ନେକ୍‌ଲେସ୍, ବ୍ରେସ୍‌ଲେଟ, ମଙ୍ଗଳସୂତ୍ର, ପେଣ୍ଡେଣ୍ଟ ଭଳି ଅଳଙ୍କାରଗୁଡିକ ମାତ୍ର ୫ ହଜାର ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ସୁନା ଅଳଙ୍କାର ମଧ୍ୟରେ ମୁଦି, କାନଫୁଲ, ସୁନାହାର, ଷ୍ଟାଇଲିସ୍ ବ୍ରେସ୍‌ଲେଟ ଭଳି ସୁନା ଅଳଙ୍କାର ୭ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଆଗକୁ ରାଖୀ ପର୍ବକୁ ଦୃଷ୍ଟିରେ ରଖି ଶୋରୁମ୍ ପକ୍ଷରୁ ରୂପା ନିର୍ମିତ ବିଭିନ୍ନ ପ୍ରକାର ରାଖୀ ସାଙ୍ଗକୁ ପାଉଁଜି, ଆଙ୍କଲେଟ୍, ରିଙ୍ଗ୍ ଭଳି ଅଳଙ୍କାର ମାତ୍ର ୨ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ମିଆ ବାଏ ତନିଷ୍କର ନ୍ୟାଶନାଲ ରିଟେଲ ହେଡ ରାଜୀବ ମିନନ ସୂଚନା ଦେଇଛନ୍ତି। ଏଠାରେ ୧୮ ଓ ୧୪ କ୍ୟାରେଟ୍‌ର ବିଭିନ୍ନ ଅଳଙ୍କାର ମିଳୁଥିବାବେଳେ ଗୋଟିଏ ଶୋରୁମ୍‌ରେ ପ୍ରାୟ ୯ଶହରୁ ଊର୍ଦ୍ଧ୍ୱ ସୂକ୍ଷ୍ମ ଆକର୍ଷଣୀୟ କଳାକୃତି ଅଳଙ୍କାର ମିଳିବ। ଯାହାର ସମ୍ପୂର୍ଣ୍ଣ ଫାଇଦା ରାଉରକେଲା ସହରବାସୀ ନେଇ ପାରିବେ ବୋଲି ଏମ୍‌ଡି ମଞ୍ଜିତ ସିଂ କହିଛନ୍ତି। ମିଆ ବାଏ ତନିଷ୍କ ଶୋରୁମ୍‌ର ମ୍ୟାନେଜର ଅନୀଲ ପାଲଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୟୁପିଆଇ ଇଣ୍ଟର ଅପରେବିଲିଟିର ଶୁଭାରମ୍ଭ

ଭୁବନେଶ୍ୱର,୨୫।୮

ଆକ୍ସିସ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ଅଭିନବ ସୁବିଧା ୟୁପିଆଇ ଇଣ୍ଟର ଅପରେବିଲିଟିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା (ସିବିଡିସି) ଆପ୍ ଜରିଆରେ ବିକଶିତ ଆକ୍ସିସ୍ ମୋବାଇଲ୍ ଡିଜିଟାଲ ରୁପିରେ ୟୁପିଆଇ ଇଣ୍ଟର ଅପରେବିଲିଟି କାର୍ଯ୍ୟକାରୀ ହୋଇଛି। ଏହା ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ସିବିଡିସି ଅଭିଯାନର ଏକ ଅଂଶ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ରାଜୀବ ଆନନ୍ଦ କହିଛନ୍ତି, ବହୁ ସଂଖ୍ୟକ ଅଭିନବ ପ୍ରଯୁକ୍ତି କ୍ଷେତ୍ରରେ ନୂତନତ୍ୱକୁ ଗ୍ରହଣ କରିବା ସହିତ ଅଗ୍ରଦୂତ ଭାବେ ଆମେ ଡିଜିଟାଲ ଇଣ୍ଡିଆ ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ହେଉଥିବା ସମାଧାନ ପ୍ରଦାନ କରିବା ଲାଗି ପ୍ରତିବଦ୍ଧ ରହିଛୁ। ବିଶେଷକରି ଡିଜିଟାଲ ରୁପି ଓ ୟୁପିଆଇ ଇଣ୍ଟର ଅପରେବିଲିଟିର ଏହି ମହତ୍ତ୍ୱପୂର୍ଣ୍ଣ ସୁବିଧାକୁ ଆରମ୍ଭ କରାଯାଇଥିବାରୁ ସାରା ଦେଶରେ ଡିଜିଟାଲ ରୁପିର ଗ୍ରହଣୀୟତାକୁ ଏହା ବ୍ୟାପକ କରିବ। ସେହିଭଳି ଡିଜିଟାଲ୍ ରୁପିର ସୁରକ୍ଷା ଓ ଗତି ସହ ଲୋକଙ୍କ ପାଖରେ ବ୍ୟାପକ ଭାବେ ପହଞ୍ଚିବା ଏବଂ ୟୁପିଆଇରେ ବ୍ୟବହାର ଅନୁକୂଳ ହୋଇଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଏହାର ଲାଭ ପାଇପାରିବେ। ସେହିପରି ଆକ୍ସିସ୍ ମୋବାଇଲ୍ ଡିଜିଟାଲ୍ ରୁପି ଆପ୍‌ରେ ୟୁପିଆଇ ଇଣ୍ଟର ଅପରେବିଲିଟି ସୁବିଧା ପ୍ରାରମ୍ଭିକ ପର୍ଯ୍ୟାୟରେ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କଠାରୁ ଆରମ୍ଭହେବ ଏବଂ ଆଗାମୀ ଦିନରେ ତାହା ସବୁ ଡିଜିଟାଲ୍ ରୁପି ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଅପରପକ୍ଷରେ ପରୀକ୍ଷଣ ହେଉଥିବା ୨୬ଟି ସହରର ବ୍ୟବହାରକାରୀଙ୍କ ପାଇଁ ଏହା ଉପଲବ୍ଧ ହେବ।

ଫୁର୍‌ସତ୍

# ସମାଜର ବିକାଶ ପାଇଁ ମହିଳା ସମାନତା ଅପରିହାର୍ଯ୍ୟ

ନାରୀ ଏବଂ ପୁରୁଷ ସମାଜର ବିକାଶ ପାଇଁ ବିଶେଷ ଗୁରୁତ୍ୱବହନ କରିଥାନ୍ତି। ଦୁହିଁଙ୍କ ସମାନତାର ପ୍ରଭାବ ପରିବାରଠାରୁ ଆରମ୍ଭକରି ସମଗ୍ର ପୃଥିବୀର ବିକାଶଧାରାକୁ ପ୍ରତିଫଳିତ କରିଥାଏ। ଭାରତ ସମେତ ପୃଥିବୀର ବହୁ ପ୍ରାଚୀନ ସମାଜ ନାରୀ ପୁରୁଷ ସମାନତାର ଗୁରୁତ୍ୱକୁ ଉପଲବ୍ଧି କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କହିଥିଲେ। ମହିଳା ସମାନତା ବିନା କୌଣସି ପରିବାର, ସମାଜ, ଦେଶ ଅବା ପୃଥିବୀର ବିକାଶ ସ୍ୱପ୍ନ ଦେଖିବା ଅସମ୍ଭବ। ତେଣୁ ମହିଳାଙ୍କୁ ସମାନ ଅଧିକାର ଜରୁରୀ। ଏହି ଚିନ୍ତାଧାରା ବିଶ୍ୱବ୍ୟାପୀ ହେଲେ ପ୍ରତି ସମାଜର ବିକାଶ ହୋଇ ପାରିବ।

ଏହି ମର୍ମରେ ଆମେରିକାରେ



ମହିଳା ସମାନତା ଦିବସ ପ୍ରତିବର୍ଷ ୨୬ ଅଗଷ୍ଟରେ ପାଳନ କରାଯାଇଥାଏ । ମହିଳା ସମାନତା ଦିବସର ଏହିଦିନ ଦୀର୍ଘଦିନର ସଂଘର୍ଷ ପରେ ୧୯୨୦ରେ

## ମହିଳା ସମାନତା ଦିବସ

ଆମେରିକାର ମହିଳାମାନଙ୍କୁ ଭୋଟ ଅଧିକାର ପ୍ରଦାନ କରିବାର ନିଷ୍ପତ୍ତିକୁ ସ୍ମରଣ କରାଯାଇଥାଏ । ଆମେରିକାରେ ପୂର୍ବରୁ ମହିଳାଙ୍କୁ ଭୋଟଦାନ କରିବାର ଅଧିକାର ପ୍ରଦାନ କରାଯାଇ ନ ଥିଲା। ୧୯୨୦ରେ ଆମେରିକାର ୧୯ତମ ସମ୍ବିଧାନ ସଂଶୋଧନରେ ମହିଳାମାନଙ୍କୁ ସମାନ ମତଦାନ ଦେବା ପାଇଁ ଏକ ସଂଶୋଧନ କରାଯାଇଥିଲା । ୧୯୨୦ ଦଶକ ମଧ୍ୟଭାଗରେ, ଆମେରିକାର ୫୦ଟି ରାଜ୍ୟ ମଧ୍ୟରୁ ୩୫ ମହିଳାଙ୍କୁ ଭୋଟ ଦେବା ଅଧିକାର ପାଇଁ ଆଇନ ସପକ୍ଷରେ ଭୋଟ ଦେଇଥିଲେ। ତତ୍କାଳୀନ ବୈଦେଶିକ ସଚିବ ବେନ୍‌ବ୍ରିଜ୍ କୋଲ୍ବେ ଆମେରିକୀୟ ମହିଳାମାନଙ୍କୁ ଭୋଟ ଦେବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ଲାଗି ଘୋଷଣାନାମାରେ ଦସ୍ତଖତ କରିଥିଲେ।

ଏହି ଐତିହାସିକ ଦିନଟିକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ପାଇଁ ୧୯୭୦ ଏବଂ ୧୯୭୧ରେ ଏକ ପ୍ରସ୍ତାବ ଅଣାଯାଇଥିଲା। ପରେ ୧୯୭୩ରେ ଏହାକୁ ନ୍ୟୁୟର୍କ କଂଗ୍ରେସ ପକ୍ଷରୁ ମହିଳା ସମାନତା ଦିବସ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ୧୯୭୨ ରେ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍ ଘୋଷଣାନାମା ୪୧୪୭ ଜାରି କରିଥିଲେ, ଯାହା ଅଗଷ୍ଟ ୨୬କୁ ମହିଳା ସମାନତା ଦିବସ ଭାବରେ ପାଳନ କରିବା ଲାଗି ଉଦ୍ଦିଷ୍ଟ ଥିଲା।

# ବାର୍ଥ ଡେ'ରେ ହେବ କରିନାଙ୍କ ଓଟିଟି ଡେବ୍ୟୁ



**ମୁମ୍ବାଇ:** ବଲିଉଡ ନାୟିକା କରିନା କପୁର ବଡ ପରଦାରେ ଗୋଟିଏ ପରେ ଗୋଟିଏ ହିଟ ମୁଭି ଦେଇ ଦର୍ଶକଙ୍କ ମନ ଜିତିଛନ୍ତି। ଏବେ ଅଭିନେତ୍ରୀ ଖୁବଶୀଘ୍ର ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ମୁଭିଟି ନେଟଫ୍ଲିକ୍ସରେ ରିଲିଜ ହେବ। କ୍ରାଇମ ଥ୍ରୀଲରରେ କରୀନାଙ୍କୁ ଦେଖିବାକୁ ପ୍ରଶଂସକମାନେ ଆଗ୍ରହୀ ଅଛନ୍ତି। ସେଥିପାଇଁ ଉତ୍ସାହର ସହିତ ଏହାର ନାମ ଏବଂ ରିଲିଜ ତାରିଖକୁ ଅପେକ୍ଷା କରିଛନ୍ତି। ଏଥି ସହିତ, ଏହି ମୁଭିର ରିଲିଜ ଡେଟ ଏବଂ ନାମ ନେଟଫ୍ଲିକ୍ସର ଅଫିସିଆଲ ଆକାଉଣ୍ଟରେ ସେୟାର କରାଯାଇଛି। ଏହର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି ଯେଉଁଥିରେ କରିନା ମାଇକ ଧରି ମଦହୋସ ଆୱାଜରେ ଗାନେ ଜା ଗୀତ ଗାଉଛନ୍ତି ଓ ଅନ୍ୟ ପଟେ ବିଜୟ ବର୍ମା କାରରୁ ଓହ୍ଲାଇଥିବାର ନଜର ଆସିବେ। ଦିଆଯାଇଥିବା କ୍ୟାପସନ ଅନୁଯାୟୀ ଏହି ମୁଭିର ନାମ ହେଉଛି 'ଜାନେ ଜାଁ' ଏବଂ ଏହା ସେପ୍ଟେମ୍ବର ୨୧ରେ ନେଟଫ୍ଲିକ୍ସରେ ମୁକ୍ତିଲାଭ କରିବ। କରିନାଙ୍କ ଜନ୍ମଦିନରେ ଏହି ୱେବସିରିଜ ରିଲିଜ ହେବ।

# ଭାରତର ଲଙ୍କା ସହର ଗୁଣ୍ଟୁର



ଅମରାବତି

ଭାରତର ପ୍ରତ୍ୟେକ ସହର ଗୋଟିଏ ଗୋଟିଏ କାରଣ ପାଇଁ ପ୍ରସିଦ୍ଧ। ଉତ୍ତରରେ କଶ୍ମୀରରୁ ଦକ୍ଷିଣରେ ମୁନ୍ନାର, ପୂର୍ବରେ ଶିଲଂଠାରୁ ପଶ୍ଚିମରେ ଖଣ୍ଡାଲା ପର୍ଯ୍ୟନ୍ତ। ପ୍ରତ୍ୟେକ ସହରର ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି। ପ୍ରତ୍ୟେକ ସହରର ନିଜସ୍ୱ ବିଶେଷତା ଅଛି, ଯାହା ବିଷୟରେ ଲୋକମାନେ ଜାଣିବାକୁ ଆଗ୍ରହୀ ଅଟନ୍ତି। କିନ୍ତୁ ଆପଣ ଜାଣନ୍ତି କି 'ଚିଲି ସିଟି ଅଫ ଇଣ୍ଡିଆ' କାହାକୁ କୁହାଯାଏ? ଭାରତର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ଲଙ୍କା ଚାଷ କରାଯାଏ। ବିଶେଷକରି ଉତ୍ତର ଭାରତରେ ଅଧିକାଂଶ କୃଷକ ଏହାକୁ ଚାଷ କରନ୍ତି। ଏପରି ଏକ ସ୍ୱତନ୍ତ୍ର ସହରକୁ କିପରି ଚିଲି ସହର କୁହାଯାଇପାରେ? ଏହି ସହର ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ରହିଛି। ଗୁଣ୍ଟୁରକୁ ଚିଲି ସିଟି ବା ଲଙ୍କାର ସହର କୁହାଯାଏ। କାରଣ ଏଠାରେ ଅନେକ ପ୍ରକାରର ଲଙ୍କା ଚାଷ କରାଯାଏ। ଏଠାରେ ଯେଉଁ ପ୍ରଜାତିର ଲଙ୍କା ଚାଷ କରାଯାଏ ତାହା ଆପଣ ଦେଶର ଅନ୍ୟ କୌଣସି ସ୍ଥାନରେ ପାଇବେ ନାହିଁ। ଯଦିଓ ଏଠାରେ ବଢୁଥିବା ଲଙ୍କା ପ୍ରସିଦ୍ଧ, କିନ୍ତୁ ୩୩୪ ଚିଲି ପ୍ରିମିୟମ ଗୁଣବତ୍ତା ଏବଂ ସମଗ୍ର ବିଶ୍ୱରେ ରପ୍ତାନୀ ହୁଏ। କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଗୁଣ୍ଟୁର ଲଙ୍କାର ଚାହିଦା ରହିଛି। ଏପରିକି ଚାଇନାର ଲୋକମାନେ ଭାରତୀୟ ଲଙ୍କାକୁ ନିଜ ଲଙ୍କା ଅପେକ୍ଷା ଅଧିକ ରାଗ ଭାବରେ ଗ୍ରହଣ କରିଥାନ୍ତି। ଯେଦି ଜଣେ ରାଗକୁ ସହ୍ୟ କରିପାରିବ, ତେବେ ଏଠାରେ ଚାଷ କରାଯାଉଥିବା ଲଙ୍କା ଖାଦ୍ୟକୁ ଉତ୍କୃଷ୍ଟ ସ୍ୱାଦ ଦେଇଥାଏ। ଏଥିରେ କ୍ୟାପସାଇସିନ ପ୍ରଚୁର ପରିମାଣରେ ମିଳିଥାଏ। ଯେଉଁଥିପାଇଁ ଗୁଣ୍ଟୁର ଲଙ୍କାର ରଙ୍ଗ ଅତ୍ୟନ୍ତ ଲାଲ ହୋଇଯାଏ। ଗୁଣ୍ଟୁର ଲଙ୍କା ଅତ୍ୟଧିକ ରାଗ, ହାରାହାରି ରାଗ ୩୫,୦୦୦ରୁ ୪୦୦୦୦ ଏସଏଚ୍ୟୁ। ସାଧାରଣ ଲଙ୍କାଠାରୁ ଏହା ୧୦ ଗୁଣ ଅଧିକ। ମସଲା ବିଷୟରେ କହିବାକୁ ଗଲେ ଭାରତ ଆଜି ବିଶ୍ୱର ସର୍ବବୃହତ ଲଙ୍କା ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଦେଶ ଭାବରେ ପରିଗଣିତ। ଏଠାରେ ପ୍ରାୟ ଦୁଇ ଡଜନ କିସମର ଲଙ୍କା ଚାଷ କରାଯାଏ। କେବଳ ଆନ୍ଧ୍ରପ୍ରଦେଶରେ ୪୦ ପ୍ରତିଶତ ଲଙ୍କା ଉତ୍ପାଦନ କରାଯାଏ। ୨୦୨୦-୨୧ରେ କେବଳ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରୁ ପ୍ରାୟ ୮,୪୩୦ କୋଟି ଟଙ୍କା ମୂଲ୍ୟର ଚିଲି ରପ୍ତାନୀ ହୋଇଥିଲା। ଯାହା ଭାରତର ମୋଟ ରପ୍ତାନୀର ଅଧାରୁ ଅଧିକ ଥିଲା। ଏବେ ରାଜ୍ୟର ସମସ୍ତ ଜିଲାରେ ଗୁଣ୍ଟୁର ଲଙ୍କା ଚାଷ କରାଯାଏ।

# କଶ୍ମୀର ପଣ୍ଡିତଙ୍କୁ ନ୍ୟାଶନାଲ ଫିଲ୍ମ ଆୱାର୍ଡ ସମର୍ପଣ କଲେ ପଲ୍ଲବୀ ଯୋଷୀ



ମୁମ୍ବାଇ

୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗୁରୁବାର ପ୍ରଦାନ କରାଯାଇଛି। ଏଥିରେ ଅଭିନେତ୍ରୀ ପଲ୍ଲବୀ ଯୋଷୀଙ୍କୁ ବେଷ୍ଟ ସର୍ପୋଟିଂ ଆକ୍ଟ୍ରେସ ଆୱାର୍ଡ ମିଳିଛି। ମୁଭି 'ଦ କଶ୍ମୀର ଫାଇଲ୍ସ' ପାଇଁ ତାଙ୍କୁ ଏହି ଆୱାର୍ଡ ମିଳିଛି। ଏହି ଚଳଚ୍ଚିତ୍ରରେ ପଲ୍ଲବୀ ଯୋଷୀ ରାଧିକା ମେନନଙ୍କ ଭୂମିକାରେ ଅଭିନୟ କରିଥିଲେ। ଏଥିରେ କଶ୍ମୀର ପଣ୍ଡିତଙ୍କ ଇତିହାସ ଦର୍ଶାଯାଇଛି। ଏହି ପୁରସ୍କାର ପାଇ ଅଭିନେତ୍ରୀ ବହୁତ ଖୁସି, କିନ୍ତୁ ସେ ଏହି ପୁରସ୍କାରକୁ ଅନ୍ୟ କାହାକୁ ଉତ୍ସର୍ଗ କରିଛନ୍ତି। ଅଭିନେତ୍ରୀ ଏକ ବୟାନ ସେୟାର କରିଛନ୍ତି, ମୁଁ ବର୍ତ୍ତମାନ ସିକାଗୋରେ ମୋର ନୂଆ ମୁଭି 'ଭ୍ୟାକ୍ସିନ ୱାର୍'ର ପ୍ରମୋସନ କରୁଛି। ଏହି ପୁରସ୍କାର ଜିତିବାରେ ମୁଁ ବହୁତ ଖୁସି, ଅବଶ୍ୟ ପ୍ରତ୍ୟେକ କଳାକାରା ଖୁସି ହେବେ କିନ୍ତୁ ମୁଁ ଖୁସି ଯେ ଆମ ମୁଭି ଶ୍ରେଷ୍ଠ ଜାତୀୟ ଏକୀକରଣ ବର୍ଗରେ ୬୯ ତମ ଜାତୀୟ ପୁରସ୍କାର ଜିତିଛି କାରଣ ଏହା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପୁରସ୍କାର ସମଗ୍ର କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟ ତଥା ଆତଙ୍କବାଦ ଦ୍ୱାରା ଦୁଃଖ ଭୋଗୁଥିବା ସମଗ୍ର ବିଶ୍ୱରେ ଦଳିତ ସମ୍ପ୍ରଦାୟକୁ ଉତ୍ସର୍ଗ କରନ୍ତୁ। ତେଣୁ ପଲ୍ଲବି ଏହି ପୁରସ୍କାର କଶ୍ମୀରୀ ପଣ୍ଡିତଙ୍କୁ ଉତ୍ସର୍ଗ କରିଛନ୍ତି। ଏହା ସହିତ ଆଲିଆ ଭଟ୍ଟ ଏବଂ କ୍ରିତି ସାନନ ଯଥାକ୍ରମେ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି' ଏବଂ ଫିଲ୍ମ 'ମିମି' ପାଇଁ ପ୍ରଥମ ଜାତୀୟ ପୁରସ୍କାର ଲାଭ କରିଥିଲେ। ଏହି ଫିଲ୍ମରେ ଉଭୟଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା।

## ସଂକ୍ଷେପରେ

### ଅବସରପ୍ରାପ୍ତ ତହସିଲଦାରଙ୍କୁ ୨ ବର୍ଷ ଜେଲ

**ଲାଞ୍ଚ ନେବା ମାମଲା**

**କେନ୍ଦୁଝର,୨୫।୮(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶୁକ୍ରବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ରଶ୍ମିତା ଦଳେଇ ଏହାର ବିଚାରକରି ପାଟଣା ତହସିଲର ଅବସରପ୍ରାପ୍ତ ତହସିଲଦାର ପ୍ରଦୀପ କୁମାର ନାୟକଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୯ ମାସ ଦଣ୍ଡ ଶୁଣାଇଛନ୍ତି। ଏହି ଘଟଣାରେ ତହସିଲର ପିଅନ ବିଶ୍ୱନାଥ ନାୟକଙ୍କୁ ୧ବର୍ଷ ଜେଲଦଣ୍ଡ ଏବଂ ୨୦୦୦ ଟଙ୍କା ଜରିମାନା ଓ ଅନାଦାୟେ ଆଉ ୨ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ତୁରୁମୁଙ୍ଗା ଅଞ୍ଚଳର ସନାତନ ପୃଷ୍ଟି ଓ ତାଙ୍କ ୪ ଭାଇ ୫ଟି ପ୍ଲଟ୍ କ୍ରୟ କରିଥିଲେ। ଉକ୍ତ ଜମିକୁ ସେମାନଙ୍କ ନାମରେ ପଟ୍ଟା କରିବା ପାଇଁ ପାଟଣା ତହସିଲରେ ଆବେଦନ କରିଥିଲେ। ଏଥିପାଇଁ ୫ଟି ମ୍ୟୁଟେଶନ କେସ୍ କରାଯାଇଥିଲା। ପଟ୍ଟା କରାଇବା ପାଇଁ ତହସିଲଦାର ଆବେଦନକାରୀଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଏହି ଅର୍ଥ ପିଅନ ବିଶ୍ୱନାଥ ନାୟକଙ୍କୁ ଦେବା ପାଇଁ ସେ କହିଥିଲେ। ପରେ ସନାତନ ନିରୁପାୟ ହୋଇ ଭିଜିଲାନ୍ସ ବାଲେଶ୍ୱର ଏସ୍‌ପିଙ୍କ ନିକଟରେ ୭ ସେପ୍ଟେମ୍ବର ୨୦୦୯ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ୮ ସେପ୍ଟେମ୍ବର ୨୦୦୯ରେ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ବିଭାଗ ତହସିଲ ପିଅନ ବିଶ୍ୱନାଥଙ୍କୁ କାର୍ଯ୍ୟାଳୟ ପରିସରରୁ ଧରିଥିଲା। ଉକ୍ତ ଟଙ୍କା ତହସିଲଦାରଙ୍କ କହିବା ଅନୁସାରେ ସେ ଗ୍ରହଣ କରିଥିବା କହିବା ପରେ ଭିଜିଲାନ୍ସ ବିଭାଗ ତାଙ୍କ ସହ ତହସିଲଦାରଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଭିଜିଲାନ୍ସ କେସ୍ (ନଂ. ୩୭/୨୦୦୯)ର ଶୁଣାଣିକରି ୧୬ ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଉକ୍ତ ରାୟ ଶୁଣାଇଥିବା ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ କହିଛନ୍ତି। ଦଣ୍ଡିତ ପୂର୍ବତନ ତହସିଲଦାର ଯାଜପୁର ଜିଲା ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା କଟିକଟା ଗ୍ରାମର ହୋଇଥିବାବେଳେ ସେ ଏବେ ଯାଜପୁର ଟାଉନ କଲେଜ ରୋଡ୍ ଲଳିତେଶ୍ୱର ନଗରରେ ରହୁଛନ୍ତି। ସେହିପରି ପିଅନ ବିଶ୍ୱନାଥଙ୍କ ଘର ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ମହିଷାମୁଣ୍ଡି ଗ୍ରାମରେ ବୋଲି ଜଣାପଡ଼ିଛି। ଉଭୟ କର୍ମଚାରୀ ସରକାରୀ ଚାକିରିରୁ ଅବସର ଗ୍ରହଣ କରିସାରିଛନ୍ତି।

### ଗୋହତ୍ୟା ଅଭିଯୋଗରେ ୪ଗିରଫ

**କୋରୁକୋଣ୍ଡା,୨୫।୮(ଅବିନାଶ ବେହେରା):** ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା କୋଇଲିପରି ନିକଟ ଏକ ଜଙ୍ଗଲରେ କେତେକ ବ୍ୟକ୍ତି ଶୁକ୍ରବାର ଗୋରୁ କାଟୁଥିବା ସ୍ଥାନୀୟ ଲୋକେ ଦେଖି ଥାନାକୁ ଜଣାଇଥିଲେ। ମାଲକାନଗିରି ଆଦର୍ଶ ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ସାବତଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବବୁଲୁ ଖରା(୬୫),ରାମକୃଷ୍ଣ ମାଣ୍ଡି(୩୦),ରାମ ଖରା(୬୫) ଓ ଅର୍ଜୁନ ମାଣ୍ଡି(୬୦)। ସମସ୍ତେ କୋଇଲିପରି ଗ୍ରାମର ହୋଇଥିବା ବେଳେ ସେମାନଙ୍କୁ ଗିରଫ କରିବା ସହ ଗୋମାଂସ ଓ ଚମଡ଼ା ଜବତ କରାଯାଇଛି। ଏନେଇ କୋରୁକୋଣ୍ଡା ଥାନାରେ ନଂ.୭/୨୩ରେ ମାମଲା ରୁଜୁ ହୋଇଛି।

# ଛାତ୍ରୀଛାତ୍ରଙ୍କୁ ଦିଆଯିବ ଜୈବବିବିଧତା ଶିକ୍ଷା

**ମୋ ସ୍କୁଲ୍ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

- ୮ରୁ ବ୍ଲକ୍‌ସ୍ତରୀୟ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ
- ଗଣିତ, ବିଜ୍ଞାନ ଶିକ୍ଷାକୁ ଅଧିକ ପ୍ରୋତ୍ସାହିତ କରାଯିବ
- ସ୍ୱତନ୍ତ୍ର ସ୍କୁଲ୍‌କୁ ୫-ଟି ରୂପାନ୍ତରଣରେ ସାମିଲ ପ୍ରସ୍ତାବ

**ଭୁବନେଶ୍ୱର, ୨୫।୮(ଅସମାପିକା ସାହୁ)**

'ମୋ ସ୍କୁଲ୍' ଅଭିଯାନ ପରିଚାଳନା ସଙ୍ଗଠନର ୪୨ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବହୁ ନୂତନ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ସହ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ପର୍କ ବଢ଼ିବା ପରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ୧୯୮ ବ୍ଲକ୍‌ରେ ସେପ୍ଟେମ୍ବର ୮ରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ଆୟୋଜନ କରାଯିବ। ସମସ୍ତ ପୁରାତନ ଛାତ୍ରୀଛାତ୍ର କମିଟିର ସଭାପତି ତଥା ପ୍ରତିନିଧିମାନେ ଏକାଠି ହୋଇ ବିଦ୍ୟାଳୟର ଉନ୍ନତି ଦିଗରେ ଆଲୋଚନା କରିବେ। କମିଟି ସଭାପତିମାନେ 'ମୋ ସ୍କୁଲ୍' ଅଭିଯାନ କାର୍ଯ୍ୟକ୍ରମରେ କରିଥିବା ଭଲ କାମକୁ ସମସ୍ତଙ୍କ ଆଗରେ ଉପସ୍ଥାପନ କରିବେ। ସେହିପରି ସମସ୍ତ ବିଦ୍ୟାଳୟରେ ସେପ୍ଟେମ୍ବର ୮ରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ଲୋକ ପ୍ରତିନିଧିମାନେ ଯୋଗଦେବେ। ସେହିପରି 'ପୋଷ୍ୟ ବିଦ୍ୟାଳୟ' କାର୍ଯ୍ୟକ୍ରମରେ ସେପ୍ଟେମ୍ବର ୫ରୁ ୮ତାରିଖ ମଧ୍ୟରେ ସ୍କୁଲ୍‌ର ମାର୍ଗଦର୍ଶକ ଓ ପୁରାତନ ଛାତ୍ରୀଛାତ୍ରଙ୍କର ବୈଠକ ହେବ। ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ଚଳିତ ବର୍ଷ ପ୍ରଥମ କରି ମାଧ୍ୟମିକ ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମ ପ୍ରଚଳନ ହୋଇଛି। ପାଠ୍ୟକ୍ରମ ଅନୁସାରେ ବିଦ୍ୟାଳୟରେ କ୍ଲବ୍ ବ୍ୟବସ୍ଥା ଜରିଆରେ ବିଭିନ୍ନ ଶିକ୍ଷା ଦିଆଯିବ। ବିଦ୍ୟାଳୟସ୍ତରରେ ୪ଟି କ୍ଲବ୍(କ୍ରୀଡ଼ାଙ୍ଗନ, କୌଶଳୀ, ସାହିତ୍ୟ ସୃଜନୀ, ଜିଜ୍ଞାସା)ର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ, ବିଦ୍ୟାଳୟ ପରିସର ବାହାରେ ହେବାକୁ ଥିବା ବିଭିନ୍ନ ଶିକ୍ଷା-ଭ୍ରମଣ(ଏଜୁକେସନ ଟୁର୍) ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହଯୋଗ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

'ମୋ ସ୍କୁଲ୍'ର ଆଉ ଦୁଇଟି ନୂତନ କାର୍ଯ୍ୟକ୍ରମକୁ ବୈଠକରେ ଅନୁମୋଦନ ମିଳିଛି। ଆକାଂକ୍ଷୀ ପାଠ୍ୟକ୍ରମର 'ଜିଜ୍ଞାସା' କ୍ଲବ୍ ଅଧୀନରେ ଜୈବବିବିଧତା ଶିକ୍ଷା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଓ 'ମୋ ସ୍କୁଲ୍'ର ମିଳିତ ଉଦ୍ୟମରେ 'ଛାତ୍ରୀଛାତ୍ର ଜୀବ ଉଦ୍ୟାନ ପ୍ରତିନିଧି'(ଷ୍ଟୁଡେଣ୍ଟ ଜୁ ଆମ୍ବାସାଡର) କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନନ୍ଦନକାନନ ଆଖପାଖରେ ଥିବା କଟକ ଓ ଖୋର୍ଦ୍ଧା ଜିଲାର ୪୦ଟି ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ଛାତ୍ରୀଛାତ୍ରଙ୍କୁ ଜୈବବିବିଧତା ଉପରେ ଶିକ୍ଷା ଦିଆଯିବ। ଓଡ଼ିଆ ମାଧ୍ୟମ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଖାନ୍ ଏକାଡେମୀ ଓ 'ମୋ ସ୍କୁଲ୍' ମଧ୍ୟରେ ମିଳିତ ଚୁକ୍ତିନାମା କରାଯିବ। ଏନେଇ ବୈଠକରେ ପ୍ରସ୍ତାବକୁ କାର୍ଯ୍ୟନିର୍ବାହୀ ପରିଷଦ ମଞ୍ଜୁରୀ ଦେଇଛି।

ଅନ୍ୟପକ୍ଷରେ ଚଳିତ ମାସରେ ମୋଟ ୩୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ୫,୮୫୭ଟି ପ୍ରକଳ୍ପ ପ୍ରସ୍ତାବକୁ ବୈଠକରେ ମଞ୍ଜୁରୀ ମିଳିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ସ୍କୁଲ୍‌ଗୁଡ଼ିକୁ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସରକାରକୁ ପ୍ରସ୍ତାବ ଦିଆଯିବ। ସରକାରୀ କୋଠା କିମ୍ବା ସରକାରୀ ଜମିରେ ଚାଲୁଥିବା ୧୨ଟି ଜିଲାର ୨୬ଟି 'ସ୍ୱତନ୍ତ୍ର ସ୍କୁଲ୍'କୁ ସାମିଲ କରିବା ପାଇଁ ପ୍ରସ୍ତାବ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, 'ମୋ ସ୍କୁଲ୍' ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ଓଏସ୍‌ଡି ଡ. ମଣିନ୍ଦ୍ର କୁମାର ମିଶ୍ର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

# ପଶ୍ଚିମବଙ୍ଗ ଚାଲାଣ ବେଳେ ଗୋଧି, କଇଁଛ, ଡାହୁକ ଜବତ: ଜଣେ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗୋଧି, ଡାହୁକ ଓ କଇଁଛ।

**ବାଲେଶ୍ୱର, ୨୫।୮(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରୂପ୍‌ସା ରେଳଷ୍ଟେଶନରେ ଆର୍‌ପିଏଫ୍ ପକ୍ଷରୁ ଯାଞ୍ଚ କରାଯାଇ ୨୫ଟି ଗୋଧି, ୨ଟି ଡାହୁକ ପକ୍ଷୀ ଏବଂ ଗୋଟିଏ କଇଁଛକୁ ଉଦ୍ଧାର କରାଯାଇଛି। ଏହାସହ ଆନ୍ତଃରାଜ୍ୟ ଚୋରା ଚାଲାଣକାରୀ ଯୁବକଙ୍କୁ ଗିରଫ କରାଯାଇଛି। ଆରପିଏଫ୍ ଥାନାରୁ ଖବରପାଇ ଚାନ୍ଦିପୁର ବନବିଭାଗ ପହଞ୍ଚି ସେସବୁକୁ ଜବତ କରିବା ସହ ବନଖଣ୍ଡ କାର୍ଯ୍ୟାଳୟରେ ମାମଲା (ନଂ. ୩୩/୨୦୨୩) ରୁଜୁ କରି ତଦନ୍ତ କରୁଛି।

ଗିରଫ ଯୁବକ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା ନୟାଗ୍ରାମ ଥାନା ସିଙ୍ଗୁଡ଼ି ଗ୍ରାମର ସଞ୍ଜୟ ନାୟକ। ସିଙ୍ଗୁଡ଼ି ଅଞ୍ଚଳର କିଛି ଲୋକ ପ୍ରତିଦିନ ଟ୍ରେନ୍ ଯୋଗେ ଜଳେଶ୍ୱର ଓ ଖନ୍ତାପଡ଼ାକୁ ଧାନରୋଇବା ଲାଗି ଆସୁଛନ୍ତି। ଉକ୍ତ ଯୁବକ ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳରୁ ଗୋଧି, ଡାହୁକ ପକ୍ଷୀ ଏବଂ କଇଁଛକୁ ଜାଲ ଓ ଫାଶ ମାଧ୍ୟମରେ କୌଶଳକ୍ରମେ ଧରି ପଶ୍ଚିମବଙ୍ଗରେ ବିକ୍ରି କରିଥାନ୍ତି। ଗୁରୁବାର ରାତିରେ ସଞ୍ଜୟ ଗୋଧି, କଇଁଛ ଓ ଡାହୁକ ପକ୍ଷୀ ଧରି ପଶ୍ଚିମବଙ୍ଗକୁ ଚାଲାଣ ପାଇଁ ଟ୍ରେନ୍ ଯୋଗେ ଯାଉଥିଲେ। ସେ ଜଳେଶ୍ୱର ଷ୍ଟେଶନରେ ଓହ୍ଲାଇ ପାଣି ପାଇଁ ଯାଇଥିବା ବେଳେ ଖବରପାଇ ଆରପିଏଫ୍‌ର ଏକ ଟିମ୍ ଯାଞ୍ଚ କରିବା ପରେ ସଞ୍ଜୟଙ୍କୁ ଧରିଥିଲେ। ପରେ ରୂପସା ଆରପିଏଫ୍ ଥାନା ଜିମା ଦେଇଥିଲେ। ଏନେଇ ରୂପ୍‌ସା ଆରପିଏଫ୍ କର୍ତ୍ତୃପକ୍ଷ ଜିଲା ବନଖଣ୍ଡ ଅଧିକାରୀଙ୍କୁ ସୂଚନା ଦେବା ପରେ ଚାନ୍ଦିପୁର ବନବିଭାଗ ରୂପ୍‌ସାରେ ପହଞ୍ଚି ଗୋଧି, ଡାହୁକ ପକ୍ଷୀ ଏବଂ କଇଁଛ ଜବତ କରିଥିଲେ। ସଞ୍ଜୟଙ୍କୁ ବନବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଥିଲା। ଚାନ୍ଦିପୁର ବନଖଣ୍ଡ କାର୍ଯ୍ୟାଳୟରେ ମାମଲା (ନଂ. ୩୩/୨୦୨୩) ରୁଜୁ କରାଯାଇ ସଞ୍ଜୟଙ୍କୁ ଗିରଫ କରାଯାଇଛି। ଏହି ଚୋରା ଚାଲାଣରେ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଜାରି ରହିଥିବା ଚାନ୍ଦିପୁର ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା ପ୍ରକାଶ କରିଛନ୍ତି।

# ଆନ୍ଧ୍ରରେ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ



'କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ' ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଓ ଅନ୍ୟମାନେ।

**ଉପକୃତ ହେବ ଓଡ଼ିଶା, ଛତିଶଗଡ଼: ଧର୍ମେନ୍ଦ୍ର**

**ଭୁବନେଶ୍ୱର, ୨୫।୮(ସୁନିତ୍ ମିଶ୍ର)**

ଆନ୍ଧ୍ରପ୍ରଦେଶରେ ପ୍ରସ୍ତାବିତ 'କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ' ଦ୍ୱାରା ଆନ୍ଧ୍ର ସମେତ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟ ଉପକୃତ ହେବ। ଏହି ୩ ରାଜ୍ୟରେ ବସବାସ କରୁଥିବା ଜନଜାତି ବର୍ଗଙ୍କ ସାମଗ୍ରିକ ବିକାଶରେ ଏହି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବା ଅବସରରେ ଶୁକ୍ରବାର ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନା ଓ ଆନ୍ଧ୍ର ସରକାରଙ୍କ ସହଯୋଗରେ ଚିନ୍ନାମେଦାପାଲ୍ଲୀଠାରେ 'କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ' ନିର୍ମାଣ କରାଯିବ। ୫୦୦ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଶିକ୍ଷାନୁଷ୍ଠାନରେ ୮୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିଲାଗି ଆନ୍ଧ୍ର ସରକାର ଜମି, ବିଦ୍ୟୁତ୍, ରାସ୍ତା, ପାନୀୟ ଜଳ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇଦେବେ। ଏସବୁକୁ ମିଶାଇଲେ ମୋଟ ଖର୍ଚ୍ଚ ୨୦୦୦ କୋଟି ଟପିବ। ଶିକ୍ଷାନୁଷ୍ଠାନରେ ଲଘୁ ବନଜାତ ଦ୍ରବ୍ୟ ଉପରେ ଗବେଷଣା ହେବ। ଏଠାରେ ଦକ୍ଷତା, କ୍ରୀଡ଼ା, ଆପ୍ଲାଏଡ ଏଜୁକେସନ ଓ ନୂତନ ଟେକ୍ନୋଲୋଜି ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଜନଜାତି କଳା, ସଂସ୍କୃତି, ସଙ୍ଗୀତ, ଉଦ୍ୟାନ କୃଷି, କୃଷି ବିଜ୍ଞାନ, ଖାଦ୍ୟପେୟ, ମିଲେଟ୍ ଶସ୍ୟକୁ ପ୍ରାଥମିକତା ଦିଆଯିବ। ଫଳରେ ବିଦ୍ୟାର୍ଥୀମାନେ ବିଶ୍ୱରେ ନିଜ ପରିଚୟ ତିଆରି କରିପାରିବେ। ହାର୍ଭାର୍ଡ ଓ ଅକ୍ସଫୋର୍ଡ ଭଳି ନାମକରା ଶିକ୍ଷାନୁଷ୍ଠାନ ସହ ପ୍ରତିଯୋଗିତା କରିବା ଆମର ଲକ୍ଷ୍ୟ ହେବା ଉଚିତ। ସଂଘୀୟ ବ୍ୟବସ୍ଥାରେ ଜନଜାତିଙ୍କ ବିକାଶ ଏବଂ ଶିକ୍ଷା କ୍ଷେତ୍ରରେ ମିଳିତ କାମ କରିବାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆନ୍ଧ୍ରର କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ନେଇ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି।

# ଗାଈ ଚରାଳିଙ୍କୁ ଗୁଳିକରି ହତ୍ୟା ଅଭିଯୋଗ

**ଜଣେ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୫।୮ (ଅରୁଣ ସାହୁ/ମନୋରଞ୍ଜନ ରଣା)**

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଖାରିଗୁଡାରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଗାଈ ଚରାଳିଙ୍କୁ କେହି ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଖାରିଗୁଡାର ମାଦି ପତ୍ରା (୫୫)। ଶୁକ୍ରବାର ବ୍ରାହ୍ମଣୀଗାଁ ପୋଲିସ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ନମୁନା ସଂଗ୍ରହ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ସେହି ଅଞ୍ଚଳରୁ ଜଣକୁ ଉଠାଇ ଆଣି ଥାନାରେ ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ମାଦିଙ୍କ ପୁଅ ଧର୍ମେନ୍ଦ୍ରଙ୍କ ଏତଲା କ୍ରମେ ପ୍ରତିଦିନ ଭଳି ତାଙ୍କ ବାପା ଗାଈଗୋଠ ଚରାଇବାକୁ ପୂର୍ବାହ୍ନ ୧୦ଟାରେ ଘରୁ ବାହାରିଥିଲେ। ହେଲେ ଅପରାହ୍ନ ୪ଟାରେ କେବଳ ଗାଈଗୋଠ ଗ୍ରାମରେ ପହଞ୍ଚିଥିବା ବେଳେ ମାଦି ଆସି ନ ଥିଲେ। ସେ ଓ ତାଙ୍କ ମା' ସିକମାଙ୍ଗା ଦୁହେଁ ମାଦିଙ୍କୁ ଖୋଜିବାକୁ ବାହାରିବା ବେଳେ ତାଙ୍କୁ କେହି ଗୁଳିକରି ହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଏଥିସହ ତାଙ୍କ ବାପାଙ୍କୁ ପୂର୍ବ ଶତ୍ରୁତାରୁ ଜଣେ ହତ୍ୟା କରିବାକୁ ଧମକ ଦେଇଥିବା ମଧ୍ୟ ଧର୍ମେନ୍ଦ୍ର ପୋଲିସକୁ ଜଣାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (୧୦୬/୨୩) ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତକ ମାଦି ସେହି ଅଞ୍ଚଳର ଜଣେ ଲୋକଙ୍କ ମକା ଫସଲରେ ଗାଈଗୋଠ ପୂରାଇ ନଷ୍ଟ କରିଦେଇଥିଲେ। ଏଭଳି ଗତ ବର୍ଷ ମଧ୍ୟ କରିଥିଲେ। ଫଳରେ ମକାଚାଷୀ ଜଣଙ୍କ ଏମିତି କାହିଁକି କରୁଛ ବୋଲି ପ୍ରଶ୍ନ କରିବାରୁ ମାଦି କୁଆଡେ ମାଡ଼ ମାରିଥିଲେ। ସେହିପରି ମାଦି ଓ ମକାଚାଷୀଙ୍କ ମଧ୍ୟରେ କିଛି ଚାଷ ଜମି ବିବାଦ ରହିଥିବା ମଧ୍ୟ କୁହାଯାଉଛି। ଏହି ସମସ୍ତ ଦିଗକୁ ପୋଲିସ ଅନୁଧ୍ୟାନ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ୨୮ରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା

**ଭୁବନେଶ୍ୱର, ୨୫।୮(ଅସମାପିକା ସାହୁ)**

ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବ। ୩ଟି ବିଭାଗରେ ୨୪ଟି ଲେଖାଏ ଆସନରେ ଛାତ୍ରୀଛାତ୍ରଙ୍କ ନାମଲେଖା ହେବ। ଏଥିପାଇଁ ପ୍ରବେଶିକା ପରୀକ୍ଷା ଶେଷ ହୋଇଛି। ମନୋନୀତ ଛାତ୍ରୀଛାତ୍ର ଆସନ୍ତା ୨୮ ଓ ୨୯ ତାରିଖରେ ନାମ ଲେଖାଇବେ। ଏହି ନାମଲେଖା ପ୍ରକ୍ରିୟା ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି (ଡିଗ୍ରୀ) ମହାବିଦ୍ୟାଳୟରେ ଚାଲିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ନାମଲେଖା ପ୍ରକ୍ରିୟା ପାଇଁ ୩ ଅଧ୍ୟାପକଙ୍କୁ ଦାୟିତ୍ୱ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଏଥିରେ ସହାୟତା ପାଇଁ ଦୁଇଜଣ ପିଅନଙ୍କୁ ମଧ୍ୟ ଦାୟିତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଏହି ଦୁଇଦିନର ନାମଲେଖା ପ୍ରକ୍ରିୟା ନିମନ୍ତେ ମହାବିଦ୍ୟାଳୟ ସାମ୍ବ ପାଣ୍ଠିରୁ ସର୍ବାଧିକ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ବିଭାଗ ଅନୁମତି ଦେଇଛି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ରୁ ବିଶ୍ୱବିଦ୍ୟାଳୟରେ ପ୍ରଥମ କରି ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା ରଖିଛି। ପ୍ରଥମ ବର୍ଷରେ ୩ଟି ବିଭାଗରେ ପାଠପଢ଼ା ହେବ। ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଏବଂ ଆଦିବାସୀ ଭାଷା ଓ ଐତିହ୍ୟ ବିଭାଗରେ ୨୪ଟି ଲେଖାଏ ଆସନ ରହିଛି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହେବ। ନାମଲେଖା ପୂର୍ବରୁ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନିଯୁକ୍ତି ଏବଂ ଅନ୍ୟ ସମସ୍ତ ପ୍ରକ୍ରିୟା ସାରିବାକୁ ବିଭାଗ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆକାଉଣ୍ଟାଣ୍ଟ

**ବଲାଙ୍ଗୀର/ସଇଁତଲା,୨୫।୮ (ବୀରେନ୍ଦ୍ର କୁମାର ଝାଙ୍କର/ ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଓ ଚୁକ୍ତିଭିତ୍ତିକ ସହକାରୀ ଷ୍ଟାଫ୍ ଅଜୟ ଖୁଣ୍ଟିଆ ୧୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଶୁକ୍ରବାର ଧରା ପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି।

ପ୍ରକାଶ ଯେ, ସଇଁତଲା ବ୍ଲକ ଅନ୍ତର୍ଗତ ଲମ୍ବକାନୀ ପ୍ରାଥମିକ ସ୍କୁଲ ସହକାରୀ ଶିକ୍ଷକ ସହଦେବ ଦନ୍ତାଙ୍କ ନୂତନ ପେନ୍‌ସନ କାଗଜପତ୍ର ଏବଂ ବର୍ଦ୍ଧିତ ମହଙ୍ଗା ଭତ୍ତା ରିଲିଜ କରିଦେବା ପାଇଁ ଆକାଉଣ୍ଟାଣ୍ଟ ଖୁଣ୍ଟିଆ ୧୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। ବିଇଓ ଅଫିସ ଭିତରେ ସମ୍ପୃକ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ଟଙ୍କା ନେବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଆକାଉଣ୍ଟାଣ୍ଟ ଖୁଣ୍ଟିଆଙ୍କୁ କାବୁକରି ନେଇଥିଲେ। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ ହୋଇଥିବା ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ବଲାଙ୍ଗୀର ଭିଜିଲାନ୍ସ ଅଫିସକୁ ଆଣି ଭିଜିଲାନ୍ସ ଟିମ୍ ପଚରାଉଚୁରା କରିଥିଲେ। ଭିଜିଲାନ୍ସ ଟିମ୍ ସଇଁତଲା ବିଇଓ ଅଫିସ ଏବଂ ତାଙ୍କ ରହିବା ଘରେ ମଧ୍ୟ ଚଢ଼ାଉ କରିଥିଲେ। ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସ୍‌ପି ଛତ୍ରିଆ ସୂଚନା ଦେଇଛନ୍ତି।

# କିରଣବାଳା ରଥଙ୍କ ପରଲୋକ

**ଭୁବନେଶ୍ୱର, ୨୫।୮**



କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ସୁନାମଧନ୍ୟ କବି ଡ. ଗୋପାଳ କୃଷ୍ଣ ରଥଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ଅଧ୍ୟାପିକା ଡ. କିରଣବାଳା ରଥଙ୍କ ଶୁକ୍ରବାର ସକାଳ ଘ୮.୫୫ ମିନିଟରେ ପରଲୋକ ଘଟିଛି। ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କ ପୁତ୍ରୀ ସ୍ୱୟଂପ୍ରଭା ରଥ ଓ ଜ୍ୱାଇଁ ଆଶୁତୋଷ ରଥ ଉପସ୍ଥିତ ଥିଲେ। କିରଣବାଳା ପଶ୍ଚିମ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ବିଭାଗର ଅଧ୍ୟାପିକା ଏବଂ ଅଧ୍ୟକ୍ଷା ପଦରେ କାର୍ଯ୍ୟ ନିର୍ବାହ କରିଥିଲେ। ସେବା ନିବୃତ୍ତି ପରେ ସେ ନିଗମାନନ୍ଦଙ୍କ ଧାରାରେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ଗୃହତ୍ୟାଗୀ ମଧ୍ୟ ହୋଇଥିଲେ। ତାଙ୍କର ଅମୃତ ଲେଖନୀର ସ୍ୱ ଗୁରୁଦେବଙ୍କ ଜୀବନୀ ସମ୍ବଳିତ ସଦ୍‌ଗୁରୁ ଚେତନା ନନ୍ଦ ପୁସ୍ତକ, ପୁଣ୍ୟଶ୍ଲୋକ ଗୋପାଳକୃଷ୍ଣ ଏବଂ ଗୋପାଳକୃଷ୍ଣଙ୍କ କବିତା ସମଗ୍ର ଇତ୍ୟାଦି ଉଦାହରଣ। ଏତଦ୍‌ବ୍ୟତୀତ ସେ ଅନେକ ପ୍ରବନ୍ଧ, କବିତା ଓ ଗଳ୍ପ ରଚନା କରିଛନ୍ତି। ଆକାଶବାଣୀ ଓ ଦୂରଦର୍ଶନର ରଥଯାତ୍ରା ଧାରା ବିବରଣୀ ଗତ ୧୪ ବର୍ଷ ହେବ ସେ ଦେଇଆସୁଥିଲେ। ବିଭିନ୍ନ ଆଧ୍ୟାତ୍ମିକ ଚ୍ୟାନେଲରେ ଆଲୋଚନା ତଥା ଧର୍ମସଭାଗୁଡ଼ିକରେ ବକ୍ତାଭାବରେ ସେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ବିୟୋଗରେ ସାରସ୍ୱତ ଏବଂ ଆଧ୍ୟାତ୍ମିକ ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହେବା ସହ ଶୋକର ଛାୟା ଖେଳିଯାଇଛି।

# ସ୍ୱର୍ଣ୍ଣପଦକ ଜିତି ଗୌରବ ଆଣିଲେ ସୌମ୍ୟରଞ୍ଜନ

**ପଡ଼ିଆବାହାଲ, ୨୫।୮ (ରାଧାମୋହନ ଷଡ଼ଙ୍ଗୀ)**

ନିଷ୍ଠା ଓ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିଥାଏ। ଏହାକୁ ପ୍ରମାଣକରି ଦେଖାଇଛନ୍ତି ସମ୍ବଲପୁର ମାଟିର ପୁଅ ସୌମ୍ୟରଞ୍ଜନ ବଡ଼ପଣ୍ଡା। ନୂଆଦିଲ୍ଲୀସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସୌମ୍ୟରଞ୍ଜନ ଅଧ୍ୟୟନ କରୁଥିବାବେଳେ ଏଠାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାରକରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମରେ ଗତ ୨୨ତାରିଖରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ 'ମେରା ଦେଶ ସର୍ବଶ୍ରେଷ୍ଠ' ବିଷୟ ଉପରେ ବକ୍ତବ୍ୟ ରଖି ସେ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଏହି ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜର ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୪ରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡ. ସୁଧା ଯାଦବ, ସାଂସଦ, ମହେନ୍ଦ୍ରଗଡ଼ (ହରିୟାଣା), ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀର ଅଖିଳ ଭାରତୀୟ ମହାମନ୍ତ୍ରୀ ଅବନିଶ ଭଟ୍ଟନଗର ଓ ଅଧ୍ୟକ୍ଷ ଭାବରେ କୁଳପତି ପ୍ରଫେସର ମୁରଲୀ ମନୋହର ପାଠକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଗ୍ରାମର ବିଶ୍ୱରଞ୍ଜନ ବଡ଼ପଣ୍ଡା ଓ କଲ୍ୟାଣୀ ବଡ଼ପଣ୍ଡାଙ୍କ ବଡ଼ ପୁଅ ହେଉଛନ୍ତି ସୌମ୍ୟରଞ୍ଜନ। ପିଲାବେଳୁ ସେ ଜଣେ ସୁବକ୍ତା, ସୁସଂଗଠକ ଭାବେ ନିଜର ପ୍ରତିଭା ଦେଖାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି। ମା'ବାପା, ବନ୍ଧୁ ପରିଜନ, ଗୁରୁଜନଙ୍କୁ ସେ ଶ୍ରେୟ ଦେଇଛନ୍ତି।



ସ୍ୱର୍ଣ୍ଣ ପଦକ ସହ ସୌମ୍ୟରଞ୍ଜନ।

# ଦୂରଦର୍ଶନର ନୂଆ କାର୍ଯ୍ୟକ୍ରମ 'ଆମରି ଗୀତ ଆମରି ସ୍ୱର'

**ଭୁବନେଶ୍ୱର, ୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ଭୁବନେଶ୍ୱରସ୍ଥିତ ଦୂରଦର୍ଶନ (ଓଡ଼ିଆ) କେନ୍ଦ୍ର ପକ୍ଷରୁ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ସଙ୍ଗୀତଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ 'ଆମରି ଗୀତ ଆମରି ସ୍ୱର'। ଷ୍ଟୁଡିଓ ପରିସରରେ ଅନୁଷ୍ଠିତ ଏହି ଶୁଟିଂ କାର୍ଯ୍ୟକ୍ରମକୁ କେନ୍ଦ୍ରର ଉପମହାନିର୍ଦ୍ଦେଶକ ରିଜ୍‌ୱାନା ଅକ୍‌ତାର, ବୈଷୟିକ ମୁଖ୍ୟ ତଥା ଅନ୍ୟତମ ଉପମହାନିର୍ଦ୍ଦେଶକ ନରସିଂହ ଜେଠି ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ୧୬ଜଣ ବଛା ବଛା ପ୍ରତିଯୋଗୀ ଅଂଶଗ୍ରହଣ କରି ମନଛୁଆଁ ଭଜନ, ଆଧୁନିକ ଓ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଗୁନ୍‌ଗୁନ୍ କାର୍ଯ୍ୟକ୍ରମର ଉପସ୍ଥାପିକା ରହିଥିବାବେଳେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ଦୀର୍ଘ ୨୪ ବର୍ଷ ପରେ 'ଆମରି ଗୀତ ଆମରି ସ୍ୱର' ନୂଆ ରୂପରେ ଦର୍ଶକଙ୍କ ସାମ୍ନାକୁ ଆସୁଛି। ସେପ୍ଟେମ୍ବର ୨ରୁ ପ୍ରତି ଶନିବାର ଓ ରବିବାର ରାତି ୭ଟା ୩୦ରେ ଏହା ପ୍ରସାରିତ ହେବ।

ପ୍ରଦୀପ ଦେବଶର୍ମା, ଅଶୋକ କୁମାର, ନିରୁପମା, ଡଲି, ଜଗନ ପ୍ରମୁଖ କ୍ୟାମେରା ପରିଚାଳନା କରିଛନ୍ତି। ସେହିପରି ସାଉଣ୍ଡରେ ନଳିନୀ ମିଶ୍ର, ପଦ୍ମେଶ୍ୱର, ଭିଜୁଆଲ୍ ମିକ୍ସଚରରେ ଅପର୍ଣ୍ଣା ସାହୁ, ଭିଟିଆର୍‌ରେ ମାନସ ରଣା, ସୁଧୀର ପଣ୍ଡା, ଲାଇଟ୍‌ରେ ଜାମୁଣ୍ଡା, ଭକ୍ତ, ନରି, ମଞ୍ଚ ପରିଚାଳନାରେ ଶ୍ରୀକାନ୍ତ, ରମେଶ, ଜାମିକା, ଭାନୁ ପ୍ରମୁଖ ସହାୟତା କରିଥିଲେ। ସିଦ୍ଧାର୍ଥ ମହାରଣା ଦିଗ୍‌ଦର୍ଶନ ଦେଇଥିବାବେଳେ ଚନ୍ଦ୍ରକାନ୍ତ ରାଏ ପ୍ରଯୋଜନା ଓ ସମ୍ପାଦକ ଦାୟିତ୍ୱରେ ଅଛନ୍ତି।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କ ସହ ଅତିଥି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଭୂପତି କେଶରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଟୋବରରେ ଓଡ଼ିଶା ଆସିପାରନ୍ତି ରାହୁଲ, ପ୍ରିୟଙ୍କା

ଭୁବନେଶ୍ୱର,୨୫।୮ (ଅନିଲ ଦାସ)

ଆସନ୍ତା ଅକ୍ଟୋବରରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଓଡ଼ିଶା ଆସିପାରନ୍ତି। ରାହୁଲଙ୍କ ସହ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାରଗେ ମଧ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ରାହୁଲ ଓ ପ୍ରିୟଙ୍କା ଓଡ଼ିଶା ଆସିବା ନେଇ କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ଜଣ ବିଧାୟକ ଦିଲ୍ଲୀ ଯାଇ ରାହୁଲ ଗାନ୍ଧୀଙ୍କୁ ଭେଟିଛୁ। ଅକ୍ଟୋବର ଶେଷ ସୁଦ୍ଧା ରାହୁଲ ଓ ପ୍ରିୟଙ୍କା ଓଡ଼ିଶା ଆସିବେ। ୪ଟି ଜୋନରେ ରାହୁଲ ସଭା କରିବାକୁ ଯୋଜନା ରହିଛି। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସେ ଦିଲ୍ଲୀ ଯାଇ ରାହୁଲ, ପ୍ରିୟଙ୍କା ଓ ଖାରଗେଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିବେ। ଅକ୍ଟୋବର ସୁଦ୍ଧା ସେମାନେ ଓଡ଼ିଶା ଆସିପାରନ୍ତି। ତେବେ ଗସ୍ତ ନେଇ କୌଣସି ଚୂଡ଼ାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇନାହିଁ ବୋଲି ଶରତ କହିଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ରାଜ୍ୟରେ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନିଜ ପାଇଁ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସି ନିଜ ଦଳର ନେତା, କର୍ମୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଅକ୍ଟୋବରରେ ରାହୁଲ ଗାନ୍ଧୀ ଓଡ଼ିଶା ଆସି ଦଳୀୟ ନେତା ଓ କର୍ମୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଶାସକ ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ସଭାସମିତି କରି ରାଜ୍ୟ ସରକାରଙ୍କ ସୁଫଳ ବିଷୟରେ ଲୋକମାନଙ୍କ ନିକଟରେ ବାର୍ତ୍ତା ପହଞ୍ଚାଯାଉଛି।

# ଦେଶର ପରିକଳ୍ପନା ପାଇଁ ନୂତନ ପିଢ଼ି ଆଗକୁ ଆସନ୍ତୁ: ନିରଞ୍ଜନ

## କଂଗ୍ରେସ ପକ୍ଷରୁ ନବ ନିଯୁକ୍ତଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୫।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସର ନବ ନିଯୁକ୍ତ ଜିଲ୍ଲା ସଭାପତି ସୁନେଶ ଧୀର, ଜିଲ୍ଲା କର୍ମକର୍ତ୍ତା, ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ସଭାପତି ଓ କର୍ମକର୍ତ୍ତାମାନଙ୍କୁ ଶୁକ୍ରବାର ସ୍ଥାନୀୟ କଂଗ୍ରେସ ଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପିସିସି ସମ୍ପାଦକ ସଂଗ୍ରାମ ଦାସ ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ।

ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଆଗାମୀ ଦିନରେ ଯୁବ ଓ ଛାତ୍ର ଦେଶର ଭବିଷ୍ୟତ। ସେମାନଙ୍କ ଦ୍ୱାରା ଦେଶର ବିକାଶ ଓ ଉନ୍ନତି ସମ୍ଭବ। ଆଜି ଦେଶର ପରିକଳ୍ପନା ପାଇଁ ନୂତନ ପିଢ଼ି ଆଗକୁ ଆସନ୍ତୁ ବୋଲି ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଯୋଗଦେଇଥିଲେ। ଉତ୍ସବରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ବିଧାୟକ ହୃଷିକେଶ ନାୟକ, ମହିଳା କଂଗ୍ରେସ ନେତ୍ରୀ ସଂଗୀତା ସିଂହ, ଚମ୍ପୁଆ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଦୁମଣି ବାରିକ, ପୂର୍ବତନ ସାଂସଦ ପ୍ରାର୍ଥୀ ମୋହନ ହେମ୍ବ୍ରମ, ଜିଲ୍ଲା କଂଗ୍ରେସ ଉପ ସଭାପତି ବସନ୍ତ ଦାସ, ନିକୁଞ୍ଜ ବିହାରୀ ମିଶ୍ର, ଆଦିବାସୀ ନେତା ଗୌରହରି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଆଦିବାସୀ ନେତା ଇଂ ବିନୋଦ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବ୍ଲକ ସଭାପତି ସୁବ୍ରତ ଚକ୍ର, ପ୍ରଭାକର ନାୟକ, ଶଶୀକାନ୍ତ ଧୀର, ମୁକୁନ୍ଦ ମହାନ୍ତ, ହାଡିବନ୍ଧୁ ଖୁଣ୍ଟିଆ, ଶତ୍ରୁଘ୍ନ ସିଂହ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ରତ୍ନାକର ଜେନା, ବିଶ୍ୱନାଥ ବେଜ, ତ୍ରିଲୋଚନ ପରିଡ଼ା, ସୁଦର୍ଶନ ପାଇକରାୟ, ସଂଗ୍ରାମ ବେହେରା, ସୌମ୍ୟ ପଲେଇ, ପ୍ରବୀଣା ଦଣ୍ଡପାଟ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।



ନବନିଯୁକ୍ତ କେନ୍ଦୁଝର କଂଗ୍ରେସ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

# ପ୍ରବଳ ବିରୋଧର ସମ୍ମୁଖୀନ ହେଲେ ଗୋପାଳପୁର ବିଧାୟକ

- ଗାଡ଼ିକୁ ଅଣ୍ଡା, ପଥର ମାଡ଼
- ଆକ୍ରମଣ ପଛରେ କାହାର ହାତ ଅଛି ତଦନ୍ତ ହେଉ: ପ୍ରଦୀପ
- ଭାଜପାର ବିରୋଧ

ବ୍ରହ୍ମପୁର/ଗୋପାଳପୁର, ୨୫।୮ (ସ୍ମୃତି ରଞ୍ଜନ ମହାଲିକ/ନବୀନରାଜ ଆଚାରୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଗୋପାଳପୁର ନିର୍ବାଚନମଣ୍ଡଳୀ କନିଷି ବାଲାଜୀ ବିଦ୍ୟାପୀଠରେ ଶୁକ୍ରବାର ଆୟୋଜିତ ସଭାସ୍ଥଳକୁ ପ୍ରଦୀପ ଆସୁଥିଲେ। ବ୍ରହ୍ମପୁରସ୍ଥିତ ଲାଞ୍ଜିପଲ୍ଲୀ ଓଭରବ୍ରିଜ୍ ନିକଟରେ ତାଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବହୁ ବିଜେଡି କର୍ମୀ ତାଙ୍କୁ କଳାପତାକା ଦେଖାଇବା ସହ ତାଙ୍କ ଗାଡ଼ି ସାମ୍ନାରେ ଠିଆହୋଇ ବାଟ ଓଗାଳିଥିଲେ। ଏପରିକି ବିରୋଧରେ ବିଜେଡି କର୍ମୀମାନେ 'ଗୋ ବ୍ୟାକ୍' ନାରାବାଜି କରିବା ସହ ବିଧାୟକଙ୍କ ଗାଡ଼ି ଉପରେ ଚଢ଼ି ପ୍ରତିବାଦ କରିଥିଲେ। ଫଳରେ ପ୍ରଦୀପଙ୍କ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ରହ୍ମପୁର ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ବିଧାୟକଙ୍କୁ ସୁରକ୍ଷିତ ଭାବେ ଛାଡିଥିଲେ। ପୁଣି ପ୍ରାୟ ୩୦୦ ମିଟର ଦୂର ଯିବା ପରେ ବିଧାୟକଙ୍କୁ ବିଜେଡି କର୍ମୀମାନେ ପ୍ଲାକାର୍ଡ ମାଧ୍ୟମରେ ଜାତୀୟ ରାଜପଥରେ ବିରୋଧ କରିବା ସହ ବିଧାୟକଙ୍କ ଗାଡ଼ିକୁ ଛାଡି ନ ଥିଲେ। ତାଙ୍କ ଗାଡ଼ିକୁ ପଥର, ଅଣ୍ଡା ଓ ପାଣି ବୋତଲ ମାଡ଼ କରିଥିଲେ। ସ୍ଥାନୀୟ ଲୋକେ ମଧ ବିଧାୟକଙ୍କୁ ବିରୋଧ କରିଥିଲେ। ଟାଟା ମୋଟର୍ସରେ ଚାକିରି କରାଇଦେବାକୁ କହି ବିଧାୟକ ଟଙ୍କା ଠକି ନେଇଥିବା ଅଭିଯୋଗ କରି ଲୋକେ ବିରୋଧ କରିଥିଲେ। ପ୍ରବଳ ବିରୋଧର ସମ୍ମୁଖୀନ ହେବାରୁ ବିଧାୟକ ସଭାସ୍ଥଳରେ ପହଞ୍ଚି ପାରି ନ ଥିଲେ।

ତେବେ ସନ୍ଧ୍ୟାରେ ବିଧାୟକ ବ୍ରହ୍ମପୁରରେ ଖବରଦାତା ସମ୍ମିଳନୀ କରି ତାଙ୍କ ଉପରେ ହୋଇଥିବା ଆକ୍ରମଣ ପଛରେ କାହାର ହାତ ଅଛି, କେଉଁ କାରଣରୁ ଆକ୍ରମଣ କରାଗଲା ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ମୋ ନିର୍ବାଚନମଣ୍ଡଳୀରେ ହେଉଥିବା ଅଭିଯୋଗ ଶୁଣାଣିରେ ଯୋଗଦେବି ବୋଲି ପୂର୍ବରୁ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲି। ସରକାରୀ କାର୍ଯ୍ୟକ୍ରମରେ ଶୃଙ୍ଖଳିତ ଭାବେ ଯୋଗଦେବି ବୋଲି କହିଥିଲି। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ଏପରିକି ୫-ଟି ସଚିବଙ୍କ ଗସ୍ତ ନେଇ ମୁଖ୍ୟମନ୍ତ୍ରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ସୂଚନା ମାଗିଥିଲେ ବି କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ପ୍ରଦୀପ କହିଛନ୍ତି।

ଅନ୍ୟପଟେ ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ୫-ଟି ସଚିବଙ୍କୁ ବିରୋଧ କରିବାକୁ ଯାଉଥିଲା ବେଳେ ପୋଲିସ ନ ଛାଡିବାରୁ ସେମାନେ ଜାତୀୟ ରାଜପଥରେ ବସି ବିରୋଧ କରିଥିଲେ। ପରେ ପୋଲିସ ଭାଜପା ଉପସଭାପତିଙ୍କ ସମେତ ୧୩ ଜଣ କର୍ମୀଙ୍କୁ ଉଠାଇ ନେଇଥିଲା। ସେହିପରି ବିବେକ ବିହାରଠାରେ ଅନୁଷ୍ଠିତ ସଚିବଙ୍କ ସଭାସ୍ଥଳରେ ଜିଲ୍ଲା ଭାଜପା ଉପସଭାପତି ରାମ କୁମାର ପାତ୍ର ଏକ ଅଭିନବ ଢଙ୍ଗରେ ଧୋତି ଓ ଗାମୁଛା ପିନ୍ଧି ବିରୋଧ କରିବାକୁ ଯାଇଥିବା ସମୟରେ ପୋଲିସ ତାଙ୍କୁ ଅଟକ ରଖିଥିଲା।



ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି କର୍ମୀମାନେ ରାସ୍ତାରେ ଅଟକାଉଛନ୍ତି।

# ବିଜେଡିର ବିକଳ୍ପ ଦଳ ହେବ: ଅକ୍ଷୟ କୁମାର




'ମୋ ଦଳ' ଘୋଷଣା ଅବସରରେ ଦଳୀୟ ନେତୃବୃନ୍ଦ।

## ନୂଆ ରାଜନୈତିକ ଦଳ 'ମୋ ଦଳ'

ଭୁବନେଶ୍ୱର,୨୫।୮ (ଅଭିଜିତ ଦାସ)

ଓଡିଶାରେ ଏକ ନୂତନ ରାଜନୈତିକ ଦଳ 'ମୋ ଦଳ'ର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଖବରଦାତା ସମ୍ମିଳନୀରେ 'ମୋ ଦଳ'ର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଚାଷୀ,ମହିଳା ଓ ଗରିବଙ୍କୁ ନ୍ୟାୟ ଦେବା ପାଇଁ ଏହି ଦଳର ଶୁଭାରମ୍ଭ କରାଯାଇଛି। ଆଗାମୀ ନିର୍ବାଚନରେ 'ମୋ ଦଳ' ନିର୍ବାଚନରେ ଭାଗ ନେଇ ବିଜେଡି ବିରୋଧରେ ରାଜ୍ୟବାସୀଙ୍କ ପାଇଁ ଏକ ବିକଳ୍ପ ହେବ। ଓଡିଶାର ୮୦ ଭାଗ ଲୋକ ଚାଷ ଓ ଆନୁଷଙ୍ଗିକ ଚାଷ କ୍ଷେତ୍ର ଉପରେ ନିର୍ଭରଶୀଳ ଅଛନ୍ତି। ବିଜେଡି ସରକାରଙ୍କ ଅପାରଗ ଶାସନ ପାଇଁ ଅନେକ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ ରାଜ୍ୟରେ ମହିଳାଙ୍କୁ ନ୍ୟାୟ ମିଳୁନାହିଁ। 'ମୋ ଦଳ' ଓଡିଶାର ଚାଷୀ, ସାଧାରଣ ଗରିବ ଓ ଖଟିଖିଆଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଗଠନ ହୋଇଛି। ଚାଷୀଙ୍କ ସମ୍ମାନ ଓ ପେନ୍‌ସନ୍‌କୁ ଗୁରୁତ୍ୱ ଦିଆଯିବା ସହ ରାଜ୍ୟରେ ନିଶାକାରବାର ରୋକିବା ଉପରେ 'ମୋ ଦଳ' କାର୍ଯ୍ୟ କରିବ। ରାଜ୍ୟରେ ଶାସକ ଦଳର ବିରୋଧୀ ଭାବେ ଭାଜପା ଓ କଂଗ୍ରେସ ଦଳ ରହିଥିଲେ ମଧ କ୍ଷମତାରୁ ବିଜେଡିକୁ ହଟାଇବା ଲାଗି କୌଣସି ରାଜନୈତିକ କାର୍ଯ୍ୟକ୍ରମ କରନ୍ତି ନାହିଁ।

ଆଗାମୀ ନିର୍ବାଚନରେ 'ମୋ ଦଳ' ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ପ୍ରାର୍ଥୀ ଦେବ। କିଏ କେଉଁ ଦାୟିତ୍ୱରେ ରହିବ ସେନେଇ ଦଳ ଆଗାମୀ ଦିନରେ ସ୍ପଷ୍ଟ କରିବ ବୋଲି ଦଳର କାର୍ଯ୍ୟକାରୀ ସଭାପତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ 'ମୋ ଦଳ'ର ସଭାପତି ନିତ୍ୟସୁନ୍ଦର ଦାସ, ମହାସଚିବ ପ୍ରଦୀପ ପ୍ରଧାନ, କ୍ଷୀରୋଦ ରାଉତ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ବସନ୍ତ ସାହୁ, ସୋମନାଥ ରାଉତ, ଅଶୋକ ମହାନ୍ତି, କପିଳେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଭାବଶାଳୀ ଅଧିକାରୀଙ୍କ ନାଁରେ ହଡ଼ପ ଚାଲିଛି ଜମି: ଅପରାଜିତା

ଭୁବନେଶ୍ୱର, ୨୫।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଓଡ଼ିଶାରେ ଜମି ଦୁର୍ନୀତି ଚାଲିଛି। ରାଜ୍ୟରେ ଚାଲିଥିବା ଏହି ଜମି ଦୁର୍ନୀତି ପଛରେ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏବଂ ପ୍ରଭାବଶାଳୀ ଲୋକଙ୍କ ହାତ ରହିଛି। ରାଜ୍ୟର ଜଣେ ପ୍ରଭାବଶାଳୀ ଅଧିକାରୀଙ୍କ ଏହି ପ୍ରୋଜେକ୍ଟ ବୋଲି କହି ଜମି ହଡ଼ପ ଚାଲିଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ସରକାରୀ ଅଧିକାରୀ ଯିଏ ସେ ଏ ଶାସନ ବ୍ୟବସ୍ଥା ହାଇଜାକ୍ କରିଥିଲେ, ଏହା ହେଉଛି ତାଙ୍କର ଆଉ ଏକ ରୂପ। ଚନ୍ଦକା ନିକଟରେ ଭଗବତୀପୁର ଓ ଗିରିଙ୍ଗାପୁଟ ଗ୍ରାମ ରହିଛି। ଏହି ଦୁଇ ଗ୍ରାମର ଅଧିବାସୀମାନେ ସଙ୍ଗିନ ଅଭିଯୋଗ କରିଛନ୍ତି। ଅର୍ଥ ଓ ବାହୁବଳ ପ୍ରୟୋଗକରି ଉଚ୍ଚ ସରକାରୀ ପ୍ରଭାବ ଦ୍ୱାରା ଏହି ଦୁଇ ଗ୍ରାମ ନିକଟରେ କିଭଳି ଜମି ଅକ୍ତିଆର କରାଯାଇଛି ସେନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ଘଟଣାସ୍ଥଳ ବୁଲାଇ ଦେଖାଇଥିଲେ। ୧୫୦ ଏକର ପରିମିତ ଜାଗା ତାରବାଡ଼ ଦ୍ୱାରା ଘେରାଯାଇ ଅକ୍ତିଆର କରାଯାଇଛି। ଅଧିକୃତ ଜମି ଭିତରେ ସରକାରୀ ଅନାବାଦୀ, ଛୋଟ ଜଙ୍ଗଲ ଜମି ରହିବା ସଙ୍ଗେ ସଙ୍ଗେ ଗରିବ ଓ ଅସହାୟ ଜନସାଧାରଣଙ୍କ ଜମିକୁ ଜବରଦଖଲ କରାଯାଇଛି। ଚାରିପଟେ ତାରବାଡ଼ ବୁଲାଇ ରାସ୍ତା ଅବରୋଧ କରିଥିବାରୁ ଘରୋଇ ଜମିର ମାଲିକମାନେ ନିଜ ଜମିକୁ ଯିବା ପାଇଁ ଅସମର୍ଥ ହେଉଛନ୍ତି। ହାଲ୍ କର୍ମଚାରୀଙ୍କ ହାଉସିଂ ସୋସାଇଟି ଜାଗାକୁ ମଧ ତାରବାଡ଼ ଦ୍ୱାରା ଘେରି ବନ୍ଧାହୋଇଛି। ଧବଳେଶ୍ୱର ଏବଂ ଅନ୍ୟାନ୍ୟ ଦେବସ୍ଥଳୀ ମଧ ତାରବାଡ଼ ଦ୍ୱାରା ଆବଦ୍ଧ ହୋଇଯାଇଛି। ଜଳସେଚନ ପାଇଁ ଉଦ୍ଦିଷ୍ଟ 'ଡେରାସ କେନାଲ' ନିର୍ଦ୍ଦିଷ୍ଟ ଜାଗାରେ ପୋତିଦେଇ ବନ୍ଦ କରି ଦିଆଯାଇଛି। ଡେରାସ ଡ୍ୟାମ୍‌ରୁ ଏହି କେନାଲ ମାଧ୍ୟମରେ ଚାଷୀଙ୍କ ଚାଷ ଜମି ଜଳସେଚିତ ହେଉଥିଲା। କେନାଲକୁ ବନ୍ଦ କରିଦେବା ଦ୍ୱାରା ପ୍ରାୟ ୩୦୦ ଏକର ପରିମିତ ଜମି ଜଳସେଚନ ଅଭାବରୁ ୨ ବର୍ଷ ହେବ ଫସଲ ହୋଇପାରୁନାହିଁ ବୋଲି ଅପରାଜିତା ଅଭିଯୋଗ କରିଛନ୍ତି।

# ୫-ଟି ସ୍କୁଲ ରୂପାନ୍ତର ଏକ ପ୍ରହସନ: କଂଗ୍ରେସ

ଭୁବନେଶ୍ୱର,୨୫।୮ (ଅନିଲ ଦାସ)

୫-ଟି ନାଁରେ ସ୍କୁଲ ରୂପାନ୍ତର ଏକ ପ୍ରହସନ ପାଲଟିଛି। ଶିକ୍ଷା ପାଇଁ ଆବଶ୍ୟକ ଶିକ୍ଷକ ନ ଥାଇ ପୁରୁଣା ସ୍କୁଲ ଘରେ ରଙ୍ଗ ମାରିଦେଲେ ଶିକ୍ଷାର ମାନରେ ଉନ୍ନତି ହେବନାହିଁ ବୋଲି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଛନ୍ତି। ତାଙ୍କ ନେତୃତ୍ୱରେ ଶୁକ୍ରବାର କଂଗ୍ରେସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ନୃସିଂହନାଥ ହାଇସ୍କୁଲକୁ ପରିଦର୍ଶନ କରିଥିଲେ। ସେହି ହାଇସ୍କୁଲ ଟି ୫-ଟି ବ୍ୟବସ୍ଥାରେ ରୂପାନ୍ତରିତ ହୋଇଛି। ଏହା ଏକ ପୁରୁଣା ସ୍କୁଲ ହୋଇଥିଲେ ମଧ ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରୁଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀଙ୍କ ପକ୍ଷରୁ ସ୍କୁଲର ମୁଖ୍ୟ ଫାଟକରେ ୫ ଦିନ ହେବ ତାଲା ପକାଇ ଦିଆଯାଇଛି। ହାଇସ୍କୁଲରେ ତୁରନ୍ତ ଆବଶ୍ୟକ ଶିକ୍ଷକ ବ୍ୟବସ୍ଥା ନ କଲେ ଆନ୍ଦୋଳନ କରାଯିବ ବୋଲି ବିଶ୍ୱଜିତ ଚେତାବନୀ ଦେଇଛନ୍ତି।


CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଜଗନ୍ନାଥ ଫାଇନାନ୍ସ କମ୍ପାନୀ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949



REAL ESTATE

SALE

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି-8249976746. D-74897

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-74899

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




ଭୁବନେଶ୍ୱର ଖଣ୍ଡଗିରି ପାଖ କସ୍‌ମୋପୋଲିସ ଆପାର୍ଟମେଣ୍ଟ ୨.୫ ଶୟନକକ୍ଷ, ୧୩୭୫ବର୍ଗଫୁଟ ଗୃହ ଭଡ଼ା ଦିଆଯିବ। ସମ୍ପର୍କ- ୯୪୩୯୮୫୮୧୨୨, ୯୪୩୯୧୯୮୬୭୬. ଧ-୧୧୪୩

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Spa Kerala body Massage only best Therapist @699/- Bhubaneswar. 9337672475. D-1132

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

I, Atif Hussain Ali through Affidavit in Court of Executive Magistrate, Sundargarh state that the name of my daughter Zahra Atif Ali in matric certificate and Aadhaar and name Zahra in Passport is one and same person. Same with my name Atif Husen Faiyaz Ali and Atif Hussain Ali. D-1142


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଏକାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗୀୟା ସରୋଜ ପ୍ରିୟା ମହାନ୍ତି**
ଭୁବନେଶ୍ୱର
ଆବିର୍ଭାବ- ଅକ୍ଷୟ ତୃତୀୟା - ୧୯୪୭
ତିରୋଧାନ- କର୍କଟ-୧୩ ଦିନ - ୨୦୧୨

ଆମକୁ ଛାଡ଼ି ଚାଲିଯିବା ଏଗାର ବର୍ଷ ବିତିଗଲା। ତୁମର ସେଇ ଅପାସୋରା ଜୀବନ ସ୍ମୃତିକୁ ପାଥେୟ କରି ଝୁରି ହେଉଛୁ। ପ୍ରଭୁ ଶ୍ରୀରାମ, ମା' ଶାରଳା ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରାପ୍ତି କରାନ୍ତୁ। ଏହାହିଁ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ତୁମର ଶୋକସନ୍ତପ୍ତ, ସ୍ୱାମୀ- ସାରଦା ପ୍ରସାଦ ମହାନ୍ତି, କନ୍ୟା-ସଂଗୀତା, ଜାମାତା-ପ୍ରଫୁଲ୍ଲ, କନ୍ୟା-ସୁଜାତା, ଜାମାତା-ଜ୍ଞାନ ରଂଜନ, ପୁତ୍ର-ଅମ୍ବିକା, ବଧୂ-ସଂଘମିତ୍ରା, ନାତି-ରାମପ୍ରସନ୍ନ, ନାତୁଣୀ-ଗୀତି, ପ୍ରୀତି ଓ ମାହି।
ଧ-୭୪୫୭୩

**ଦ୍ୱାଦଶାହ ଉପଲକ୍ଷେ**



**୰ଗୋଲକ ବିହାରୀ ମହାନ୍ତି**
ତିରୋଧାନ: ୧୫।୦୮।୨୦୨୩

କେଉଁ ଅଫେରା ପଥର ପଥିକ ସାଜିଲ
ଛାଡ଼ି ବନ୍ଧୁ ପରିବାର ମୋହ
ଝୁରି ହେଉଛନ୍ତି ପ୍ରତିଟି ସ୍ପନ୍ଦନ
ଆଖିରୁ ଶୁଖେନି ଲୁହ।
ପ୍ରଭୁଙ୍କ ପୟରେ ପ୍ରଣତି ଆମର
ସୁଖରେ ଥାଅ ତୁମେ
ଚିର ଶାନ୍ତି ଆଉ ତୃପ୍ତି ଲାଭ କର
ରହିଥାଅ ପ୍ରଭୁଧାମେ।

ଶୋକସନ୍ତପ୍ତ: ଜ୍ୟୋତ୍ସ୍ନା, ମିଟୁ, ଟୁଟୁ, ଟିଲି, କୁନା, ଝିଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୪୪

# ମାତୃତ୍ୱ



**ଗଳ୍ପ**

**ବସନ୍ତ ମଞ୍ଜରୀ ମିଶ୍ର**

"ମାତୃ ଦିବସର ଅନେକ ଅନେକ ଶୁଭେଚ୍ଛା ତୋତେ।" ଶୁଭ କାମନାଟି ଲେଖି ସାରି ଏନ୍‌ଭଲପରେ ଅଠା ଲଗାଉ ଲଗାଉ ଅରୁଣିମା ପାଖକୁ ଆସି ପଚାରିଲେ, "କାହାକୁ ପଠାଉଛ... ଆଜିକାଲି ଆଉ କ'ଣ ଚିଠିପତ୍ରର ଚାହିଦା ଅଛି...।" ସ୍ମିତ ହସ ହସି ଅନିରୁଦ୍ଧ କହିଲେ, "ଚିଠିପତ୍ରର ଚାହିଦା ସିନା କମିଯାଇଛି ଅରୁ, ହେଲେ ଡାକଘର ଏବେ ବି ଅଛି... ହୃଦୟର କିଛି ଅକୁହା କଥାକୁ ପତ୍ର ମାଧ୍ୟମରେ ଖୁବ୍ ସୁନ୍ଦର ଭାବରେ ପରିପ୍ରକାଶ କରିହୁଏ, ଏ କଥା ମୋଠୁ ବେଶି ତୁମେ ଜାଣିଛ...।" ଆରେ ସେତେବେଳେ ସ୍ମାର୍ଟ ଫୋନ୍ ହ୍ୱାଟ୍ସଆପ୍ ନ ଥିଲା ବୋଲି ଆମେ ଚିଠି ଲେଖୁଥିଲେ। ଆଜିକାଲି ପା' ସବୁ ସେଇ ଫୋନ୍‌ରେ ହୋଇଯାଉଛି।

ରାତି ନଅଟାରେ ବ୍ୟସ୍ତବହୁଳ କର୍ମମୟ ଜୀବନରୁ ଫେରି ଶ୍ୱେତା ଓ ସୁରଜ ଗାଡ଼ି ପାର୍କ କରି କଲିଂ ବେଲ୍ ମାରୁମାରୁ ରୂପା କବାଟ ଖୋଲିଲା ଓ ସଙ୍ଗେ ସଙ୍ଗେ ଗୋଟିଏ ଲାଲ୍ ରଙ୍ଗର ଏନ୍‌ଭଲପ ବଢ଼ାଇ ଦେଇ କହିଲା, ମା', ଏଇ ଚିଠିଟା ପୋଷ୍ଟମ୍ୟାନ୍ ଦେଇ ଗଲେ ଖରାବେଳେ।

ଟାୱେଲ ଧରି ବାଥ୍‌ରୁମ୍‌କୁ ପଶୁପଶୁ ସୁରଜ କହୁଥିଲେ, କି ଚିଠି ଆସିଛି ଶ୍ୱେତା, କିଏ ଦେଇଛି, କୌଣସି ଇନ୍ସ୍ୟୁରାନ୍ସ କମ୍ପାନୀର ହୋଇଥିବ ବୋଧେ। ନିରବରେ ଚିଠି ଖୋଲୁଖୋଲୁ ସୁନ୍ଦର ଫଟୋଟିଏ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଶ୍ୱେତା। ସେଥିରେ ତା' ଶ୍ୱଶୁରଙ୍କୁ ଖୁଆଇ ଦେଉଥିବାର ଗୋଟିଏ ସୁନ୍ଦର ଫଟୋ ଥିଲା, ଆଉ ତା' ସହ ଏକ ହାତଲେଖା ଚିଠି– "ମା' ରେ, ଆଜିର ଏ ମାତୃ ଦିବସରେ ତୋତେ ଅନେକ ଅନେକ ଶୁଭେଚ୍ଛା। ଆମେ ବହୁତ ଭାଗ୍ୟବାନ୍ ଯେ ତୋ' ଭଳି ମା'ଟିଏ ପାଇଛୁ। ଆମ ପାଖରେ ଥିଲାବେଳେ ତୋର ଆମ ପ୍ରତି ଥିବା ଶ୍ରଦ୍ଧା, ସମ୍ମାନ, ଆକଟ ଆଉ ଭଲପାଇବା କ୍ୱଚିତ୍ ଲୋକଙ୍କ ଭାଗ୍ୟରେ ମିଳେ। ତୋର ସେ ହସହସ ଚାହାଣି ଆଉ ବାପା ବାପା ଡାକ ଖୁବ୍ ମନେପଡୁଛିରେ... ଭଗବାନ୍ ତୋ' ପଣତରେ ସଂସାରର ସବୁ ସୁଖ ଅଜାଡ଼ି ଦିଅନ୍ତୁ। ଏହା ହିଁ କାମନା।"

ଭାବପ୍ରବଣ ହୋଇଗଲା ଶ୍ୱେତା। ଆଖିରୁ ଝରିପଡ଼ିଲା ଆନନ୍ଦାଶ୍ରୁ। ନିଜ ଜନ୍ମିତ ପିଲାମାନଙ୍କର ଶୁଭେଚ୍ଛା ଓ ଶୁଭକାମନାର ଶର୍ଟ ଭିଡିଓ ବି ସେତିକି ଆତ୍ମସନ୍ତୋଷ ଦେଇ ନ ଥିଲା, ଯେଉଁ ଆତ୍ମସନ୍ତୋଷ ଏଇ ଦୁଇଧାଡ଼ି ଲେଖାରୁ ମିଳିଥିଲା।

ରୋଗଶଯ୍ୟାରେ ଥିବା ଆଶାୟୀ ଜେଜେବାପାଙ୍କ ଶେଷ ଅଭିଳାଷ ଥିଲା, ଏକମାତ୍ର ନାତୁଣୀ ଶ୍ୱେତାକୁ ବଧୂବେଶରେ ଦେଖିବା। ତାଙ୍କ ଆଶାକୁ ସମ୍ମାନ ଜଣାଇ ପାଠପଢ଼ା ଅଧାରେ ବିବାହ କରିବାକୁ ପଡ଼ିଥିଲା ଶ୍ୱେତାଙ୍କୁ। ତାଙ୍କ ଶ୍ୱଶୁରଙ୍କର ପ୍ରତିଶ୍ରୁତି ଥିଲା ବିବାହ ପରେ ବି ଶ୍ୱେତା ପାଠପଢ଼ା ଜାରି ରଖିବେ। ଶ୍ୱଶୁରଘର ତରଫରୁ କୌଣସି କଟକଣା ରହିବ ନାହିଁ।

ହେଲେ ବିବାହ ସମୟରେ ଉପସ୍ଥିତ ଥିବା ସବୁ ବନ୍ଧୁବାନ୍ଧବ ଫୁସୁର୍‌ଫାସର ହେଉଥିଲେ, ବାହାଘର ପରେ ଆଉ କି ପାଠପଢ଼ା! ବାହାଘର ପୂର୍ବରୁ ସମସ୍ତେ ସେମିତି କୁହନ୍ତି, କିନ୍ତୁ ଥରେ ବୋହୂ ହୋଇଗଲେ ସେଇ ଲୋକମାନେ ଏଣ୍ଡୁଅ ଭଳି ରଙ୍ଗ ବଦଳାନ୍ତି।

ଏସବୁ ଶୁଣି ପୂରା ଡରିଯାଇଥିଲା ଶ୍ୱେତା। ଶାଶୁଘର ଏରୁଣ୍ଡିରେ ପାଦ ରଖୁରଖୁ ସୁରଜ କହୁଥିଲେ, "ମୋର ସବୁଠୁ ବଡ଼ ଦୁର୍ବଳତା ମୋ' ବାପା। ମୁଁ ମୋ' ଶୈଶବରେ ମୋ' ମା'ଙ୍କୁ ହରେଇଛି। ହେଲେ ମୋ' ଷ୍ଟେପ୍ ମଦର ମୋ' ଜନ୍ମକଲା ମା'ଠାରୁ ବି ଅଧିକ। ଆଜି ମୁଁ ଯାହା ବି ହୋଇଛି କେବଳ ସେମାନଙ୍କ ପାଇଁ।"

ବାସ୍, ସେଇ ପଦକ କଥାରୁ ସବୁ ବୁଝିଯାଇଥିଲା ଶ୍ୱେତା। ଶାଶୁ ଶ୍ୱଶୁରଙ୍କର ସବୁ କାମ ନିଜେ ଆଦରରେ କରୁଥିଲା। ଶାଶୁ ଅରୁଣିମା ଦେବୀ ଓ ଶ୍ୱଶୁର ଅନିରୁଦ୍ଧ ବାବୁ ମଧ୍ୟ ତାକୁ ଖୁବ୍ ଭଲ ପାଉଥିଲେ। ପାଠପଢ଼ା ପ୍ରତି ଯେ ତା'ର ଦୁର୍ବଳତା, ଏକଥା ଖୁବ୍ କମ୍ ଦିନରେ ସେମାନେ ଜାଣିଯାଇଥିଲେ। ତେଣୁ ସେ କିପରି ଠିକ୍‌ରେ ପାଠପଢ଼ା କରିପାରିବ ତା'ର ସବୁ ବନ୍ଦୋବସ୍ତ କରିଦେଇଥିଲେ। ସେମାନଙ୍କର ଆଶୀର୍ବାଦ ଓ ସହଯୋଗ ପାଇ ଶ୍ୱେତା ଆଜି ଏକ ନାମୀ କମ୍ପାନୀର ଆସିଷ୍ଟାଣ୍ଟ ଡାଇରେକ୍ଟର।

ତା'ର ସ୍ମୃତିପଟରେ ଆପେ ଆପେ ଚାଲିଆସିଲା କିଛି ଅଭୁଲା ସ୍ମୃତି। ସେଦିନ ଅନିରୁଦ୍ଧ ବାବୁଙ୍କ ଦେହ ଖୁବ୍ ଅସୁସ୍ଥ ହୋଇପଡ଼ିଥାଏ। ଦେହରେ ଖଇଫୁଟା ତାତି ଆଉ ଯାହା ଖାଇଲେ ବାନ୍ତି ହୋଇଯାଉଥାଏ ତାଙ୍କର। ଭାରି ବ୍ୟସ୍ତ ହୋଇପଡ଼ିଲେ ଅରୁଣିମା ଓ ଶ୍ୱେତା। କାରଣ, ସୁରଜ ଘରେ ନ ଥିଲେ ସେତେବେଳେ।

ଦୃଢ଼ମନା ଶ୍ୱେତା ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସାରେ ଲାଗିପଡ଼ିଲା। ରାତିସାରା ଶ୍ୱଶୁରଙ୍କ ବିଛଣା ପାଖରେ ଜଗି ରହିଲା। ସମୟାନୁସାରେ ଔଷଧ ଦେବାଠାରୁ ଆରମ୍ଭ କରି ଦେହର ଉତ୍ତାପ ମାପିବା ପର୍ଯ୍ୟନ୍ତ ସବୁ କାମ ଅନାୟାସରେ କରିଚାଲିଲା। ଆଣ୍ଟିବାଇଓଟିକ୍ସ ପ୍ରଭାବରୁ ଶେଯରେ ଝାଡ଼ାବାନ୍ତି କରି ପକାଉଥା'ନ୍ତି ଅନିରୁଦ୍ଧ ବାବୁ। ଆଉ ତୁରନ୍ତ ବିନା ଦ୍ୱିଧାରେ ହାତ ପାପୁଲିରେ ସବୁ ସଫା କରିଦେଉଥା'ନ୍ତି ଶ୍ୱେତା।

ତା'ର ଆନ୍ତରିକ ଶ୍ରଦ୍ଧା ଓ ସେବାଶୁଶ୍ରୂଷା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଥା'ନ୍ତି ଅନିରୁଦ୍ଧ ବାବୁ। ଏତେ କମ୍ ବୟସର ଝିଅଟି ଅଥଚ କେତେ ଦାୟିତ୍ୱବାନ୍!

ଶ୍ୱେତାଙ୍କ ଆଦରଯତ୍ନ ପାଇ ଖୁବ୍ କମ୍ ଦିନରେ ସୁସ୍ଥ ହୋଇଉଠିଲେ ସେ। ସବୁଦିନେ ତାଙ୍କୁ ଗାଧୋଇପାଧୋଇ ପୋଷାକ ବଦଳେଇ ସ୍ନେହରେ ଖୁଆଇ ଦେଉଥିଲେ ଶ୍ୱେତା। ଠିକ୍ ଯେମିତି ମା'ଟିଏ ବିନା ଦ୍ୱିଧାରେ ସବୁ କରୁଥାଏ ତା' ସନ୍ତାନର।

ସେଦିନ ରାତିରେ ରୁଟିକୁ ସନ୍ତୁଳାରେ ଭିଜାଇ ଭିଜାଇ ଖୁଆଇ ଦେଉଥିଲେ ଶ୍ୱେତା। ହଠାତ୍ ଶ୍ୱଶୁରଙ୍କ ଆଖିରୁ ଲୁହ ବୋହୁଥିବାର ଦେଖି ପଣତରେ ପୋଛି ଦେଉ ଦେଉ କହିଲେ, "କ'ଣ ହେଲା ବାପା, ଭଲ ହୋଇନି କି ଖାଇବା! ନା ଆଉ ଖାଇବେନି! ଆଖିରେ ଲୁହ କ'ଣ ପାଇଁ?"

"ନା ରେ ମା' ତୁ ମୋର ବୋହୂ ନୁହଁ... ଭଗବାନ୍‌ଙ୍କୁ ପ୍ରାର୍ଥନା କରୁଛି ଦୁନିଆର ସବୁ ଶାଶୁଶ୍ୱଶୁରଙ୍କୁ ତୋ'ଭଳି ମା'ଟିଏ ମିଳୁ।"

ସ୍ମିତ ହସି ଶ୍ୱେତା କହିଲେ, "ଓହୋ ବାପା... ଏଇଟା କ'ଣ ଗୋଟେ କଥା। ମୁଁ ଯଦି ଆପଣଙ୍କ କଥା ଠିକ୍‌ରେ ନ ବୁଝିବି, ଆଉ କିଏ ବୁଝିବ କହିଲେ। ଆପଣଙ୍କ ଭଳି ବାପା ମା' ପାଇ ମୁଁ ବି ଭାଗ୍ୟବତୀ। ଦୁନିଆର ସବୁଠୁ ବଡ଼ ସମ୍ପତ୍ତି ପରା ଆପଣଙ୍କ ଆଶୀର୍ବାଦ।"

ଭାବନାରେ ବୁଡ଼ି ରହୁରହୁ କେତେବେଳେ ଶ୍ୱେତାର ଆଖି ଲାଗିଯାଇଛି ତାକୁ ଜଣାନାହିଁ।

ସକାଳୁ ସକାଳୁ କଲିଂ ବେଲ୍ ଶୁଣି କବାଟ ଖୋଲୁ ଖୋଲୁ ଦେଖିଲା ତା' ଆଖି ସାମ୍ନାରେ ଠିଆ ହୋଇଛନ୍ତି ଶ୍ୱଶୁର ଅନିରୁଦ୍ଧ ବାବୁ ଓ ଶାଶୁ ଅରୁଣିମା ଦେବୀ, ହାତରେ ଏକ ବଡ଼ କେକ୍ ଧରି। କୁଣ୍ଢେଇ ପକେଇଲା ଶ୍ୱଶୁରଙ୍କୁ ଏମିତି ଅଚାନକ ଦେଖିଦେଇ... ଦୁହେଁ ହସିହସି କହୁଥିଲେ ମାତୃ ଦିବସର ଅନେକ ଅନେକ ଶୁଭକାମନା ତୋତେ।

ମୋ: ୯୮୬୧୧୯୨୪୪୫

## ପୁସ୍ତକ ପରିଚୟ

### ମନୋଜ ଦାସ




**କିଛି ସ୍ମୃତି କିଛି ସମୀକ୍ଷା**
**ଲେଖକ:** ସୁବାସ ଚନ୍ଦ୍ର ପାତ୍ର
**ପ୍ରକାଶକ:** ଓରିଏଣ୍ଟ ପବ୍ଲିଶର୍ସ, ଭଦ୍ରକ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୨୦୦/-

ଆଲୋଚ୍ୟ ପୁସ୍ତକଟି ପ୍ରକାଶ ପାଇବା ପୂର୍ବରୁ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ପୁସ୍ତକର ଲେଖକଙ୍କୁ ପରାମର୍ଶ ଦେଇଥିଲେ ଏହିପରି- ସେ କହିଥିଲେ ଯେ, "ମନୋଜ ଦାସଙ୍କ ସାହିତ୍ୟ ଓ ତା' ଉପରେ ଲେଖିବାକୁ ଲେଖକ ପାଞ୍ଚଶହ ବର୍ଷ ପରେ ମଧ୍ୟ ଉପଲବ୍ଧ ଥିବେ, କିନ୍ତୁ ତାଙ୍କ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ସେମାନଙ୍କ ସ୍ମୃତି ଆଗାମୀ ୫୦ ବର୍ଷ ପରେ ହୁଏତ ଅନ୍ତର୍ହିତ ହୋଇଯାଇଥିବ।" ତାଙ୍କରି ପରାମର୍ଶ ମାନି ବହିଟିକୁ ଲେଖକ ପାତ୍ର ପ୍ରସ୍ତୁତ କରି ପ୍ରକାଶ କରିଛନ୍ତି। ପରାମର୍ଶଟି ଏକ ସର୍ବକାଳୀନ ସତ୍ୟ ଓ ତା'ର ପରିପାଳନ ହେତୁ ଏଥିରେ ସନ୍ନିହିତ ଲେଖାଗୁଡ଼ିକ ମନୋଜବାବୁ ଓ ତାଙ୍କ ସାହିତ୍ୟକୃତିକୁ ନିକଟରୁ ଦେଖିବାର ଏକ ଅବକାଶ ସୃଷ୍ଟି କରିଛି। ପୁସ୍ତକରେ ମନୋଜ-ସମ୍ବନ୍ଧୀୟ ଫଟୋଚିତ୍ର ଦୁଇଭାଗରେ ସଂଯୋଜିତ, ଯାହା ମନୋଜବାବୁଙ୍କ ସହ ପାତ୍ରଙ୍କର ସମ୍ପର୍କ କେବଳ ନୁହେଁ, ମନୋଜଙ୍କ ଅତୀତକୁ ମଧ୍ୟ ମନେପକାଇଦିଏ। ମନୋଜୀୟ ମୁହୂର୍ତ୍ତ, ମନୋଜ ଦାସଙ୍କ ଭୋଲାଅଜା ଗଳ୍ପ: ନିରୀହତାର ଏକ ଉପତ୍ୟକା, ଆରଣ୍ୟକ: ବନ୍ୟ ମାନସିକତାର ଏକ ଚିତ୍ର, ମନୋଜ ଦାସଙ୍କ ଅଜଣାର ଅନ୍ୱେଷଣେ: ଆଲେଖ୍ୟ ବୁଦ୍ଧ ଚରିତର, ଶ୍ରୀପାଦଚିହ୍ନ ସନ୍ଧାନରେ: ମନୋଜ ଦାସଙ୍କ ଉପଲବ୍ଧିରେ ଶ୍ରୀକୃଷ୍ଣ ଓ ମନୋଜ ସାହିତ୍ୟରେ ଆଧ୍ୟାତ୍ମିକତାର ବିଭିନ୍ନ ଦିଗ- ଯହିଁରେ ମନୋଜ-ସାହିତ୍ୟର ବିଶ୍ଳେଷଣ ନିଜ ଦୃଷ୍ଟିରୁ ଲେଖକ କରିଛନ୍ତି। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

### ଶିଳା ସଂଗୀତ




**ଲେଖକ:** ରମାକାନ୍ତ ସାମଲ (ରମେଶ)
**ପ୍ରକାଶକ:** କିଶୋର ଚନ୍ଦ୍ର ସାହୁ, ସତ୍ୟନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ଉପନ୍ୟାସର 'ନିଜକଥା'ରେ ଲେଖକ ଲେଖିଛନ୍ତି: "x x ଦୁନିଆରେ ବାଟ ଚାଲୁଚାଲୁ ଜଣେ ଅଭୟଙ୍କ ସହ ମୁହାଁମୁହିଁ। ଭାରି ଚଗଲା ପୁଣି ଶାନ୍ତ-ସମାହିତ। ଭାରି ଅସନ୍ତୁଷ୍ଟ କିନ୍ତୁ ବେଳେବେଳେ ଧୀର, ସ୍ଥିତଧୀ। ବେଳେବେଳେ ଭାରି ଚଞ୍ଚଳ-ଅସ୍ଥିର ପୁଣି ପାଲଟିଯା'ନ୍ତି ଜୀବନ ଯୁଦ୍ଧରେ ଜଣେ ଦୃପ୍ତ ପଥଚାରୀ। ସେ ଅଭୟଙ୍କର ତଥାପି ଅବିଚଳିତ ଆତ୍ମାର ଆଶ୍ରୟ ନେଇ ତାଙ୍କର କଥା, ସଂସାରର କଥା, ଯାତ୍ରାର କଥା x x କହିବାର ଶ୍ରଦ୍ଧାକୁ ଆଲୋକକୁ ଆଣିଲା ବେଳେ ଯେଉଁମାନେ ମନେପଡ଼ନ୍ତି- ସଂସାରର ଏ ଜଟିଳ ମଧୁର ଯାତ୍ରାରେ ସେଇମାନଙ୍କ କଥା କହିବାକୁ ପ୍ରୟାସ କରିଛି।" ପୁଣି ପୃ:୨୩ରେ କହନ୍ତି: "ଆମର ଆଲୋଚ୍ୟ ବିଷୟ ଅଭୟ ଓ କିଟିର ପ୍ରେମ ଓ ଏହାର ଫଳାଫଳ।" ଉପନ୍ୟାସଟି କଥାକୁହା ଭାଷାରେ ଲେଖକଙ୍କର ଅଙ୍ଗେନିଭା ଅନୁଭୂତି ପ୍ରତି ଆମୂଳଚୂଳ ବିଶ୍ୱସ୍ତ ଥାଇ ଗତିଶୀଳ ହୋଇଥିବାରୁ ପାଠକ ବହିଟିକୁ ପଢ଼ିବା ବେଳେ କ୍ଳାନ୍ତ ଅନୁଭବ କରେନାହିଁ। ରମାକାନ୍ତଙ୍କ ଅନୁଭବ ସଚରାଚରର ଅନୁଭବ ସହ ଏକାତ୍ମ ହୋଇଥିବାରୁ ପାଠକ ବହିର କଥାବସ୍ତୁକୁ ନିଜ ଜୀବନର ଅନୁଭବ ସହ ଯୋଡ଼ିଦେଇ କାହାଣୀର ରସାସ୍ୱାଦନ କରିପାରେ ପୂର୍ଣ୍ଣତଃ। ଏଥିରେ ଜୀବନ ପ୍ରତି ଅନୁରାଗ ଅଛି, ଜୀବନ ନିର୍ବାହ ପାଇଁ ଉପଦେଶ ଅଛି, ଅଥଚ କେଉଁଠି ବି ନୀତିଶିକ୍ଷାଧର୍ମିତାର ଅହଂପଣ ନାହିଁ। ଉପନ୍ୟାସଟି ସରିଛି ଏକ ଅପୂର୍ବ ସୂର୍ଯ୍ୟାସ୍ତରେ, ଯେତେବେଳେ ସୁନାରି ଗଛ ଆଢୁଆଳରେ ବୁଡ଼ିଯାଉଛନ୍ତି ସୂର୍ଯ୍ୟ, ନୀଡ଼ ଫେରନ୍ତା ପକ୍ଷୀଙ୍କ କଳରବରେ ମୁଖରିତ ଅଭୟଙ୍କ ଘରର ଚଉଦିଗ। ଆଭାଙ୍କୁ ଅଟକାଇ ନିରୋଳାରେ ଜୀବନର ଗପ ଗପିବାକୁ ମନ କରୁଛନ୍ତି ଅଭୟ। ସମଗ୍ର ବହିଟି ଜୀବନର ଏକ ବିଶ୍ୱସ୍ତ ଦଲିଲ ଓ ମୂଳରୁ ଶେଷଯାଏଁ ସୁଲିଖିତ।

## କାଳକାଳକୁ

"ଯେଉଁଠି ସ୍ୱାଧୀନତାର
ଝଲକ ବିରାଜମାନ,
ସେଇଠି ମୋର ଘର।"
– ଅମ୍ରିତା ପ୍ରୀତମ୍



**ଅମ୍ରିତା ପ୍ରୀତମ୍‌ଙ୍କ** ଜନ୍ମ ୩୧ ଅଗଷ୍ଟ ୧୯୧୯ରେ, ଅବିଭକ୍ତ ଭାରତର ଗୁଜ୍‌ରାନ୍‌ୱାଲା (ଏବେ ପାକିସ୍ତାନ)ରେ ଓ ପରଲୋକ ୩୧ ଅକ୍ଟୋବର ୨୦୦୫ରେ, ଦିଲ୍ଲୀରେ। ବହୁ ପ୍ରସିଦ୍ଧ ଏହି ଲେଖିକା ଏକାଧାରରେ ଉପନ୍ୟାସ, ପ୍ରବନ୍ଧ, କାହାଣୀ ଓ କବିତା ରଚନା କରନ୍ତି। ଲେଖିଛନ୍ତି ଜୀବନୀ, ଆତ୍ମଜୀବନୀ ଓ ସଂକଳିତ କରିଛନ୍ତି 'ପଞ୍ଜାବୀ ଲୋକଗୀତର ସଂଗ୍ରହ'। 'ପିଞ୍ଜର' ତାଙ୍କର ଅନ୍ୟତମ ପ୍ରସିଦ୍ଧ ରଚନା, ଯାହା ଚଳଚ୍ଚିତ୍ର ରୂପନେଇ ଜାତୀୟସ୍ତରରେ ପୁରସ୍କୃତ। ଭାରତୀୟ ସାହିତ୍ୟକୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୫୯ରେ ମିଳିଛି ସାହିତ୍ୟ ଅକାଦେମୀ ପୁରସ୍କାର। ୧୯୬୯ରେ ପଦ୍ମଶ୍ରୀ, ୨୦୦୪ରେ ପଦ୍ମବିଭୂଷଣ ଓ ୧୯୮୨ରେ ଜ୍ଞାନପୀଠ ପୁରସ୍କାର। ନିଜ ଜୀବନକାଳରେ ସେ ଶହେରୁ ଊର୍ଦ୍ଧ୍ୱ ପୁସ୍ତକର ପ୍ରଣେତା।

### କ୍ଷତ

**ସ୍ୱୟମ୍ବରା ପଟ୍ଟନାୟକ**

ମାଟିରେ ହେଉ କି ମନରେ
ଆଘାତ ଲାଗିଲେ
ସୃଷ୍ଟି ହୋଇଯାଏ କ୍ଷତ।

କିଛି କ୍ଷତ ଦେଖିହୁଏ
କିଛି ଦେଖିହୁଏ ନାହିଁ।

ତୁମେ ଦିନେ କ୍ଷତ ଉପରେ
ଛିଡ଼ା ହୋଇ କହିଥିଲ
ଏ ତ ସାମାନ୍ୟ କ୍ଷତ
ଲିଭାଇଦିଅ ଏ କ୍ଷତକୁ।

ତୁମେ ଜାଣି ନଥିଲ
ମାଟିର ହେଉ କି ମନର
ହୃଦୟର ହେଉ କି ଆତ୍ମାର
କ୍ଷତ କେବେ ଲିଭେ ନାହିଁ
ଏମିତିକି ପଥରର କ୍ଷତ ମଧ୍ୟ
ଅକ୍ଷତ ରହିଯାଏ
ମନ ଆଉ ହୃଦୟ ତ ଆହୁରି କୋମଳ।

ମୋ: ୯୯୩୭୫୬୭୧୫୯୨

### ଉଦ୍‌ବେଳନ

**ସନ୍ନ୍ୟାସୀ ନାୟକ**

ବର୍ଷାଧୁଆ ପୃଥିବୀ ପରି
ତୁମେ ଏତେ ପରିଷ୍କାର,
ଝଡ଼ବର୍ଷା ରାତି ପାହାନ୍ତାର
ତୁମେ ଏକ ସୁନ୍ଦର ସକାଳ...

ସାରା ରାତି ତିନ୍ତିଥିବା
ତୁମେ ଶ୍ୟାମଳ କେଦାର,
ପଲ୍ଲବରେ ଟଳମଳ
ମୁଁ ଶୀତଳ ଶିଶିର...

ସ୍ନାନ ସାରି
ଫେରିବା ବେଳେ
ଦେହେ ତୁମ
ମୁକ୍ତା ମାଳମାଳ,
ବାଟବଣା ଶବ୍ଦ ଥଳକୂଳ,
କାହିଁକି କେଜାଣି
ମୋ' ମଥା ସାରା
ବୁନ୍ଦା ବୁନ୍ଦା ଝାଳ...

ଇନ୍ଦ୍ରଧନୁ ସାତ ରଙ୍ଗ
ତୁମ ଅଙ୍ଗ ବିକିରଣ,
ଦିଗନ୍ତ ବିସ୍ତାରି ବିଛୁରେ
ମୋ' ଭାବର କିରଣ...

ମୋ: ୯୪୩୭୩୫୨୫୬୦

### ସମୟ

**ମଧୁସ୍ମିତା ମହାପାତ୍ର**

ସମୟ ଅବିରତ
ତାଳ ଦେଇ ଘଟଣା
ଦୁର୍ଘଟଣା ସହ
କିଛି ବାହିନିଏ ଆଗକୁ ଆଗକୁ
କିଛି ସ୍ମୃତି ହୋଇ ରହିଯାଏ
ଆସନ୍ତାକାଲିକୁ।

ପଦ୍ମଁ ପତରେ ଅସ୍ଥାୟୀ
ଜଳରାଶି ସମ
ଏ କ୍ଷୁଦ୍ର ଜୀବନେ
ଦେଇଯାଏ
ଯୁଗୋପଯୋଗୀ କିଛି
ବଞ୍ଚିବାର ସଠିକ୍ ବାର୍ତ୍ତା।

ହାତମୁଠାରେ କେବେ ଧରାଦିଏନି
ଗୋଲାମ ବି ନୁହେଁ କାହାର
କେହି ବି କିଣିପାରେନି
କାଣିଚାଏ ସମୟରୁ
ଧନ ଦଉଲତ ମୋହଗ୍ରସ୍ତ କରେନି ତାକୁ
ସେ ସ୍ଥିତପ୍ରଜ୍ଞ, ଧୀର, ସ୍ଥିର
ଅସାଧ୍ୟ ସାଧ୍ୟ କରେ
ଠିକ୍ ନଦୀ ଜଳ ପରି ପଥର କାଟେ।

ମୋ: ୭୯୭୮୫୯୧୫୮୨

**ଗୀତି-କବିତା**

### ଖୋଲାଫର୍ଦ୍ଦରେ କବିତା

**ନିରଞ୍ଜନ ସାହୁ**

ତୁମ ଗାଆଁ ଗଲେ ତୁମ ଘର ଆଡ଼େ
ଯାଇଥାଏ କେବେକେବେ
ଆଶା କରିଥାଏ ଭେଟ ମିଳନ୍ତା କି
କେଉଁଠାରେ ଏବେଏବେ।

ଅଛି ସେହି ଦାଣ୍ଡ, ଅଛି ସେହି ଘର
ତୁମେ କିନ୍ତୁ ଏବେ ନାହଁ
ଚିହ୍ନାଜଣା ଯେତେ ଅଚିହ୍ନା ଲାଗଇ
ଯେଉଁଆଡ଼େ ବୁଲି ଚାହଁ
ଛନକା ପଶଇ କାଳେ କିଏ ପୁଣି
ଆଉ କିଛି ଭାବି ନେବେ।

ମନେପଡ଼ିଯାଏ ସେଦିନର କଥା
ସ୍ମୃତି ପୃଷ୍ଠା ଓଲଟଇ
ବିସ୍ମୃତି ଗରଭୁ ସ୍ମୃତି ପାରିଜାତ
ମହମହ ଚହଟଇ
ଭାବୁଥାଏ ମନେ କିଏ ପଚାରିଲେ
କି ଉତ୍ତର ଦେବି ତେବେ।

ଯଦି ତୁମ ସାଥେ ଦେଖା ମିଳିଯା'ନ୍ତା
କି କଥା କୁହନ୍ତ କୁହ
ଆଗ ଭଳି ଆଉ କହିପାରିବ କି
ଆଉ ଟିକେ ଯାଏ ରୁହ
ଅନୁରାଗଭରା ଅନୁଯୋଗ ବାଢ଼ି
ଲୁହ ଝରାଇବ ଯେବେ।

ମୋ' ପ୍ରଶ୍ନର କେଉଁ ଉତ୍ତର ଦିଅନ୍ତ
ଯାହା ମୁହିଁ ପଚାରନ୍ତି
ତୁମକୁ ନିରୋଳା ବେଳରେ ପାଇଲେ
କେଉଁ ଧର୍ମ ଆଚରନ୍ତି
ଯଦି ଦୁହେଁ ପୁଣି ଧରାପଡ଼ିଯିବା
କି ଟିପ୍ପଣୀ ଲୋକେ ଦେବେ ?

ମୋ : ୯୯୩୮୭୪୧୫୮୩

# ବାପା

**ଲଘୁଗଳ୍ପ**

**ଡ. ଯଶୋବନ୍ତ ସାମଲ**

ପନ୍ଦର ହଜାର ଟଙ୍କା! ଅବନୀବାବୁ ଆଶ୍ଚର୍ଯ୍ୟ ହୋଇ ବୁନୁକୁ ଚାହିଁଲେ। ମୋବାଇଲ୍‌ର ଦାମ୍ ଶୁଣି ତାଙ୍କର ହିସାବ ଭୁଲ୍ ହୋଇଗଲା। ସେ ଭାବିଥିଲେ ପାଞ୍ଚ-ସାତ ହଜାର, ଅତିବେଶୀରେ ଆଠ ହଜାର। ଏହାଠୁ ଅଧିକ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ସେ କୁଣ୍ଠିତ।

ପୂର୍ବରୁ ଯେଉଁ ମୋବାଇଲ୍ ସେ ବ୍ୟବହାର କରୁଥିଲେ, ତା'ର ଦାମ୍ ଥିଲା ଦୁଇ ହଜାର। କିନ୍ତୁ ସେଥିରେ ହ୍ୱାଟ୍ସଆପ୍, ଭିଡିଓକଲିଂ ଇତ୍ୟାଦି ସୁବିଧା ନ ଥିଲା। ସେ ଫୋନ୍‌ଟି ଆଦୌ ସ୍ମାର୍ଟଫୋନ ହିଁ ନ ଥିଲା। ପୁଣି ତା'ର ନମ୍ବର ସବୁ ଅଧା ଲିଭିଯାଇଥିଲା ଏବଂ କେବଳ ସେ ହିଁ ଜାଣିପାରୁଥିଲେ ଦୁଇର ବଟମ୍ କୋଉଟା, ତିନିର ବଟମ୍ କୋଉଠି। ଦେଖିବାକୁ ମଧ୍ୟ ରଙ୍ଗଛାଡ଼ି ଛଉରୋଗ ମାଡ଼ିଲା ଭଳି ଦିଶୁଥିଲା। ବେଳେବେଳେ ଆପଣାଛାଏଁ ବନ୍ଦ ବି ହୋଇଯାଉଥିଲା। ହିଁ ଥରେ ତିନିଶ ଟଙ୍କା ଖର୍ଚ୍ଚକରି ବ୍ୟାଟେରି ବଦଳା ହୋଇଛି। ତେବେ ସେ ଯାହା ବି ହଉ ଅବନୀବାବୁ ଚାରିବର୍ଷ ହେଲା ସେହି ମୋବାଇଲ୍‌ରେ କାମ ଚଳାଉଥିଲେ। କିନ୍ତୁ ଏବେ ଅଫିସ୍‌ରେ ନୋଟିସ୍ ବୁଲିଛି, ସମସ୍ତ କର୍ମଚାରୀଙ୍କ ପାଖରେ ସ୍ମାର୍ଟଫୋନ୍ ରହିବା ନିହାତି ଜରୁରୀ। ଯେତେ ସବୁ ନିର୍ଦ୍ଦେଶ, ସଂକଳ୍ପ ପତ୍ର, ଟୀକା-ଟିପ୍ପଣୀ ଆଉ କାଗଜରେ ବଣ୍ଟାଯିବ ନାହିଁ। ଅଫିସ୍ ହେବ ପେପରଲେସ୍। ଇ-ଅଫିସ୍। ମିଟିଂ ହେବ ଭିଡିଓ କନ୍‌ଫରେନ୍ସରେ। ଏମିତି ଅନେକ କାମ। ଏଣୁ ଅବନୀବାବୁ ସ୍ମାର୍ଟ ହେବା ପାଇଁ ଏକରକମ ବାଧ୍ୟ। ଅଥଚ, ପନ୍ଦର ହଜାର!

ବୁନୁ! ଟିକେ କଅଁଳେଇ ପୁଅକୁ ଡାକିଲେ। ଗତକାଲି ତା' ସହ ଗୋଟେ ପ୍ରାଥମିକ ଆଲୋଚନା ସରିଛି। ଆଜି ଯେମିତି ହେଲେ ଫୋନ୍‌ଟି କିଣା ହେବ। କିନ୍ତୁ ପୁଅ କହୁଚି, ସ୍ମାର୍ଟଫୋନ୍ ଯଦି କୋଡ଼ିଏ ହଜାର ତଳକୁ ଖୋଜିବ, ଭଲ କମ୍ପାନୀର ଫୋନ୍ ମିଳିବ ନାହିଁ। ଆଉ ଯେଉଁଗୁଡ଼ିକ ମିଳିବ, ଛ' ମାସ ପରେ ସେଗୁଡ଼ିକ ଖରାପ ହେବା ଥୟ। ତେଣୁ ସେ ଶୁଣେଇ ଦେଇଛି କେମିତି ଗୋଟେ କମ୍ପ୍ରମାଇଜ୍ କଲାଭଳି ରେଟ୍- ପନ୍ଦର ହଜାର। ତା'ଠୁଁ କମ୍ ହେଲେ ନ କିଣିବା ଭଲ।

ପୁଅ ଆଜିକାଲିକା ପିଲା। ଇଞ୍ଜିନିୟରିଂ ପଢ଼ି ବର୍ଷେ ହେଲା ଗୋଟେ କମ୍ପାନୀର କମ୍ପ୍ୟୁଟର ଇଞ୍ଜିନିୟର। ଏବେ ସେ ଘରୁ କାମ କରୁଛି। ତା'ର ସବୁ କାମ ଲାପ୍‌ଟପ୍‌ରେ।

ବାପାରେ! ଅବନୀବାବୁ ତାଙ୍କର ଏଟିଏମ୍ କାର୍ଡଟି ବାହାର କରି କହିଲେ- ଏଇ ନେ। ଯାହାବି ହଉ ଆଜି ଗୋଟାଏ ଫୋନ୍ ନେଇଆ। ହଁ, ଦାମ୍‌ଟା ଟିକେ କମ୍‌କରି ଦେଖିବୁ। ଦେଖିବୁ ଯଦି ଦଶ ହଜାର ଭିତରେ...। ଗୋଟେ କୁଣ୍ଠିତ ହସ ଅବନୀବାବୁଙ୍କ ମୁହଁରେ ଖେଳିଗଲା ଏବଂ ସେ ଯଥାସମୟରେ ଅଫିସ ବାହାରିଗଲେ।

ସନ୍ଧ୍ୟାବେଳକୁ ଅଫିସରୁ ଫେରି ଦେଖିଲେ, ବୁନୁ ସୁନାପିଲା ପରି ବାପାଙ୍କ ନିର୍ଦ୍ଦେଶକୁ ପାଳନ କରି ଫୋନ୍‌ଟି କିଣି ଆଣିଚି ଏବଂ ତାକୁ ଆକ୍ଟିଭ୍ କରିବା ପାଇଁ ଲାଗିପଡ଼ିଛି। ଗାଢ଼ ନୀଳରଙ୍ଗର ମୋବାଇଲ୍‌ଟି ଚିକ୍‌ଚିକ୍ କରୁଛି। ମୁହଁ ଦିଶିଯାଉଛି ସେଥିରେ, ଦର୍ପଣ ଭଳି। ବୁନୁ ଅତି ଯତ୍ନରେ, ଧୀରେଧୀରେ ତାକୁ ପୋଛି ଦେଉଛି, ତା' ଉପରେ ଧୂଳି ଗୋଟିଏ ପଡ଼ିଲେ ଫୁଙ୍କି ସଫା କରୁଛି। ଗୋଟେ ଛୋଟ ରେଶମୀ କପଡ଼ା ବି ଆଣିଛି ତାକୁ ପୋଛାପୋଛି କରିବା ପାଇଁ।

ଅବନୀବାବୁ ମୋବାଇଲ୍‌ଟି ଦେଖି ଚମତ୍କୃତ ହେଲେ ନିଶ୍ଚୟ, କିନ୍ତୁ କ'ଣ ଭାବି ଗମ୍ଭୀର ହୋଇଗଲେ ଏବଂ ବିଲ୍ ଆଡ଼କୁ ହାତ ବଢ଼େଇଲେ। ବିଲ୍‌ଟା ଫୋନ୍ ବାକ୍ସ ତଳେ ଥିଲା। ବିଲ୍‌ର ଶେଷ ଅଙ୍କଟିକୁ ଦେଖି ସେ ଚମକି ପଡ଼ିଲେ। ଟ୍ୟାକ୍ସ ସହ ସମୁଦାୟ କୋଡ଼ିଏ ହଜାର ପଚିଶ!

ପୁଅକୁ ସେ କି ଶବ୍ଦରେ ଗାଳିଦେବେ ତତ୍‌କ୍ଷଣାତ୍ ଶବ୍ଦ ଖୋଜି ପାଇଲେ ନାହିଁ। କେବଳ ଆଖି ବିସ୍ଫାରିତ କରି ସେ ଚାହିଁଲେ। ବୁନୁ ନିର୍ବିକାର। ଫୋନ୍‌କୁ ଚାଲୁକରି କ'ଣ ସବୁ ସେଟିଂ କରୁଥାଏ ଏବଂ ମଝିରେ ମଝିରେ ତାକୁ ରେଶମୀ କପଡ଼ାରେ ପୋଛୁଥାଏ। କିଛି ସମୟ ପରେ ସେ ସ୍ମିତହାସ୍ୟରେ ଚାହିଁଲା। ବାପା, ଏଇଟା ଏବେ ନୂଆ ଆସିଛି ଫାଇଭ୍ ଜି, ଶହେ ଅଠେଇଶ ଜିବି ମେମୋରି, ପାଞ୍ଚଟା କ୍ୟାମେରା...। ଖୁବ୍ ବଢ଼ିଆ ହେଇଚି।



ଅବନୀବାବୁ କିଛି ଗୋଟେ ଭାବି ରହିଗଲେ। ଯେଉଁସବୁ ଗାଳି ଦେବା ପାଇଁ ସ୍ଥିର କରୁଥିଲେ, ଯେମିତିକି ଟଙ୍କାର ମୂଲ୍ୟ ଯେଉଁମାନେ ବୁଝିନାହାନ୍ତି ସେମାନେ ଭବିଷ୍ୟତରେ କେବେବି ଉନ୍ନତି କରିପାରିବେ ନାହିଁ।

କିନ୍ତୁ ଏସବୁ କଥା ସେ ପଦୁଟିଏ ବି କହିଲେ ନାହିଁ। ବରଂ କହିଲେ- "ବାପାରେ! ଏ ଫୋନ୍‌ଟା ତୁ ନେଇଯା' ଆଉ ତୋ' ଫୋନ୍‌ଟା ମତେ ଦେଇଦେ। ତୋର ତ ଦୁଇବର୍ଷ ହେଲାଣି ସେ ଫୋନ୍‌କୁ!"

ବୁନୁର ଆଖି ଯେମିତି ଆନନ୍ଦରେ ନାଚିଉଠିଲା। ସେ ତ ସେଇଆ ହିଁ ଚାହୁଁଥିଲା। କିନ୍ତୁ ବାପାଙ୍କୁ କେମିତି କହିବ ଜାଣିପାରୁ ନ ଥିଲା। ହେଲେ ତା' ମନର କଥା ବାପା କେମିତି ଜାଣିପାରିଲେ! ଗୋଟେ କୃତଜ୍ଞତାର ହସ ଚହଟିଗଲା ତା' ମୁହଁରେ। ତା' ଛାତି ଭିତରୁ ଖୁସିର ଜୁଆର ଯେମିତି ମାଡ଼ି ଆସୁଥିଲା।

ଅବନୀବାବୁ ହସୁଥିଲେ, କିନ୍ତୁ ସେ ହସରେ କୌଣସି ଦୁଃଖ ବା କ୍ଷୋଭ ନଥିଲା। ସେ ଭାବୁଥିଲେ, ପିଲାର ଖୁସି ସାମ୍ନାରେ କେତେ ତୁଚ୍ଛ ଏ ଟଙ୍କା କେଇଟା!

ମୋ: ୯୪୩୭୧୫୪୨୨୪

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୬/୨୦୨୩ Bhubaneswar, Saturday, August 26/ 2023

# ପ୍ରଥମଥର ଫାଇନାଲରେ ୩ ଭାରତୀୟ

## ମାଲେସିଆକୁ ହରାଇଲା ଭାରତ

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ଓମାନଠାରେ ଚାଲିଥିବା ଏସିଆନ ଓମେନ୍ସ ୫ ଏ-ସାଇଡ୍ ହକି ପ୍ରତିଯୋଗିତାରେ ଭାରତ ଶୁକ୍ରବାର ମାଲେସିଆକୁ ୭-୨ ଗୋଲ୍‌ରେ ପରାସ୍ତ କରି ଏହାର ଅଭିଯାନ ଆରମ୍ଭ କରିଛି। ଭାରତ ତରଫରୁ ନବଜୋତ କୌର (୩ୟ, ୨୮ତମ ମିନିଟ୍), ଅକ୍ଷତ ଢେକାଲେ (୪ର୍ଥ), ମାରିଆନା କୁଜୁର (୧୭ତମ), ମୋନିକା ଦୀପି ଟୋପ୍ପୋ (୧୨ତମ, ୨୦ତମ) ଏବଂ ମହିମା ଚୌଧାରୀ(୨୮ତମ) ଗୋଲ୍ ସ୍କୋର କରିଥିଲେ। ମାଲେସିଆ ପକ୍ଷରୁ ୱାନ୍ ୱାନ୍ (୭ମ) ଓ ଅଜିଜ୍ ଜାଫିରା (୧୧ଶ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପ୍ରତିଯୋଗିତା ବିଶ୍ୱକପ୍ ପାଇଁ କ୍ୱାଲିଫାୟର ରୂପେ ବିବେଚନା କରାଯାଉଛି। ଭାରତ ଏହାର ପରବର୍ତ୍ତୀ ଗେମ୍ ଶନିବାର ଜାପାନ ବିପକ୍ଷରେ ଖେଳିବ।

## କୋହଲିଙ୍କ ଉପରେ ବିସିସିଆଇ ଖପ୍ପା

**ମୁମ୍ବାଇ, ୨୫।୮:** ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କ୍ଷୁବ୍ଧ ହୋଇଛି। ଘଟଣା ପରେ ଭାରତୀୟ କ୍ରିକେଟରମାନଙ୍କୁ ବାଚନିକ ଚେତାବନୀ ଦିଆଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଗୁରୁବାର କୋହଲି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ସେ ତାଙ୍କ ୟୋ ୟୋ ଫିଟ୍‌ନେସ୍ ଟେଷ୍ଟ ସ୍କୋର ଉଲ୍ଲେଖ କରି ଦେଇଥିଲେ। ଟିମ୍ ମ୍ୟାନେଜମେଣ୍ଟ ଏହାକୁ ଗୁରୁତର ଭାବେ ନେବା ସହ ଭାରତୀୟ କ୍ରିକେଟରମାନଙ୍କ ଲାଗି ସାନି ଗାଇଡ୍‌ଲାଇନ୍ ଜାରି କରିଛି। ୟୋ ୟୋ ଟେଷ୍ଟ ସ୍କୋର ଏକ ଗୋପନୀୟ ତଥ୍ୟ ହୋଇଥିବାରୁ ଏହାକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରକାଶ କରିବା ଏକ ବେନିୟମ କାର୍ଯ୍ୟ। ଏହାଦ୍ୱାରା ଆଚରଣବିଧିର ଉଲ୍ଲଂଘନ ହେଉଛି। ଏସିଆ କପ୍ ପୂର୍ବରୁ ଭାରତୀୟ କ୍ରିକେଟରମାନେ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ଅଲୁର୍‌ଠାରେ ଏକ ଫିଟ୍‌ନେସ୍ ଓ ପ୍ରସ୍ତୁତି କ୍ୟାମ୍ପରେ ଉପସ୍ଥିତ ଅଛନ୍ତି। ବିସିସିଆଇ ଖେଳାଳିମାନଙ୍କ ଫିଟ୍‌ନେସ ମାନଦଣ୍ଡ ୧୬.୫ ରଖିଛି। କୋହଲି ୟୋ ୟୋ ଟେଷ୍ଟରେ ୧୭.୨ ସ୍କୋର କରିଥିବାରୁ ସେ ଖୁବ୍ ଆନନ୍ଦିତ ବୋଲି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଉଲ୍ଲେଖ କରିଥିଲେ। ଟ୍ରେନିଂ ବେଳେ ଖେଳାଳିମାନେ ଫଟୋ ପୋଷ୍ଟ କରିପାରନ୍ତି କିନ୍ତୁ ଗୋପନୀୟ ତଥ୍ୟକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରିପାରିବେ ନାହିଁ। କାରଣ ଏହାଦ୍ୱାରା ଚୁକ୍ତି ସର୍ତ୍ତାବଳୀର ଖିଲାପ ହେବ ବୋଲି ବାଚନିକ ଭାବେ ସୂଚାଇ ଦିଆଯାଇଛି।

**ବୁଦାପେଷ୍ଟ, ୨୫।୮(ପି.ଟି.)** ଓଡ଼ିଶାର କିଶୋର ଜେନା ଏଠାରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ ଥ୍ରୋ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ସହ ଟୋକିଓ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ନୀରଜ ଚୋପ୍ରା ଓ ଡି.ପି. ମନୁ ମଧ ଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମଥର ପାଇଁ କୌଣସି ଏକ ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ଭାରତୀୟ ଫାଇନାଲରେ ପ୍ରବେଶ କରିଛନ୍ତି। ନୀରଜ ଗୋଟିଏ ପାଦ ଆଗକୁ ବଢ଼ି ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୋଟିଏ ବଡ଼ ଥ୍ରୋ ତାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା ଦେଇଛି। କ୍ୱାଲିଫିକେଶନ ଗ୍ରୁପ୍ 'ବି'ରେ କିଶୋର ୮୦.୫୫ ମିଟର ଥ୍ରୋ କରିଥିଲେ, ଯାହାକି ଫାଇନାଲରେ ସ୍ଥାନ ପାଇବାକୁ ପର୍ଯ୍ୟାପ୍ତ ହୋଇଥିଲା। ଗ୍ରୁପ୍ 'ଏ'ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ନୀରଜ ନିଜ ପ୍ରଥମ ଉଦ୍ୟମରେ ହିଁ ସିଜନ ଶ୍ରେଷ୍ଠ ୮୮.୭୭ ମିଟର ଥ୍ରୋ କରିଥିଲେ। ଫଳରେ ବିଶ୍ୱ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକ୍ସ ଟିକେଟ ପାଇ ଯାଇଥିଲେ। ଡି.ପି. ମନୁ ୮୧.୩୧ ମିଟର ଥ୍ରୋ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଇଂ ମାର୍କ ୮୫.୫୦ ମିଟର। ଜୁଲାଇ ୧ରୁ କ୍ୱାଲିଫାଇଂ ୱିଣ୍ଡୋ ଓପନ ରହିଥିବାବେଳେ ନୀରଜ ଏଠାରେ ତାହା ହାସଲ କରିଛନ୍ତି। ଫାଇନାଲ ରବିବାର ଅନୁଷ୍ଠିତ ହେବ। ୨୫ ବର୍ଷୀୟ ନୀରଜ ୨୦୨୨ରେ ଆମେରିକାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଏଥର ସ୍ୱର୍ଣ୍ଣ ବିଜୟ ଉପରେ ତାଙ୍କ ନଜର ରହିବ।

ନୀରଜଙ୍କ କ୍ୱାଲିଫାଇଂ ରାଉଣ୍ଡ ଅଳ୍ପ ସମୟ ବିଶିଷ୍ଟ ଥିଲା। କାରଣ ଚଳିତ ବିଶ୍ୱ ଚାମ୍ପିୟନଶିପ୍‌ର

କିଶୋର ଜେନା



ଡି.ପି. ମନୁ




ନୀରଜ ଚୋପ୍ରା



## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋ
## ନୀରଜଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ଫାଇନାଲରେ ପ୍ରବେଶ ପାଇଁ ଅଟୋମେଟିକ୍ ଯୋଗ୍ୟତା ମାର୍କ ୮୩ ମିଟର ଥିଲା। ସେ ପ୍ରଥମ ଉଦ୍ୟମରେ ୮୮.୭୭ ମିଟର ସ୍ପର୍ଶ କରିବାରୁ ଆଉ ଥ୍ରୋ କରିବାକୁ ପଡ଼ି ନ ଥିଲା। ନୀରଜଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୯.୯୪ ମିଟର। ଏଠାରେ ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି'ର ଶ୍ରେଷ୍ଠ ୧୨ ଥ୍ରୋୟର ଫାଇନାଲରେ ପ୍ରବେଶ ପାଇଁ ଯୋଗ୍ୟତା ପାଇଛନ୍ତି। ନୀରଜଙ୍କ ସହ ଗୋଟିଏ ଗ୍ରୁପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମନୁ ଦ୍ୱିତୀୟ ଉଦ୍ୟମରେ ୮୧.୩୧ ମିଟର ସହ ତୃତୀୟ ସ୍ଥାନରେ ରହିଥିଲେ। ୨ ଗ୍ରୁପ୍‌ର ପ୍ରଦର୍ଶନ ଭିତ୍ତିରେ ଓଭରଅଲ୍ ତାଙ୍କୁ ୬ଷ୍ଠ ସ୍ଥାନ ମିଳିଥିଲା। ଗତ ଜୁଲାଇରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ପାଇଥିଲେ।

ସେହିପରି ନୂଆଦିଲ୍ଲୀଠାରେ ଅବସ୍ଥାପିତ ହଙ୍ଗେରିଆନ ଦୂତାବାସ ପକ୍ଷରୁ ଭିଜା ବାତିଲଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କିଶୋର ପ୍ରତିଯୋଗିତାରେ କିନ୍ତୁ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ଗ୍ରୁପ୍ 'ବି'ରେ ୮୦.୫୫ ମିଟର ସହ ୫ମ ସ୍ଥାନରେ ରହିଥିଲେ। ତେବେ ଓଭରଅଲ୍ ସେ ୯ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଏହା ତାଙ୍କର ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍। "ପୂର୍ବରୁ କୌଣସି ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ଭାରତୀୟ କେବେ ଫାଇନାଲରେ ପ୍ରବେଶ କରି ନ ଥିଲେ। ଏହା ଭାରତୀୟ ଜାଭେଲିନ୍ ପାଇଁ ଐତିହାସିକ ଦିନ" ବୋଲି ଜଣେ ଟିମ୍ କୋଚ୍ ପ୍ରକାଶ କରିଛନ୍ତି। ଭାରତ ପ୍ରଥମଥରପାଇଁ ୧୯୮୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲା। କ୍ୱାଲିଫାଇଂ ପର୍ଯ୍ୟାୟରେ ପ୍ରତି ପ୍ରତିଯୋଗୀଙ୍କୁ ୩ ଥର ଥ୍ରୋ ସୁଯୋଗ ମିଳିଥାଏ। ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍ ହେଉ କିମ୍ବା ଅଲିମ୍ପିକ୍ସ ନୀରଜ ଗୋଟିଏ ଲେଖାଏ ଥ୍ରୋରେ ଯୋଗ୍ୟତା ଅର୍ଜନ କରିଥିଲେ। ଏଠାରେ ମଧ ତାହାର ପୁନରାବୃତ୍ତି କରିଛନ୍ତି।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାକିସ୍ତାନର ଅର୍ଶଦ ଖାଁ ୮୬.୭୯ ମିଟର ଥ୍ରୋ କରିବା ସହ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ନଦିମ ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ପାଇଥିଲେ। ସେଠାରେ ନୀରଜ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଆଥଲେଟ୍

| ର୍‍ୟାଙ୍କ୍ | ଦେଶ | ଆଥଲେଟ୍ | ଦୂରତ୍ୱ |
|---|---|---|---|
| ୧ | ଭାରତ | ନୀରଜ ଚୋପ୍ରା | ୮୮.୭୭ |
| ୨ | ପାକିସ୍ତାନ | ଅର୍ଶଦ ନଦୀମ | ୮୬.୭୯ |
| ୩ | ଚେକ୍ ରିପବ୍ଲିକ | ଜାକୁବ ଭାଡଲେଜାକ୍ | ୮୩.୫୦ |
| ୪ | ଜର୍ମାନୀ | ଜୁଲିଆନ ୱେବର | ୮୨.୩୯ |
| ୫ | ଲିଥୁଆନିଆ | ଇଡିସ ମାଟୁସେଭିସିଅସ | ୮୨.୩୫ |
| ୬ | ଭାରତ | ଡି.ପି. ମନୁ | ୮୧.୩୧ |
| ୭ | ପୋଲାଣ୍ଡ | ଦାୱିଦ ୱିଗନର | ୮୧.୨୫ |
| ୮ | ଇଜିପ୍ଟ | ଇହାବ ଅବଦେଲରହମନ | ୮୦.୭୫ |
| ୯ | ଭାରତ | କିଶୋର ଜେନା | ୮୦.୫୫ |
| ୧୦ | ଫିନ୍‌ଲାଣ୍ଡ | ଓଲିଭର ହେଲାଣ୍ଡର | ୮୦.୧୯ |
| ୧୧ | ବେଲଜିୟମ | ଟିମୋଥି ହେରମାନ | ୮୦.୧୧ |
| ୧୨ | ମାଲଡୋଭା | ଆଣ୍ଡ୍ରିଆନ ମାର୍ଡାରେ | ୭୯.୭୮ |

## ଡବ୍ଲ୍ୟୁଡବ୍ଲ୍ୟୁଇ ଷ୍ଟାର ବ୍ରେ ୱାଟ୍‌ଙ୍କ ଅକାଳ ମୃତ୍ୟୁ

**ୱାଶିଂଟନ, ୨୫।୮(ଏପି)** ୱାର୍ଲ୍ଡ ରେସ୍‌ଲିଂ ଏଣ୍ଟରଟେନ୍‌ମେଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁଇ) ଷ୍ଟାର ବ୍ରେ ୱାଟ୍‌ଙ୍କ ଅକାଳ ମୃତ୍ୟୁ ଘଟିଛି। ତାଙ୍କୁ ମାତ୍ର ୩୬ବର୍ଷ ବୟସ ହୋଇଥିଲା। ୱାଟ୍‌ଙ୍କ ପ୍ରକୃତ ନାମ ହେଉଛି ୱିନଧାମ୍ ରୋଟୁଣ୍ଡା। ତାଙ୍କ ମୃତ୍ୟୁ ଖବର ଡବ୍ଲୁଡବ୍ଲ୍ୟୁଇ ୱେବ୍‌ସାଇଟରେ ପ୍ରକାଶ ପାଇଛି। ୱାଟ୍‌ଙ୍କ ମୃତ୍ୟୁର କାରଣ ଦର୍ଶାଯାଇ ନାହିଁ। ଡବ୍ଲ୍ୟୁଡବ୍ଲ୍ୟୁଇ ପକ୍ଷରୁ ତାଙ୍କ ପରିବାର, ବନ୍ଧୁପରିଜନ ଏବଂ ପ୍ରଶଂସକଙ୍କମାନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ୱାଟ୍ ହେଉଛନ୍ତି ୨୦୧୭ ଡବ୍ଲ୍ୟୁଡବ୍ଲ୍ୟୁଇ ଚାମ୍ପିୟନ। ସେ ଫିଏଣ୍ଡ ନାମରେ ମଧ ପରିଚିତ ଥିଲେ। ୨୦୨୩ ରୟାଲ ରୁମ୍ବଲଠାରେ ସେ ଶେଷଥର ପାଇଁ ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ୱାଟ୍ ତାଙ୍କ ପିଢ଼ିର ଜଣେ ସୁପରଷ୍ଟାର ଥିଲେ ବୋଲି ଡବ୍ଲ୍ୟୁଡବ୍ଲ୍ୟୁଇ କହିଛି। ସେ ମାଇକ୍ ଓ ଷ୍ଟିଫାନି ରୋଟୁଣ୍ଡାଙ୍କ ପୁତ୍ର । ୱାଟ୍‌ଙ୍କ ଜେଜେବାପା ରବର୍ଟ ରେହଏ ୱିଣ୍ଡ୍‌ଧାମ, ପିତା ଏବଂ ତାଙ୍କର ଦୁଇ ଅଙ୍କଲ (ବ୍ୟାରି ଓ କେଣ୍ଡାଲ ୱିନଧାମ) ଏମାନେ ସମସ୍ତେ ଜଣେ ଜଣେ ଡବ୍ଲ୍ୟୁଡବ୍ଲ୍ୟୁଇ ରେସ୍‌ଲର। ତାଙ୍କ ଜେଜେବାପା କଲେଜ ସ୍ତରରେ ଫୁଟ୍‌ବଲ ଖେଳୁଥିଲେ। ୱାଟ୍ ୨୦୦୭ରେ ଟ୍ରଏ ଫୁଟ୍‌ବଲ ଟିମ୍‌ର ଜଣେ ସଦସ୍ୟ ଥିଲେ।



## ମହିଳା ଦଳକୁ ୫୦ ମିଟର ପିସ୍ତଲରେ ସ୍ୱର୍ଣ୍ଣ

**ବାକୁ (ଆଜରବୈଜାନ), ୨୫।୮:** ତିୟାନା, ସାକ୍ଷୀ ସୂର୍ଯ୍ୟବଂଶୀ ଓ କିରଣଦୀପ କୌରଙ୍କ ନେଇ ଭାରତୀୟ ଦଳ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ମହିଳା ୫୦ ମିଟର ପିସ୍ତଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ଟିମ୍ ଇଭେଣ୍ଟରେ ଭାରତର ଉପରୋକ୍ତ ୩ ଶୁଟର ମୋଟ ୧,୫୭୩ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚାଇନା (୧,୫୬୭) ଦ୍ୱିତୀୟ ଏବଂ ମଙ୍ଗୋଲିଆ (୧,୫୬୬) ତୃତୀୟ ସ୍ଥାନରେ ରହିଛି। ଭାରତ ଏହି ଟୁର୍ନାମେଣ୍ଟରେ ୬ ସ୍ୱର୍ଣ୍ଣ ଓ ୮ ବ୍ରୋଞ୍ଜ ସହ ମୋଟ ୧୪ ପଦକ ହାସଲ କରିବା ସହ ଚାଇନା ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥିସହିତ ୪ଜଣ ଭାରତୀୟ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ପରେ ତିୟାନା ବ୍ୟକ୍ତିଗତ ମହିଳା ୫୦ ମିଟର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ୟକ୍ତିଗତ ପ୍ରତିଯୋଗିତାରେ ତିୟାନା ୫୩୩ ଶଟ୍ କରିଥିଲେ। ସାକ୍ଷୀ ୫୩୧ ଶଟ୍ ସହ ୫ମ ସ୍ଥାନରେ ରହିଥିବା ବେଳେ କରଣଦୀପ୍ ୫୦୯ ଶୁଟିଂ ସହ ଏକାଦଶ ସ୍ଥାନ ଅଧିକାର କରିଥିଲେ। ଭାରତ ଆହୁରି ମଧ ପୁରୁଷ ୫୦ମିଟର ପିସ୍ତଲରେ ଦୁଇଟି ବ୍ରୋଞ୍ଜ ପଦକ ଲାଭ କରିଛି। ବ୍ୟକ୍ତିଗତ ଇଭେଣ୍ଟରେ ରବିନ୍ଦର ସିଂ ୫୫୬ ଶଟ୍ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ କମଲଜିତ୍ ଓ ବିକ୍ରମ ଶିନ୍ଦେଙ୍କୁ ସାଥୀ କରି ମୋଟ ୧,୬୪୬ ସ୍କୋର ସହ ଟିମ୍ ବ୍ରୋଞ୍ଜ ହାସଲ କରିଥିଲେ। ଟୁର୍ନାମେଣ୍ଟର ଏହି ଫାଇନାଲ ଅଲିମ୍ପିକ ଇଭେଣ୍ଟରେ ଭାରତୀୟ ଯୋଡ଼ି ପୃଥ୍ୱୀରାଜ ତୋନ୍ଦାଇମାନ ଏବଂ ମନୀଷା କିର୍ ୧୩୩ ଶଟ୍ ସହ ୨୨ତମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ କିନାନ୍ ଚେନାଇ ଓ ପ୍ରୀତି ରଜାକ୍ ସମାନ ସ୍କୋର କରିଥିଲେ ହେଁ ଚୂଡ଼ାନ୍ତ ହିସାବରେ ସେମାନଙ୍କୁ ୨୪ତମ ସ୍ଥାନ ମିଳିଥିଲା।

## ଭାରତରୁ ପ୍ରତିନିଧିତ୍ୱ କରିବ ସାଇ ଇଣ୍ଟରନ୍ୟାଶନାଲ




ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀଙ୍କ ସହ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ କ୍ରିକେଟ ଦଳ।

**ରାଉଣ୍ଡ ସ୍କୋୟାର ଅନ୍ତର୍ଜାତୀୟ କ୍ରିକେଟ୍**

**ଭୁବନେଶ୍ୱର, ୨୫।୮**
**(ଅସମାପିକା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ୧୨ ଜଣ ଛାତ୍ର ବାଂଲାଦେଶରେ ହେବାକୁଥିବା ରାଉଣ୍ଡ ସ୍କୋୟାର ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସ୍କୁଲର ଛାତ୍ରମାନଙ୍କ ମଧ୍ୟରୁ ଚୟନ ପ୍ରକ୍ରିୟାରେ ମୋଟ ୧୨ ଜଣଙ୍କୁ ମନୋନୀତ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ପାଇଁ ଏପରି ଅନ୍ତର୍ଜାତୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଓଡ଼ିଶାରେ ପ୍ରଥମ।

ଏହି ଟୁର୍ନାମେଣ୍ଟରେ ୪ଟି ଦେଶ ଭାରତ, ବାଂଲାଦେଶ, କେନିୟା ଓ ଜାପାନର ଛାତ୍ରମାନେ ଭାଗନେବେ। ପ୍ରତିଯୋଗିତା ୨୭ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଏହା ବାଲାଂଦେଶର ଚିଟାଗଙ୍ଗ ଗ୍ରାମାର ସ୍କୁଲ୍‌ରେ ଅନୁଷ୍ଠିତ ହେବ। ଏହା ଟୁର୍ନାମେଣ୍ଟ ରାଉଣ୍ଡ ସ୍କୋୟାର ଅନୁବନ୍ଧିତ ସ୍କୁଲଗୁଡ଼ିକ ମଧ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏହି ଅବସରରେ କହିଥିଲେ, ସ୍କୁଲର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ମାଧ୍ୟମରେ ସାମଗ୍ରିକ ଅଭିବୃଦ୍ଧି ପାଇଁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ନିଜର ପ୍ରତିଭା ସହ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରତିଜ୍ଞାବଦ୍ଧ ହେବା ଦରକାର। ଶନିବାର ସ୍କୁଲର କ୍ରିକେଟ୍ କୋଚ୍ ସୌମେନ୍ ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରମାନେ ବାଂଲାଦେଶ ଯାତ୍ରା କରିବେ।




ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ମହିଳା ୫୦ ମିଟର ପିସ୍ତଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ଦଳ।

## ଏଭରେଷ୍ଟ ଆରୋହୀ ବଚେନ୍ଦ୍ରୀଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର

**ଭୁବନେଶ୍ୱର, ୨୫।୮**
**(ତପନ ସ୍ୱାଇଁ)**

କିମ୍ବଦନ୍ତୀ ପର୍ବତାରୋହୀ ତଥା ଭାରତର ପ୍ରଥମ ଏଭରେଷ୍ଟ ବିଜୟିନୀ ବଚେନ୍ଦ୍ରୀ ପାଲ୍‌ଙ୍କ ଜୀବନୀ ଉପରେ ଆଧାରିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏହାର ନାମ ରଖା ଯାଇଛି 'ବଚେନ୍ଦ୍ରୀ ପାଲ୍ -ଆନ୍ ଆଞ୍ଜେଲ ଅଫ୍ ହିମାଳୟ'। ଗତ ଗୁରୁବାର ଜାମସେଦପୁରର କୁଡି ଅଡିଟୋରିୟମରେ ଏହା ପ୍ରଦର୍ଶିତ ହୋଇଛି। ଏହାର ନିର୍ମାତା ଓ ନିର୍ଦ୍ଦେଶକ ହେଉଛନ୍ତି ଓଡ଼ିଶାର ଦୁଃସାହସିକ କ୍ରୀଡ଼ା ସଙ୍ଗଠକ ସୁଶାନ୍ତ ଦାସ। ଏହି ଚଳଚ୍ଚିତ୍ରର ସ୍କ୍ରିନିଂରେ ନିଜେ ପଦ୍ମଭୂଷଣ ବଚେନ୍ଦ୍ରୀ ପାଲ ଓ ଟାଟାଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନ ମୁଖ୍ୟ ହେମନ୍ତ ଗୁପ୍ତା ଉପସ୍ଥିତ ଥିଲେ। ୨୫ ମିନିଟ ଅବଧିର ଏହି ଚଳଚ୍ଚିତ୍ରକୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ଏନ୍‌ସିସିର ଛାତ୍ରୀଛାତ୍ର ଓ ଶିକ୍ଷକ, ଅଭିଭାବକ ଓ ମାଣ୍ୟଗଣ୍ୟବ୍ୟକ୍ତି ଉପଭୋଗକରି ପ୍ରଶଂସା କରିଥିଲେ। ଉକ୍ତ ଚଳଚ୍ଚିତ୍ରରେ ବଚେନ୍ଦ୍ରୀଙ୍କର ଜୀବନ ଆରମ୍ଭରୁ ବର୍ତ୍ତମାନଯାଏ ଘଟିଯାଇଥିବା ଘଟଣାବଳୀ, ଜୀବନଶୈଳୀ, ବିଭିନ୍ନ ଦୁଃସାହସିକ ଅଭିଯାନ ଏବଂ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଏବଂ ସହକର୍ମୀଙ୍କ ପ୍ରତିକ୍ରିୟା ସ୍ଥାନୀତ ହୋଇଛି। ଜଣେ ପର୍ବତାରୋହି ବ୍ୟତୀତ ସମାଜପ୍ରତି ତାଙ୍କର ଅବଦାନ, ମହିଳା ସଶକ୍ତିକରଣ ଏବଂ ଅନାଥ ପିଲାଙ୍କ ରକ୍ଷଣାବେକ୍ଷଣ ଏବଂ ଥଇଥାନ ଦିଗରେ ତାଙ୍କର ପ୍ରଚେଷ୍ଟାକୁ ଏଥିରେ ଉପସ୍ଥାପିତ କରାଯାଇଛି। ସୁଶାନ୍ତ ଦାସ ଜଣେ ପେସାଦାର ନିର୍ମାତାଭାବେ ବଚେନ୍ଦ୍ରୀଙ୍କ ଜୀବନର ଅନାଲୋଚ୍ୟ ଦିଗ ଗୁଡ଼ିକ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରି ଉକ୍ତ ଚଳଚ୍ଚିତ୍ରରେ ଦେଖାଇବାରେ ପ୍ରୟାସ କରିଛନ୍ତି। ଏହି ଚଳଚ୍ଚିତ୍ରର ଚିତ୍ର ଉତ୍ତୋଳନ କରିଛନ୍ତି ଅମୃତେନ୍ଦୁ ବରାଳ, ସ୍ଥିରଚିତ୍ର ଉତ୍ତୋଳନ କରିଛନ୍ତି ଦିଲୀପ ଧୀର ସାମନ୍ତ ଏବଂ ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି ମାନସ ରଞ୍ଜନ ବେହେରା। ଭାରତ ସରକାରଙ୍କ ଫିଲ୍ମ ଡିଭିଜନ ଦ୍ୱାରା ପ୍ରସ୍ତୁତ 'ଏଭରେଷ୍ଟ-୮୪' ପରେ ଏହା ବଚେନ୍ଦ୍ରୀଙ୍କ ଉପରେ ଦ୍ୱିତୀୟ ପ୍ରାମାଣିକ ଚଳଚ୍ଚିତ୍ର।




ପ୍ରମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ପୂର୍ବରୁ ବଚେନ୍ଦ୍ରୀ ପାଲ୍ ଓ ଅନ୍ୟମାନେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ